# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-264 ◆MONDAY ◆23 MARCH 2026 ◆PAGE-12 ◆₹ 7.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୨୬୪ ◆ସୋମବାର ◆୨୩ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ସାମ୍ଙ୍କ ସ୍ଥାନରେ ଶାନକା

▶ପୃଷ୍ଠା ୧୨ ଦେଖନ୍ତୁ...

# ତିରୁପତି ବାଲାଜୀ ବିଶ୍ୱର ତୃତୀୟ ଧନୀ ଧର୍ମପୀଠ

■ ନୂଆଦିଲ୍ଲୀ, ୨୨।୩ (ଏଜେନ୍ସି): ଭାରତର ୧୦ଟି ମନ୍ଦିର ପାଖରେ ୯ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଛି। ଏକଥା ବିଶ୍ୱାସ ନହେଲେ ବି ସତ। ଗ୍ଲୋବାଲ ୱେଲଥ ଇଣ୍ଡେକ୍ସ-୨୦୨୬ର ରିପୋର୍ଟ ଅନୁଯାୟୀ, ଭାରତର ଶୀର୍ଷ ୧୦ଟି ଧନୀ ମନ୍ଦିରର ସମୁଦାୟ ସମ୍ପତ୍ତିର ମୂଲ୍ୟ ୯ ଲକ୍ଷ କୋଟି ଟଙ୍କାରୁ ଅଧିକ। ଏଥିମଧ୍ୟରୁ ତିରୁପତି ବାଲାଜୀ ମନ୍ଦିର ବିଶ୍ୱର ତୃତୀୟ ସବୁଠାରୁ ଧନୀ ଧର୍ମପୀଠ ଭାବେ ମାନ୍ୟତା ପାଇଛି। ତିରୁପତି ବାଲାଜୀ ମନ୍ଦିର ସମ୍ପତ୍ତି ଅନେକ ଦେଶର ଜଡିପିଠାରୁ ବି ଅଧିକ। ଏଠାରେ ପ୍ରତିଦିନ ହାରାହାରି ୧ରୁ ୫ କୋଟି ଟଙ୍କା ଦାନ ମିଳିଥାଏ। ଚଳିତବର୍ଷ ମାର୍ଚ୍ଚ ୧୭ରେ ଗୋଟିଏ ଦିନରେ ୪.୮୮ କୋଟି ଟଙ୍କାର ଦାନ ମିଳିଥିଲା। ସେହିପରି କେରଳର ଶ୍ରୀ ପଦ୍ମନାଭସ୍ୱାମୀ ମନ୍ଦିର ପ୍ରାଚୀନ ସମ୍ପତ୍ତି ଦୃଷ୍ଟିରୁ ସବୁଠାରୁ ଧନୀ ବିବେଚିତ ହୋଇଛି। ଏହାର ୯୯ ପ୍ରତିଶତ ସମ୍ପତ୍ତି ସୁନା ମୂର୍ତ୍ତି,

**ଭାରତର ୧୦ଟି ମନ୍ଦିରରେ ୯ ଲକ୍ଷ କୋଟିର ସମ୍ପତ୍ତି**

ମୁଦ୍ରା ଏବଂ ହୀରା ଆଦି ପ୍ରାଚୀନ ସମ୍ପତ୍ତି ଆକାରରେ ରହିଛି, ଯାହାର ବର୍ତ୍ତମାନ ବଜାରର ମୂଲ୍ୟ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ। ଓଡ଼ିଶାର ଶ୍ରୀ ଜଗନ୍ନାଥ ମନ୍ଦିରର ସମ୍ପତି ମଧ୍ୟ ବହୁତ ଅଧିକ। ଏହି ମନ୍ଦିର ପାଖରେ ୬୦,୦୦୦ ଏକରରୁ ଅଧିକ ଜମି ରହିଛି। ଏହାଛଡ଼ା ୬ଟି ରାଜ୍ୟରେ ୩୯୫ ଏକର ଜମି ରହିଛି। ମନ୍ଦିରର ରତ୍ନଭଣ୍ଡାର, ଜମି ଏବଂ ଅନ୍ୟାନ୍ୟ ସ୍ଥାବର-ଅସ୍ଥାବର ସମ୍ପତ୍ତିର ମୂଲ୍ୟ ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କା। ଗତ ଦୁଇ ବର୍ଷ ମଧ୍ୟରେ ସୁନା ଦର ବୃଦ୍ଧି ଯୋଗୁଁ ଜଗନ୍ନାଥ ମନ୍ଦିରର ସମ୍ପତ୍ତି ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ପାଇଛି। ଅନ୍ୟପଟେ ଅଯୋଧ୍ୟାରେ ନିର୍ମିତ ଭବ୍ୟ ରାମ ମନ୍ଦିରର ସମ୍ପତ୍ତି ମଧ୍ୟ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ ଏଠାରେ କୋଟିଏ ଟଙ୍କାରୁ ଅଧିକ ଦାନ ମିଳୁଛି। ରାମଲାଲାଙ୍କ ମନ୍ଦିରର ସମ୍ପତ୍ତି ୬,୦୦୦ରୁ ୮,୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ଅବଶ୍ୟ ଏହି ମନ୍ଦିର ନିର୍ମାଣରେ ୧,୮୦୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଛି।



# ଟ୍ରମ୍ପଙ୍କ ଚେତାବନୀ ପରେ ଇରାନ ଉଗ୍ର

## ଇସ୍ରାଏଲର ପରମାଣୁ ସହର ଉପରେ ଆକ୍ରମଣ; ହର୍ମୁଜରେ ଖସାଇଲା ଆମେରିକାର ଏଫ୍-୧୫

■ ତେହରାନ/ୱାସିଂଟନ, ୨୨।୩ (ଏଜେନ୍ସି): ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ୨୩ ଦିନ ଧରି ଚାଲିଥିବା ଯୁଦ୍ଧ ଥମିବାର ନାଁ ଧରୁନି। ପ୍ରଭାବ ହ୍ରାସ ପାଇବା ପରିବର୍ତ୍ତେ ଏହା ଦିନକୁ ଦିନ ଆହୁରି ଉଗ୍ର ହେବାରେ ଲାଗିଛି। ଇରାନର ସାମରିକ ଶକ୍ତିକୁ ଧ୍ୱସ୍ତ କରି ଦିଆଯାଇଛି ବୋଲି ଆମେରିକା ଓ ଇସ୍ରାଏଲ ଯାହା ଦାବି କରୁଛନ୍ତି, ତାହା ବାସ୍ତବ କ୍ଷେତ୍ରରେ ଭିନ୍ନ କଥା ବର୍ଣ୍ଣନା କରୁଛି। ସେମାନେ ଇରାନ ଉପରେ ଯେତେ ଆକ୍ରମଣ କରୁଛନ୍ତି, ଇରାନ ଅଧିକ ଉଗ୍ର ହୋଇ ସେମାନଙ୍କ ଉପରେ ଅଧିକରୁ ଅଧିକ ଆକ୍ରମଣ କରି ଚାଲିଛି। ତେଲ ଓ ଗ୍ୟାସ ପରିବହନ ଦୃଷ୍ଟିରୁ ଉପସାଗରରେ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଥିବା ହର୍ମୁଜ ସମୁଦ୍ରପଥକୁ ଇରାନ ବନ୍ଦ କରି ରଖିଥିବାରୁ ସାରା ବିଶ୍ୱରେ ଭୟଙ୍କର ଶକ୍ତି ସଙ୍କଟ ସୃଷ୍ଟି ହୋଇଛି। ତେଣୁ

**‘ଆମ ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ହେଲେ ଜୋରଦାର ହେବ ଜବାବୀ ହମଲା’**

**ଆମେରିକା ଓ ଇସ୍ରାଏଲ୍‌ର ମିତ୍ରଙ୍କ ବ୍ୟତୀତ ଅନ୍ୟ ସବୁଦେଶକୁ ହର୍ମୁଜ ଖୋଲା**



ହର୍ମୁଜ ପଥକୁ ତୁରନ୍ତ ଖୋଲିବା ଲାଗି ଇରାନକୁ ୪୮ ଘଣ୍ଟାର ମହଲତ ଦେଇଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏହି ସମୟ ମଧ୍ୟରେ ହର୍ମୁଜ ନଖୋଲିଲେ ଇରାନର ଶକ୍ତି କେନ୍ଦ୍ରକୁ ଧ୍ୱଂସ କରି ଦିଆଯିବ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି। ଟ୍ରମ୍ପଙ୍କ ଏଭଳି ଧମକକୁ ଖାତିର ନକରି ଇରାନ ଆଜି ହର୍ମୁଜ ଉପରେ ଉଡୁଥିବା ଆମେରିକାର ଯୁଦ୍ଧ ଜାହାଜ ଏଫ-୧୫କୁ ମାରି ଖସାଇଦେଇଛି। କେବଳ ଏତିକି ନୁହେଁ, ଇସ୍ରାଏଲର ପରମାଣୁ କେନ୍ଦ୍ର ଉପରେ ମଧ୍ୟ କ୍ଷେପଣାସ୍ତ୍ର ମାଡ଼ କରିଛି ଇରାନ। ଏହି ଆକ୍ରମଣରେ ପରମାଣୁ କେନ୍ଦ୍ରର ବ୍ୟାପକ କ୍ଷତି ହୋଇଥିବା ଜଣାପଡ଼ିଛି।

ଟ୍ରମ୍ପଙ୍କ ଧମକକୁ ପ୍ରତ୍ୟାଖ୍ୟାନ କରି ଇରାନ କହିଛି ଯେ ଇରାନର ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ହେଲେ ଏହା ପଡ଼ୋଶୀ ଦେଶର ଶକ୍ତି କେନ୍ଦ୍ରକୁ ଧ୍ୱସ୍ତ କରିଦେବ। ଇରାନର ଜଣେ ସରକାରୀ ମୁଖପାତ୍ର କହିଛନ୍ତି ଯେ ଶତ୍ରୁ ଆକ୍ରମଣରେ ଇରାନ ଦୁର୍ବଳ ହୋଇନାହିଁ। ଏହା ଅଧିକ ଶକ୍ତିଶାଳୀ ହେଉଛି ଏବଂ ଶତ୍ରୁ ଆକ୍ରମଣର କଡ଼ା ଜବାବ ଦେଉଛି। ତେବେ ସମସ୍ତ ବାଣିଜ୍ୟିକ ଜାହାଜ ଚଳାଚଳ ପାଇଁ ଖୋଲା ରହିବ, କିନ୍ତୁ ଏହି ସୁବିଧା ଇରାନର ଶତ୍ରୁ କୁହାଯାଉଥିବା ଆମେରିକା ଓ ଇସ୍ରାଏଲ ଜାହଜଗୁଡ଼ିକ ପାଇଁ ଉପଲବ୍ଧ ହେବ ନାହିଁ। ସୂଚନାଯୋଗ୍ୟ ଯେ, ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଅଶୋଧିତ ତୈଳ ଏହି ଜଳପଥ ଦେଇ ପରିବହନ କରାଯାଇଥାଏ। ଅନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନ (ଆଇଏମ୍‌ଓ)ରେ ଇରାନର ପ୍ରତିନିଧି ▶ପୃଷ୍ଠା-୭

**୮,୯୩୧ ଦିନର ମାଇଲଖୁଣ୍ଟ**

# ଭାରତର ଦୀର୍ଘତମ ସରକାରୀ ମୁଖ୍ୟ ଭାବେ ମୋଦୀଙ୍କ ରେକର୍ଡ

■ ନୂଆଦିଲ୍ଲୀ, ୨୨।୩ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ରାଜନୀତିରେ ରବିବାର ଆଉଏକ ମାଇଲଖୁଣ୍ଟ ଅତିକ୍ରମ କରି ଇତିହାସ ସୃଷ୍ଟି କରିଛନ୍ତି। ସେ ସରକାରୀ ମୁଖ୍ୟ ଭାବେ ୮,୯୩୧ ଦିନ ପୂରଣ କରି ଭାରତର ଦୀର୍ଘତମ ସମୟର ଶାସନକର୍ତ୍ତା ହେବାର ଗୌରବ ଅର୍ଜନ କରିଛନ୍ତି। ଏହି କ୍ରମରେ ସେ ସିକିମର ପୂର୍ବତନ ମୁଖ୍ୟମନ୍ତ୍ରୀ ପବନ କୁମାର ଚାମଲିଙ୍ଗଙ୍କ ୮,୯୩୦ ଦିନର ରେକର୍ଡକୁ ଅତିକ୍ରମ କରିଛନ୍ତି। ମୋଦୀଙ୍କ ଏହି ବଡ଼ ସଫଳତା ପଛରେ ରହିଛି ଦୁଇ ଦଶନ୍ଧିରୁ ଅଧିକ ସମୟର ନିରନ୍ତର ସେବା।



**ପବନ କୁମାର ଚାମଲିଙ୍ଗଙ୍କୁ ପଛରେ ପକାଇଲେ**

ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଓ ଭାରତର ପ୍ରଧାନମନ୍ତ୍ରୀ ଭାବେ ସରକାରର ନେତୃତ୍ୱ ନେଇଛନ୍ତି। ୨୦୦୧ ଅକ୍ଟୋବର ୭ରୁ ୨୦୧୪ ମେ ୨୧ ପର୍ଯ୍ୟନ୍ତ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱରେ ଥିଲେ। ଏହାପରେ ସେ ୨୦୧୪ରେ ପ୍ରଥମଥର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପରେ, ସେ ୨୦୧୯ ଏବଂ ପରେ ୨୦୨୪ରେ ଲାଗାତର ତୃତୀୟଥର ପାଇଁ ନିର୍ବାଚିତ ହୋଇ ଦେଶର ନେତୃତ୍ୱ ନେଉଛନ୍ତି। ଶାସନ ବ୍ୟତୀତ ଡିଜିଟାଲ ପ୍ଲାଟଫର୍ମରେ ମଧ୍ୟ ମୋଦୀଙ୍କ ଲୋକପ୍ରିୟତା ଶୀର୍ଷରେ ରହିଛି। ସେ ବିଶ୍ୱର ପ୍ରଥମ ନେତା ଭାବେ ▶ପୃଷ୍ଠା-୭

## ସ୍ୱାସ୍ଥ୍ୟ ବିଭାଗର ନିଦ ଭାଙ୍ଗିଦେଲା ଏସ୍‌ସିବି ନିଆଁ

# ସମୀକ୍ଷା ହେଲା; କାର୍ଯ୍ୟାନୁଷ୍ଠାନ ନାହିଁ

■ ଭୁବନେଶ୍ୱର, ୨୨।୩ (ସମିସ): ଏସ୍‌ସିବି ଅଗ୍ନିକାଣ୍ଡ ଯୋଗୁଁ ୧୩ ଜଣ ରୋଗୀଙ୍କ ମୃତ୍ୟୁ ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ବିଜେଡି ଓ କଂଗ୍ରେସ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଡ଼ି ବସିଛନ୍ତି। ଏସ୍‌ସିବି ନିଆଁର ତାତିରେ ବିଧାନସଭା ବି ଗରମ ହୋଇଛି। ଗଲା ୩ ଦିନ



**ହସ୍ପିଟାଲରେ ଅଗ୍ନି ନିରାପତ୍ତାର ହେବ ନିୟମିତ ଯାଞ୍ଚ**

ଧରି ବିଧାନସଭା ଚାଲି ପାରୁନାହିଁ। ଏହାପରେ ଭାଙ୍ଗିଛି ସ୍ୱାସ୍ଥ୍ୟ ବିଭାଗର ବହଳ ନିଦ। ରବିବାର ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ରାଜ୍ୟର ସରକାରୀ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଅନୁଧ୍ୟାନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟରେ ଡଜନେରୁ ଅଧିକ ସରକାରୀ ମେଡିକାଲ କଲେଜ, ୩୫ ଜିଲ୍ଲା ସଦର ମହକୁମା ଡାକ୍ତରଖାନା, ୨୭ ସବ୍‌ଡିଭିଜନାଲ ଡାକ୍ତରଖାନା, ୩୭୭ ସିଏସ୍‌ସି, ୧୩୬୦ ପିଏଚ୍‌ସିକୁ ବାଦ୍ ଦେଲେ ହଜାର ହଜାର ସରକାରୀ ପଞ୍ଜିକୃତ ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ରହିଛି। ଅଧିକାଂଶ ସ୍ଥାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ ଓ ଯେଉଁ କିଛି ପ୍ରତିଷ୍ଠାନରେ ନିଆଁ ଲିଭାଇବା ଯନ୍ତ୍ର ରହିଛି, ତାହା କାର୍ଯ୍ୟକ୍ଷମ ଅଛି କି ନାହିଁ ଜଣା ନାହିଁ। ଅଗ୍ନି ନିର୍ବାପକ ଯନ୍ତ୍ର ଅଧିକାଂଶ ଡାକ୍ତରଖାନାରେ କେବଳ ଶୋଭାପ୍ରଦର୍ଶନକାରୀ ସାମଗ୍ରୀ ଭାବରେ ରଖା ଯାଇଛି। ଯେଉଁଠି ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସରକାରଙ୍କ ଦ୍ୱାରା ପରିଚାଳିତ ଓ ରାଜ୍ୟର ସବୁଠାରୁ ବଡ଼ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ଏସ୍‌ସିବିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ହୋଇ ପାରୁ ନାହିଁ, ସେଠାରେ ଅନ୍ୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ବୃଥା। ଏ କ୍ଷେତ୍ରରେ ଉଭୟ ସ୍ୱାସ୍ଥ୍ୟ ଓ ଅଗ୍ନିଶମ ବିଭାଗ ମଧ୍ୟ ସମପରିମାଣରେ ଉତ୍ତରଦାୟୀ। ମାତ୍ର ଏସ୍‌ସିବିରେ ୧୩ ଜୀବନ ଯିବା ପରେ ଏ ସମ୍ପର୍କରେ ନୈତିକ ଦାୟିତ୍ୱ ନେବାକୁ ସ୍ୱାସ୍ଥ୍ୟ ବିଭାଗ ସାହସ ଜୁଟାଇ ପାରୁନାହିଁ। ୧୩ ଅମୂଲ୍ୟ ଜୀବନ ଯିବା ସହ କୋଟି କୋଟି ଟଙ୍କାର ସାମଗ୍ରୀ ନଷ୍ଟ ହେଲା। ରାଜ୍ୟ ରାଜକୋଷରୁ ପୁଣି ଅର୍ଥ ବ୍ୟୟ ହୋଇ ସାମଗ୍ରୀ କିଣାଯିବ। ମାତ୍ର ଯେଉଁମାନଙ୍କ ଦାୟିତ୍ୱହୀନତା ପାଇଁ ଏହି ବିପର୍ଯ୍ୟୟ ଘଟିଲା ଓ ରାଜ୍ୟବାସୀଙ୍କ ଟିକସ ▶ପୃଷ୍ଠା-୭

# ଜଙ୍ଗଲରେ ମାଓବାଦୀଙ୍କ ବନ୍ଧୁକ କାରଖାନା ଠାବ



■ ଫୁଲବାଣୀ/ବାଲିଗୁଡ଼ା, ୨୨।୩ (ସମିସ): କନ୍ଧମାଳ ଓ ଗଜପତି ଜିଲ୍ଲା ସୀମାନ୍ତ ଅଞ୍ଚଳରେ ମାଓବାଦୀଙ୍କ ଏକ ବଡ଼ ଷଡ଼ଯନ୍ତ୍ରକୁ ପଣ୍ଡ କରିଛନ୍ତି ବିଏସ୍‌ଏଫ୍ ଯବାନ। ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରୁ ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଠାବ କରିବା ସହ ବିପୁଳ ପରିମାଣର ବିସ୍ଫୋରକ ଓ ସରଞ୍ଜାମ ଜବତ କରାଯାଇଛି। ବିଏସଏଫ୍ ୧୩୬ ବାଟାଲିୟନ୍‌ର ସି’ କମ୍ପାନୀ ପକ୍ଷରୁ କରାଯାଇଥିବା ଏହି ସର୍ଚ୍ଚ ଅପରେସନ୍ ଅଞ୍ଚଳରେ ମାଓବାଦୀଙ୍କ ଶକ୍ତି ହ୍ରାସ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ଭାବେ ବିବେଚନା କରାଯାଉଛି।

ଗଜପତି ଓ କନ୍ଧମାଳ ସୀମାନ୍ତବର୍ତ୍ତୀ ଘଞ୍ଚ ଜଙ୍ଗଲ ମଧ୍ୟରେ ମାଓବାଦୀଙ୍କ ଗତିବିଧି ବଢୁଥିବା ନେଇ ଗୁଇନ୍ଦା ବିଭାଗ ସୂଚନା ଦେଇଥିଲା। ଏହି ସୂଚନାକୁ ଆଧାର କରି ବିଏସଏଫ୍ ୧୩୬ ବାଟାଲିୟନର ଯବାନ ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ କାଟିଙ୍ଗିଆ ପଞ୍ଚାୟତର ପଣସପଦର ▶ପୃଷ୍ଠା-୭

# ୯ ବିଧାୟକଙ୍କ ମୁଣ୍ଡ ଉପରେ ‘ଡେମୋକ୍ଲିସ୍ ଖଣ୍ଡା’

■ ଭୁବନେଶ୍ୱର, ୨୨।୩ (ସମିସ): ରାଜ୍ୟସଭାରେ କ୍ରସ ଭୋଟିଂ ଅଭିଯୋଗରେ ବିଜେଡି ୬ ଜଣ ଓ କଂଗ୍ରେସ ନିଜର ୩ ଜଣ ବିଧାୟକଙ୍କୁ ନିଲମ୍ବନ କରିଛି। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଓ କ୍ରସ ଭୋଟିଂ ଯୋଗୁଁ ଏହି ବିଧାୟକମାନଙ୍କୁ ନିଲମ୍ବିତ କାରଯାଇଥିବା ନେଇ ଦୁଇ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଦଳୀୟ କାର୍ଯ୍ୟାନୁଷ୍ଠାନ ସହିତ ଏହି ନିଲମ୍ବିତ ବିଧାୟକମାନଙ୍କର ସଭ୍ୟପଦ କିପରି ରଦ୍ଦ କରାଯିବ ସେନେଇ ଦୁଇ ଦଳ ଉଦ୍ୟମ ଆରମ୍ଭ କରିଛନ୍ତି। ରାଜ୍ୟସଭା ନିର୍ବାଚନ ମତଦାନରେ ଦଳୀୟ ହ୍ୱିପ୍ ଲାଗୁ ହେଉ ନ ଥିବାରୁ ସଭ୍ୟପଦ ରଦ୍ଦ ହୋଇପାରିବ ନାହିଁ ବୋଲି ଦର୍ଶାଇ କିଛି ନିଲମ୍ବିତ ବିଧାୟକ ନିଜର ନିଷ୍ପତ୍ତିକୁ ସଠିକ୍ ଓ ଆଇନସମ୍ମତ ବୋଲି ଦାବି କରୁଛନ୍ତି। ଗଣମାଧ୍ୟମରେ ଏହି ଘଟଣାକୁ ନେଇ ସରଗରମ ଆଲୋଚନା ଚାଲିଛି, କିଛି ବିଧାୟକ ଏହି ପ୍ରସଙ୍ଗରେ ଆଇନଜ୍ଞମାନଙ୍କ ସହ ପରାମର୍ଶ ନେଉଛନ୍ତି। ଏହା ସତ୍ତ୍ୱେ ଏବେ

**ରାଜନୈତିକ ଦଳଙ୍କ ପାଇଁ ବଳ ସମ୍ବିଧାନର ଦଶମ ଅନୁସୂଚୀ**

**ହିମାଚଳ ପ୍ରଦେଶରେ ନିଲମ୍ବିତ ହୋଇଛନ୍ତି ୬ ବିଧାୟକ**

**ନିଲମ୍ବିତ ବିଧାୟକଙ୍କୁ ମହଙ୍ଗା ପଡ଼ିବ ଦଳ ବିରୋଧୀ କାର୍ଯ୍ୟ**

ବି କ୍ରସ ଭୋଟିଂ କରିଥିବା ଉଭୟ ଦଳର ୯ ବିଧାୟକଙ୍କ ମୁଣ୍ଡରେ ବିଧାନସଭା ସଦସ୍ୟ ପଦ ରଦ୍ଦ ଖଣ୍ଡା ଝୁଲୁଛି। ସମ୍ବିଧାନର ଯେଉଁ ଦଶମ ଅନୁସୂଚୀକୁ ଆଧାର କରି ସଦସ୍ୟପଦ ଯିବ ନାହିଁ ବୋଲି ନିଲମ୍ବିତ ବିଧାୟକ ଓ ସେମାନଙ୍କ ପୃଷ୍ଠପୋଷକମାନେ ଦମ୍ଭ ଧରିଛନ୍ତି, ସେହି ଅନୁସୂଚୀର ଆଉ ଏକ ଧାରାରେ ‘ଦଳର ବିଶ୍ୱସ୍ତତା’ ହରାଇବା ଅଭିଯୋଗରେ ବିଧାନସଭା ସଦସ୍ୟପଦ ରଦ୍ଦ ହୋଇପାରେ ବୋଲି ମଧ୍ୟ ନିୟମ ରହିଛି। ୨୦୨୪ ମସିହାରେ ଏହି ଆଧାରରେ ହିମାଚଳ ପ୍ରଦେଶ ବିଧାନସଭାର ୬ ଜଣ ବିଧାୟକ ନିଜର ସଦସ୍ୟପଦ ହରାଇଥିବାର ଦୃଷ୍ଟାନ୍ତ ମଧ୍ୟ ରହିଛି।

ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ (ଦଳବଦଳ ନିରୋଧୀ ଆଇନ)କୁ ଆଧାର କରି ବିଜେଡି କ୍ରସ ଭୋଟିଂ କରିଥିବା ୬ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା। ଏଥିରେ ଦଳ ପକ୍ଷରୁ ସେମାନଙ୍କ ଉପରେ ଦଳୀୟ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ କାହିଁକି ନିଆ ନ ଯିବ ବୋଲି ପ୍ରଶ୍ନ କରାଯାଇଥିଲା। କାରଣ ଦର୍ଶାଅ ନୋଟିସ୍‌ରେ ବିଜେଡି ବିଧାୟକ ନିଜର ନିଷ୍ପତ୍ତିକୁ ଯଥାର୍ଥ ଦର୍ଶାଇବାକୁ ଚେଷ୍ଟା କରିଥିବା ବେଳେ ନୋଟିସ୍ ପାଇଁ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ ମଧ୍ୟ ନାଲିଆଖି ଦେଖାଇବାକୁ ପଛାଇ ନ ଥିଲେ। ତେବେ ଆଇନଗତ ▶ପୃଷ୍ଠା-୭






ସକାଳ
THE SAKALA
www.sakalaepaper.com

# ଟ୍ରମ୍ପଙ୍କ ହାତରୁ ଖସୁଛି ଯୁଦ୍ଧ



ୱାସିଂଟନ, ୨୨।୩ (ଏଜେନ୍ସି): ଇରାନ ଯୁଦ୍ଧ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିଦ ହଜାଇ ଦେଇଛି। ତେହରାନର ଭୟାନକ ପ୍ରତି ଆକ୍ରମଣ ଟ୍ରମ୍ପଙ୍କ ଅକଲ ଗୁଡମ କରିଦେଇଛି। ପୋଟ୍ରସ ଯେଉଁ ଆଶା ରଖିଥିଲେ ତାହା ସାକାର ହୋଇପାରି ନାହିଁ। ଯୁଦ୍ଧର ତୃତୀୟ ସପ୍ତାହ ଶେଷ ସୁଦ୍ଧା ଟ୍ରମ୍ପ ଏଭଳି ଏକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି, ଯାହା ତାଙ୍କ ହାତରୁ ସ୍ଥିତି ଖସିଯାଉଥିବା ପରି ମନେହେଉଛି। ସାରା ବିଶ୍ୱରେ ଶକ୍ତି ସମ୍ପଦର ମୂଲ୍ୟ ବୃଦ୍ଧି ପାଉଛି। ଆମେରିକା ନିଜର ମିତ୍ରରାଷ୍ଟ୍ରଙ୍କଠାରୁ ଅଲଗା ହୋଇ ସାରିଛି। ଏହି ଯୁଦ୍ଧ କେବଳ କିଛି ଦିନର ଅଭିଯାନ ହେବ ବୋଲି ଟ୍ରମ୍ପ ଯେଉଁ ଦମ୍ଭ ଦେଖାଉ ଥିଲେ ତାହା ପାଣି ଫୋଟକା ସଦୃଶ ହୋଇଯାଇଛି। ଏବେ ସେ ମଧ୍ୟପ୍ରାଚ୍ୟରେ ଅଧିକ ସୈନ୍ୟ ମୁତୟନ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଏଥିପାଇଁ ଆମେରିକାର ତିନି ଯୁଦ୍ଧ ଜାହାଜକୁ ପଠାଇଛନ୍ତି।

ହର୍ମୁଜ ପ୍ରଣାଳୀର ସୁରକ୍ଷା ପାଇଁ ସାହାଯ୍ୟ କରିବାକୁ ମନା କରିଦେଇଥିବାରୁ ସେ ନାଟୋ ରାଷ୍ଟ୍ରଗୁଡ଼ିକୁ କାପୁରୁଷ କହିଛନ୍ତି। ମାତ୍ର ନିଜକୁ ବୁଝାଇବା ପାଇଁ ଇରାନ ଅଭିଯାନ ଯୋଜନା ଅନୁଯାୟୀ ଚାଲିଛି ବୋଲି କହୁଛନ୍ତି। ତେବେ ଟ୍ରମ୍ପ ଶୁକ୍ରବାର କରିଥିବା ଘୋଷଣା 'ସାମରିକ ଦୃଷ୍ଟିକୋଣରୁ ଯୁଦ୍ଧ ଜିତି ସାରିଛୁ' ବାସ୍ତବିକତା ଠାରୁ ବହୁଦୂରରେ ରହିଛି।

ଅନ୍ୟପଟେ ଇରାନ କଠୋର ଆଭିମୁଖ୍ୟ ଗ୍ରହଣ କରି ଅଞ୍ଚଳର ତୈଳ ଏବଂ ଗ୍ୟାସ ଯୋଗାଣକୁ ବନ୍ଦ କରିଦେବା ସହିତ ସମଗ୍ର ଅଞ୍ଚଳରେ କ୍ଷେପଣାସ୍ତ୍ର ମାଡ଼ ଜାରି ରଖିଛି। ଏଥିପାଇଁ ଉପସାଗରୀୟ ଦେଶଗୁଡ଼ିକର ଅର୍ଥନୀତି ବି ଦୋହଲି ଯାଇଛି। ଏଥିସହିତ ଟ୍ରମ୍ପ ନିଜ ପ୍ରତିଶ୍ରୁତିକୁ ମଧ୍ୟ ଭାଙ୍ଗି ଦେଇଛନ୍ତି। ଆମେରିକାକୁ ନିର୍ବୋଧତାପୂର୍ଣ୍ଣ ସାମରିକ ହସ୍ତକ୍ଷେପରୁ ଦୂରେଇ ରଖିବାକୁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଟ୍ରମ୍ପ ନିଜେ ଏଭଳି ପଦକ୍ଷେପ ନେଇଛନ୍ତି। ସେ ଆରମ୍ଭ କରିଥିବା ଇରାନ ସଂଘର୍ଷର ପରିଣାମ କିମ୍ବା ଏହାର ବାର୍ତ୍ତା କାହାକୁ ମଧ୍ୟ ବୁଝା ପଡୁନାହିଁ। ଏହି ଯୁଦ୍ଧରୁ ବାହାରିବାର କୌଣସି ସ୍ପଷ୍ଟ ରଣନୀତି ବି ନାହିଁ। ତେଣୁ ଆଗାମୀ ଦିନରେ ଏହା ଟ୍ରମ୍ପଙ୍କ ପାଇଁ କାଳ ପାଲଟି ପାରେ। ଏହା ତାଙ୍କର ରାଷ୍ଟ୍ରପତି ପରମ୍ପରା ଏବଂ କଂଗ୍ରେସରେ ସଂଖ୍ୟାଗରିଷ୍ଠତା ବଜାୟ ରଖିବା ପାଇଁ ନଭେମ୍ବରରେ ହେବାକୁ ଥିବା ନିର୍ବାଚନ ତାଙ୍କ ଦଳର ରାଜନୈତିକ ଭବିଷ୍ୟତ ପାଇଁ ବିପଦ ସୃଷ୍ଟି କରୁଛି। ରିପବ୍ଲିକାନ୍ ଏବଂ ଡେମୋକ୍ରାଟିକ୍ ପ୍ରଶାସନର ପୂର୍ବତନ ମଧ୍ୟ-ପ୍ରାଚ୍ୟ ବୁଝାମଣାକାରୀ ଆରୋନ୍ ଡେଭିଡ୍ ମିଲର୍ କହିଛନ୍ତି ଟ୍ରମ୍ପ ନିଜ ପାଇଁ ଇରାନ ଯୁଦ୍ଧ ନାମକ ଏକ ବାକ୍ସ ତିଆରି କରିଛନ୍ତି। ସେଥିରୁ କିଭଳି ବାହାରିବେ ତାହା ସେ ବୁଝିପାରୁନାହାଁନ୍ତି। ଏଥିପାଇଁ ଟ୍ରମ୍ପ ନିରାଶ ହେଉଛନ୍ତି।

**■ ଅସ୍ତ୍ରବିରତି ଆଲୋଚନା ପାଇଁ ପ୍ରସ୍ତୁତ**
**■ ସର୍ତ୍ତ ରଖିଲା ଇରାନ: ପ୍ରଥମେ କ୍ଷତିପୂରଣ, ଆଉ ଆକ୍ରମଣ କରିବନି ବୋଲି ଗ୍ୟାରେଣ୍ଟି ଦିଅ**

ଇରାନ ସାମରିକ କ୍ଷମତା ଏବଂ ସ୍ଥିତି ହାତରୁ ଖସୁଥିବା ଦେଖି ଟ୍ରମ୍ପ ନରମିଛନ୍ତି। ଇରାନ ସହ ଅସ୍ତ୍ରବିରତି ଆଲୋଚନା କରିବାକୁ ଚାହୁଁଛନ୍ତି। ଏଥିପାଇଁ ଟ୍ରମ୍ପ ନିଜ ପରାମର୍ଶଦାତା ଜେରେଡ୍ କୁଶନର୍ ଏବଂ ଷ୍ଟିଭ୍ ୱିଟକଫଙ୍କୁ ଲଗାଇଛନ୍ତି। ଏକ୍ସିଓସ୍ ନ୍ୟୁଜ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। ମାତ୍ର ଇରାନ କଠୋର ଆଭିମୁଖ୍ୟ ଜାରି ରଖିଛି। ଅସ୍ତ୍ରବିରତି ଆଲୋଚନା ପାଇଁ ଆମରିକା ସାମ୍ନାରେ କଠୋର ସର୍ତ୍ତ ରଖିଛି। ପ୍ରଥମେ ଯୁଦ୍ଧ ବନ୍ଦ କରାଯାଉ ଏବଂ କ୍ଷୟକ୍ଷତି ଆକଳ କରାଯାଇ କ୍ଷତିପୂରଣ ଦିଆଯାଉ ବୋଲି ଦାବି କରାଯାଇଛି। ସେହିପରି ଭବିଷ୍ୟତରେ ଦେଶ ଉପରେ ପୁଣି ଆକ୍ରମଣ ହେବ ନାହିଁ ବୋଲି ସମ୍ପୂର୍ଣ୍ଣ ଗ୍ୟାରେଣ୍ଟି ମିଳୁ ବୋଲି କୁହାଯାଇଛି। ମାତ୍ର ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଏବେ ସେ ଇରାନର ସମସ୍ତ ସର୍ତ୍ତ ମାନିବାକୁ ପ୍ରସ୍ତୁତ ନୁହଁନ୍ତି। ବିଶେଷ କରି କ୍ଷତିପୂରଣ ଦାବିକୁ ଟ୍ରମ୍ପ ଗ୍ରହଣ କରିପାରୁନାହାନ୍ତି। ଆମେରିକା ଏବଂ ଇରାନ ମଧ୍ୟରେ ବର୍ତ୍ତମାନ ସିଧାସଳଖ ଆଲୋଚନା ହେଉନାହିଁ। ମାତ୍ର ଆଲୋଚନାରେ ଇଜିପ୍ଟ, କାତାର ଏବଂ ବ୍ରିଟେନ ଭଳି ଦେଶ ମଧ୍ୟସ୍ଥତା କରୁଛନ୍ତି। ଇରାନ କିଛି ସମୟ ପାଇଁ ନିଜର ମିସାଇଲ୍ ପ୍ରୋଗ୍ରାମ୍, ୟୁରାନିୟମ୍ ଏନରିଚମେଣ୍ଟ୍ ରୋକି ଦେଇ ଏବଂ ନିଜର ପରମାଣୁ କେନ୍ଦ୍ରଗୁଡ଼ିକୁ ବନ୍ଦ କରୁ ବୋଲି ଆମେରିକା ଚାହୁଁଛି। ଏହା ବ୍ୟତୀତ ହିଜବୁଲ୍ଲା ଏବଂ ହମାସକୁ ଆର୍ଥିକ ସହାୟତା ଦେବା ମଧ୍ୟ ବନ୍ଦ କରିବାକୁ ଦାବି କରିଛି।



ଶନିବାର ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଫୋନ୍‌ରେ କଥା ହେବା ସମୟରେ ଇରାନ ରାଷ୍ଟ୍ରପତି ମାସୁଦ ପେଜେସକିଆନ୍ କହିଥିଲେ ଯେ ଆକ୍ରମଣକୁ ରୋକିବା ପାଇଁ ବ୍ରିକ୍ସ ଦେଶଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଉଚିତ।

ବ୍ରିକ୍ସ କୌଣସି ଚାପରେ ନରହି, ନିଜ କ୍ଷମତାରେ କାମ କରିବା ଆବଶ୍ୟକ। ଏହା ସହିତ ମଧ୍ୟ-ପ୍ରାଚ୍ୟର ଦେଶଗୁଡ଼ିକ ମିଶି ଏକ ନୂତନ ସୁରକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରିବା ପାଇଁ ମାସୁଦ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରହିବ ଏବଂ ବାହାର ଦେଶର ହସ୍ତକ୍ଷେପ ହ୍ରାସ ପାଇବ।

# ମଧ୍ୟପ୍ରାଚ୍ୟରେ ଥିବା ଆମେରିକା ସାମରିକ ଭିତ୍ତିଭୂମିର ବ୍ୟାପକ କ୍ଷୟକ୍ଷତି

ନୂଆଦିଲ୍ଲୀ,୨୨।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ଏବେ ଚତୁର୍ଥ ସପ୍ତାହରେ ପ୍ରବେଶ କରିସାରିଛି। ଆମେରିକା, ଇସ୍ରାଏଲ କିମ୍ବା ଇରାନ- କେହିବି ଏହି ସଂଘର୍ଷରୁ ପଛକୁ ହଟିବାକୁ ପ୍ରସ୍ତୁତ ନଥିବା ଜଣାପଡୁଛି। 'ସେଣ୍ଟର ଫର୍ ଷ୍ଟ୍ରାଟେଜିକ୍ ଆଣ୍ଡ ଇଣ୍ଟରନ୍ୟାସନାଲ ଷ୍ଟଡିଜ୍' (ସିଏସ୍ଆଇଏସ୍)ର ଏକ ରିପୋର୍ଟ ଅନୁଯାୟୀ, ଆମେରିକାର ସାମରିକ ଘାଟି ଉପରେ ଇରାନର ଆକ୍ରମଣ ଯୋଗୁଁ ମାତ୍ର ଦୁଇ ସପ୍ତାହ ମଧ୍ୟରେ ପ୍ରାୟ ୮୦୦ ମିଲିୟନ ଡଲାର ଅର୍ଥାତ ୬,୬୦୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। ଇରାନ ମୁଖ୍ୟତଃ ଜୋର୍ଡାନ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ଅନ୍ୟାନ୍ୟ ରଣନୈତିକ ସ୍ଥାନରେ ଥିବା ଆମେରିକାର ଏୟାର ଡିଫେନ୍ସ ସିଷ୍ଟମ ଏବଂ ଉପଗ୍ରହ ଯୋଗାଯୋଗ ବ୍ୟବସ୍ଥାକୁ ଟାର୍ଗେଟ କରିଛି। ଜୋର୍ଡାନରେ ଥିବା ଏଏନ୍/ଟିପିୱାଇ-୨ ରାଡାର ସିଷ୍ଟମ ନଷ୍ଟ ହୋଇଛି, ଯାହାର ମୂଲ୍ୟ ୪୮୫ ମିଲିଅନ ଡଲାର। ଏହା ବାଲିଷ୍ଟିକ ମିସାଇଲ ରୋକିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହା ବ୍ୟତୀତ କାତାରରେ ଥିବା ୧.୧ ବିଲିୟନ ଡଲାର ମୂଲ୍ୟର ଆର୍ଲି ୱାର୍ଣ୍ଣିଂ ରାଡାର ମଧ୍ୟ ଆକ୍ରମଣର ଶିକାର ହୋଇଛି। ଯୁଦ୍ଧରେ ଏପର୍ଯ୍ୟନ୍ତ ଆମେରିକାର ପ୍ରାୟ ୧୬ଟି ବିମାନ କ୍ଷତିଗ୍ରସ୍ତ ହୋଇଛି, ଯେଉଁଥିରେ ୧୨ଟି ଏମ୍‌କ୍ୟୁ- ରିପର ଡ୍ରୋନ ସାମିଲ ରହିଛି। ଏପରିକି ଏକ ଏଫ୍-୩୫ ଷ୍ଟିଲ୍‌ଥ ଫାଇଟର ଜେଟ୍ ମଧ୍ୟ ଜରୁରୀକାଳୀନ ଅବତରଣ କରିବାକୁ ବାଧ୍ୟ ହୋଇଛି। ଫେବୃଆରୀ ୨୮ ରୁ ଚାଲିଥିବା ଏହି ସଂଘର୍ଷରେ ଏପର୍ଯ୍ୟନ୍ତ ଆମେରିକାର ୧୩ ଜଣ ସୈନ ପ୍ରାଣ ହରାଇଛନ୍ତି। ସାମଗ୍ରିକ ଭାବେ ଏହି ଯୁଦ୍ଧରେ ପ୍ରାୟ ୩,୨୦୦ ଲୋକ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୧୪୦୦ ଜଣ ସାଧାରଣ ନାଗରିକ ଅଛନ୍ତି। ମାର୍ଚ୍ଚ ୧୨ରେ ଆମେରିକାର ସବୁଠାରୁ ଅତ୍ୟାଧୁନିକ ବିମାନବାହୀ ଜାହାଜ ୟୁଏସ୍‌ଏସ୍ ଗେରାଲ୍ଡ ଆର ଫର୍ଡରେ ନିଆଁ ଲାଗିଯିବା ଫଳରେ ଏହା କିଛ ସମୟ ପାଇଁ ଅକାମୀ ହୋଇପଡ଼ିଥିଲା। ଏହା କୌଣସି ସାବୋଟାଜ ଅର୍ଥାତ ଷଡ଼ଯନ୍ତ୍ର କିମ୍ବା କର୍ମଚାରୀଙ୍କ ଥକ୍କାପଣ ଯୋଗୁଁ ହୋଇଥାଇପାରେ ବୋଲି ତଦନ୍ତ ଚାଲିଛି। ସିଏସ୍ଆଇଏସ୍ ଅନୁଯାୟୀ, କେବଳ ଗୋଳବାରୁଦରେ ଦୈନିକ ପ୍ରାୟ୨ ବିଲିୟନ ଡଲାର ୧୬,୬୦୦ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହି ଯୁଦ୍ଧ ଜାରି ରଖିବା ପାଇଁ ଆମେରକା ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ୨୦୦ ବିଲୟନ ଡଲାର ପାଣ୍ଠି ମାଗିଛି। ସବୁଠାରୀ ବଡ଼ କଥା ହେଉଛି ଏହି ସଂଘର୍ଷ ଆଧୁନିକ ଯୁଦ୍ଧ କ୍ଷେତ୍ରରେ ଆମେରିକାର ଅତ୍ୟାଧୁନିକ ପ୍ରଣାଳୀଗୁଡ଼ିକର ଦୁର୍ବଳତାକୁ ପଦାରେ ପକାଇଛି।

**୬,୬୦୦ କୋଟି ଟଙ୍କାର କ୍ଷତି**



## ଆମେରିକାରୁ ଏଲ୍‌ପିଜି, ରୁଷରୁ ଆଶୋଧିତ ତୈଳ ଭାରତରେ ପହଞ୍ଚିଲା

ବେଙ୍ଗାଲୁରୁ,୨୨।୩(ଏଜେନ୍ସି): ଆମେରିକାର ଟେକ୍ସାସରୁ ତରଳୀକୃତ ପେଟ୍ରୋଲିୟମ ଗ୍ୟାସ୍ (ଏଲ୍‌ପିଜି) ବହନକାରୀ ମାଲବାହୀ ଜାହାଜ ରବିବାର ମାଙ୍ଗାଲୋର ବନ୍ଦରରେ ପହଞ୍ଚିଛି। ଏଥିସହ ରୁଷରୁ ଆଶୋଧିତ ତୈଳ ଧରି ଆଉ ଏକ ଜାହାଜ ମଧ୍ୟ ଭାରତରେ ପହଞ୍ଚିଛି। ଗତ ୭ ଦିନ ମଧ୍ୟରେ ପ୍ରାୟ ୫ଟି ଜାହାଜ ଗ୍ୟାସ୍ ଓ ତୈଳ ଧରି ଭାରତରେ ପହଞ୍ଚି ସାରିଛି। ମାର୍ଚ୍ଚ ୧୮ ରେ ଜଗ ଲାଡକୀ, ମାର୍ଚ୍ଚ ୧୭ରେ ନନ୍ଦାଦେବୀ, ମାର୍ଚ୍ଚ ୧୬ରେ ଶିବାଳିକ ଜାହାଜ ଭାରତରେ ପହଞ୍ଚିଥିଲା। ତେବେ ଯୁଦ୍ଧ ପ୍ରଭାବିତ ପାରାସ୍ୟ ଉପସାଗରରେ ଭାରତର ପ୍ରାୟ ୨୨ଟି ଜାହାଜ ଏବେ ମଧ୍ୟ ଅଟିକ ରହିଛି, କିନ୍ତୁ କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି ଯେ, ସମସ୍ତ ଜାହାଜ ଓ ସେଥିରେ ଥିବା କର୍ମଚାରୀମାନେ ସୁରକ୍ଷିତ ଅଛନ୍ତି। ଦେଶରେ ଗ୍ୟାସ୍ ଯୋଗାଣ ସ୍ୱାଭାବିକ କରିବା ପାଇଁ କେନ୍ଦ୍ର ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ମାର୍ଚ୍ଚ ୨୩ ତାରିଖରୁ ରାଜ୍ୟଗୁଡ଼ିକୁ ପୂର୍ବାପେକ୍ଷା ୨୦ ପ୍ରତିଶତ ଅଧିକ ଗ୍ୟାସ୍ ଯୋଗାଇ ଦିଆଯିବ। କମ୍ୟୁନିଟି ଚିକେନ, ହୋଟେଲ, ରେସ୍ତୋରାଁ ଏବଂ ଶିଳ୍ପ ସଂସ୍ଥାଗୁଡ଼ିକୁ ଗ୍ୟାସ ଯୋଗାଣରେ ପ୍ରାଥମିକତା ଦେବାକୁ ପେଟ୍ରୋଲିୟମ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରବାସୀ ଶ୍ରମିକଙ୍କୁ ୫ କେଜି ବିଶିଷ୍ଟ ଏଫ୍‌ଟିଏଲ୍ ସିଲିଣ୍ଡର ଯୋଗାଇ ଦେବାକୁ ଗୁରୁତ୍ୱ ଦିଆଯାଇଛି।

## ଶକ୍ତି ସଙ୍କଟ: ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୨।୩ (ଏଜେନ୍ସି): ଆମେରିକା-ଇସ୍ରାଏଲ ଏବଂ ଇରାନ ଯୁଦ୍ଧର ପ୍ରଭାବ ଭାରତ ଉପରେ ପଡ଼ିଛି। ଦେଶରେ ଶକ୍ତି ସଙ୍କଟ ସୃଷ୍ଟି ହୋଇଛି। ଏଲ୍‌ପିଜି ଠିକ୍ ସମୟରେ ମିଳୁ ନ ଥିବାରୁ ସ୍ଥିତି ଉତ୍କଟ ହୋଇଛି। ହୋଟେଲ, ରେସ୍ତୋରାଁରେ ବନ୍ଦ ହେବାକୁ ବସିଛି। ଏଭଳି ସ୍ଥିତିରେ ପଶ୍ଚିମ ଏସିଆର ସଂଘର୍ଷ ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ରବିବାର ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପେଟ୍ରୋଲିୟମ, ଅଶୋଧିତ ତୈଳ, ବିଦ୍ୟୁତ ଏବଂ ସାରର ସ୍ଥିତିକୁ ନେଇ ସମୀକ୍ଷା କରାଯାଇଛି। ଏହି ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା, କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ, ବିଦେଶମନ୍ତ୍ରୀ ଏସ ଜୟଶଙ୍କର, ବେସାମରିକ ବିମାନ ଚଳାଚଳମନ୍ତ୍ରୀ ରାମମୋହନ ନାଇଡୁ, ରେଳ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ, ବନ୍ଦରମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କ ସମେତ ଅନ୍ୟ ବରିଷ୍ଠ ନେତା ଉପସ୍ଥିତ ଥିଲେ। ଏଠାରେ ଦେଶର ଜରୁରୀ ସମ୍ବଳକୁ ବିନା ସମସ୍ୟାରେ ଯୋଗାଣ, ଲଜିଷ୍ଟିକ ଏବଂ ଯୋଗାଣ ଧାର୍ଯ୍ୟ କରିବାକୁ ପ୍ରାଧାନ୍ୟ ଦିଆଯାଇଥିଲା।



ପେଟ୍ରୋଲିୟମ ଜାତ ଦ୍ରବ୍ୟ ସମେତ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ସୁନିଶ୍ଚିତ କରିବା ପାଇଁ ସରକାର ସକ୍ରିୟ ପଦକ୍ଷେପ ଗ୍ରହଣ କରୁଥିବା କୁହାଯାଇଥିଲା। ପଶ୍ଚିମ ଏସିଆ ସଂଘର୍ଷ ପରିପ୍ରେକ୍ଷୀରେ ବର୍ତ୍ତମାନ ବିଶ୍ୱରେ ଲାଗି ରହିଥିବା ସ୍ଥିତି ଏବଂ ଗ୍ରାହକ ତଥା ଶିଳ୍ପ ସ୍ୱାର୍ଥର ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରାଯାଇଥିଲା। ଏହା ପୂର୍ବରୁ ଗତ ୧୨ ତାରିଖରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ସାରା ବିଶ୍ୱରେ ଶକ୍ତି ସଂକଟ ସୃଷ୍ଟି କରିଛି। ଏହା ଜାତୀୟ ଶକ୍ତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ସମୟ। ଏଥିପାଇଁ ଶାନ୍ତି, ଧୈର୍ଯ୍ୟ ଓ ଜନସଚେତନତା ମାଧ୍ୟମରେ ପରିସ୍ଥିତିର ମୁକାବିଲା କରିବା ଆବଶ୍ୟକ। ଅନ୍ତର୍ଜାତୀୟ ଯୋଗାଣ ଶୃଙ୍ଖଳାରେ ଦେଖାଦେଇଥିବା ସମସ୍ୟାକୁ ଦୂର କରିବା ପାଇଁ ତାଙ୍କ ସରକାର ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି।

## ଚାଟ୍, ଜିଲାପି, ଭେଲପୁରୀର ସହର ଉପରେ ଆକ୍ରମଣ

ନୂଆଦିଲ୍ଲୀ,୨୨।୩(ଏଜେନ୍ସି): ଇସ୍ରାଏଲର ଦକ୍ଷିଣ ଭାଗରେ ଅବସ୍ଥିତ ଡିମୋନ ସହର, ଯାହାକୁ ଲିଟିଲ ଇଣ୍ଡିଆ ବା କ୍ଷୁଦ୍ର ଭାରତ ବୋଲି କୁହାଯାଏ, ସେଠାରେ ଶନିବାର ଇରାନ ଭୟଙ୍କର କ୍ଷେପଣାସ୍ତ୍ର ମାଡ଼ କରିଛି। ଇରାନର ନତାଞ୍ଜ ପରମାଣୁ କେନ୍ଦ୍ର ଉପରେ ହୋଇଥିବା ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ଇରାନ ଏହି ଆକ୍ରମଣ କରିଛି।



ଏଥିରେ ୩୩ଜଣ ଆହତ ହୋଇଥିବା ବେଳେ ସହରର ବ୍ୟାପକ ଅଂଶ ଧ୍ୱଂସସ୍ତୂପରେ ପରିଣତ ହୋଇଛି। ଡିମୋନା ସହିତ ଆରାଦ ଉପରେ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଛି, ଏହି ଆକ୍ରମଣରେ ଦୁଇଟି ସହରରେ ମୋଟ୍ ଉପରେ ୧୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏହି ଡିମୋନ ସହରରେ ପ୍ରାୟ ୭,୫୦୦ ଭାରତୀୟ-ଇହୁଦୀ ବାସ କରନ୍ତି, ଯାହା ମୋଟ ଜନସଂଖ୍ୟାର ପ୍ରାୟ ୩୦ ପ୍ରତିଶତ। ଏଠାରେ ମରାଠୀ ଓ ହିନ୍ଦୀ ଭାଷାର ପ୍ରଭାବ ଦେଖିବାକୁ ମିଳେ। ଦୋକାନଗୁଡ଼ିକରେ ଚାଟ୍, ଜିଲାପି, ସୋନପାପଡ଼ି ଓ ଭେଲପୁରୀ ଭଳି ଭାରତୀୟ ସ୍ନାକ୍ସ ମିଳିଥାଏ। ଏପରିକ ଏଠାରେ କ୍ରିକେଟ ଖେଳର ଅନେକ ପ୍ରଶଂସକ ରହିଛନ୍ତି। ୧୯୫୦ ଓ ୬୦ ଦଶକରେ ଭାରତରୁ ଅଧିକାଂଶ ଇହୁଦୀ ଇସ୍ରାଏଲକୁ ସ୍ଥାନାନ୍ତରିତ ହୋଇଥିଲେ। ସେମାନଙ୍କ ମଧ୍ୟରେ ମହାରାଷ୍ଟ୍ରର ବେନେ ଇସ୍ରାଏଲ, କେରଳର କୋଚିନି ଇହୁଦୀ ଓ କୋଲକାତାର ବାଗଦାଦି ଇହୁଦୀ ଲୋକ ଅଛନ୍ତି। ନିକଟ ଅତୀତରେ ମିଜୋରାମ ଓ ମଣିପୁରରୁ ବେନେଇ ମେନାଚେ ସମ୍ପ୍ରଦାୟର ଲୋକ ସେଠାକୁ ଯାଇଛନ୍ତି। ନେଗେଭ ମରୁଭୂମିରେ ଅବସ୍ଥିତ ଡିମୋନ ସହର ଇସ୍ରାଏଲର ପରମାଣୁ ଅସ୍ତ୍ରଶସ୍ତ୍ରର ଏକ ପ୍ରମୁଖ କେନ୍ଦ୍ର ଭାବେ ଜଣାଶୁଣା। ଇସ୍ରାଏଲ ଏହାକୁ 'ଶିମୋନ ପେରେସ ନେଗେଭ ପରମାଣୁ ଅନୁସନ୍ଧାନ କେନ୍ଦ୍ର' କହୁଥିଲେ ହେଁ, ବିଭିନ୍ନ ଅନ୍ତର୍ଜାତୀୟ ରିପୋର୍ଟ ଅନୁଯାୟୀ, ଏଠାରେ ପରମାଣୁ ବୋମା ପାଇଁ ଆବଶ୍ୟକ ପ୍ଲୁଟୋନିୟମ ପ୍ରସ୍ତୁତ କରାଯାଏ। ଇସ୍ରାଏଲ ସାମରିକ ବାହିନୀ ସ୍ୱୀକାର କରିଛି ଯେ ସେମାନେ ଡିମୋନା ଓ ଆରାଦ ସହରକୁ ଟାର୍ଗେଟ କରିଥିବା ମିସାଇଲଗୁଡ଼ିକୁ ରୋକିବାରେ ବିଫଳ ହୋଇଛନ୍ତି। ଇରାନ ସଂସଦରେ ବାଚସ୍ପତି ମହମ୍ମଦ ବାଘେର ଘଲିବାଫ କହିଛନ୍ତି ଯେ ଯଦି ଇସ୍ରାଏଲ ଡିମୋନା ଭଳି ସୁରକ୍ଷିତ ଅଞ୍ଚଳକୁ ରକ୍ଷା କରିପାରୁନାହିଁ, ତେବେ ଏହା ଯୁଦ୍ଧର ଏକ ନୂତନ ପର୍ଯ୍ୟାୟକୁ ସୂଚାଉଛି।

## ପାକିସ୍ତାନ ପୂର୍ବତନ ରାଷ୍ଟ୍ରଦୂତ ବାସିତଙ୍କ ବିବାଦୀୟ ମନ୍ତବ୍ୟ | 'ଆମେରିକା ଆକ୍ରମଣ କଲେ, ଆମେ ଭାରତ ଆକ୍ରମଣ କରିବୁ'

ନୂଆଦିଲ୍ଲୀ/ଇସଲାମାବାଦ୍,୨୨।୩(ଏଜେନ୍ସି): ଭାରତରେ ପାକିସ୍ତାନର ପୂର୍ବତନ ହାଇକମିଶନର ଭାବେ କାର୍ଯ୍ୟ କରିଥିବା ଅବଦୁଲ ବାସିତ ଏକ ଟିଭି ଶୋ'ରେ ଅତ୍ୟନ୍ତ ଦାୟିତ୍ୱହୀନ ଓ ଉତ୍ତେଜନାମୂଳକ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ଯଦି ଆମେରିକା ପକ୍ଷରୁ ପାକିସ୍ତାନ ଉପରେ କୌଣସି ଆକ୍ରମଣ ହୁଏ, ତେବେ ପାକିସ୍ତାନ ବିନା ଦ୍ୱିଧାରେ ଦିଲ୍ଲୀ, ମୁମ୍ବାଇ ଭଳି ଭାରତୀୟ ସହରଗୁଡ଼ିକୁ ଟାର୍ଗେଟ କରିବା ଉଚିତ। ନିକଟରେ ଆମେରିକାର ନ୍ୟାସନାଲ ଇଣ୍ଟେଲିଜେନ୍ସ ନିର୍ଦ୍ଦେଶକ ତୁଲସୀ ଗାବାର୍ଡ ପାକିସ୍ତାନର ଦୂରଗାମୀ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ସେ କହିଥିଲେ ଯେ ପାକିସ୍ତାନର ଏହି କ୍ଷେପଣାସ୍ତ୍ରଗୁଡ଼ିକ ଭବିଷ୍ୟତରେ ଆମେରିକା ପାଇଁ ବିପଦ ସୃଷ୍ଟି କରିପାରେ। ଏହାର ପ୍ରତିକ୍ରିୟାରେ ବାସିତ ଏହି ମନ୍ତବ୍ୟ ଦେଇଛନ୍ତି। ବାସିତ କହିଛନ୍ତି ଯେ ଯଦି ଆମେରିକା ପାକିସ୍ତାନର ପରମାଣୁ କାର୍ଯ୍ୟକ୍ରମ ଉପରେ ଆକ୍ରମଣ କରେ, ତେବେ ଆମ ପାଖରେ ଭାରତ ଉପରେ ଆକ୍ରମଣ କରିବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ। ଆମକୁ ଦୁଇଥର ନ ଭାବି ମୁମ୍ବାଇ ଓ ନୂଆଦିଲ୍ଲୀ ଉପରେ ଆକ୍ରମଣ କରିବାକୁ ହେବ। ସେ ଗାବାର୍ଡକୁ ଭାରତୀୟ ବଂଶୋଦ୍ଭବ କହି ସମାଲୋଚନା କରିଛନ୍ତି ଏବଂ ଅଭିଯୋଗ କରିଛନ୍ତି ଯେ ସେ ଭାରତର ଅଗ୍ନି-୫, ଅଗ୍ନି-୬ ଭଳି ଶକ୍ତିଶାଳୀ କ୍ଷେପଣାସ୍ତ୍ରକୁ ଦେଖିପାରୁନାହାନ୍ତି। ସେ ମଧ୍ୟ ଏହା କହିଛନ୍ତି ଯେ ପାକିସ୍ତାନର କ୍ଷେପଣାସ୍ତ୍ର କ୍ଷମତା ଏତେ ହେବା ଉଚିତ ଯେପରି ତାହା ଇସ୍ରାଏଲକୁ ମଧ୍ୟ ଟାର୍ଗେଟ କରିପାରିବ। ଏହି ଆଲୋଚନା ସମୟରେ ଟିଭି ଉପସ୍ଥାପକ ଜଣକ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ କଥା ମନେ ପକାଇ କହିଥିଲେ ଯେ ଆମେ ପୂର୍ବରୁ ଟ୍ରେଲର ଦେଖାଇ ସାରିଛୁ। ଏହାର ଉତ୍ତରରେ ବାସିତ କହିଥିଲେ ଆମେ ପୂର୍ବରୁ କରିଛୁ ଓ ପୁଣି ଏଇଠୁ କରିବୁ।

## ଗର୍ଭାବସ୍ଥା ବେଳେ ମିଳିଲାନି ୱାର୍କ ଫ୍ରମ ହୋମ୍ ଅନୁମତି
# କମ୍ପାନୀକୁ ୨୦୦ କୋଟି ଜୋରିମନା


ୱାସିଂଟନ, ୨୨।୩ (ଏଜେନ୍ସି): ମହିଳା କର୍ମଚାରୀଙ୍କୁ ଗର୍ଭଧାରଣ ସମୟରେ ୱାର୍କ ଫ୍ରମ ହୋମ୍ (ଡବ୍ଲ୍ୟୁଏଫ୍‌ଏଚ) ପାଇଁ ଅନୁମତି ଦିଆଗଲାନି। ଛୁଟି ନେଲେ ଦରମା କାଟି ଦିଆଯିବ ବୋଲି କୁହାଯାଇଥିଲା। ଏଥିପାଇଁ ମହିଳା ଅଫିସ ଯାଇ କାମ କରିବାକୁ ବାଧ ହୋଇଥିଲେ। ମାତ୍ର ଏହାର କୁପ୍ରଭାବ ଗର୍ଭସ୍ଥ ଶିଶୁ ଉପରେ ପଡ଼ିଥିଲା। ସମୟ ପୂର୍ବରୁ ସନ୍ତାନ ଜନ୍ମ ହୋଇଥିଲା। ଏହା ଫଳରେ କିଛି ଘଣ୍ଟା ମଧ୍ୟରେ ନବଜାତକର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ଆମେରିକାର ଓହିଓର ମହିଳା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ମାମଲାର ବିଚାର କରି ଟୋଟାଲ କ୍ୱାଲିଟି ଲଜିଷ୍ଟିକ (ଟିକ୍ୟୁଏଲ) କମ୍ପାନୀକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କମ୍ପାନୀ ଉପରେ ୨.୨୫ କୋଟି ଡଲାର ଅର୍ଥାତ ପ୍ରାୟ ୨୦୦ କୋଟି ଟଙ୍କାର ବିପୁଳ ଜୋରିମାନା ଲଗାଇଛନ୍ତି। ଯଦି ମହିଳାଙ୍କୁ ଘରେ ରହି କାମ କରିବାକୁ ଦିଆଯାଇ ଥାଆନ୍ତା, ତେବେ ସ୍ଥିତି ଏପରି ହୋଇ ନ ଥାଆନ୍ତା ବୋଲି କୋର୍ଟ କହିଛନ୍ତି। ଏହି ଆଧାରରେ କମ୍ପାନୀ ଉପରେ ଜୋରିମାନା ଲଗାଇଛନ୍ତି। କର୍ମଚାରୀଙ୍କ ସ୍ଥିତି ବିଷୟରେ କମ୍ପାନୀ ଅବଗତ ହେବା ଜରୁରୀ ବୋଲି କହିଛନ୍ତି। ସୂଚନା ଅନୁଯାୟୀ, ଚେଲ୍‌ସି ୱାଲ୍ସ ୨୦୨୧ ଫେବୃଆରୀରେ ଟିକ୍ୟୁଏଲ ଡବ୍ଲ୍ୟୁଏଫଏଚ ପାଇଁ ଅନୁମତି ମାଗିଥିଲେ। ମାତ୍ର କମ୍ପାନୀ ବିନା ଦରମାରେ କାମ କରିବାକୁ କିମ୍ବା ଅଫିସ ଆସିବାକୁ ବିକଳ୍ପ ଦେଇଥିଲା। ଏହାର ପ୍ରଭାବ ଆୟ ଏବଂ ସ୍ୱାସ୍ଥ୍ୟ ବୀମା ଉପରେ ପଡ଼ିଥାନ୍ତା। ତେଣୁ ମହିଳା ଫେବୃଆରୀ ୨୨ରୁ ଅଫିସକୁ ଯାଇ କାମ କରିଥିଲେ। କ୍ରମାଗତ ତିନି ଦିନ କାମ କରିବା ପରେ ଫେବୃଆରୀ ୨୪ରେ ତାଙ୍କର ଡେଲିଭରି ହୋଇଥିଲା। ଗର୍ଭଧାରଣ ପାଇଁ ମହିଳାଙ୍କ ଜୀବନ ପ୍ରତି ବିପଦ ଥିବାରୁ ତାଙ୍କୁ ଡାକ୍ତର ଘରେ ଆରାମ କରିବାକୁ କହିଥିଲେ। ମାତ୍ର କମ୍ପାନୀର ଅମାନବୀୟ ଗୁଣ ପାଇଁ ନବଜାତକର ମୃତ୍ୟୁ ହୋଇଥିଲା। ଚାକିରିର ସର୍ତ୍ତ ମାନବିକତା ଏବଂ ସମ୍ବେଦନଶୀଳତାରୁ ଊର୍ଦ୍ଧ୍ୱରେ ନ ହେବା ଉଚିତ ବୋଲି ଏହି ଘଟଣା ଦର୍ଶାଉଛି।

## ଟ୍ରମ୍ପଙ୍କ ସ୍ୱାସ୍ଥ୍ୟକୁ ନେଇ ବଢୁଛି ଚିନ୍ତା

ଫ୍ଲୋରିଡ଼ା,୨୨।୩(ଏଜେନ୍ସି): ୭୯ ବର୍ଷୀୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ପୁଣିଥରେ ବିତର୍କ ଆରମ୍ଭ ହୋଇଛି। ରାଷ୍ଟ୍ରପତିଙ୍କ ବିମାନ 'ଏୟାର ଫୋର୍ସ ୱାନ'ର ସିଡ଼ିରୁ ଓହ୍ଲାଇବା ଓ ଚେୟାରରେ ବସିବା ସମୟରେ ଟ୍ରମ୍ପ କଷ୍ଟ ଅନୁଭବ କରୁଥିବା ଦେଖିବାକୁ ମିଳିଛି। ମାର୍ଚ୍ଚ ୨୧ରେ ଆମେରିକାର ଫ୍ଲୋରିଡ଼ାରେ ପହଞ୍ଚିବା ପରେ ଟ୍ରମ୍ପ ବିମାନର ରେଲିଂକୁ ଶକ୍ତ ଭାବେ ଧରି ଅତି ସତର୍କତାର ସହ ଧୀରେ ଧୀରେ ଓହ୍ଲାଉଥିବାର ଦେଖାଯାଇଥିଲା। ଏହି ସମୟରେ ସେ ମର୍ଣ୍ଣରେ କିଛି ସମୟ ପାଇଁ ଅଟକି ଯାଇଥିଲେ। ଅନ୍ୟ ଏକ ଭିଡ଼ିଓରେ ଟ୍ରମ୍ପ ଏକ ଚେୟାରକୁ ଦୁଇ ହାତରେ ଧରି ଚେୟାରରେ ବସିବାକୁ ଚେଷ୍ଟା କରୁଛନ୍ତି। ଅଣ୍ଟା ଭାଙ୍ଗିଯିବା ସମୟରେ ତାଙ୍କ ମୁହଁରେ ଯନ୍ତ୍ରଣାର ଭାବ ସ୍ପଷ୍ଟ ଭାବେ ଦେଖାଯାଉଥିବା ନେଇ ସୋସିଆଲ ମିଡ଼ିଆରେ ଦେଖିବାକୁ ମିଳିଛି। ଅନେକ ଲୋକ ତାଙ୍କୁ କ୍ଲାନ୍ତ, ବୃଦ୍ଧ ବୋଲି କହିଥିବା ବେଳେ କିଛି ଯୁଜର ତାଙ୍କର ଫୁଲିଥିବା ଗୋଡ଼ ଓ ଚର୍ମର ରଙ୍ଗ ପରିବର୍ତ୍ତନ ବିଷୟରେ ମଧ୍ୟ ଆଲୋଚନା କରିଛନ୍ତି। ତେବେ ଏସବୁ ଦାବିକୁ ଟ୍ରମ୍ପ ପୂର୍ବରୁ ଖଣ୍ଡନ କରିଆସିଛନ୍ତି। ସ୍ୱାସ୍ଥ୍ୟକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଟ୍ରମ୍ପଙ୍କ କାର୍ଯ୍ୟସୂଚୀରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ସେ ସପ୍ତାହ ଶେଷରେ ଫ୍ଲୋରିଡ଼ାରେ ରହିବା ପରେ ଟେନେସି ଏବଂ ପରେ ୱାଶିଂଟନ ଫେରିବା ସୂଚନା ରହିଛି।

**ଏୟାରଫୋର୍ସ ୱାନ୍‌ରୁ ଓହ୍ଲାଇବା ବେଳେ କଷ୍ଟ ଅନୁଭବ**

## ୬ ମାସ ପରେ ଲେହ ଫେରିଲେ ସୋନମ୍ ୱାଙ୍ଗଚୁକ୍



ଲେହ,୨୨।୩(ଏଜେନ୍ସି): ଲଦାଖର ଜଣାଶୁଣା ସମାଜସେବୀ, ପରିବେଶବିତ୍ ତଥା ଶିକ୍ଷା ସଂସ୍କାରକ ସୋନମ ୱାଙ୍ଗଚୁକ୍ ପ୍ରାୟ ୧୭୦ ଦିନ ଅର୍ଥାତ ପାଖାପାଖି ୬ ମାସ ଜେଲ୍‌ରେ ରହିବା ପରେ ରବିବାର ଦିନ ନିଜ ଜନ୍ମଭୂମି ଲେହରେ ପହଞ୍ଚିଛନ୍ତି। କେନ୍ଦ୍ର ସରକାର ଜାତୀୟ ସୁରକ୍ଷା ଆଇନ୍ (ଏନ୍ଏସ୍ଏ) ପ୍ରତ୍ୟାହାର କରିବା ପରେ ତାଙ୍କୁ ଯୋଧପୁର ଜେଲ୍‌ରୁ ମୁକ୍ତ କରାଯାଇଛି। ଲେହ ବିମାନବନ୍ଦରରେ ତାଙ୍କୁ ସ୍ୱାଗତ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଓ ସମର୍ଥକ ଫୁଲମାଳ ଏବଂ ପାରମ୍ପରିକ ଧଳା ସ୍କାର୍ଫ ଧରି ଅପେକ୍ଷା କରିଥିଲେ। ତାଙ୍କର ସ୍ୱାଗତ ପାଇଁ ସହର ସାରା ବଡ଼ ବଡ଼ ବ୍ୟାନର ଲଗାଯାଇଥିଲା। ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ସେ କହିଛନ୍ତି 'ନ୍ୟାୟ ଦୃଷ୍ଟିକୋଣରୁ ଅନେକ ଭୁଲ ହୋଇଛି, କିନ୍ତୁ ମୋ ମନରେ କାହା ପ୍ରତି କୌଣସି ରାଗ ବା ଅସନ୍ତୋଷ ନାହିଁ। ଆମେ ନୂଆ ଆଶା ନେଇ ଆଗକୁ ବଢ଼ିବୁ ଓ ଆଲୋଚନା ମାଧ୍ୟମରେ ସମସ୍ତ ସମସ୍ୟା ସମାଧାନ କରିବୁ।'। ସେ ଏବେ ଲଦାଖ ପାଇଁ ନୂଆ ଆଶାର କିରଣ ସୃଷ୍ଟି କରିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୨୫ ସେପ୍ଟେମ୍ବର ୨୪ରେ ଲେହରେ ସେ ଅନଶନରେ ବସିଥିବା ସମୟରେ ଘଟିଥିବା ହିଂସା ପରେ ତାଙ୍କୁ ସେପ୍ଟେମ୍ବରରେ ଏନ୍ଏସ୍ଏ ଅଧିନରେ ଗିରଫ କରାଯାଇ ଯୋଧପୁର ଜେଲକୁ ପଠାଯାଇଥିଲା। ଗତ ମାର୍ଚ୍ଚ ୧୪ରେ ଗୃହ ମନ୍ତ୍ରଣାଳୟ ତାଙ୍କ ଉପରୁ ଏହି କଠୋର ଆଇନ୍ ହଟାଇ ଦେଇଥିଲେ।

## ପଞ୍ଜାବ ଅଧିକାରୀଙ୍କ ଆତ୍ମହତ୍ୟା: ପୂର୍ବତନ ମନ୍ତ୍ରୀଙ୍କ ବିରୋଧରେ ମାମଲା ରୁଜୁ

ଚଣ୍ଡିଗଡ଼, ୨୨।୩ (ଏଜେନ୍ସି): ପଞ୍ଜାବ ୱେୟାରହାଉସ୍ ଜିଲ୍ଲା ମ୍ୟାନେଜର ଗଗନଦୀପ ସିଂହ ରାନ୍ଧୱାଙ୍କ ଆତ୍ମହତ୍ୟା ମାମଲାରେ ପୂର୍ବତନ ମନ୍ତ୍ରୀ ଲାଲଜିତ ସିଂହ ଭୁଲ୍ଲର, ତାଙ୍କ ପିତା ସୁଖଦେବ ଭୁଲ୍ଲର ଏବଂ ବ୍ୟକ୍ତିଗତ ସହାୟକ ଦିଲବାଗ ସିଂଙ୍କ ବିରୋଧରେ ଅମୃତସରରେ ଏଫ୍ଆଇଆର୍ ରୁଜୁ କରାଯାଇଛି। ଅମୃତସରର ରଞ୍ଜିତ ଆଭେନ୍ୟୁ ପୁଲିସ ଥାନାରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ଧାରା ୧୦୮ (ଆତ୍ମହତ୍ୟା ପାଇଁ ପ୍ରରୋଚିତ କରିବା), ୩୫୧ (୩) (ହତ୍ୟା ଧମକ) ଏବଂ ୩ (୫) ସମାନ ଉଦ୍ଦେଶ୍ୟ ଅଧୀନରେ ଏହି ମାମଲା ଦାୟର ହୋଇଛି। ମୃତ ଅଧିକାରୀଙ୍କ ପତ୍ନୀ ଉପିନ୍ଦର କୌରଙ୍କ ଅଭିଯୋଗ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉପିନ୍ଦର ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଲାଲଜିତ ତାଙ୍କ ସ୍ୱାମୀଙ୍କୁ ଗ୍ୟାଙ୍ଗଷ୍ଟରଙ୍କ ସହ ସମ୍ପର୍କ ଥିବା କହି ଧମକ ଦେଇଥିଲେ। ସେ କହିଥିଲେ ଯେ ମାତ୍ର ଗୋଟିଏ ଇଶାରାରେ ତାଙ୍କର ସମଗ୍ର ପରିବାରକୁ ଶେଷ କରିଦିଆଯିବ। ଲାଲଜିତ କଥିତ ଭାବେ ରାନ୍ଧୱାଙ୍କୁ କହିଥିଲେ ଯେ ଯଦି ସେ ତାଙ୍କ ଦାବି ପୂରଣ କରିପାରୁନାହାନ୍ତି, ତେବେ ତାଙ୍କର ବଞ୍ଚିବାର ଅଧିକାର ନାହିଁ ଓ ସେ ବିଷ ପିଇ ଦେବା ଉଚିତ। ଏହା ପରେ ରାନ୍ଧୱା ଆତ୍ମହତ୍ୟା କରିଥିଲେ। ଏହି ଘଟଣା ପାଇଁ କଂଗ୍ରେସ, ଶିରୋମଣି ଅକାଳୀ ଦଳ ଓ ବିଜେପି ମିଳିତ ଭାବେ ରବିବାର ଚଣ୍ଡିଗଡ଼ ସ୍ଥିତ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କ ବାସଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି।

## ମନ୍ଦିରରେ ରୋପୱେ ଦୁର୍ଘଟଣା; ଜଣେ ମୃତ, ୧୭ ଆହତ

ରାୟପୁର, ୨୨।୩ (ଏଜେନ୍ସି): ନବରାତ୍ରି ଅବସରରେ ଛତିଶଗଡ଼ର ମହାସମୁଦ ଜିଲ୍ଲାର ପ୍ରସିଦ୍ଧ ଖଲ୍ଲାରୀ ମାତା ମନ୍ଦିରରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ପାହାଡ଼ ଉପରେ ଅବସ୍ଥିତ ଏହି ମନ୍ଦିରକୁ ଯାଉଥିବା ରୋପୱେ କେବୁଲ ଛିଡ଼ିଯିବା ଫଳରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୧୭ ଜଣ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ସମୁଦ୍ର ପତ୍ତନରୁ ୩,୦୦୦ ଫୁଟ ଉଚ୍ଚରେ ଥିବା ଏହି ମନ୍ଦିରରେ ରବିବାର ସକାଳୁ ନବରାତ୍ରି ପାଇଁ ପ୍ରବଳ ଭିଡ଼ ଜମିଥିଲା। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ରୋପୱେ କ୍ୟାବିନ ଯାଉଥିବା ବେଳେ ମଝି ରାସ୍ତାରେ କେବୁଲ ଛିଣ୍ଡି ପଡ଼ିଥିଲା। ଫଳରେ କ୍ୟାବିନ୍‌ରେ ଥିବା ଯାତ୍ରୀମାନେ ତଳକୁ ଖସିପଡ଼ିଥିଲେ। ଦୁର୍ଘଟଣା ପରେ ମନ୍ଦିର ପରିସରରେ ଆତଙ୍କ ଖେଳିଯାଇଥିଲା। ସ୍ଥାନୀୟ ଲୋକ ଓ ପ୍ରଶାସନ ପକ୍ଷରୁ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଆହତ ୧୭ ଜଣଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ରାୟପୁରସ୍ଥିତ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବାକି ଆହତଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି।

## ଉଚ୍ଚଶିକ୍ଷା ବିଭାଗର ଅସ୍ପଷ୍ଟ ନୀତି

# 'ଅପାରଗ' ରାତାରାତି ପାରଙ୍ଗମ

ଭୁବନେଶ୍ୱର, ୨୨।୩(ସମିସ): କେଇମାସ ତଳେ ସରକାର କହୁଥିଲେ ଯେ ଉଚ୍ଚଶିକ୍ଷା ବିଭାଗରେ ଅପାରଗ ଭର୍ତ୍ତି ହୋଇଛନ୍ତି। କଲେଜରେ ପାଠ ପଢ଼ାଉ ନାହାନ୍ତି। ସେପରି ଲୋକମାନଙ୍କୁ ବିଦା କରାଯିବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ବି କରାଗଲା। ଜାନୁଆରୀ ୧୩ ତାରିଖରେ ଉଚ୍ଚ ଶିକ୍ଷାନୁଷ୍ଠାନରୁ ଅପାରଗ ଅଧ୍ୟାପକ/ଅଧ୍ୟାପିକାଙ୍କୁ ବିଦା କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟକୁ ରିପୋର୍ଟ ମଗାଗଲା। ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ କୁଳସଚିବ, ସରକାରୀ ଡିଗ୍ରୀ କଲେଜ, ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷମାନେ ଅଧ୍ୟାପକ ଓ କର୍ମଚାରୀଙ୍କ ପ୍ରଦର୍ଶନକୁ ଯାଞ୍ଚ କରି ରିପୋର୍ଟ ଦେବାକୁ କୁହାଗଲା। ମାତ୍ର କୌତୂହଳର କଥା ହେଉଛି, କୌଣସି ଶିକ୍ଷାନୁଷ୍ଠାନରୁ ଗୋଟିଏ ବି ଅଧ୍ୟାପକ ବା ଅଧ୍ୟାପିକାଙ୍କ ବିରୋଧରେ 'ଅପାରଗ' ରିପୋର୍ଟ ଆସିଲା ନାହିଁ। ଏହାପରେ ଅପାରଗମାନେ ଧରାଧରି କରି ପାରଙ୍ଗମ ହୋଇଗଲେ ନା ଅପାରଗମାନେ ଡ଼ରାଇ ଧମକାଇ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ରୋକିଦେଲେ ବୋଲି ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଉଚ୍ଚ ଶିକ୍ଷାନୁଷ୍ଠାନର ଶୈକ୍ଷିକ ମାନଦଣ୍ଡ ଏବଂ ପ୍ରଶାସନିକ ଦକ୍ଷତା ବଜାୟ ରଖିବା ପାଇଁ ଅଧ୍ୟାପକ/ଅଧ୍ୟାପିକାଙ୍କ ଦକ୍ଷତା ପରଖିବାକୁ ବିଭାଗ ନିଷ୍ପତ୍ତି ନେଇଥିଲା। ଦକ୍ଷତା ବିହୀନ ବା ଅପାରଗ ଅଧିକାରୀ ଓ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇ ବିଦା କରିବାକୁ ଯୋଜନା କରିଥିଲା। ସେମାନଙ୍କ ସର୍ଭିସ ରେକର୍ଡ, ପ୍ରତିକୂଳ ମନ୍ତବ୍ୟ, କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ରିପୋର୍ଟ, ସାଧୁତା ସ୍ଥିତି ଏବଂ ସାମଗ୍ରିକ ଆଚରଣକୁ ଯାଞ୍ଚ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ପ୍ରତିକୂଳ ମନ୍ତବ୍ୟ ଭାବେ କାହାକୁ ବିବେଚନା କରାଯିବ ଏବଂ କର୍ତ୍ତବ୍ୟ ପ୍ରତି ଅନାଗ୍ରହକୁ କେଉଁ ମାପଦଣ୍ଡରେ ମପାଯିବ ତାକୁ ନେଇ ବିତର୍କ ସୃଷ୍ଟି ହୋଇଥିଲା। ଏଣୁ ବ୍ୟକ୍ତିଗତ ଶତ୍ରୁତା ବା ରାଗ ଥିଲେ ଅଧ୍ୟାପକଙ୍କ ବିରୋଧରେ ପ୍ରତିକୂଳ ରିପୋର୍ଟ ଦେବାର ଆଶଙ୍କା ସୃଷ୍ଟି ହୋଇଥିଲା।

**କୌଣସି ଶିକ୍ଷାନୁଷ୍ଠାନରୁ ଆସିଲା ନାହିଁ ଗୋଟିଏ ବି ରିପୋର୍ଟ**

ମାତ୍ର କୌଣସି ଶିକ୍ଷାନୁଷ୍ଠାନରୁ କୌଣସି ରିପୋର୍ଟ ନ ଆସିବା ପରେ ସବୁ କଳ୍ପନାଜଳ୍ପନାର ଅବସାନ ଘଟିଛି। ଅର୍ଥାତ୍ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟ କରୁଥିବା ସବୁ ଅଧ୍ୟାପକ, କର୍ମଚାରୀମାନେ ପୂରା ପାରଙ୍ଗମ ଓ ସେମାନଙ୍କ ବିରୋଧରେ ବିଭାଗ ମିଛ ଅଭିଯୋଗ ଆଣିଥିବା କୁହାଯାଉଛି। ଅନ୍ୟପକ୍ଷରେ ଶିକ୍ଷାବିତ୍‌ମାନେ ଏହି ପ୍ରସଙ୍ଗରେ ଭିନ୍ନମତ ପୋଷଣ କରିଛନ୍ତି। ନିର୍ଦ୍ଦିଷ୍ଟ ମାନଦଣ୍ଡ ପ୍ରସ୍ତୁତ କରା ନ ଯିବା ଓ ଅପାରଗତାର ସଂଜ୍ଞା ନିର୍ଦ୍ଧାରଣ କରା ନ ଯିବା ଦ୍ୱାରା କୌଣସି ଉଚ୍ଚଶିକ୍ଷା ଅନୁଷ୍ଠାନ କାହାରି ନାମ ସୁପାରିସ କରିବାକୁ ଚାହିଁ ନାହାନ୍ତି। ଫଳରେ ଫଳରେ ସରକାରଙ୍କ ଏହି ପ୍ରୟାସ ଏକ ପ୍ରକାର ଅସଫଳ ହୋଇଥିବା ଶିକ୍ଷାବିତମାନେ ମତବ୍ୟକ୍ତ କରିଛନ୍ତି। କଲେଜ ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନୁହେଁ, ବରଂ ସରକାର ଏକ ସ୍ୱତନ୍ତ୍ର ଯାଞ୍ଚ ପ୍ରକ୍ରିୟାରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ତଦନ୍ତ କଲେ ଅପାରଗ ଅଧିକାରୀଙ୍କୁ ବିଦା କରାଯାଇ ପାରିବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ଅଧିକାଂଶ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଶହଶହ କର୍ମଚାରୀ ଗୋଟିଏ ସ୍ଥାନରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଛନ୍ତି। ଏପରିକି କିଛି କର୍ମଚାରୀ ନିଯୁକ୍ତି ପରଠାରୁ ଅବସର ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ରହୁଥିବା ଦେଖାଯାଉଛି। ଅନେକ ସ୍ଥାନରେ କଲେଜଗୁଡ଼ିକରେ ଏହି କର୍ମଚାରୀମାନେ ଶିକ୍ଷା ଅପେକ୍ଷା ଅଧିକ ଅଣ ଶୈକ୍ଷିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି। ତେଣୁ ସେମାନଙ୍କୁ ହଟାଇବା କାଠିକର ପାଠ ହୋଇଛି। ଏହି ସମୟରେ ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ଉଚ୍ଚଶିକ୍ଷା ବିଭାଗରୁ ରିପୋର୍ଟ ମିଳିବା ପରେ ବିଶେଷଜ୍ଞ କମିଟି ଦ୍ୱାରା ଏହାକୁ ଯାଞ୍ଚ କରାଯାଇ 'ଅପାରଗ'ଙ୍କ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ଉତ୍ତର ରଖିଛନ୍ତି। ମାତ୍ର ଯେଉଁଠି ମୂଳରୁ ରିପୋର୍ଟ ହିଁ ଆସିନାହିଁ, ସେଠାରେ ବିଶେଷଜ୍ଞ କମିଟି କି ଯାଞ୍ଚ କରିବେ ଓ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ?

# ଓଡ଼ିଆ ଗୀତକୁ ଟ୍ୱିଟ୍ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୨।୩ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଓଡ଼ିଆ ଗୀତ 'ଜୟ ମା ଦୁର୍ଗେ, ଦୁର୍ଗତିନାଶିନୀ ମା', ସିଂହବାହିନୀ ଶକ୍ତିଦାୟିନୀ' କୁ ନିଜର 'ଏକ୍ସ' ହ୍ୟାଣ୍ଡେଲ୍‌ରେ ପୋଷ୍ଟ କରିଛନ୍ତି। ଏହାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା ହେଉଥିବା ବେଳେ ଗୀତଟିରେ କଣ୍ଠଦାନ କରିଥିବା ଓଡ଼ିଶାର ଆଗଧାଡ଼ିର କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ମଧ୍ୟ ଏହାକୁ ନେଇ ବେଶ୍ ଖୁସି ଥିବା କହିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ତାଙ୍କର ସୋସିଆଲ ସାଇଟ୍‌ରେ ମୋର ଏହି ଗୀତଟିକୁ ପୋଷ୍ଟ କରିବା ମୋ ପାଇଁ, ଓଡ଼ିଆ ଗୀତ ଓ ଓଡ଼ିଶାବାସୀଙ୍କ ପାଇଁ ଏକ ଗର୍ବର କଥା ବୋଲି କହିଛନ୍ତି। ସାରା ଦେଶରେ ଏବେ ଚୈତ୍ର ନବରାତ୍ର ଚାଲିଥିବା ବେଳେ ମା'ଙ୍କ ଉପରେ ଆଧାରିତ ଏହି ଓଡ଼ିଆ ଗୀତଟିକୁ ପ୍ରଧାନମନ୍ତ୍ରୀ ଶୁଣିବା ଏବଂ ଏହି ଗୀତ ବିଷୟରେ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିବା ନିଶ୍ଚିତ ବଡ଼କଥା। ଏହାସହ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଉକ୍ତ ପୋଷ୍ଟକୁ ରିପୋଷ୍ଟ କରିଛନ୍ତି।



ଗୀତଟିର ଭ୍ୟୁୟର୍ସ ସଂଖ୍ୟା ମଧ୍ୟ ବଢ଼ିଛି। ତେଣୁ ଏହି ଦିନଟି ବହୁତ ସ୍ୱତନ୍ତ୍ର ଏବଂ ଖୁସିର ଦିନ। କାରଣ ଆଜିର ଏହି ପୋଷ୍ଟକୁ ସାରା ବିଶ୍ୱ ଦେଖୁଛି। ଏହାଦ୍ୱାରା ଓଡ଼ିଆ ସଙ୍ଗୀତ ଓ ଓଡ଼ିଆ ଗୀତର ଗାରିମା ବିଶ୍ୱ ଦରବାରରେ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି। ଶରତ ଚନ୍ଦ୍ର ଦାସଙ୍କ ଏହି ଗୀତଟି ୪ବର୍ଷ ପୂର୍ବରୁ ଦଶହରାରେ ମୁକ୍ତିଲାଭ କରିଥିଲା।

## ବସ୍ତାରେ ଛାତ୍ରୀଙ୍କ ଶବ: ଟ୍ୟୁସନ୍ ମାଷ୍ଟର୍ ଗିରଫ

# ଅପମାନର ପ୍ରତିଶୋଧ ପାଇଁ ହତ୍ୟା

ବାରିପଦା/କରଞ୍ଜିଆ, ୨୨।୩(ସମିସ): ଘରଲୋକଙ୍କ ଅପମାନର ପ୍ରତିଶୋଧ ନେବା ପାଇଁ ନିଷ୍ପାପ ଛାତ୍ରୀକୁ ମାରିଦେଲା। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ବନସାହି ଜଙ୍ଗଲରୁ ଗତକାଲି ଏକ ଅଖାବସ୍ତା ଭିତରୁ ଜଣେ ଅଷ୍ଟମ ଛାତ୍ରୀଙ୍କ ଶବ ଉଦ୍ଧାର ଘଟଣାର ପର୍ଦ୍ଦାଫାସ୍ କରିବା ସହ ଏପରି ଚାଞ୍ଚଲ୍ୟକର ଖୁଲାସା କରିଛି ପୁଲିସ। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ଟ୍ୟୁସନ୍ ମାଷ୍ଟର୍ ତ୍ରିଲୋଚନ ମହାକୁଡ଼କୁ ଗିରଫ କରିଛି। ତ୍ରିଲୋଚନ କରଞ୍ଜିଆ ବିଇଓ କାର୍ଯ୍ୟାଳୟର ଡାଟାଏଣ୍ଟ୍ରି ଅପରେଟର୍ ଭାବେ କାର୍ଯ୍ୟରତ। ସେ ବିବାହିତ ହୋଇଥିବା ବେଳେ ତା'ର ଦୁଇଟି ସନ୍ତାନ ଅଛନ୍ତି। ପୁଲିସ ଆଗରେ ସେ ଦୋଷ ସ୍ୱୀକାର କରିଛି। ଆସନ୍ତାକାଲି ତାକୁ କୋର୍ଟଚାଲାଣ କରାଯିବ ବୋଲି ଏସ୍‌ଡିପିଓ ନବଚରଣ ନାଏକ କହିଛନ୍ତି।

ସୂଚନାନୁଯାୟୀ, ତ୍ରିଲୋଚନ ମୃତ ଛାତ୍ରୀଙ୍କୁ ପୂର୍ବରୁ ଟ୍ୟୁସନ୍ କରୁଥିଲେ। ଏହି ସମୟରେ ସେ ତାଙ୍କୁ ଏକତରଫା ଭଲ ପାଇବା ସହ ପ୍ରେମ ନିବେଦନ କରିଥିଲେ। ଏ ସଂପର୍କରେ ଛାତ୍ରୀଙ୍କ ପରିବାରଲୋକ ଜାଣିବା ପରେ ତାକୁ ଗାଳିମନ୍ଦ କରିଥିଲେ। ପରେ କଥା ପ୍ରଘଟ ହେବାରୁ ତ୍ରିଲୋଚନକୁ ବଦନାମ୍ ମୁଣ୍ଡାଇବାକୁ ପଡ଼ିଥିଲା। ସେବେଠାରୁ ସେ ପ୍ରତିଶୋଧର ନିଆଁରେ ଜଳୁଥିଲା। ଛାତ୍ରୀଙ୍କ ପରିବାରଲୋକଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ସେ ଛାତ୍ରୀଙ୍କୁ ଜୀବନରୁ ମାରିଦେବାକୁ ଯୋଜନା କରିଥିଲା। ଗତ ଶୁକ୍ରବାର ଦିନ ସେ ଛାତ୍ରୀଙ୍କୁ କଥା ହେବା ପାଇଁ ଡାକିଥିଲା। ଛାତ୍ରୀଜଣଙ୍କ



ସେଠାରେ ପହଞ୍ଚିବା ପରେ ତାଙ୍କୁ ଏକ ସ୍କୁଟିରେ ନିଛାଟିଆ ସ୍ଥାନକୁ ନେଇଯାଇଥିଲା। ସେଠାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ତ୍ରିଲୋଚନ ଛାତ୍ରୀଙ୍କ ତଣ୍ଟି ଚିପି ଅଚେତ କରିଦେଇଥିଲା। ପରେ ଅଣ୍ଟାରୁ ବେଲ୍ଟ କାଢ଼ି ସେଥିରେ ଛାତ୍ରୀଙ୍କ ବେକକୁ ଚାପି ଦେଇଥିଲା। ଏଥିରେ ଛାତ୍ରୀଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ, ପ୍ରମାଣ ନଷ୍ଟ କରିବା ପାଇଁ ପ୍ଲାଷ୍ଟିକ୍ ବସ୍ତାରେ ଶବକୁ ଭର୍ତ୍ତି କରି ବାଉଁଶବୁଦା ମୂଳରେ ଫିଙ୍ଗି ଦେଇଥିଲା।

## କଲେଜ ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣା

# ଆଉ ତିନି ଗିରଫ

କାମାକ୍ଷାନଗର, ୨୨।୩(ସମିସ): କାମାକ୍ଷାନଗର ଥାନା ସାରୁଆଳି ଗ୍ରାମ ନିକଟ ଜଙ୍ଗଲରୁ କଲେଜ ଛାତ୍ରୀଙ୍କ ମୃତଦେହ ମିଳିବା ଘଟଣାରେ ଶନିବାର ପୁଲିସ ମୁଖ୍ୟ ଅଭିଯୁକ୍ତ କାମାକ୍ଷାନଗର ଥାନା ସାଆନ୍ତାରାପୁର ଗ୍ରାମର ଗଙ୍ଗାଧର ପାତ୍ର ଓରଫ୍ ଜଗାକୁ ଗିରଫ କରିଥିବା ବେଳେ ରବିବାର ଆଉ ତିନିଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କାମାକ୍ଷାନଗର ଥାନା ସାନ ଇନ୍ଦିପୁର ଗ୍ରାମର ଚନ୍ଦନ କୁମାର ନାଏକ, ସାଆନ୍ତାରାପୁର ଗ୍ରାମର ମଦନ ମୋହନ ପାତ୍ର ଓ ପରଜଙ୍ଗ ଥାନା କୁମୁସି

**ମୁଖ୍ୟ ଅଭିଯୁକ୍ତ ସମେତ ୪ କୋର୍ଟ ଚାଲାଣ**

ଗ୍ରାମର ରସାନନ୍ଦ ନାଏକ। ଫଳରେ, ଏହି ଘଟଣାରେ ଗିରଫଦାରୀ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ସେମାନଙ୍କଠାରୁ ପଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଏକ କାର୍, ୩ଟି ମୋବାଇଲ, ମୃତ ଛାତ୍ରୀଙ୍କ ରକ୍ତଭିଜା ଓଢ଼ଣୀ ଓ କଲେଜ ବ୍ୟାଗ୍ ଜବତ କରିଛି। ସମସ୍ତଙ୍କୁ ଡାକ୍ତରୀ ପରୀକ୍ଷା ପରେ କୋର୍ଟଚାଲାଣ କରାଯାଇଛି। କିନ୍ତୁ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଢେଙ୍କାନାଳ ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି। କାମାକ୍ଷାନଗର



ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଢେଙ୍କାନାଳ ଏସପି ଅଭିନବ ସୋନକର ଏହି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଢେଙ୍କାନାଳ ଅତିରିକ୍ତ ଏସ୍‌ପି ଇନ୍ଦୁରେଖା ପଶ୍ଚିମକବାଟ, କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ, ତଦନ୍ତକାରୀ ଅଧିକାରିଣୀ ସ୍ୱର୍ଣ୍ଣଲତା ସାହୁ, ସୁବ୍ରତ କୁମାର ସାହୁ ଓ ସୌମ୍ୟରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଠେଲିଦେଲା ମାଙ୍କଡ଼

# ଛାତରୁ ପଡ଼ି ମହିଳା ମୃତ

ଆଠଗଡ, ୨୨।୩ (ସମିସ): ରବିବାର ଅପରାହ୍ନରେ ଆଠଗଡ଼ ଥାନା ଅନ୍ତର୍ଗତ ରାଜନଗର ଗ୍ରାମରେ ମାଙ୍କଡ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଉଛନ୍ତି ରାଜନଗର ଗ୍ରାମର ଅଭିରାମ ସାହୁଙ୍କ ପତ୍ନୀ ସୁଲୋଚନା (୬୧)। ସେ ଆଜି ଅପରାହ୍ନରେ ଛାତ ଉପରକୁ ଯାଇଥିବା ବେଳେ ତାଙ୍କୁ ଏକ ମାଙ୍କଡ଼ ଆକ୍ରମଣ କରି ଛାତରୁ ପେଲି ଦେଇଥିଲା। ଫଳରେ ସେ ଛାତ ଉପରୁ ତଳକୁ ଖସି ପଡ଼ିଥିଲେ। ତୁରନ୍ତ ତାଙ୍କୁ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଠଗଡ଼ ସଦର ରେଞ୍ଜରେ ଏବେ ମାଙ୍କଡ଼ ଉତ୍ପାତ ବୃଦ୍ଧି ପାଉଥିବା ବେଳେ ଗତ କିଛି ଦିନ ଭିତରେ ଉକ୍ତ ମାଙ୍କଡ଼ ଆକ୍ରମଣରେ ଛଅରୁ ସାତଜଣ ଲୋକ ଆହତ ହୋଇଥିବା ଜଣାପଡ଼ିଛି। ଆକ୍ରମଣ କରୁଥିବା ଏହି ମାଙ୍କଡ଼କୁ ତୁରନ୍ତ କାବୁ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ରାଜ୍ୟସ୍ତରୀୟ ବିଶ୍ୱ ଜଳ ଦିବସ

# ପାଣି ନଷ୍ଟ ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୨୨।୩(ସମିସ): ଜଳର ଗୋଟିଏ ବୁନ୍ଦା ମଧ୍ୟ ବିଶ୍ୱର ଅନେକ ଲୋକଙ୍କ ପାଇଁ ଦୁର୍ମୂଲ୍ୟ। ତେଣୁ ଜଳର ଗୋଟିଏ ବୁନ୍ଦା ଯେପରି ନଷ୍ଟ ନ ହୁଏ, ସେଥିପାଇଁ ସମସ୍ତଙ୍କୁ ଶପଥ ନେବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର ସ୍ଥାନୀୟ ଲୋକସେବା ଭବନ କନଭେନସନ ସେଣ୍ଟରରେ ଅନୁଷ୍ଠିତ ରାଜ୍ୟ



■ ବିକଶିତ ଓଡ଼ିଶା ପାଇଁ ଜଳ ସୁରକ୍ଷା ହିଁ ପ୍ରମୁଖ ସର୍ତ୍ତ
■ କୌଣସି ଚାଷଜମି ଜଳାଭାବର ଶିକାର ହେବନାହିଁ

ସ୍ତରୀୟ ବିଶ୍ୱ ଜଳ ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଳ ଅପଚୟ ନ କରିବାର ବାର୍ତ୍ତା ପ୍ରତିଟି ଘରେ ପହଞ୍ଚିବା ଦରକାର। ପିଲାମାନଙ୍କୁ ସ୍କୁଲରୁ ହିଁ ପାଣି ବଞ୍ଚେଇବାର ଶିକ୍ଷା ଦେବାକୁ ପଡ଼ିବ। କାରଣ ସେମାନେ ହିଁ ଆଗାମୀ ଦିନର ଜଳ ସୈନିକ ହେବେ।

ମୁଖ୍ୟମନ୍ତ୍ରୀ ପ୍ରତି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଜଳାଭାବକୁ ଦୂର କରିବା ଉପରେ ଗୁରୁତ୍ୱ ଦେବା ସହିତ ଜଳ ସେବା କ୍ଷେତ୍ରରେ ସମସ୍ତଙ୍କ ପାଇଁ ସୁଲଭ ଜଳ ଉପଲବ୍ଧ ହେବ ବୋଲି କହିଥିଲେ। ଜଳ ପରିଚାଳନାରେ ଲିଙ୍ଗଗତ ବୈଷମ୍ୟ ଦୂର କରିବା ସହିତ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଆମର ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଜଳ ସୁରକ୍ଷା ହେଉଛି ପ୍ରମୁଖ ସର୍ତ୍ତ। ଏଥିପାଇଁ ମହିଳା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ଜଳସାଥୀ ଭାବେ ନିୟୋଜିତ କରାଯାଇଛି। ସେଥିପାଇଁ ଚଳିତ ବର୍ଷର ବିଶ୍ୱ ଜଳ ଦିବସର ବିଷୟବସ୍ତୁ "ଜଳ ଏବଂ ଲିଙ୍ଗଗତ ସମାନତା'କୁ ଆଧାର କରି ସମସ୍ତ ରାଜ୍ୟବାସୀଙ୍କୁ ଜଳ ସୁରକ୍ଷା ପାଇଁ ଆଗେଇ ଆସିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ।

ଆଗାମୀ ଦିନମାନଙ୍କରେ ଓଡ଼ିଶାର ଜଳ ସେଚନ ସୁବିଧା ପାଇଁ ଶସ୍ୟର ସାନ୍ଦ୍ରତାକୁ ୨୦୩୬ ସୁଦ୍ଧା ୨୨୦ ପ୍ରତିଶତ ଏବଂ ୨୦୪୭ ସୁଦ୍ଧା ୨୫୦ ପ୍ରତିଶତକୁ ବୃଦ୍ଧି କରିବା ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୬୧୨ କୋଟି ଟଙ୍କାର ବହୁମୂଲ୍ୟ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରୁ ପ୍ରାୟ ୨୨୯୨ କୋଟି ଟଙ୍କାର ୧୭ ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିବା ବେଳେ ପ୍ରାୟ ୩୨୦ କୋଟି ଟଙ୍କାର ବ୍ୟୟ ବରାଦରେ ୧୨୪ ଟି ପ୍ରକଳ୍ପର ଶୁଭ ଉଦଘାଟନ ହୋଇଛି। ରାଜୀବ ଭବନ ଠାରେ ଶିଶୁ ଯତ୍ନ କେନ୍ଦ୍ର "କଳିକା"ର ଉଦଘାଟନ ହେବା ସହିତ ଏଆଇ ଚାଳିତ ନାଗରିକ ମତାମତ ବ୍ୟବସ୍ଥା "ବିନ୍ଦୁ' ଚାଟବୋଟ'ର ପ୍ରୟୋଗିକ ଶୁଭାରମ୍ଭ କରାଯାଇଛି। ଏଥି ସହିତ ଜଳ ସମ୍ପଦ ବିଭାଗ ପକ୍ଷରୁ କେନ୍ଦ୍ରୀୟ ଜଳ ଆୟୋଗଙ୍କ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସହ ଏକ କଫି ଟେବୁଲ ବୁକ୍ "ସୁଜଳା' ଏବଂ ନଦୀ ମାନଚିତ୍ର ବହିର ଉନ୍ମୋଚନ ମଧ୍ୟ ହୋଇଥିଲା। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଲିଙ୍ଗରାଜ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ବିପଦରେ ଶିମିଳିପାଳ କଳାବାଘ

## ଡିଲ୍ ବେଳେ କଳାବାଘ ଛାଲ ଜବତ; ୫ ଅଟକ

ବାରିପଦା, ୨୨।୩ (ସମିସ): ବିପଦରେ ଶିମିଳିପାଳର ବିରଳ କଳା ବାଘ (ମିଲେନାଷ୍ଟିକ)। ଆଜି ବାରିପଦା ବନଖଣ୍ଡ ଅନ୍ତର୍ଗତ କୁଳିଅଣା ଅଞ୍ଚଳରୁ କଳା ବାଘ ଛାଲ ଜବତ ହେବା ପରେ ବନ୍ୟପ୍ରାଣୀପ୍ରେମୀଙ୍କ ମଧ୍ୟରେ ଏପରି ଆଶଙ୍କା ପ୍ରକାଶ ପାଇଛି। କିଛି ଦୁର୍ବୃତ୍ତ କଳାବାଘ ଛାଲ ବିକ୍ରି ପାଇଁ ମୂଲଚାଲ କରୁଥିବା ବେଳେ ବନ ବିଭାଗ ସେଠାରେ ଚଢ଼ଉ କରି ୫ଜଣଙ୍କୁ ଧରିବା ସହ ସେମାନଙ୍କଠାରୁ ଗୋଟିଏ ବାଘଛାଲ ଜବତ କରିଛି। ବନ ବିଭାଗ ଅଭିଯୁକ୍ତମାନଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏହି ଘଟଣାରେ ଆଉ କିଛି ଦୁର୍ବୃତ୍ତଙ୍କ ସଂପୃକ୍ତି ଥିବା ସନ୍ଦେହ କରାଯାଉଛି। ତେଣୁ, ସବିଶେଷ ତଥ୍ୟ ଦେବାକୁ ବନ ବିଭାଗ ମନା କରିଦେଇଛି। ତଦନ୍ତ ସରିଲେ ସମସ୍ତ ବିବରଣୀ ଗଣମାଧ୍ୟମକୁ ପ୍ରଦାନ କରାଯିବ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ କୁମାର ବିଶ୍ୱାଳ କହିଛନ୍ତି। ଅପରପକ୍ଷେ, ଘଟଣାକୁ ଗୁରୁତ୍ୱର ସହ ନେଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ନିଜେ ତଦନ୍ତ କରୁଛନ୍ତି।

ବିରଳ କଳାବାଘ ପାଇଁ ଶିମିଳିପାଳ ବିଶ୍ୱ ଦରବାରରେ ପରିଚିତ ହୋଇଥିବା ବେଳେ ଏବେ



■ କାହାକୁ ଜଗିଛି ଏଆଇ କ୍ୟାମେରା ?
■ ବନ୍ୟପ୍ରାଣୀପ୍ରେମୀ ମହଲରେ ଉଦ୍‌ବେଗ

ସେମାନଙ୍କ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ବାଘ ସୁରକ୍ଷା ପାଇଁ ଶିମିଳିପାଳରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଟ୍ରାପ୍ କ୍ୟାମେରାଠାରୁ ଆରମ୍ଭ କରି ଏ.ଆଇ କ୍ୟାମେରା, ୨୪ଘଣ୍ଟିଆ ପାଟ୍ରୋଲିଂ କରାଯାଉଛି। ଏସବୁ ପାଇଁ ସରକାର ପାଣି ଭଳି କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଏସବୁ ସତ୍ତ୍ୱେ ଜଙ୍ଗଲ ମଧ୍ୟରେ କଳାବାଘ ଶିକାର ହେବା ଓ ତା'ର ଛାଲ ପାଇଁ ମୂଲଚାଲ ହେବା ତମାମ ବ୍ୟବସ୍ଥା ଓ ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ, କେବଳ ଗୋଟିଏ କଳାବାଘ ଶିକାର ହୋଇଛି ନା ପୂର୍ବରୁ ବି କିଛି ଶିକାରୀ ଜାଲରେ ମରିଛନ୍ତି, ତାହା ତଦନ୍ତସାପେକ୍ଷ।

ସୂଚନାନୁଯାୟୀ, ରବିବାର ସକାଳେ କୁଳିଅଣା ଅଞ୍ଚଳରେ ବାଘଛାଲ ବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନ ବିଭାଗ ସେଠାରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ, ପ୍ରଥମେ ୨ ପରେ ଆଉ ୩ଜଣଙ୍କୁ ମିଶାଇ ମୋଟ ୫ଜଣଙ୍କୁ ବନବିଭାଗ କାବୁ କରିଥିବା ବେଳେ ସେମାନଙ୍କଠାରୁ ଗୋଟିଏ କଳାବାଘ ଛାଲ ଜବତ ହୋଇଛି। ବାଘଛାଲ କେଉଁଠୁ ଆସିଛି ଓ କିଏ ନେବାକୁ ଚାହିଁଥିଲା, ତାହାକୁ ନେଇ ବନ ବିଭାଗ ତଦନ୍ତକ ଜୋରଦାର କରିଛି।

ଅପରପକ୍ଷେ, ଏ ସଂପର୍କରେ ରାଜ୍ୟ ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ତଥା ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି ଯେ ଶିମିଳିପାଳରେ ଶହଶହ କ୍ୟାମେରା ଲାଗିଥିବା ବେଳେ ଶିକାରୀଙ୍କ ଅନୁପ୍ରବେଶକୁ ନେଇ ବନ ବିଭାଗର ଦମ୍ଭୋକ୍ତି ପଦାରେ ପଡ଼ିଛି। ବିଶ୍ୱସ୍ତରରେ ଶିମିଳିପାଳର ପରିଚୟ ସୃଷ୍ଟି କରୁଥିବା କଳାବାଘକୁ ଶିକାରକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। କୋର୍ ଅଞ୍ଚଳରେ ଶିକାରୀମାନେ ପ୍ରବେଶ କରି କଳାବାଘ ଶିକାର କରିବା ପରେ ବଜାରରେ ବିକ୍ରି କରିବା ଅତ୍ୟନ୍ତ ନିନ୍ଦନୀୟ। ଏହା ବିଭାଗର କାର୍ଯ୍ୟକଳାପକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ରୋକା ନଗଲେ ଅନ୍ତର୍ଜାତୀୟ ବାଘଛାଲ ବେପାରୀମାନେ କଳାବାଘ ବଂଶକୁ ଶେଷ କରିଦେବା ସୁନିଶ୍ଚିତ।

## ଖୋଲିଲା କୁମାରସ୍ୱାମୀ ହତ୍ୟା ଗୁମର

# ସାମାନ୍ୟ ବଚସାରୁ ଛୁରି ଭୁସିଥିଲେ

ଭଦ୍ରକ,୨୨।୩(ସମିସ): ବହୁଚର୍ଚ୍ଚିତ ଭଦ୍ରକ ସହର ଚରମ୍ପା ଗୁଣ୍ଠୁଣିଆ ବଜାରରେ ସଂଘଟିତ ସି. କୁମାରସ୍ୱାମୀ (୨୪) ହତ୍ୟା ଘଟଣାର ପର୍ଦ୍ଦାଫାସ୍ କରିଛି ଟାଉନ ଥାନା ପୁଲିସ। ଏହି ଘଟଣାରେ ପୁଲିସ ୪ଅଭିଯୁକ୍ତଙ୍କ ମଧ୍ୟରୁ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛି। ତାକୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯରାଇଛି। ଖୁବ୍‌ଶୀଘ୍ର ଚତୁର୍ଥ ଅଭିଯୁକ୍ତକୁ ଧରାଯିବ ବୋଲି ଭଦ୍ରକ ସିଟି ଡିଏସ୍‌ପି ଅନିଲ ପ୍ରଧାନ ଟାଉନ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

**ନାବାଳକ ସମେତ ୩ ଗିରଫ**

ସୂଚନାଯୋଗ୍ୟ, ଗତ ୮ ତାରିଖ ରାତିରେ ଚରମ୍ପା ଗୁଣ୍ଠୁଣିଆ ବଜାର ନିକଟରେ ସି. ରମେୟାଙ୍କ ପୁଅ ସି. କୁମାରସ୍ୱାମୀଙ୍କୁ ୪ ଦୁର୍ବୃତ୍ତ ଛୁରି ଭୁସି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ପରେ ସେମାନେ ଫେରାର୍ ହୋଇଯାଇଥିଲେ। ଭଦ୍ରକ ଟାଉନ୍ ପୁଲିସର ସ୍ୱତନ୍ତ୍ର ଟିମ୍ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ କରିଥିଲେ। ଶେଷରେ ଏହି ହତ୍ୟାକାଣ୍ଡ ଘଟଣାର ୪ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣଙ୍କୁ ଟାଉନ ପୁଲିସ ବାଲେଶ୍ୱର, କେନ୍ଦ୍ରାପଡ଼ା ଓ କେନ୍ଦୁଝର ଜିଲ୍ଲାରୁ ଧରିବାରେ ସଫଳ ହୋଇଥିବା ବେଳେ ଜଣେ ଅଭିଯୁକ୍ତ ଏବେ ବି ଫେରାର୍ ରହିଥିବା ଜଣାଯାଇଛି। ବଚସାରୁ ଏହି ହତ୍ୟାକାଣ୍ଡ ଘଟିଥିବା ନେଇ ସିଟି ଡିଏସ୍‌ପି ଶ୍ରୀ ପ୍ରଧାନ କହିଛନ୍ତି। ଅଭିଯୁକ୍ତମାନଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରିକୁ ପୁଲିସ ଜବତ କରିଛି। ଅଭିଯୁକ୍ତ ମଧ୍ୟରୁ ଜଣେ ନାବାଳକ ଥିବା ବେଳେ ଅନ୍ୟ ୨ଜଣ ହେଲେ ହିମାଂଶୁ ମିଶ୍ର ଓ ବିଶ୍ୱଜିତ୍ ବେହେରା। ଫେରାର୍ ଅଭିଯୁକ୍ତ ହେଉଛି ବିଶ୍ୱନାଥ ଧଡ଼ା। ଏହି ହତ୍ୟାକାଣ୍ଡ ଘଟଣାରେ ଧରାପଡ଼ିଥିବା ଅଭିଯୁକ୍ତମାନଙ୍କର ଆଉ କେଉଁକେଉଁ ଥାନାରେ ଅଭିଯୋଗ ରହିଛି, ତାହାକୁ ନେଇ ଅଧିକ ତଦନ୍ତ ଚଳାଇଛି ଭଦ୍ରକ ଟାଉନ ପୁଲିସ।

## କମିସନରେଟ୍ ପୁଲିସର ବିଚିତ୍ର ବ୍ୟବସ୍ଥା

# ଖତ ଖାଉଛି କୋଟିଏ ଟଙ୍କାର ପିସିଆର୍ ବାଇକ୍ ଓ ସ୍କୁଟି

## ବାଇକ୍ ଓ ସ୍କୁଟି ପିଛା ମାସିକ ୩୦ଲିଟର ପେଟ୍ରୋଲ୍ ଯାଉଛି କୁଆଡେ?

କଟକ, ୨୨।୩ (ସମିସ): କମିଶନରେଟ୍ ପୁଲିସ ପକ୍ଷରୁ ସହରରେ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ନିମନ୍ତେ ଥାନାୱାରୀ ପିସିଆର୍ ବାଇକ୍ ଓ ସ୍କୁଟି ଯୋଗାଇ ଦିଆଯାଇଥିଲା। ଲକ୍ଷ୍ୟ ଥିଲା, କଟକ ସହରର ଗଳିକନ୍ଦିରେ ପୁଲିସ ସହଜରେ ପାଟ୍ରୋଲିଂ କରିବା ସହ ଲୋକଙ୍କ ପାଖକୁ ଖୁବଶୀଘ୍ର ପହଞ୍ଚିପାରିବ। କିନ୍ତୁ, ୨ବର୍ଷ ତଳେ କିଣାଯାଇଥିବା ନୂଆ ବାଇକ୍ ଓ ସ୍କୁଟିଗୁଡ଼ିକ ଏବେ ଥାନା ପରିସରରେ ଖତ ଖାଉଛି। ପୂର୍ବରୁ ବକ୍ସିବଜାର ରିଜର୍ଭ ପଡ଼ିଆ କଡ଼ରେ ଶତାଧିକ ବାଇକ୍ ନଷ୍ଟ ହେଉଥିବା ବେଳେ ଏବେ ଥାନା ପରିସରରେ ୭୨ଟି ନୂଆ ବାଇକ ଓ ସ୍କୁଟି ନଷ୍ଟ ହେବାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। କୋଟିଏ ଟଙ୍କାର ସରକାରୀ ସମ୍ପତ୍ତି ବାହାରେ ଖରାବର୍ଷାରେ ପଡ଼ି କଳଙ୍କି ଲାଗୁଥିବା ବେଳେ ଏଥିପ୍ରତି ପୁଲିସ କର୍ମଚାରୀଙ୍କ ନିଘା ନାହିଁ। ଏହି ବାଇକ୍‌ଗୁଡ଼ିକ ଆଦୌ ବ୍ୟବହାର କରାଯାଉନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରତି ବାଇକ୍ ଓ ସ୍କୁଟି ପିଛା ମାସକୁ ଥାନାୱାରୀ ୨୫ରୁ ୩୦ ଲିଟର ପେଟ୍ରୋଲ୍ ଯୋଗାଇ ଦିଆଯାଉଛି। ଏବେ ଏହି ତେଲ ବାବଦରେ ଟଙ୍କା ଉଠାଣ ହେଉଥିବା ବେଳେ ପିସିଆର୍ ବାଇକ୍‌କୁ ବ୍ୟବହାର କରାଯାଉନାହିଁ। ତେଣୁ, ସେ ବାବଦରେ ଉଠାଣ ହେଉଥିବା ଟଙ୍କା କୁଆଡ଼େ ଯାଉଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କଟକ ୟୁପିଡିର ସମସ୍ତ ଥାନାରେ ବିଭିନ୍ନ ସମୟରେ ପାଟ୍ରୋଲିଂ ନିମନ୍ତେ ଦୁଇ ଚକିଆ ଯାନ ଯୋଗାଇ ଦିଆଯାଉଛି। ନୂଆ ଗାଡ଼ି ଯୋଗାଇ ଦିଆଯିବା ପରେ ପୁରୁଣା ପିସିଆର୍ ବାଇକ୍‌କୁ ତଦନ୍ତକାରୀ ଅଫିସର, କନେଷ୍ଟବଳ ତଥା ପୁଲିସ କର୍ମଚାରୀ ଆଉ ଚଲାଉନାହାନ୍ତି। ଏହି ପରିସ୍ଥିତିରେ ଗାଡ଼ିଗୁଡ଼ିକ ବ୍ୟବହାର ଉପଯୋଗୀ ଥିଲେ ମଧ୍ୟ ତାହା ଥାନା ପରିସରରେ ପଡ଼ି ଖତ ଖାଉଥିବା ଦେଖିବାକୁ ମିଳୁଛି। ମହିଳା ପୁଲିସଙ୍କ ନିମନ୍ତେ ମାତ୍ର ଦେଢ଼ବର୍ଷ ତଳେ କିଣାଯାଇଥିବା ସ୍କୁଟିଗୁଡ଼ିକ ବ୍ୟବହାର ନହେବାରୁ ସେଗୁଡ଼ିକ ଏବେ ନଷ୍ଟ ହୋଇଗଲାଣି। 'ନିର୍ଭୟା' ପାଣ୍ଠିରୁ ମହିଳାଙ୍କ ସୁରକ୍ଷା କ୍ଷେତ୍ରରେ ବ୍ୟବହାର ପାଇଁ ମିଳିଥିବା ସ୍କୁଟିଗୁଡ଼ିକ ଥାନା ପରିସରରେ ଆଉ ଦେଖିବାକୁ ମିଳୁନାହିଁ। ଦେଢ଼ ବର୍ଷ ପୂର୍ବରୁ ମହିଳା ଅଫିସରମାନଙ୍କୁ ଧଳା ସ୍କୁଟି ଯୋଗାଇ ଦିଆଯିବା ପରଠାରୁ ନିର୍ଭୟା ପାଣ୍ଠିରୁ ମିଳିଥିବା ନାଲି ସ୍କୁଟି ଗୁଡ଼ିକ କେଉଁଆଡ଼େ ଗାଏବ ହୋଇଯାଇଛି। ସେହିପରି, ବରିଷ୍ଠ ନାଗରିକଙ୍କ ସୁରକ୍ଷା ନିମନ୍ତେ ଥାନାୱାରୀ ଥିବା ପିସିଆର୍ ବାଇକ୍‌ଗୁଡ଼ିକ ବ୍ୟବହାର ନ ହେବାରୁ ସେଗୁଡ଼ିକ ସେମିତି ଜବତ ହୋଇଥିବା ଗାଡ଼ି ପାଖରେ ଗଦା ହୋଇ ରହିଛି। ବିଦ୍ୟୁତ୍ ଥାନା, ମହିଳା ଥାନା ଓ ସାଇବର ଥାନାକୁ ବାଦ ଦେଇ ଅନ୍ୟ ସମସ୍ତ ଥାନାଗୁଡ଼ିକୁ ୪ଟି ଲେଖାଁଏ ପିସିଆର୍ ବାଇକ ଓ ସ୍କୁଟି ଯୋଗାଇ ଦିଆଯାଇଥିଲା। ୨ଟି ଟ୍ରାଫିକ୍ ଥାନାକୁ ୨୦ରୁ ଅଧିକ ବାଇକ୍ ଦିଆଯାଇଥିଲା। ଏହାକୁ ଛାଡ଼ି ତଦନ୍ତକାରୀ ଅଫିସରଙ୍କ ନିମନ୍ତେ ଧଳା ଆପାଚି ପ୍ରଦାନ କରାଯାଇଥିଲା। ହେଲେ ଅଫିସର୍‌ମାନେ ପିସିଆର୍ ଭ୍ୟାନ୍ ବ୍ୟବହାର କରୁଥିବା ବେଳେ ପିସିଆର୍ ବାଇକ୍‌ଗୁଡ଼ିକ କୌଣସି କାର୍ଯ୍ୟରେ ଲାଗୁ ନାହିଁ। ପିସିଆର୍ ବାଇକ୍ ନିମନ୍ତେ ମାସିକ ତେଲ କୋଟା ଛାଡ଼ିବାକୁ କୌଣସି ଥାନା ପ୍ରସ୍ତୁତ ନଥିବା ବେଳେ ବାଇକ୍‌ଗୁଡ଼ିକର ରକ୍ଷଣାବେକ୍ଷଣ କରିବା ଲାଗି କେହି ଧ୍ୟାନ ଦେଉନଥିବାର ଜଣେ ବରିଷ୍ଠ ପୁଲିସ ଅଧିକାରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି।

କେତେକ ଥାନାରେ ପିସିଆର୍ ବାଇକ୍‌ଗୁଡ଼ିକ ନେଇ ପୁଲିସ ବାବୁମାନେ ନିଜ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ସରକାରୀ ତହବିଲ୍‌ରୁ ଟଙ୍କା ଆଣି ଏଭଳି ଅପବ୍ୟବହାର କରାଯାଉଥିଲେ ମଧ୍ୟ ସେଥିପ୍ରତି ଉପରିସ୍ଥ ଅଫିସରଙ୍କ ନିଘା ରହୁନାହିଁ।

ପ୍ରାପ୍ତ ସୂଚନାନୁସାରେ, ପିସିଆର୍ ବାଇକ୍ ଓ ସ୍କୁଟିଗୁଡ଼ିକ ୭ବର୍ଷ କିମ୍ବା ଦେଢ଼ ଲକ୍ଷ କିଲୋମିଟର ଯାତ୍ରା କରିଥିଲେ, ତାହା ବ୍ୟବହାର ଉପଯୋଗୀ ନୁହେଁ। ଉକ୍ତ ଗାଡ଼ିଗୁଡ଼ିକୁ ବ୍ୟବହାର ଅନୁପଯୋଗୀ ବୋଲି ପୁଲିସ ପକ୍ଷରୁ ଡିସିପି, ଏମଭିଆଇ, ଆଇଜି ର୍ୟାଙ୍କର ଅଫିସର୍, ପୁଲିସ ମୋଟର ଟ୍ରାନ୍ସପୋର୍ଟ ଇନ୍ସପେକ୍ଟର୍, ରିଜର୍ଭ ଇନ୍ସପେକ୍ଟରଙ୍କୁ ନେଇ ଏକ କମିଟି ନିଷ୍ପତ୍ତି ନେବ। ଏହାପରେ ଏହି କମିଟି ଏକ ବିଜ୍ଞପ୍ତି ପ୍ରକାଶ କଲେ, ଗାଡ଼ିଗୁଡ଼ିକ ନିଲାମ ହେବାର ନିୟମ ରହିଛି। ହେଲେ, ଏସବୁ ନହୋଇ ଥାନାଗୁଡ଼ିକରେ କୋଟିଏ ଟଙ୍କାର ବାଇକ୍ ଓ ସ୍କୁଟି ଖତ ଖାଉଥିବା ଦୃଶ୍ୟ ବେଶ୍ ଚିନ୍ତାଜନକ। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ଉଠିଛି।

# ଜାତୀୟ ମାନବାଧିକାର କମିଶନର ପ୍ରତିନିଧିଙ୍କ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିଦର୍ଶନ




ଜୟପୁର, ୨୨।୩(ସମିସ): ଦିଲ୍ଲୀ ଜାତୀୟ ମାନବାଧିକାର କମିଶନର ସ୍ୱତନ୍ତ୍ର ମନିଟର ପ୍ରଫେସର କହ୍ନାୟା ତ୍ରିପାଠୀ ଆଜି ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟକୁ ପରିଦର୍ଶନ କରିଥିଲେ। ଏହିଅବସରରେବିଶ୍ୱବିଦ୍ୟାଳୟପକ୍ଷରୁ ଆୟୋଜିତ ଏକ ସଭା କାର୍ଯ୍ୟରେ ମୁଖ୍ୟଅତିଥି ଭାବେ ପ୍ରଫେସର ତ୍ରିପାଠୀ ଯୋଗଦେଇ କୌଣସି ମଧ୍ୟ ଶିକ୍ଷାନୁଷ୍ଠାନରେ ଲିଙ୍ଗଗତ ବୈଷମ୍ୟ ଉପରେ କଟକଣା ରହିଛି। ଏହାକୁ କଡାକଡି ଭାବେ ପାଳନ କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଏହିପରି ସମସ୍ତ ବିଶ୍ୱବିଦ୍ୟାଳୟର ପରିସରରେ ସାଇବର ଏବଂ ମାନବାଧିକାର ସେଲ ଗଠନ କରିବା ସହିତ କୌଣସି ବ୍ୟକ୍ତିର ମାନବାଧିକାର ଯେଉଁଭଳି କ୍ଷୁର୍ଣ୍ଣ ହେବ ନାହିଁ । ସେଥିପାଇଁ ସମସ୍ତେ ଧ୍ୟାନ ସହିତ ଗୁରୁତ୍ୱ ଦେବାକୁ କହିଥିଲେ। ଏହିପରି ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀ କମନରୁମରେ ଛାତ୍ରୀ ଓ ମହିଳା ମାନଙ୍କ ବ୍ୟକ୍ତିଗତ ଏବଂ ଶାରରୀକ ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ରଖିବାର ବ୍ୟବସ୍ଥା, ସେହିପରି ଶିକ୍ଷାନୁଷ୍ଠାନରେ ପରିବେଶ, ସଫେଇ ଉପରେ ମଧ୍ୟ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ମାନେ ସଚେତନ ହେବା ସହିତ ଏହାକୁ ଏକ କର୍ତ୍ତବ୍ୟ ଭାବେ ଗ୍ରହଣ କରିବା ସହିତ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ବିଶ୍ୱବିଦ୍ୟାଳୟ ପରିସରରେ ରହିଥିବା ଇନ୍ଦ୍ରାବତୀ ଏବଂ ପିଏମଜି-୪ ଛାତ୍ରୀ ନିବାସ ପରିଦର୍ଶନ କରିବା ସହିତ ଅନ୍ତେବାସୀଙ୍କୁ ସେମାନଙ୍କ ସମସ୍ୟା ନେଇ ପଚାରି ବୁଝିଥିଲେ। ପୂର୍ବାହ୍ନରେ ପ୍ରଫେସର ତ୍ରିପାଠୀ ବିଶ୍ୱବିଦ୍ୟାଳୟ ପରିସରରେ ପହଞ୍ଚିବା ପରେ କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ, ବିକ୍ରମଦେବ ଜୁନିୟର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଲକ୍ଷ୍ମଣ ପାତ୍ର ଏବଂ ଅଧ୍ୟାପକ ଅଧ୍ୟାପିକା ମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ଏନ୍‌ସିସି ଛାତ୍ରଛାତ୍ରୀ ମାନେ ଅଭିବାବଦନ ପ୍ରଦାନ କରିଥିଲେ।

## ଅନ୍ୟ ଜାତିର ଝିଅକୁ ପ୍ରେମ ବିବାହ ପଡ଼ିଲା ମହଙ୍ଗା

# ଲଣ୍ଡା ହେଲେ ବର; ଚୁଟି କାଟିଲେ କନ୍ୟା

କୋରାପୁଟ,୨୨।୩(ସମିସ):

ଆଧୁନିକ ସଭ୍ୟ ସମାଜରେ ଏବଂ ଡିଜିଟାଲ ଯୁଗରେ ଏବେ ମଧ୍ୟ ଜାତିକୂଳ ପ୍ରଥା ବଞ୍ଚିଛି। ଏହାର ଏକ ଜ୍ୱଳନ୍ତ ନମୁନା କୋରାପୁଟ ବ୍ଲକ ମାଛରା ଜଙ୍ଗଲରେ ଦେଖିବାକୁ ମିଳିଛି। ଜାତିକୁଳ ପ୍ରଥାକୁ ନେଇ ତମ୍ବୁ ପଡି ଭୋଜିଭାତର ଆସର ଚାଲିଥିଲା ଏବଂ ଟଙ୍କା ଗଣୁଥିଲେ କିଛି ବୟସ୍କ। ଘଟଣାଟି କୂଳ ସମାଜ ପ୍ରତି ଯେତିକି ଚିନ୍ତା ଜନକ ନୁହେଁ, ସାମ୍ପ୍ରତିକ ପରିସ୍ଥିତିରେ କୂଳ ପ୍ରଥାକୁ ନେଇ ଏପରି ଏକ ଘଟଣାରେ ଦୁଇ ସମାଜର ଅନେକ ବୁଦ୍ଧିଜୀବୀ ଚିନ୍ତା ପ୍ରକଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ, ଜୟପୁର ସହର କୁମ୍ଭାର ସାହିର ମହେଶ୍ୱର ଖିଲ ସେହି ସାହିର ରଣା ଜାତିର ଝିଅ ଉର୍ମିଳା ଖଡାଙ୍କୁ ଦୀର୍ଘ ଦିନ ଧରି ପ୍ରେମ କରି ଆସୁଥିଲେ। ମହେଶ୍ୱର ମାଳି ସମ୍ପ୍ରଦାୟ ହୋଇଥିବା ବେଳେ ଉର୍ମିଳା ରଣା ସମାଜର। ଏମାନଙ୍କ ବିବାହକୁ ଅନୁମତି ପ୍ରଦାନ କରୁ ନ ଥିଲେ ଉଭୟ କୂଳ। ବାଧ ହୋଇ କିଛି ଦିନ ପୂର୍ବେ ଉର୍ମିଳାଙ୍କୁ ନେଇ ମହେଶ୍ୱର ବାହାରକୁ ପଳାଇ ଯାଇଥିଲେ। ତେବେ ଉଭୟ ପୁଅ ଝିଅ ବାହାରେ ରହିବାରୁ ବାହାଘର ପାଇଁ ବାଟ ଖୋଜିଲା ମାଳି ସମାଜ। କୂଳ ସମାଜରେ ବୈଠକ କରି ନିଷ୍ପତି ନିଆଗଲା ଯେ ମହେଶ୍ୱର ସମାଜ ଆଗରେ ଲଣ୍ଡା ହେବ । କୂଳ ସମାଜକୁ ମାଂସ ଭାତ ଭୋଜି ଦେବ । ତା ସହ ୯୦ହଜାର ଟଙ୍କା ତଣ୍ଡ ଗଣିବ। ଯାହା ନିଷ୍ପତି ନେଲେ କୂଳ ଆଜି ତାହା ହିଁ ହେଲା। ମାଛରା ନିକଟସ୍ଥ ପାହାଡ଼ ତଳେ ତମ୍ବୁ ଭିଡି ଭୋଜିଭାତ କରି ମହେଶ୍ୱରକୁ ଲଣ୍ଡା କରି ରଣା ଜାତିର ଉର୍ମିଳାକୁ ଗୃହ ପ୍ରବେଶର ଅନୁମତି ଦେଲେ। ଅବଶ୍ୟ ଘଟଣା ମାଳି ସମାଜ କୂଳ ପତି ନୂଆ ନୁହେଁ, ପୂର୍ବ ପୁରୁଷରୁ ଅନ୍ୟ ଜାତି ଝିଅକୁ ବାହା ହେଲେ ଏ ପରି ନିୟମ ରହିଛି । ଆଗକୁ ବି ରହିବ ବୋଲି କୂଳ ସମାଜର ବରିଷ୍ଠ କହୁଥିବା ବେଳେ ଯୁବ ପିଢ଼ି କିନ୍ତୁ ସମାଜ ପ୍ରତି ଭୟ ରଖି ମୁହଁ ଖୋଲୁ ନ ଥିବା ବେଳେ ଘୋର ବିରୋଧ କରିଛନ୍ତି। ତେବେ ଏହି ଘଟଣାରେ କନ୍ୟା ମଧ୍ୟ ଚୁଟି କାଟିଥିବା କୁହାଯାଉଛି।



ଜାତିକୁଳକୁ ଦେଲେ ୯୦ ହଜାର

# ବିଶ୍ୱ ବନ ଦିବସରେ ବନ୍ଧୁଗାଁ ସରପଞ୍ଚ ସମ୍ବର୍ଦ୍ଧିତ



ବନ୍ଧୁଗାଁ ,୨୨।୩ (ସମିସ): ଓଡ଼ିଶା ସରକାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ କୋରାପୁଟ ଜିଲ୍ଲା ବନ ଖଣ୍ଡ କୋରାପୁଟ ତରଫରୁ ଚଳିତ ବର୍ଷ ବିଶ୍ୱ ବନ ଦିବସ ୨୬ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀ କାଡ୍ରାକାଙ୍କୁ ସମର୍ଦ୍ଧିତ ସହ ପୁରସ୍କୃତ କରାଯାଇଛି। ଆଗରୁ ସେ ଆନ୍ତର୍ଜାତିକ ମହିଳା ଦିବସ, ଓ ରାଜ୍ୟ ସ୍ତରୀୟ ବେଷ୍ଟ ମହିଳା କୃଷକ ପରି ଅନେକ ସ୍ଥାନରେ ପୁରସ୍କୃତ ସହ ସମ୍ମାନିତ ହୋଇଛନ୍ତି। ଏଥି ସହିତ ସରପଞ୍ଚ ହୋଇ ମଧ୍ୟ ସେ ପଞ୍ଚାୟତର ସମସ୍ତ ଗ୍ରାମରେ ପହଞ୍ଚି ଲୋକଙ୍କୁ ବୃକ୍ଷ ରୋପଣ, ଜଙ୍ଗଲ ସୁରକ୍ଷା, ପୋଡୁଚାଷ ଓ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ନିଜ ଆଦିବାସୀ ଭାଷାରେ ବୁଝାଇ ସଚେତନତା କରି ଆସୁଛନ୍ତି। ଚଳିତ ବର୍ଷ ଜଙ୍ଗଲରେ ନିଆଁ ଲାଗି ଥିବାରୁ ସଙ୍ଗେ ସଙ୍ଗେ ସେହି ଗାଁ ମୁଖ୍ୟଙ୍କୁ, ଫରେଷ୍ଟର, ୱାର୍ଡ ମେମ୍ବର ଓ ଯୁବକ ମାନଙ୍କୁ ଫୋନ କରି ନିଆଁ ଲିଭାଇବା ପାଇଁ ଅନୁରୋଧ କରୁଥିଲେ। ଏଥି ସହିତ ନିଜେ ପାହାଡ ଚଢ଼ି ଲାଗିଥିବା ନିଆଁ କୁ ଲିଭାଇ ଥିଲେ। ଜିଲ୍ଲା ସ୍ତରୀୟ ବିଶ୍ୱ ବନ ଦିବସରେ ସୁସ୍ଥ ପରିବେଶ ପାଇଁ ଜଙ୍ଗଲ ସୁରକ୍ଷା ଗୁରୁତ୍ୱ ଦେବାକୁ ନେଇ ଓ ଲୋକଙ୍କ ଜୀବନ ଜୀବିକା କିପରି ଯୋଡ଼ିତ ରହିବ ,ତାହାକୁ ନେଇ ବୃକ୍ଷ ରୋପଣ କରିବା ପାଇଁ ସରପଞ୍ଚ ଲକ୍ଷ୍ମୀ କାଡ୍ରାକା କହିଛନ୍ତି। ଜଙ୍ଗଲ ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସମସ୍ତ ମାନବ ସମାଜ ସଚେତନ ହେବା ଆବଶ୍ୟକ ରହିଛି। ତେଣୁ ବନ୍ଧୁଗାଁ ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀ କାଡ୍ରାକାଙ୍କୁ ଉପଢୌକନ, ମାନପତ୍ର ଓ ସିଲ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏଫ ଇ ଏସ ନିର୍ଦ୍ଦେଶକ ପ୍ରଦୀପ ମିଶ୍ର ,ଡିଏଫଓ କେ ଭି ଭାସ୍କର ରାଓ, କୋରାପୁଟ ଏଡିଏମ ନରେଶ କୁମାର ଶବର, ଏ ସି ଏଫ ଜଗନ୍ନାଥ ବିଶୋୟୀ, ଏସିଏଫ୍ ଚନ୍ଦ୍ରସେନ ପୂଜାରୀ , ନାରାୟଣପାଟଣା ରେଞ୍ଜର ଅକ୍ଷୟ କୁମାର ପାଢ଼ୀ, ବନ୍ଧୁଗାଁ ଫରେଷ୍ଟର ସୁଶାନ୍ତ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ଥିଲେ। ଜଣେ ମହିଳା ସରପଞ୍ଚ ନିଜ ଲୋକଙ୍କୁ ଜଙ୍ଗଲରେ ନିଆଁ ନ ଲଗାଇବା ଓ ଜଙ୍ଗଲକୁ ସୁରକ୍ଷା କରି ରଖିବା ପାଇଁ ଯେଉଁ ସଚେତନତା ସୃଷ୍ଟି କରିବା ଓ ନିଜେ ଜଙ୍ଗଲ ଉପରେ ଚଢି ନିଜେ ନିଆ ଲିଭାଇବା କାର୍ଯ୍ୟ ଥିବାରୁ ଆଜି ବିଶ୍ୱ ବନ ଦିବସ ଅବସରରେ ଜିଲ୍ଲା ସ୍ତରୀୟ ପୁରସ୍କାର ପାଇ ସମ୍ମାନିତ ହୋଇ ଥିବାରୁ ବ୍ଲକର ବୁଦ୍ଧିଜୀବି ଓ ଜନସାଧାରଣ ଙ୍କ ତରଫରୁ ତାଙ୍କୁ ଅନେକ ଶୁଭେଚ୍ଛା ଜଣାଉଛନ୍ତି।

# ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



ପାପଡାହାଣ୍ଡି,୨୨।୩(ସମିସ): ପାପଡ଼ାହାଣ୍ଡି ବ୍ଲକ ଆଶ୍ରମ ବିଦ୍ୟାଳୟ ଗାଦବାକତରା ବିଦ୍ୟାଳୟ ପରିସରରେ ଭବ୍ୟ ସାଂସ୍କୃତିକ ତଥା ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଭୁବନ ବିଷୋୟୀଙ୍କ ସଭାପତିତ୍ୱରେ ଚାଲିଥିଲା। ଉତ୍ସବ ଆରମ୍ଭରୁ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ଅତିଥିଙ୍କୁ ସ୍ୱାଗତ ନୃତ୍ୟ ପରିବେଷଣ କରି ସ୍ୱାଗତ କରାଯାଇଥିଲା । ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ , ସମ୍ମାନିତ ଅତିଥି ଭାବେ ଲୋକ ସଭା ସାଂସଦଙ୍କ ପ୍ରତିନିଧି ସୋମନାଥ ପୁଜାରୀ, ଜିଲ୍ଲା ପରିଷଦ ସଭ୍ୟା ସୁଶ୍ରୀ ଲିପିକା ମାଝୀ, ବ୍ଲକ ମଙ୍ଗଳ ଅଧିକାରୀ ଦେବବ୍ରତ ପରିଡା , ସିଆରସିସି ବାବୁଲାଲ ହରିଜନ. ସାମ୍ବାଦିକ ପ୍ରବୀଣ କୁମାର ସତନାମୀ ପାତ୍ରୀ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତସ ତ୍ରିପାଠୀ , ମାନିଗା ଏସଏସ ଡି ବିଦ୍ୟାଳୟ ପ୍ରଧାନଶିକ୍ଷକ ହୃଷିକେଶ ମିଶ୍ର ଏବଂ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷକ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥ ସୁଶାନ୍ତ କୁମାର ବେହେରା ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହ ଶିକ୍ଷକ ଓ ଅଭିଭାବକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ସିଆରସିସି ବାବୁଲାଲ ବିଦ୍ୟାଳୟର ସାମଗ୍ରିକ ବିକାଶ ଓ ପିଲାମାନଙ୍କର ପ୍ରତିଭାକୁ ଲୋକାର୍ପଣ କରିବା ଦିଗରେ ଏହି କାର୍ଯ୍ୟକ୍ରମ ଏକ ମାଇଲଖୁଣ୍ଟ ସଦୃଶ ହୋଇଛି। ପିଲାଙ୍କ ମନ ବଳ ଉଚ୍ଚ ହେଲେ ଦେଶର ବଡ଼ା ପଦବୀରେ ଅଧିରୁଢ଼ ହେବାର ସ୍ୱପ୍ନ ସମ୍ଭାବନାକୁ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଶିକ୍ଷାବିତ୍ ଏବଂ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ର ଶିକ୍ଷକ ଏବଂ ଶିକ୍ଷୟତ୍ରୀ ଅସିତ ନାୟକ,ଧନେଶ ନାୟକ,ପିଙ୍କି ସାହୁ, ଚିତ୍ରସେନ ରାଉତ ସମସ୍ତଙ୍କ କାର୍ଯ୍ୟ ସୁପରିଚାଳନା ପାଇଁ ସହଯୋଗ କରିଥିଲେ।

# ଅଜଣା ଯୁବକଙ୍କ ମୃତଦେହ ଠାବ

ରାୟଗଡ଼ା,୨୨।୩(ସମିସ): ରାୟଗଡ଼ା-ଲାଡ୍ଡା ରେଳ ଷ୍ଟେସନ ମଧ୍ୟରେ ଥିବା ଏକ ବ୍ରିଜ ତଳେ ଜଣେ ଅଜଣା ଯୁବକଙ୍କ ମୃତଦେହ ଠାବ ହୋଇଛି। ମୃତକଙ୍କ ବୟସ ପ୍ରାୟ ୩୦ ରୁ ୩୫ ବର୍ଷ ହୋଇଥିବା ଅନୁମାନ କରାଯାଉଛି। ଲାଡା ଓ ରାୟଗଡ଼ା ରେଳ ଷ୍ଟେସନ ମଝିରେ ଥିବା କିମି ୩୫୧/ ୨୧ ଏ ଏବଂ ୩୫୧ /୧୯ ଏ ପୋଲ ମଧ୍ୟରେ ବ୍ରିଜ ତଳୁ ଆଜି ଏହି ମୃତ ଦେହ ଠାବ ହୋଇଥିବା ପୋଲିସ ସୂଚନା ଦେଇଛି । ପ୍ରାଥମିକ ତଦନ୍ତରେ କୌଣସି ଏକ ଅଜଣା ଟ୍ରେନରେ ଯୁବକ ଜଣକ ଯାତ୍ରା କରୁଥିବା ବେଳେ ଖସି ପଡି ମୃତ୍ୟୁ ବରଣ କରିଥିବା ପୋଲିସ ଅନୁମାନ କରିଛି । ଜିଆରପି ଡିଏସପି ପ୍ରଭାତ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ମୃତଦେହକୁ ଘଟଣାସ୍ଥଳରୁ ଉଦ୍ଧାର କରାଯାଇଥିବା ବେଳେ ରାୟଗଡା ଜିଆରପି ଥାନା ଅଧିକାରୀ ଇନ୍ସପେକ୍ଟର ବିନୟ ପ୍ରକାଶ ମିଞ୍ଜ, ବିଲାଲସେନ ହାଲବା ଏବଂ ହାବିଲଦାର ପ୍ରଦୀପ କୁମାର ନାୟକ ପ୍ରମୁଖ ତଦନ୍ତ ସମୟରେ ଉପସ୍ଥିତ ଥିଲେ। ଏ ନେଇ ରାୟଗଡା ଜିଆରପି ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଘଟଣାର ଅଧିକ ଅନୁସନ୍ଧାନ ଜାରି ରହିଛି।

# ପ୍ରବେଶ ଉତ୍ସବ ପାଇଁ ନିମନ୍ତ୍ରଣ ପତ୍ର ବାଣ୍ଟିଲେ ବିଧାୟକ

ତେନ୍ତୁଳିଖୁଣ୍ଟି,୨୨।୩(ସମିସ): ବିକଶିତ ଓଡ଼ିଶା ଗଠନ ପାଇଁ ଗୁଣାତ୍ମକ ଶିକ୍ଷାର ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ନୂତନ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଦେଶର ପ୍ରଥମ ରାଜ୍ୟ ଭାବରେ ଓଡିଶାର ସମସ୍ତ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଗତ ଶିକ୍ଷା ବର୍ଷ ଠାରୁ ଶିଶୁ ବାଟିକା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଅଞ୍ଚଳଗୁମ୍ମା ଗ୍ରାମରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ନିମନ୍ତେ ୫ ବର୍ଷର ପିଲା ମାନଙ୍କ ସହ ସେମାନଙ୍କ ଅଭିଭାବକଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ କରି ଉତ୍ସାହିତ କରିଛନ୍ତି। ଆସନ୍ତା ଏପ୍ରିଲ ୨ ତାରିଖରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଆୟୋଜନ ହେବ। ୫ ବର୍ଷ ରୁ ଉର୍ଦ୍ଧ ବୟସର ପିଲାମାନେ



ବାଲ ବାଟିକା ଏବଂ ୬ ବର୍ଷରୁ ଉର୍ଦ୍ଧ ବୟସର ପିଲାମାନେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ନେଇଁ ବ୍ୟବସ୍ଥା କରାଯାଇଛି। ଯାହାକି ବିଧାୟକ ଶ୍ରୀ ମାଝୀ ଅଭିଭାବକ ଓ କୁନି କୁନି ପିଲା ମାନଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ କରି ଭଲ ପାଠ ପଢି ସୁସ୍ଥ ଓଡିଶା ଗଠନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ସମୟରେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ ଦାଶ, ଅଞ୍ଚଳଗୁମ୍ମା ସିଆରସିସି ଇନ୍ଦ୍ରଦ୍ୱନ ବିଷୋୟୀ, ପାତ୍ରପୁଟ ସିଆରସିସି ରଜତ ନାୟକ, ଅଞ୍ଚଳଗୁମ୍ମା ପ୍ରଧାନଶିକ୍ଷକ ଲକ୍ଷ୍ମୀକାନ୍ତ ଦାଶ, ସହକାରୀ ଶିକ୍ଷକ ରଜନୀ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ।

● ନନ୍ଦପୁର ଅଞ୍ଚଳରୁ ଚୋରି ବୋଲେରୋ ଉଦ୍ଧାର

# ପାଡୁଆ ଅଞ୍ଚଳରୁ ୨ ବାଇକ୍, ବୋଲେରୋ ଚୋରି

ନନ୍ଦପୁର,୨୨।୩ (ସମିସ): ଗତ ସପ୍ତାହରେ ନନ୍ଦପୁର ଥାନା ଅଞ୍ଚଳର ପିତାଗୁଡା ଓ ସୁବାଇ ଗ୍ରାମରୁ ଗୋଟିଏ ରାତିରେ ବାଇକ୍, ବୋଲେରୋ ଚୋରି ହୋଇଥିଲା। ସପ୍ତାହ ପରେ ନନ୍ଦପୁର ପୁଲିସକୁ ସଫଳତା ମିଳିଛି । ପଟାଙ୍ଗୀ ବ୍ଲକ ଅନ୍ତର୍ଗତ ଆନ୍ଧ୍ର ସୀମାନ୍ତରୁ ଚୋରି ବୋଲେର ଉଦ୍ଧାର ହୋଇଛି। ଅନ୍ୟ ପକ୍ଷରେ ପାଡୁଆ ଥାନା ଅଞ୍ଚଳରୁ ଶନିବାର ବିଳମ୍ବିତ ରାତିରେ ଦୁଇ ବାଇକ୍ ସମେତ ଗୋଟିଏ ବାଲେରୋ ଚୋରି ହୋଇଛି। ଏହି ଦୁଇ ଘଟଣାରେ କୌଣସି ବଡ ଗ୍ୟାଙ୍ଗର ହାତ ଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ଗ୍ୟାଙ୍ଗର ସମ୍ପୃକ୍ତି ନେଇ ପୁଲିସ ଖୋଳତାଡ଼ କରୁଛି। ଶନିବାର ବିଳମ୍ବ ରାତିରେ ଦାର୍ଲିପୁଟ ଗ୍ରାମର ଭେଙ୍କିଟି ଖରାଙ୍କ ବୋଲେରୋ ଓ ପାଡୁଆ ସଦର ଗ୍ରାମର ଆଇ. ନାଗେସ ଓ ଏସ .ରାଜୁ ଙ୍କ ଦୁଇ ବାଇକକୁ ଦୁର୍ବୃତ୍ତ ମାନେ ନେଇ ଫେରାର ହୋଇ ଯାଇଛନ୍ତି। ଗତ ସପ୍ତାହ ମଧ୍ୟରେ ଉଭୟ ନନ୍ଦପୁର ଓ ପାଡୁଆ ଥାନା ଅଞ୍ଚଳରେ ବାଇକ୍, ବୋଲେରୋ ଚୋରି ଉପଖଣ୍ଡ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିବା ବେଳେ ନନ୍ଦପୁର ପୋଲିସକୁ ମିଳିଥିବା ସଫଳତା ମନୋବଳକୁ ଦୃଢ କରିଛି । ନନ୍ଦପୁର ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ କହିଛନ୍ତି,ପୁଲିସ ତଦନ୍ତ ଜାରି ରଖିଛି । ଖୁବ ଶୀଘ୍ର ସେମାନେ ହାଜତକୁ ଆସିବେ।

# ଝଞ୍ଜାବତୀ ମହିଳା ୱାକର୍ସ କ୍ଲବର ପଖାଳ ଦିବସ କାର୍ଯ୍ୟକ୍ରମ



ରାୟଗଡ଼ା,୨୨।୩(ସମିସ ): ଆମର ପ୍ରିୟ ପଖାଳ, ଆମର ଗର୍ବ। ବିଶ୍ୱ ପଖାଳ ଦିବସ ଅବସରରେ ଝଞ୍ଜାବତୀ ମହିଳା ୱାକର୍ସ କ୍ଲବ ତରଫରୁ ଆଜି ସାମୂହିକ ପଖାଳ ଖାଇ ସୁସ୍ଥ ରହିବା ପାଇଁ ସମାଜକୁ ଏକ ବାର୍ତ୍ତା ପ୍ରଦାନ କରାଯାଇଥିଲା। ପଖାଳ କଂସା ସହ ବହୁ ପ୍ରକାର ସ୍ୱାଦିଷ୍ଟ ଭଜା, ତରକାରୀ, ସାଲାଡ଼, ପାମ୍ପଡ଼ ଆଦି ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ଅନସୂୟା ମାଝୀ,ଏମ୍‌ଜି ଏଫ୍ ରୂଢୀ କୁଣ୍ଡ, ଉପ ସଭାପତି ରେଣୁବାଳା ପାଣିଗ୍ରାହି, କୋଷାଧ୍ୟକ୍ଷ ବିଜୟଲକ୍ଷ୍ମୀ ମିଶ୍ର ଏବଂ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

# ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ବର୍ଗ

ତେନ୍ତୁଳିଖୁଣ୍ଟି ୨୨।୩ (ସମିସ): ଇନ୍ଦ୍ରାବତୀ ପ୍ରକଳ୍ପ ମୁଖ୍ୟ ଦପ୍ତର ଖାତିଗୁଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ତେନ୍ତୁଳିଖୁଣ୍ଟି ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ବର୍ଗ ଅନୁଷ୍ଠିତ ହୋଇଯାଇଛି। ୨ ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଜେପି ରାଜ୍ୟ ସମ୍ପାଦିକା ତଥା ନବରଙ୍ଗପୁର ଜିଲା ପ୍ରଭାରୀ ପୂର୍ଣ୍ଣିମା ନାୟକ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିବାବେଳେ ଉଦ୍‌ଯାପନୀ ସନ୍ଧ୍ୟାରେ ଜିଲ୍ଲା ବିଜେପି ସଭାପତି କୁଞ୍ଜ ବିହାରୀ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ,ସାଂସଦ ପ୍ରତିନିଧି ସନ୍ତୋଷ କୁମାର ପାତ୍ର, ଜିଲା ସଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ କଂସ , ସଂପାଦକ ବୀରେନ୍ଦ୍ର ପୂଜାରୀ, ପୁର୍ବତନ ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ଦୈତାରୀ ମାଝୀ , ଆଇ ଟି ସେଲ ସଂଯୋଜକ ଅକ୍ଷୟ ମହାନ୍ତି, ସଂଗଠନ ସଂପାଦକ ହରେକୃଷ୍ଣ ମୁଦୁଲି , ଗୋପାଳ କୃଷ୍ଣ ନାୟକ, ଆଶିଷ କୁମାର ଟାକ୍ରୀ, ମହେଶ୍ୱର ଦଳାଇ, ବାବୁଲା ନାୟକ , ରଞ୍ଜିତ ମହାକୁଡ଼ ପ୍ରମୁଖ ସକ୍ରିୟ ଭୂମିକା ତୁଲାଇଥିଲେ। ତେନ୍ତୁଳିଖୁଣ୍ଟି ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ୨ ଦିନିଆ ପ୍ରଶିକ୍ଷଣ ଶିବିରରେ ନୀତି ନୈତିକତା ସହ ଅଖଣ୍ଡ ଭାରତ ବର୍ଷକୁ ପରମ ବୈଭବଶାଳୀ କରି ଗଢ଼ି ତୋଳିବାକୁ ଶିବିରାର୍ଥି ମାନଙ୍କୁ ନେଇ ସଂକଳ୍ପ ପାରିତ କରାଯାଇଥିଲା। ଅତ୍ୟନ୍ତ ନିରାଡମ୍ବର ଭାବେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ୨ ଦିନିଆ ପ୍ରଶିକ୍ଷଣ ଶିବିରରେ ପ୍ରାୟ ୮୦ ଜଣ ଶିବିରାର୍ଥି ଅଂଶ ଗ୍ରହଣ କରିଥିଲେ।


## ପ୍ରାଥମିକ ଶିକ୍ଷକ ସମାବେଶ

# ଦାବି ପୂରଣ ପାଇଁ ସରକାରଙ୍କ ହସ୍ତକ୍ଷେପ ଜରୁରୀ




ଉମରକୋଟ, ୨୨।୩ (ସମିସ): ଧୋଡ୍ରା ସ୍ଥିତ ସହିଦ୍ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲା ସ୍ତରୀୟ ପ୍ରାଥମିକ ଶିକ୍ଷକ ସମାବେଶରେ ଶିକ୍ଷା ବ୍ୟବସ୍ଥା ସମ୍ପର୍କିତ ବିଭିନ୍ନ ଜ୍ୱଳନ୍ତ ସମସ୍ୟା ଓ ଦାବି ଉପରେ ଗଭୀର ଆଲୋଚନା ହୋଇଥିଲା। ଜିଲ୍ଲା ସଭାପତି ଶନନ୍ତ କୁମାର ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ରାଜ୍ୟ ସଭାପତି ରମଣୀ ରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମାବେଶରେ ଯୋଗଦେଇଥିବା ଜିଲ୍ଲାର ୧୦ଟି ବ୍ଲକର ଶତାଧିକ ଶିକ୍ଷକ କର୍ମକର୍ତ୍ତା ଯୋଗଦେଇ ତାଙ୍କର ସେବା ସୁବିଧା ଓ କ୍ୟାରିୟର ଉନ୍ନତି ସମ୍ପର୍କରେ ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷକରି ପଦୋନ୍ନତି ପ୍ରକ୍ରିୟାରେ ଦୀର୍ଘ ବିଳମ୍ବ ନେଇ ଶିକ୍ଷକମାନେ ଚିନ୍ତା ବ୍ୟକ୍ତ କରିଥିଲେ। ଅନେକ ଶିକ୍ଷକ ବର୍ଷ ଦରି ଏକେଇ ପଦବୀରେ ରହି ତାଙ୍କର ଯୋଗ୍ୟତା ଓ ଅନୁଭବ ସତ୍ତ୍ୱେ ମଧ୍ୟ ପଦୋନ୍ନତିରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଥିଲେ। ଯୋଜନାର ସଠିକ୍ କାର୍ଯ୍ୟନ୍ୱୟ ନ ହେବା ନେଇ ମଧ୍ୟ ତୀବ୍ର ଅସନ୍ତୋଷ ଦେଖାଯାଇଥିଲା। ଶିକ୍ଷକମାନଙ୍କ କହିବା ଅନୁସାରେ, ଏହି ଯୋଜନାଗୁଡିକ ଯଦି ସମୟମତେ ଲାଗୁ କରାଯାଏ, ତେବେ ସେମାନଙ୍କର ଆର୍ଥିକ ଓ ବୃତ୍ତିଗତ ସ୍ଥିତିରେ ସୁଧାର ଆସିପାରିବ। ସମାବେଶରେ ଏକ୍ସ-କ୍ୟାଡର ବ୍ୟବସ୍ଥା ଉଚ୍ଛେଦ, ଏନ୍‌ପିଏସ୍‌ରୁ ଓ ପିଏସ୍‌କୁ ଉନ୍ନୀତ କରଣ, ଓଟିଇଟି, ରିହାବିଲେଟିସନ ନିୟମର ପରିବର୍ତ୍ତନ ନେଇ ମଧ୍ୟ ଗୁରୁତର ସହ ଚର୍ଚ୍ଚା ହୋଇଥିଲା। ଶିକ୍ଷକମାନେ ଏହାକୁ ଏକ ଅସମାନତା ସୃଷ୍ଟି କରୁଥିବା ବ୍ୟବସ୍ଥା ବୋଲି ଅଭିହିତ କରି, ଏହାକୁ ଶୀଘ୍ର ବିଲୋପ କରିବାକୁ ଦାବି କରିଥିଲେ। ସମାବେଶ ଶେଷରେ ଶିକ୍ଷକମାନେ ଏକମତ ହୋଇ ସରକାରଙ୍କୁ ତାଙ୍କର ଦାବିଗୁଡିକ ଶୀଘ୍ର ପୂରଣ କରିବାକୁ ଆହ୍ୱାନ କରିଥିଲେ ଏବଂ ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର କରିବାର ସତର୍କବାଣୀ ଦେଇଥିଲେ। ଏଥିରେ ଜିଲ୍ଲା ଉପସଭାପତି ସପନ କୁମାର ରାୟ, ସହ ସମ୍ପାଦକ ବିଘ୍ନରାଜ ପାତ୍ର, ସଂଗଠନ ସମ୍ପାଦକ ଫନିନ୍ଦ୍ର ଗାଇନ, ଗୀତାଞ୍ଜଳି ବେଜ, ବଂଶୀଧର ଭୂୟାଁ, ମୋହନ ମଧୁସୂଦନ ବାଗ, ଦେବଦାସ ଗଣ୍ଡଙ୍କ ସହ ସମସ୍ତ ଶିକ୍ଷକ ସଂଘ କର୍ମକର୍ତ୍ତା ଯୋଗ ଦେଇଥିଲେ।



## ପ୍ରସ୍ତାବିତ ନୂଆ ଟ୍ରକ୍ ସଂଘକୁ ବିରୋଧ

# ପୁରୁଣା ଦୁଇ ସଂଘର ମିଳିତ ବୈଠକ, ବିଧାୟକଙ୍କୁ ଭେଟିଲେ




ଜୟପୁର, ୨୨।୩(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସହରର ଆଉ ଏକ ନୂଆ ଟ୍ରକ ମାଲିକ ସଂଘ ଗଠିତ ହୋଇଥିବା ବେଳେ ଆସନ୍ତା ୨୮ ତାରିଖରେ ଏହା ବିଧିବଦ୍ଧ ଭାବେ ଶୁଭାରମ୍ଭ ହେବ। କିନ୍ତୁ ଏହାର ଶୁଭାରମ୍ଭ ପୂର୍ବରୁ ଜୟପୁର ଟ୍ରକ୍ ମାଲିକ ସଂଘ ଏବଂ ଜୟପୁର ଲରୀ ଓନର୍ସ ମହାସଂଘ ପକ୍ଷରୁ ଆଜି ମିଳିତ ଭାବେ ଏକ ବୈଠକ ଆୟୋଜିତ ହୋଇ ନୂତନ ସଂଘ ଗଠନକୁ ବିରୋଧ କରାଯାଇଛି। ଆଜି ଉଭୟ ସଂଘର କର୍ମକର୍ତ୍ତା ମାନେ ଏକ ବୈଠକ ମାଧ୍ୟମରେ ମିଳିତ ହୋଇ ଜୟପୁର ସହରରେ ଟ୍ରାନ୍ସପୋର୍ଟସ ୱେଲଫେର ମହାସଂଘ ନାମରେ ଏହି ସଂଘ ଆସନ୍ତା ୨୮ ତାରିଖରେ ଜୟପୁର ସହରର ନିକଟସ୍ଥ ତେଲିଗୁଡା ଠାରେ ଉଦ୍‌ଘାଟିତ ହେବାକୁ ଥିବା କାର୍ଯ୍ୟାଳୟକୁ ବିରୋଧ କରାଯାଇଛି। ଏହି ବୈଠକରେ ଆଲୋଚନା ସମୟରେ କିଛି କର୍ମକର୍ତ୍ତା ପ୍ରକାଶ କରିଥିଲେ ଯେ, ବର୍ତ୍ତମାନ ସ୍ଥାନୀୟ ଗାଗନାପୁର ପେପର ମିଲ ବନ୍ଦ ରହିବା ଏବଂ ଜୟପୁର ଅଞ୍ଚଳରେ କୌଣସି ବଡ଼ ଶିଳ୍ପ ନଥିବା ଯୋଗୁଁ ଟ୍ରକ୍ ମାଲିକ ମାନେ ନିଜ ନିଜ ଟ୍ରକ୍ ପରିଚାଳନା ଏବଂ ରକ୍ଷଣାବେକ୍ଷଣକୁ ଚିନ୍ତା ବଢାଇଛି। ର୍ ଅଧିକାଂଶ ସମୟରେ ମାଲ ପରିବହନ ହେଉନଥିବା ଯୋଗୁଁ ଟ୍ରକ୍ ଗୁଡିକ ବିନା ଚଳାଚଳରେ ଖାଲିରେ ରହୁଛି। ତେଣୁ ଟ୍ରକ୍ ମାଲିକ ମାନେ ଡ୍ରାଇଭର ଏବଂ ହେଲପରଙ୍କ ଦରମା ପ୍ରଦାନ କରିବା ସହିତ ନିଜ ନିଜ ଟ୍ରକ୍‌ର ରକ୍ଷଣାବେକ୍ଷଣ ନେଇ ଆର୍ଥିକ ସଂକଟର ସମ୍ମୁଖିନ ହେଉଛନ୍ତି। ତେଣୁ ଏହି ସମୟରେ ପୁଣି ଏକ ସଂଘ ଗଠିତ ହେବା ଯୋଗୁଁ ଏକ ବିଭ୍ରାଟ ସୃଷ୍ଟି ହେବ ବୋଲି ଆଶଙ୍କା ପ୍ରକାଶ କରାଯାଇଥିଲା। ଆଜି ଦୁଇ ସଂଘର ମିଳିତ ବୈଠକର ନିଷ୍ପତି ଅନୁଯାୟୀ ଆସନ୍ତା ୨୮ ତାରିଖରେ ନୂତନ ସଂଘର ଉଦ୍‌ଘାଟନର ମୁଖ୍ୟଅତିଥି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପିତଙ୍କୁ ଜୟପୁର ଠାରେ ତାଙ୍କ ବାସଭବନନରେ ଦୁଇ ସଂଘର କର୍ମକର୍ତ୍ତା ମାନେ ସାକ୍ଷାତ କରିବା ସହିତ ଆଲୋଚନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ନୂତନ ଉଦ୍‌ଘାଟିତ ହେବାକୁ ଟ୍ରକ ମାଲିକ ସଂଘକୁ ନେଇ କୌଣସି ବିବାଦ ନ ହେଉ, ସେଥିନେଇ ଏକ ମିଳିତ ଆଲୋଚନା ନେଇ ବୈଠକ ଆୟୋଜନ ନେଇ ପ୍ରୟାସ ଜାରୀ ରହିଥିବା ନେଇ ସୂଚନା ମିଳିଛି। ଆଜି ସ୍ଥାନୀୟ ଗେଟଗୁଡା ଲରୀ ଅନର୍ସ ମହାସଂଘର କାର୍ଯ୍ୟାଳୟ ଠାରେ ବୈଠକରେ ସଂଘର ସଭାପତି ସୁରି ବାବୁ, ସମ୍ପାଦକ ମୀନକେତନ ଦାଶ, ଉପ ସଭାପତି ଜି. ରମେଶ କୁମାର, ଯୁଗ୍ମ ସମ୍ପାଦକ ସତିଶ କୁମାର, କୋଷାଧକ୍ଷ ଏମ. ରାମକ୍ରୀଷ୍ଣା ଏବଂ ଜୟପୁର ଟ୍ରକ ମାଲିକ ସଂଘର ଉପ ସଭାପତି କିରଣ କୁମାର ରେଡ୍ଡି, ସମ୍ପାଦକ ଦେବେନ୍ଦ୍ର ଚୌଧୁରୀ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ପଟ୍ଟନାୟକ ଏବଂ ଅନ୍ୟାନ୍ୟ ବରିଷ୍ଠ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଏହି ବୈଠକକୁ ନେଇ ଜୟପୁର ଟ୍ରକ ମାଲିକ ସଂଘର ଯୁଗ୍ମ ସମ୍ପାଦକ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଜୟପୁର ଟ୍ରକ ପରିଚାଳନାଜନୀତ ସମସ୍ୟା ଲାଗି ରହିଥିବା ବେଳେ ମାଲିକ ମାନେ ବ୍ୟାପକ ମାତ୍ରାରେ ଆର୍ଥିକ ସଙ୍କଟରେ ରହିଥିବା ବେଳେ ପୁଣି ଏକ ନୂତନ ସଂଘ ଗଠନ ହେଲେ ଏହି ସମସ୍ୟାକୁ ଦ୍ୱିଗୁଣିତ କରିବ। ତେଣୁ ଏଥିନେଇ କୌଣସି ବ୍ୟବସ୍ଥା କରିବା ନିହାତି ଆବଶ୍ୟକ ବୋଲି ଦାବି କରିଛନ୍ତି। ଅନ୍ୟପକ୍ଷରେ ନୂତନ ସଂଘର ସଭାପତି ବାବୁଲା ନାୟକ କହିଛନ୍ତି ଯେ, ସରକାରଙ୍କ ସଂଘ ଗଠନ କରିବାର ସମସ୍ତ ନିୟମ ଅନୁଯାୟୀ ଏହା ପଞ୍ଜିକୃତ ସଂଘ। ତେଣୁ ନୂତନ ସଂଘ ଗଠନ କରିବାକ ସ୍ୱାଧୀନତା ରହିଛି। ତେଣୁ ଏହାର ଉଦ୍‌ଘାଟନ ଏବଂ କାର୍ଯ୍ୟକାରୀ ହେବା ସୁନିଶ୍ଚିତ ଏବଂ ପରବର୍ତ୍ତୀ ଅବସ୍ଥାରେ ସମସ୍ତ ଟ୍ରକ୍ ମାଲକଙ୍କ କୌଣସି ସମସ୍ୟା ନ ହେଉ, ସେଥିନେଇ ଆଲୋଚନା ନେଇ ପ୍ରସ୍ତୁତ ବୋଲି କହିଛନ୍ତି।

● ହୋଟେଲ, ରେସ୍ତୁରାଁ ବନ୍ଦ

## ବୁଲା କୁକୁରଙ୍କୁ ଖାଦ୍ୟାଭାବ

ରାମନାଗୁଡ଼ା,୨୨।୩ (ସମିସ): ଗ୍ରୀଷ୍ମ ଋତୁର ଆରମ୍ଭ ସହିତ ଅଞ୍ଚଳରେ ତାପମାତ୍ରା ବଢ଼ିବାକୁ ଲାଗୁଛି। ବୁଲା କୁକୁର ମାନେ ଖାଦ୍ୟ ଓ ପାଣିର ଖୋଜରେ ଏଠି ସେଠି ବୁଲୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ସହର ଓ ଗ୍ରାମାଞ୍ଚଳର ରାସ୍ତାଘାଟ, ବଜାର ଏବଂ ଅବାସିକ ଅଞ୍ଚଳରେ ଏହି କୁକୁରମାନେ ଖାଦ୍ୟ ଅଭାବରେ ଭୋକିଲା ଅବସ୍ଥାରେ ଦେଖାଯାଉଛନ୍ତି। ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଛୋଟ ବଡ଼



ରେଷ୍ଟରାଣ୍ଟ, ହୋଟେଲ ଆଦି ଇନ୍ଧନ ଗ୍ୟାସ ଅଭାବରୁ ବନ୍ଦ ହୋଇ ଯାଇଥିବା ବେଳେ ବୁଲା କୁକୁର ମାନଙ୍କୁ ଖାଦ୍ୟ ମିଳିବା କଷ୍ଟ ହୋଇ ପଡିଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ ଗରମ ବଢ଼ିବା ସହ ଖାଦ୍ୟ କମି ଯାଇଥିବାରୁ କୁକୁରମାନେ ଡଷ୍ଟବିନ୍ ଓ ରାସ୍ତା ପାଖରେ ଖାଦ୍ୟ ଖୋଜୁଛନ୍ତି। ଏହା ସହ ପାଣିର ଅଭାବ ମଧ୍ୟ ତାଙ୍କ ପାଇଁ ଗୁରୁତର ସମସ୍ୟା ହେବାରୁ ଦିନେ ଦିନେ ତାଙ୍କ ଅବସ୍ଥା ଅଧିକ ଦୟନୀୟ ହେଉଛି। ପଶୁ ପ୍ରେମୀ ଓ ସମାଜସେବୀ ମାନେ କହୁଛନ୍ତି ଯେ ଏହି ସମୟରେ ବୁଲା ପଶୁମାନଙ୍କ ପାଇଁ ଖାଦ୍ୟ ଓ ପାଣିର ବ୍ୟବସ୍ଥା କରିବା ଆମ ସମାଜର ଦାୟିତ୍ୱ। ସ୍ଥାନୀୟ ପ୍ରଶାସନଙ୍କୁ ମଧ୍ୟ ଏହା ଉପରେ ଗୁରୁତ୍ୱ ଦେବାକୁ ଜନସାଧାରଣ ପକ୍ଷରୁ ଦାବି କରାଯାଉଛି।

## ବଚସାରୁ ଛୁରାମାଡ଼ରେ, ଜଣେ ଗିରଫ



ନବରଙ୍ଗପୁର,୨୨।୩(ସମିସ): ସାମାନ୍ୟ ବଚସାକୁ କେନ୍ଦ୍ର କରି ଛୁରା ମାଡ଼ ଘଟଣାରେ ଜଣକୁ ଗିରଫ କରିଛି ନବରଙ୍ଗପୁର ପୁଲିସ। ଘଟଣା ଅନୁଯାୟୀ, ୨୦୨୬ ମାର୍ଚ୍ଚ ୧୭ ତାରିଖ ସକାଳ ସାଢେ ୧୦ଟା ସମୟରେ କରଣ ବାଗ ନବରଙ୍ଗପୁର ପାଞ୍ଜିଆ ସାହି ଛକ ନିକଟରେ ନବରଙ୍ଗପୁର ଜିଲ୍ଲା ଖାତୀଗୁଡା ଥାନା ଅନ୍ତର୍ଗତ ଖୁଣ୍ଟିଆଗୁଡ଼ା ଗ୍ରାମର ମିନାକେତନ ଗୌଡ଼ାଙ୍କୁ ଏକ ଧାରୁଆ ଛୁରୀ ସାହାଯ୍ୟରେ ଆକ୍ରମଣ କରିଥିଲ।। ନବରଙ୍ଗପୁର ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ କୋରାପୁଟ ଜିଲ୍ଲା ଜୟପୁର ନୂଆସାହି ଚତୁର୍ଥ ଲାଇନ୍‌ରୁ ଅଭିଯୁକ୍ତ କରଣ ବାଗକୁ ଗିରଫ କରାଯାଇ କୋର୍ଟକୁ ପଠାଯାଇଥିବା ଏକ ପ୍ରେସ ବିଜ୍ଞପ୍ତି ସୂଚନା ଦେଇଛନ୍ତି ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା।

## କବି ବଳରାମ ପୂଜାରୀଙ୍କ ଜୟନ୍ତୀ ପାଳିତ

### କବି ଚକ୍ରପାଣି ପରିଚ୍ଛାଙ୍କୁ କବି ବଳରାମ ପୂଜାରୀ ସ୍ମୃତି ସମ୍ମାନ




ବୈପାରୀଗୁଡ଼ା,୨୨।୩(ସମିସ): ଓଡ଼ିଆ ଭାଷା ସାହିତ୍ୟର ଉପାନ୍ତ ପ୍ରହରୀ ମାଟିମଗ୍ନ ସ୍ୱର୍ଗତ କବି ବଳରାମ ପୂଜାରୀ ସୁପରିଚିତ। ତାଙ୍କ ରଚନାରେ ମାଲ୍ୟବନ୍ତ ମାଟିର କଥା କୁହେ। ବିଶ୍ୱ କବିତା ଦିବସରେ ଜନ୍ମ ଗ୍ରହଣ କରି ମାଲକାନଗିରି ଜିଲ୍ଲା ତଥା ଓଡିଶା ରାଜ୍ୟକୁ କାବ୍ୟମୟ କରି ପାରିଛନ୍ତି। ସେ ସୃଷ୍ଟି କରିଥିବା ପୁସ୍ତକ ସବୁ ଉତ୍ତର ପିଢିଙ୍କୁ ଦିଗଦର୍ଶନ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। କବିଙ୍କ ଜୟନ୍ତୀ ଅବସରରେ କୁଡୁମୁଲୁଗୁମ୍ମାରେ ଥିବା ପ୍ରତିମୂର୍ତ୍ତିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଓଡିଆ ସାହିତ୍ୟର ଜଣେ ସ୍ୱର୍ଦ୍ଧିତ ସ୍ୱର କବି ବଳରାମ ପୂଜାରୀଙ୍କ ୫୨ତମ ଜୟନ୍ତୀ ସମାରୋହ ଜୟପୁର ସ୍ଥିତ ଏସ୍ ଆର୍ ମଲର କନଭେନସନ୍ ହୋଲରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଅନେକ ସାରସ୍ୱତ ସାଧକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଡ. ବାସୁଦେବ ସୁନାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ 'କବିତା ହେଉଛି କରୁଣାର ପ୍ରତିବେଦନ, ଆଉ କବି ବଳରାମ ପୂଜାରୀଙ୍କ କବିତା ବଞ୍ଚିତବର୍ଗର କରୁଣାର କଥା କହୁଛି' ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗବେଷକ ଡ. ପରମେଶ୍ୱର ମୁଣ୍ଡ ଓ କବି ଡ. ପ୍ରୀତିଧାରା ସାମଲ ଯୋଗଦେଇ ବଳରାମ ପୂଜାରୀଙ୍କ ସାହିତ୍ୟ ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତିତ୍ୱ କରିଥିଲେ କବି ତଥା ପ୍ରଶାସକ ଧର୍ମରାଜ ମାଝୀ। ଏହି ଅବସରରେ ବୈପାରୀଗୁଡାର ବିଶିଷ୍ଟ କବି ଚକ୍ରପାଣି ପରିଚ୍ଛାଙ୍କୁ ପ୍ରଥମ କବି 'ବଳରାମ ପୂଜାରୀ ସ୍ମୃତି ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ସମ୍ମାନ ବାବଦରେ ମାନପତ୍ର, ଉପଢୌକନ ଓ ଅର୍ଥରାଶି ବାବଦକୁ ପାଞ୍ଚ ହଜାର ଟଙ୍କା ପ୍ରଦାନ କରାଗଲା। ଏହି ଅବସରରେ କବି ବଳରାମ ପୂଜାରୀଙ୍କୁ ସମର୍ପିତ କରି 'କବିତା କୋରାପୁଟ' ନାମରେ ଏକ ସ୍ୱତନ୍ତ୍ର କବି ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ସାହିତ୍ୟିକ ହରିହର କରସୁଦ୍ଧା ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ରବି ଶତପଥୀ, ମାଧୁରୀ ପଣ୍ଡା, ଏମ୍. ହିମାଂଶୁ ଆଚାରୀ, ଅଶୋକ ମହାରଣା, ପ୍ରକାଶ ମହାନ୍ତି, ଗୋପାଳକୃଷ୍ଣ ସାମନ୍ତରାୟ, ସବିତା ତ୍ରିପାଠୀ, ମନୋରଞ୍ଜନ ପ୍ରଧାନ କବିତା ପାଠ କରିଥିବା ବେଳେ ଓମ୍‌ପ୍ରକାଶ ମିଶ୍ର ସମୀକ୍ଷା କରିଥିଲେ। ପୁଷ୍ପାଞ୍ଜଳି ରଣା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜୟଲକ୍ଷ୍ମୀ ପାଣିଗ୍ରାହୀ କାର୍ଯ୍ୟକ୍ରମର ସଂଯୋଜନା କରିଥଲେ। ସବ୍ୟସାଚୀ ବିଷୋୟୀ, ନିରଞ୍ଜନ ପାଣିଗ୍ରାହୀ, ଭଗବାନ ସାହୁ, ରୁଦ୍ରାଭିଷେକ ପୂଜାରୀ ଓ ରସରାଜ୍ ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ।

## ସରକାରୀ ଓକିଲଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ



ନବରଙ୍ଗପୁର,୨୨।୩(ସମିସ):

ସ୍ଥାନୀୟ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଶୋକ ମେହେଟା ସମ୍ମିଳନୀ କକ୍ଷରେ ଦୁଇ ଦିନ ଧରି ଚାଲିଥିବା ନବରଙ୍ଗପୁର ଜିଲ୍ଲାର ସରକାରୀ ଓକିଲ ମାନଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ଚନ୍ଦ୍ର ବର୍ମନ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଅନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅପରାହ୍ନରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଜିଲ୍ଲା ଓ ଦୌରା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ। ଏହି ପ୍ରଶିକ୍ଷଣ ଶିବିରରେ ଅତିଥି ଭାବରେ ଓଡିଶା ଅଭିଯୋଜନ ବିଭାଗର ଉପ ନିର୍ଦ୍ଦେଶିକା ଶୈଳଜା ପଟ୍ଟନାୟକ, ଗଜପତି ଜିଲ୍ଲାର ଉପ ନିର୍ଦ୍ଦେଶକ ଅଜିତ କୁମାର ପଟ୍ଟନାୟକ, ନିଦର୍ଶିନୀ ରଥ, ସହ-ନିର୍ଦ୍ଦେଶକ ରୁପେଶ ପ୍ରଧାନୀ, ପବ୍ଲିକ ପ୍ରସିକ୍ୟୁଟର ମନୋଜ ଏକ୍କା, ସୁନନ୍ଦା ପ୍ରଧାନ, ବରିଷ୍ଠ ଆଇନଜୀବୀ ବିଷ୍ଣୁ ପ୍ରସାଦ ପାତ୍ର, ଫରେନ୍‌ସିକ ବିଶେଷଜ୍ଞ ତ୍ରିଭୁଜ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ରହି ନବ ନିଯୁକ୍ତ ସରକାରୀ ଓକିଲଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଆଇନ ସମ୍ବନ୍ଧୀୟ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା ସହ ଆଇନ ଅନୁସାରେ ଦୋଷୀ ମାନଙ୍କୁ କିଭଳି ଭାବରେ ଅଧିକରୁ ଅଧିକ ଦଣ୍ଡ ବିଧାନ କରାଯାଇପାରିବ ସେଥିନେଇ ଆଲୋଚନା କରାଯାଇଥିଲା । ଏଥିରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ନ୍ୟାୟ ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ସହ ସମସ୍ତ ଆଇନକୁ ତର୍ଜମା କରାଯାଇ ଦୋଷୀକୁ କିଭଳି ଭାବରେ କଠୋର ଦଣ୍ଡ ବିଧାନ କରାଯିବା ସହ ସମସ୍ତ ସାକ୍ଷ୍ୟ ପ୍ରମାଣ ପାଇଁ ଆବଶ୍ୟକୀୟ ପ୍ରମାଣ କୁ ଆଧାର କରି ମାମଲାକୁ ପରିଚାଳନା କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମୃତ୍ୟୁଞ୍ଜୟ ମହାରଣା, ଅଶୋକ କୁମାର ପାଢ଼ୀ, ସରୋଜ କୁମାର ବେହେରା, ସୀମାଞ୍ଚଳ ପାଢ଼ୀ, ଶ୍ରୀକାନ୍ତ କୁମାର ପଣ୍ଡା, ସଞ୍ଜୀବ କୁମାର ଭକ୍ତ, ତପନ କୁମାର ସିଂ,ରାମଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ଗଣ୍ଡ, ଶ୍ରୀନିବାସ ପାତ୍ର, ବିଧୁ ଶେଖର ତ୍ରିପାଠୀ, ଶତାବ୍ଦୀ ପାଳ, ସ୍ୱାଗତିକା ସାମନ୍ତରାୟ, ଅରୁଣ ପ୍ରସନ୍ନ ନାୟକ, ଏକାମ୍ର ବିଷୋୟୀ, ସୁଧୀର କୁମାର ବେହେରା, ସୁବାଷ ପଟ୍ଟନାୟକ, ସୀମାଞ୍ଚଳ ମଲ୍ଲିକ, ଦିବାନ ସିଂ, ଗୋପୀନାଥ ସାହୁ, ଶିବ ଶଙ୍କର ପତି, ଦିବ୍ୟ ରଞ୍ଜନ ପାତ୍ର, କ୍ରିଷ୍ଣା ରାୟ,ହୀରାଧର ମାଳୀ, ପ୍ରଦୀପ ପଟ୍ଟନାୟକ, କିଶୋରୀ ପଟ୍ଟନାୟକ ଓ ସାଇରାମ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ସଭା ଶେଷରେ ମାନ୍ୟବର ଜିଲ୍ଲା ଓ ଦୌରା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ବନ ଦିବସରେ ରାମଗିରି ପଞ୍ଚାୟତ ପୁରସ୍କୃତ

ବୈପାରିଗୁଡ଼ା,୨୨।୩(ସମିସ): ବିଶ୍ୱ ବନ ଦିବସରେ ବୈପାରିଗୁଡା ବ୍ଲକର ରାମଗିରି ପଞ୍ଚାୟତକୁ ପୁରସ୍କୃତ । କୋରାପୁଟ ଫରେଷ୍ଟ



ଡିଭିଜନାଲ୍ ସଭାଗୃହ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ବନ ଦିବସରେ ବନ ସୁରକ୍ଷା ପାଇଁ ରାମଗିରି ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ରାମଗିରି ଅଞ୍ଚଳରେ ଥିବା ବନ ସୁରକ୍ଷା ସମିତି ସଭ୍ୟ ମାନଙ୍କ ଦ୍ୱାରା ଜଙ୍ଗଲ ସୁରକ୍ଷା ସହ ବୃକ୍ଷ ରୋପଣ କରିବା, ଜଙ୍ଗଲରେ ନିଆଁ ନଲଗାଇ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ରାମଗିରି ଅଞ୍ଚଳରେ ବନବିଭାଗ ଦ୍ୱାରା ଯେତିକି ପ୍ଲାଣ୍ଟେସନ କରାଯାଇଛି ସେସବୁର ରକ୍ଷଣାବେକ୍ଷଣ କରିବା ଭଳି ପଦକ୍ଷେପ ନିଆଯାଉ ଥିବାରୁ ରାମଗିରି ପଞ୍ଚାୟତ ସରପଞ୍ଚ କୁମନ ମୁଦୁଲିଙ୍କୁ ୨୦ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏଫଇଏସ ନିର୍ଦ୍ଦେଶକ ପ୍ରଦୀପ ମିଶ୍ର, କୋରାପୁଟ ଡିଏଫଓ କେ.ଭି. ଭାସ୍କର ରାଓ, କୋରାପୁଟ ଏଡିଏମ୍ ନରେଶ କୁମାର ଶବର, ଏସିଏଫ ଜଗନ୍ନାଥ ବିଷୋୟୀ, ଏସିଏଫ ଚନ୍ଦ୍ରସେନ ପୂଜାରୀ, ସ୍ୱେଚ୍ଛାସେବୀ ସିଏଚ୍ ସାନ୍ତା କୁମାର, ପ୍ରାଣୀ ମିତ୍ର ରାମନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମାଁ ଭଣ୍ଡାରଘରଣୀଙ୍କ ବାସନ୍ତୀକ ନବରାତ୍ର ଆରମ୍ଭ

ନବରଙ୍ଗପୁର,୨୨।୩ (ସମିସ) :

ନବରଙ୍ଗପୁର ଠାରେ ଆରମ୍ଭ ହେଉଛି ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀଙ୍କ ବାସନ୍ତୀକ ନବରାତ୍ର ପୂଜା । ପ୍ରତି ବର୍ଷ ଚୈତ୍ର ପ୍ରତିପଦା ତିଥି ଠାରୁ ଆରମ୍ଭ ହୋଇଥାଏ ମାଁଙ୍କ ନବ ଦିନାତ୍ମକ ପୂଜା। ଏହି ନବଦିନାତ୍ମକ ପୂଜା ନୀତିରେ ପ୍ରତ୍ୟେକ ଦିନ ବିଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି ମାଁ ଭଣ୍ଡାରଘରଣୀ। ଏହି ନଅ ଦିନର ପୂଜାରେ ପ୍ରତ୍ୟେକ ଦିନ ମାଁ ଙ୍କୁ ୪ଟି ପର୍ଯ୍ୟାୟରେ ୪ଥର ଶୃଙ୍ଗାର ଦ୍ରବ୍ୟ ଅର୍ପଣ କରାଯାଇଥାଏ ଏବଂ ଦିନରେ ଏବଂ ରାତ୍ରର ସମୟରେ ମଧ୍ୟ ହୋମ ଯଜ୍ଞ କରାଯାଇଥାଏ। ପୂଜା ଶେଷରେ ମଧ୍ୟାହ୍ନ ଏବଂ ରାତ୍ର ସମୟରେ ଅନ୍ନ



ଭୋଗ ହୋଇଥାଏ। ମାଁ ଭଣ୍ଡାର ଘରଣୀଙ୍କ ନବ ଦିନାତ୍ମକ ବାସନ୍ତିକ ପୂଜାର ସମସ୍ତ ନୀତି କାନ୍ତି ନବରଙ୍ଗପୁର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ହେଉଥିବା ବେଳେ ମାଁ ଭଣ୍ଡାର ଘରଣୀ ମନ୍ଦିର ମୁଖ୍ୟ ପୂଜକ ବାବୁନୁ ରଥ , ରାଜୀବ ଲୋଚନ ପୂଜାରୀ , କୁଞ୍ଜ ରଥ , ପ୍ରସନ୍ନ କୁମାର ରଥଙ୍କ ସମେତ ବରୁଣିଆ ଭାବରେ ବାବୁଲା ତ୍ରିପାଠୀ, ସୁଧାକର ପାଢ଼ୀ, ବିଧୁ ଶେଖର ତ୍ରିପାଠୀ, ଦେବେନ ମିଶ୍ର, ପ୍ରମିଶ ତ୍ରିପାଠୀ, ଗୌର ତ୍ରିପାଠୀ, ସୁରେଶ ତ୍ରିପାଠୀ ଏବଂ ସିଦ୍ଧେଶ୍ୱର ମହାପାତ୍ର ପ୍ରମୁଖ ନବଦିନାତ୍ମକ ପୂଜାରେ ପୂଜା ନୀତି ତୁଲାଇବା ସହିତ ପୂଜାରେ ସମସ୍ତ ପ୍ରକାର ସହଯୋଗ କରିଥାନ୍ତି।

## ଜନଗଣନା ନେଇ ତାଲିମ ଶିବିର

ବିଷମ କଟକ,୨୨।୩(ସମିସ): ଆସନ୍ତା ଏପ୍ରିଲ ମାସରୁ ଆରମ୍ଭ ହେବାକୁ ଥିବା ଜନଗଣନା ନିମନ୍ତେ ଆଜି ରାୟଗଡ଼ା ଜିଲ୍ଲା ବିଷମ କଟକ ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ତରୀୟ ୩ଦିନିଆ ଜନଗଣନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲିମ ଶିବିର ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଦ୍‌ଭାବନା ଗୃହ ପରିସରରେ ଆୟୋଜିତ ହୋଇଛି। ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ବିଜ୍ଞାପିତ ଅଞ୍ଚଳ ପରିଷଦର ଭାରପ୍ରାପ୍ତ କାର୍ଯ୍ୟନିର୍ବାହି ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ତହସିଲଦାର ଦିଲେଶ୍ୱରୀ ଦଳେଇ ଉପସ୍ଥିତ ଥିବା ବେଳେ କ୍ଷେତ୍ର ପ୍ରଶିକ୍ଷକ ଭାବେ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ସୁଭପ୍ରଦା ସାସମଲ, ବରିଷ୍ଠ ଶିକ୍ଷକ ରାଜେଶ ବିଶ୍ୱାଳ ଯୋଗଦେଇ ୨୯ ଜଣ ଶିକ୍ଷକ ଏବଂ ସିଆରସିସି ମାନଙ୍କୁ ତାଲିମ ପ୍ରଦାନ କରିଛନ୍ତି। ଏହି ତାଲିମି ଶିବିର ତିନି ଦିନ ଧରି ଚାଲିଥିଲା। ଜନଗଣନା ସମ୍ବନ୍ଧୀୟ ହସ୍ତକ୍ଷେପ ହୋଇଥିବା ସମସ୍ତ ବ୍ୟକ୍ତିଗତ ତଥ୍ୟ ସବୁକୁ ସର୍ବସାଧରଣରେ ପ୍ରକାଶ କରିବାକୁ ବାରଣ କରାଯାଇଛି। ଜନଗଣନା ସମୟରେ ଲୋକଙ୍କ ସହ ଉତ୍ତମ ବ୍ୟବହାର ପଦର୍ଶନ କରିବାକୁ ପରାମର୍ଶ ଦିଆଯିବା ସହ ଭାରତ ସମ୍ବିଧାନର ନିର୍ବାଚନ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥିବାରୁ ଏହାକୁ ଶୃଙ୍ଖଳିତ ଭାବେ ତୁଲାଇବାକୁ ତହସିଲଦାର ପ୍ରଶିକ୍ଷକ ମାନଙ୍କୁ ପରାମର୍ଶ ଦେଇଛନ୍ତି।

## ଜାତୀୟ ଆଦିବାସୀ ପରାମର୍ଶଦାତା ପରିଷଦର ବୈଠକ




ଉମରକୋଟ,୨୨।୩(ସମିସ): ଜାତୀୟ ଆଦିବାସୀ ପରାମର୍ଶଦାତା ପରିଷଦର ନୂଆଦିଲ୍ଲୀ ଠାରେ ବୈଠକରେ ଯୋଗ ଦେଲେ ନବରଙ୍ଗପୁର ଜିଲ୍ଲାର ଦୁଇ ଆଦିବାସୀ ନେତ୍ରୀ ପୂର୍ବତନ ମନ୍ତ୍ରୀ ପରମା ପୂଜାରୀ ଓ ଫାୟାର ବ୍ରାଣ୍ଡ ନେତ୍ରୀ ହାରାବତୀ ଗଣ୍ଡ। ବୈଠକ ନୂଆଦିଲ୍ଲୀ ସ୍ଥିତ ଇନ୍ଦିରା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଭାରତ ବର୍ଷର କୋଣ ଅନୁକୋଣର ଆଦିବାସୀ ମୁଖ୍ୟମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ସବୁଠାରୁ ଉଲ୍ଲେଖନୀୟ କଥା ହେଲା ଦୀର୍ଘ ୨୦ ବର୍ଷ ପରେ ପୂର୍ବତନ ମହିଳା ମନ୍ତ୍ରୀ ତଥା ଉମରକୋଟର ବିଧାୟିକା ପରମା ପୂଜାରୀ। ବୈଠକରେ ଯୋଗଦେଇଥିଲେ । ଯାହା ଜିଲ୍ଲା ରାଜନୀତିରେ ଆଲୋଚନାର ଖୋରାକ ଯୋଗାଇଛି। ପରମା ପୂଜାରୀ ଉମରକୋଟରୁ କଂଗ୍ରେସ ଦଳ ପକ୍ଷରୁ ଚାରିଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଦୁଇ ଥର ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇଥିଲେ । ତାଙ୍କ ସମୟରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସର ଅଭେଦ୍ୟ ଦୁର୍ଗ ଥିଲା । ପରମା ପୂଜାରୀ ରାଜନୀତିରେ ସୁପ୍ତ ହେବା ପରେ ଏକ ପ୍ରକାର କଂଗ୍ରେସ ଦୁର୍ଗ ଭାଙ୍ଗି ପଡିଥିଲା। ପୁଣି ପରମାଙ୍କୁ ଆଦିବାସୀ ନେତ୍ରୀ ଭାବେ ଦାୟିତ୍ୱ ଦିଆଯିବା ପରେ କଂଗ୍ରେସ ଶିବିରରେ ନୂଆ ଶକ୍ତି ମିଳିଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ କଂଗ୍ରେସର ମୁଖ୍ୟ ରାହୁଲ ଗାନ୍ଧୀ ଯୋଗ ଦେଇଥିବା ବେଳେ ଓଡ଼ିଶାରୁ ପୂର୍ବତନ ବିଧାୟିକା ତଥା ମନ୍ତ୍ରୀ ପରମା ପୂଜାରୀ ଓ ଝରିଗାଁର ଆଦିବାସୀ ନେତ୍ରୀ ତଥା ସମାଜସେବୀ ହାରାବତୀ ଗଣ୍ଡ ଯୋଗ ଦେବା ଦିଲ୍ଲୀରେ ଏହି ନେତ୍ରୀମାନଙ୍କୁ ଗୁରୁତ୍ୱ ବଢୁଥିବା ଚର୍ଚ୍ଚା ହେଉଛି।

# ବଦଳି କୁଡୁମା ଗାଁରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା

ପୋଡ଼ାଗଡ଼,୨୨।୩(ସମିସ): ବୁନ୍ଦାଏ ପାଣି ପାଇଁ ନାହିଁ ନଥିବା ହିନସ୍ତା ହେଉଛନ୍ତି ଅନେକ ଗ୍ରାମବାସୀ। କୋଟି କୋଟି ଟଙ୍କା ବ୍ୟୟରେ ବସୁଧା ଯୋଜନା ମାଧ୍ୟମରେ ଗାଁକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଗ୍ରାମ ମାନଙ୍କରେ ଟାଙ୍କି ନିର୍ମିତ ହେଇଛି। କିନ୍ତୁ ପାଣି ପାଇ ପାରୁନାହାନ୍ତି ଗ୍ରାମବାସୀ। ଏହିପରି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅଧିନସ୍ଥ ବଦଳି କୁଡୁମା ଗାଁରେ । ଏଠାରେ ପାନୀୟ ଜଳର ଉକ୍ରଟ ସମସ୍ୟା ଦେଖା ଦେଇଛି। ପାଣି ପାଇଁ ଗ୍ରାମବାସୀ ଉହଲ ବିକଳ ହେଉଥିବା ଅଭିଯୋଗ କରିଛନ୍ତି। ଖରାର ପ୍ରକୋପ ଦିନକୁ ଦିନ ଯେତିକି ବଢୁଛି, ଭୁତଳର ଜଳସ୍ତର ସେତିକି ହ୍ରାସ ପାଉଛି। ଶୁଖି ଗଲାଣି, ନାଳ, ପୋଖରୀ ଓ ନଳକୂଅର ପାଣି। ବିଶୁଦ୍ଧ ପାନୀୟ ଜଳ ଟୋପାଏ ପାଇଁ ଘୁରି ବୁଲୁଛନ୍ତି ମହିଳା ଓ ଯୁବତୀ। ଦୂଷିତ ପାଣିରେ ଗାଧୋଇ ବିଭିନ୍ନ ସଂକ୍ରମଣ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଏହି ଗାଁରେ ୨୫୦ ପରିବାର ଲୋକ ବସବାସ କରନ୍ତି। ଜନ ସଂଖ୍ୟା ପାଖାପାଖି ୮୬୦ ଜଣ ଅଛନ୍ତି। ଗୌଡ, ଦଳିତ, ପାଇକ, ପରଜା ଏବଂ କମାର ସଂପ୍ରଦାୟର ଲୋକ ରହନ୍ତି। ଏମାନଙ୍କ ପାଇଁ ୫ଟି ନଳକୂଅ ରହିଥିଲେ ମଧ, କୌଣସି ନଳକୂଅରେ ଠିକ୍ ଭାବେ ପାଣି ବାହାରୁ ନାହିଁ। ଗୋଟିଏ ହାଣ୍ଡି ପାଣି ପାଇଁ ଘଣ୍ଟା ଘଣ୍ଟା ଧରି ଜଗିବାକୁ ପଡୁଛି। ପାଣି ପାଇଁ ବିଭିନ୍ନ ସମୟରେ ମହିଳାଙ୍କ ମଧ୍ୟରେ ପାଟି ତୁଣ୍ଡ ଗଣ୍ଡଗୋଳ ହେବାକୁ ପଡୁଛି ବୋଲ ଗୌରି ଗୌଡ, ତୁଳସା ଗୌଡ, ଗୀତାଞ୍ଜଳି ଗୌଡ଼ ପ୍ରମୁଖ ପ୍ରକାଶ କରିଛନ୍ତି। ଗାଁ ମୁଣ୍ଡରେ ଗତ ଦୁଇ ବର୍ଷ ତଳେ ଜଳ ଓ ପରିମଳ ମିଶନ ବିଭାଗ ପକ୍ଷରୁ ଅଟକଳ ମୂଲ୍ୟ କୋଟି ଟଙ୍କା ବ୍ୟୟ କରି ବସୁଧା ଯୋଜନାର ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ନିର୍ମାଣ କରାଯାଉଛି। ଗାଁ ଦାଣ୍ଡରେ ଷ୍ଟାଣ୍ଡପୋଷ୍ଟ ମଧ୍ୟ ନିର୍ମାଣ ହୋଇଛି। ହେଲେ ଗାଁ ଲୋକଙ୍କୁ ନିୟମିତ ଭାବେ ପାଇପ୍ ପାନୀୟ ଜଳ ମିଳୁନାହିଁ। ନିର୍ମାଣ ହେବା ପରଠାରୁ କେବେ ମଧ ୬ ମାସ ଧରି ନିୟମିତ ଭାବେ ପାନୀୟ ଜଳର ସୁବିଧା ଗାଁ ଲୋକ ପାଇ ନାହାନ୍ତି ବୋଲି କ୍ଷୋଭର ସହ କହିଛନ୍ତି। ଅନ୍ୟ ପଟେ ବାରମ୍ବାର ମୋଟର ଖରାପ ହୋଇଥିବା ପମ୍ପ ଡ୍ରାଇଭର କହୁଛନ୍ତି। ସେ ପଟେ ଅଧିକାରୀ ଓ ଠିକାଦାରଙ୍କ ଦେଖା ମିଳୁନାହିଁ। ଉଭୟ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁ ଚନ୍ଦ୍ରିକାରେ ନିମ୍ନମାନର ସାମଗ୍ରୀ କାର୍ଯ୍ୟ ରେ ବ୍ୟବହାର କରାଯାଇଛି। ତେଣୁ ବାରମ୍ବାର ଖରାପ ହେଉଛି ବୋଲି ଗ୍ରାମବାସୀ କହିଛନ୍ତି। ଆଜକୁ ପ୍ରାୟ ୪ ମାସ ହେଲା ଜଳ ଯୋଗାଣ ବ୍ୟବସ୍ଥା ଠପ୍ ହୋଇଛି ବୋଲି କହିଛନ୍ତି। ଗୁହାରି କଲେ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି କହିଛନ୍ତି। ତେଣୁ ଏବେ ନିଷ୍ପତି ନେଲେଣି, ପାନୀୟ ଜଳ ସୁବିଧା ନ କଲେ ହାଣ୍ଡି ଗରା ଧରି ବିଡିଓଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ବିଭାଗୀୟ ଯନ୍ତ୍ରୀ ସଞ୍ଜିବ କୁମାର ଅଲି କହିଛନ୍ତି ଯେ ଖୁବ୍‌ଶୀଘ୍ର ମରାମତି କରି ପାଣି ଯୋଗାଇ ଦିଆଯିବ।

# ସମ୍ପାଦକୀୟ

ଭିନ୍ନ ଭିନ୍ନ ଭାଷାରେ ଲେଖାଯାଇଥିଲେ ମଧ୍ୟ ଭାରତୀୟ ସାହିତ୍ୟର ପରିଚୟ ଗୋଟିଏ।
- ଡ. ଏସ୍.ରାଧାକ୍ରିଷ୍ଣନ୍

ସକାଳ
THE SAKALA

## ଆତଙ୍କବାଦୀ କିଏ?

ସାମ୍ପ୍ରତି ଉପସାଗରୀୟ ଯୁଦ୍ଧର ଆତଙ୍କ ସମଗ୍ର ବିଶ୍ୱକୁ କବଳିତ କରିଚାଲିଛି। ଏହି ଯୁଦ୍ଧର ପ୍ରାୟୋଜକ କିଏ ଏବଂ ଏହା ପଛର ଉଦ୍ଦେଶ୍ୟ କ'ଣ ତାହା ବିଶ୍ୱବାସୀଙ୍କୁ ଅଛପା ନାହିଁ। ଆକ୍ରମଣକାରୀ ଦୁଇ ଉନ୍ନତ, ବିକଶିତ ଓ ସଭ୍ୟ ରାଷ୍ଟ୍ର ଆମେରିକା ଓ ଇସ୍ରାଏଲ୍‌ର ସ୍ପଷ୍ଟୀକରଣ ହେଲା ଇରାନ୍ ଏକ ଆତଙ୍କସୃଷ୍ଟିକାରୀ ଦେଶ। ଏହି ଦେଶ ହେଜବୋଲ୍ଲା, ହାଉଥି, ହମାସ୍ ଭଳି ଆତଙ୍କବାଦୀ ସଂଗଠନକୁ ପ୍ରୋତ୍ସାହନ ଦେଉଛି ଏବଂ ଗୁପ୍ତରେ ପରମାଣୁ ଅସ୍ତ୍ର ନିର୍ମାଣ କରୁଛି। ତେଣୁ ବିଶ୍ୱ ଶାନ୍ତି ପ୍ରତି ଇରାନ୍ ଠାରୁ ବିପଦ ରହିଛି। ଏହି ଅଭିଯୋଗ ମୁଖ୍ୟତଃ ଇସ୍ରାଏଲ୍‌ର। ଇସ୍ରାଏଲ୍‌ର ସମାନ ଅଭିଯୋଗରେ ଆମେରିକା ଓ ତା'ର ମିତ୍ର ରାଷ୍ଟ୍ର ଇରାକ୍‌କୁ ଧ୍ୱଂସ ଏବଂ ସଦ୍ଦାମ ହୁସେନ୍‌ଙ୍କୁ ଗାଦିଚ୍ୟୁତ କରି ବ୍ୟାପକ ଖୋଳତାଡ଼ କରିବା ପରେ ମଧ୍ୟ ସେଠାରେ ପରମାଣୁ ଅସ୍ତ୍ର ନିର୍ମାଣର କୌଣସି ପ୍ରମାଣ ମିଳିଲା ନାହିଁ। ତେଣୁ ବର୍ତ୍ତମାନର ଇରାନ୍ ବିରୋଧରେ ଇସ୍ରାଏଲ୍‌ର ଅଭିଯୋଗ ପଛରେ କେତେ ସତ୍ୟତା ରହିଛି ତାହା ମଧ୍ୟ ଏକ ପ୍ରଶ୍ନବାଚୀ। ଅଧିକନ୍ତୁ ଏବେ ଇରାନ୍‌ର ଇନ୍ଧନ ଭଣ୍ଡାର ଉପରେ ଆକ୍ରମଣ ଯେ କୌଣସି ବୈଶ୍ୱିକ ଆତଙ୍କରୁ କମ୍ ନୁହେଁ ଏହା ମଧ୍ୟ ଆମେରିକା-ଇସ୍ରାଏଲ୍‌କୁ ସ୍ୱୀକାର କରିବାକୁ ପଡ଼ିବ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଯେତେସବୁ ଯୁଦ୍ଧ ବା ଗୃହଯୁଦ୍ଧ ସଂଘଟିତ ହୋଇଛି ସେ ସବୁର ମୁଖ୍ୟ କାର୍ପଟ୍‌ଦାର ରହିଛି ଆମେରିକା। ଏହା କ'ଣ ଆତଙ୍କବାଦ ନୁହେଁ? ହେଜବୋଲ୍ଲା, ହମାସ୍ ଓ ହାଉଥି ପରି ଆତଙ୍କବାଦୀ ସଂଗଠନଙ୍କୁ ଇରାନ୍ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ସତ ବୋଲି ଧରି ନିଆଯାଉ। କିନ୍ତୁ ସେମାନଙ୍କର କାର୍ଯ୍ୟକଳାପ କେବଳ ମଧ୍ୟପ୍ରାଚ୍ୟରେ ସୀମିତ। କିନ୍ତୁ ଆମେରିକା ଦ୍ୱାରା ପ୍ରାୟୋଜିତ ଓ ସୃଷ୍ଟ ଆଇଏସ୍ଆଇଏସ୍, ତାଲିବାନ୍ ଓ ଅଲକାଏଦା ପରି ଆତଙ୍କବାଦୀ ସଂଗଠନଙ୍କ କାର୍ଯ୍ୟକଳାପ ବିଶ୍ୱବ୍ୟାପୀ। ତେଣୁ ବଡ଼ ଆତଙ୍କବାଦୀ କିଏ - ଇରାନ୍ ନା ଆମେରିକା? ପୁଣି ଅଣୁଅସ୍ତ୍ର ସମ୍ପନ୍ନ ପାକିସ୍ତାନକୁ ଆତଙ୍କବାଦୀଙ୍କ ସ୍ୱର୍ଗ ଏବଂ ପାକିସ୍ତାନ ହିଁ ଆତଙ୍କବାଦର ମୁଖ୍ୟ ରପ୍ତାନୀକାରୀ ବୋଲି ଖୋଦ୍ ଆମେରିକା ଘୋଷଣା କରିଛି। ତୁଳନାତ୍ମକ ଭାବେ ଇରାନ୍ ଠାରୁ ପାକିସ୍ତାନ ଆହୁରି ଭୟଙ୍କର ଓ ବିଶ୍ୱ ପାଇଁ ବିପଦ। ନିକଟରେ ପାକିସ୍ତାନର ଅମାନବୀୟ ଆକ୍ରମଣରେ ଆଫଗାନିସ୍ତାନର ଏକ ଡାକ୍ତରଖାନାରେ ୪୦୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଛି। ଇସ୍ରାଏଲ୍‌ର କ୍ଷେପଣାସ୍ତ୍ର ଇରାନ୍‌ର ଏକ ସ୍କୁଲ୍‌କୁ ଲକ୍ଷ୍ୟଭେଦ କରି ୧୫୦ରୁ ଉର୍ଦ୍ଧ୍ୱ କୋମଳମତି ଛାତ୍ରଛାତ୍ରୀଙ୍କୁ ହତ୍ୟା କରିଛି। ଏହାପୂର୍ବରୁ ଗାଜାର ଏକାଧିକ ଡାକ୍ତରଖାନା ଉପରେ ଇସ୍ରାଏଲ୍ ଆକ୍ରମଣ କରିଛି। ଅଥଚ ମାନବବାଦର ଉଦ୍‌ଘୋଷଣା କରୁଥିବା ଆମେରିକା ଦୃଷ୍ଟିରେ ପାକିସ୍ତାନ କିମ୍ବା ଇସ୍ରାଏଲ୍ ଆତଙ୍କବାଦୀ ନୁହନ୍ତି।

କେବଳ ଇରାନ୍ ନୁହେଁ, ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଦେଶଠାରୁ ଆମେରକା ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ନିରାପଦ ଦୂରତ୍ୱରେ ରହିଛି। ତେଣୁ ଇରାନ୍ ଅଣୁଅସ୍ତ୍ର ସମ୍ପନ୍ନ ହେଲେ ମଧ୍ୟ ଆମେରିକା ଉପରେ ଆକ୍ରମଣର କୌଣସି ସମ୍ଭାବନା ସୁଦୂର ଭବିଷ୍ୟତରେ ନାହିଁ। ଏହାସତ୍ତ୍ୱେ ଇସ୍ରାଏଲ୍‌ର ଉସୁକାଣରେ ଆମେରିକା ଇରାନ୍ ଉପରେ ଆକ୍ରମଣ କରିବା ପଛରେ ଯେ ଟ୍ରମ୍ପଙ୍କ ଆତଙ୍କବାଦ ଅଭିଲୀପ୍ସା ରହିଛି ଏହାକୁ କିଭଳି ଅସ୍ୱୀକାର କରାଯାଇପାରିବ? ଆମେରିକାର ରାଷ୍ଟ୍ରନୀତି ହେଉଛି ପ୍ରଥମେ ଦୁଇ ଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଁ ସୁସ୍ଥ ପରିବେଶଟିଏ ଗଢ଼ିଦେବା, ତା'ପରେ ସେହି ଦୁଇଦେଶ ମଧ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି କରିବା। ଶେଷରେ ସାମରିକ କାର୍ଯ୍ୟାନୁଷ୍ଠାନ ଜରିଆରେ ଈପ୍‌ସିତ ଦେଶକୁ ଧ୍ୱଂସ କରି ସେଠାରେ ଅରାଜକତା ସୃଷ୍ଟି କରିବା। ବିଶ୍ୱର ଯେକୌଣସି ଅଞ୍ଚଳରେ ଅରାଜକତା ସୃଷ୍ଟି ହେଲେ ମୌଳବାଦୀ, ଉଗ୍ରପନ୍ଥୀ, ଚରମ ପନ୍ଥୀ ସୃଷ୍ଟି ହେବା ସ୍ୱାଭାବିକ। ଏକପକ୍ଷରେ ସେମାନଙ୍କୁ ହିଂସା ସୃଷ୍ଟି ପାଇଁ ଆବଶ୍ୟକ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଇ ଅପରପକ୍ଷରେ ସେହି ଉଗ୍ରବାଦୀଙ୍କ ଟାର୍ଗେଟ୍‌ରେ ଥିବା ଦେଶକୁ ପ୍ରତିରକ୍ଷା ଉପକରଣ ବିକ୍ରି କରି ବିପୁଳ ରାଜସ୍ୱ ସଂଗ୍ରହ ହେଉଛି ଆମେରିକାର ଦ୍ୱିତୀୟ ନୀତି। ଏହି ଆଳରେ ସମ୍ପୃକ୍ତ ଦୁଇ ଦେଶର ଥିବା ପ୍ରାକୃତିକ ଖଣିଜ ସମ୍ପଦକୁ ଆମେରିକା ମନଇଚ୍ଛା ଉତ୍ତୋଳନ କରିଚାଲେ, ଯାହାକୁ ସଭ୍ୟ-ଆତଙ୍କବାଦ ଓ ଭଦ୍ର-ଆତଙ୍କବାଦ ରୂପେ ଅଭିହିତ କରାଯାଇପାରିବ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରୁ ଆମେରିକାର ଏଭଳି ଭଦ୍ର-ଆତଙ୍କବାଦ ରାଷ୍ଟ୍ର-ରଣନୀତି ଇରାକ୍, କୁଏତ୍, ଆଫ୍‌ଗାନିସ୍ତାନ, ସିରିଆ, ଲିବିଆ, ଆଦି ଦେଶରେ ଦେଖିବାକୁ ମିଳିଛି। ଏବେ ଭେନେଜୁଏଲା ଓ ଇରାନ୍ ପ୍ରୟୋଗ କ୍ଷେତ୍ର ହୋଇଛି ଏବଂ ଆଗକୁ ଗ୍ରୀନ୍‌ଲାଣ୍ଡ, କ୍ୟୁବା ଅକ୍ତିଆର ପାଇଁ କ୍ଷେତ୍ରପ୍ରସ୍ତୁତ ଚାଲିଛି। ବିଶ୍ୱର ପ୍ରଥମ ଓ ଶେଷ ପରମାଣୁ ବୋମା ଆମେରିକା ନିକ୍ଷେପ କରିଛି। ଜାପାନ୍‌ର ହିରୋସିମା ଉପରେ ପରମାଣୁ ବୋମା ନିକ୍ଷେପ ପରେ ଜାପାନ୍ ଏକପ୍ରକାର ଆତ୍ମସମର୍ପଣ କରିସାରିଥିଲା। ତଥାପି ନାଗାସାକି ଉପରେ ଆଉ ଏକ ବୋମା ନିକ୍ଷେପ କରି ଆମେରିକା ବିଶ୍ୱରେ ଯେଉଁ ବିଭୀଷିକା ସୃଷ୍ଟି କରିଥିଲା, ତାହାର ପରାଭବ ଆଜି ବିଶ୍ୱକୁ ଅଣୁଅସ୍ତ୍ର ସମ୍ପନ୍ନ କରିବାକୁ ବାଧ୍ୟ କରିଛି।

ଏକପକ୍ଷରେ ଯୁଦ୍ଧର ବିଭୀଷିକା ଓ ଆତଙ୍କ ଏବଂ ଅପରପକ୍ଷରେ ପରିବେଶ ସଙ୍କଟ ସୃଷ୍ଟି କରୁଥିବା ଆମେରିକା କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଆତଙ୍କବାଦ ଅପବାଦରୁ ସୁରକ୍ଷିତ ରହିଛି। ଏହାର ପ୍ରମୁଖ କାରଣ ରହିଛି ଅର୍ଥ ଓ ଆତଙ୍କ। ଏକ ଉଦାହରଣ ଦେଖାଯାଉ। ୨୦୨୨ ଫେବୃଆରୀ ମାସ ୨୪ ତାରିଖରେ ରୁଷ୍ ୟୁକ୍ରେନ୍ ଉପରେ ଆକ୍ରମଣ କରିବାର ପରଦିନ ଆନ୍ତର୍ଜାତିକ ଅଲିମ୍ପିକ୍ କମିଟି ଏବଂ ତା'ର ତିନିଦିନ ପରେ ଫିଫା ରୁଷ୍ ବିରୋଧରେ କଟକଣା ଜାରି କଲା। ଅପରପକ୍ଷରେ ଗତ ୨୮ ତାରିଖରେ ଇରାନ୍ ଉପରେ ଆମେରିକା ଆକ୍ରମଣ କଲା। ଗତ ମାର୍ଚ୍ଚ ୩ ତାରିଖରେ ଆନ୍ତର୍ଜାତିକ ଅଲିମ୍ପିକ୍ କମିଟିର ବୈଠକରେ ଆମେରିକା କିମ୍ବା ଇସ୍ରାଏଲ୍ ବଦଳରେ ଇରାନ୍ ବିରୋଧରେ ନିଷେଧାଦେଶ ଜାରି ହେଲା। ଫିଫା ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରିନାହିଁ। ଚାରିବର୍ଷ ଅନ୍ତରରେ ସମାନ ସମୟରେ ସମାନ ଘଟଣା ପାଇଁ ସମାନ ଅନୁଷ୍ଠାନର ଦୁଇବିପରୀତମୁଖୀ ଆଭିମୁଖ୍ୟ ପଛର ମୁଖ୍ୟ କାରଣ ହେଉଛି ବିଶ୍ୱ କ୍ରୀଡ଼ା ପାଣ୍ଠିକୁ ଆମେରିକାର ଏକାକୀ ଅବଦାନ ଏକ-ତୃତୀୟାଂଶ।

ଅର୍ଥ ଓ ପ୍ରତିପତ୍ତିରେ ସାରା ବିଶ୍ୱକୁ ଆତଙ୍କିତ ଓ ଧମକାଇ ରଖିଥିବା ଆମେରିକାକୁ ପାନେ ଦେବା ପାଇଁ ଏବେ ଅବଶିଷ୍ଟ ବିଶ୍ୱ ଏକଜୁଟ୍ ହେବା ଆବଶ୍ୟକ। ଆମେରିକା ଦୁର୍ବଳତା ହେଉଛି ଆଭ୍ୟନ୍ତରୀଣ ଉତ୍ପାଦନ ପାଇଁ ଭିତ୍ତିଭୂମିର ଅଭାବ। ଏହାର ସୁଯୋଗ ନେଇ ଆମେରିକା ବିରୋଧରେ ମିଳିତ ବାଣିଜ୍ୟ କଟକଣା ଲାଗୁ କରିବାର ସମୟ ଆସିଛି। କିନ୍ତୁ ବିଲେଇ ବେକରେ ଘଣ୍ଟି ବାନ୍ଧିବାକୁ ହେଲେ ମୂଷାମାନଙ୍କୁ ଏକଜୁଟ ହେବାକୁ ପଡ଼ିବ। ଏହି ମେଳିର ନେତୃତ୍ୱ ନେବ କିଏ? ଏହି ପ୍ରଶ୍ନର ଯେତେଦିନ ପର୍ଯ୍ୟନ୍ତ ସନ୍ତୋଷଜନକ ଉତ୍ତରଟିଏ ବାହାରି ନଥିବ ଆମେରିକାର ଆତଙ୍କ ଜାରି ରହିଥିବ।

## ଯଶପାଲ୍ ଭଟ୍ଟିଙ୍କ ଘୋଡ଼ା

ଗୌରୀପ୍ରସାଦ ମହାପାତ୍ର

ବିଗତ ଶତାବ୍ଦୀର ଅଶୀଦଶକରେ ଦୂରଦର୍ଶନରେ ପ୍ରସାରିତ ସର୍ବାଧିକ ଲୋକପ୍ରିୟ ବ୍ୟଙ୍ଗ-ସମାଲୋଚନାଧର୍ମୀ ସିରିଏଲ୍ 'ଫ୍ଲପ୍ ଶୋ'ର ନିର୍ମାତା-ନିର୍ଦ୍ଦେଶକ-ଅଭିନେତା ଯଶପାଲ୍ ଭଟ୍ଟି ଯଦି ଆଜି ଜୀବିତ ଥା'ନ୍ତେ, ତେବେ ତାଙ୍କ କଳ୍ପନାପ୍ରସୂତ କାହାଣୀର 'ଘୋଡ଼ା'ମାନଙ୍କର ବଜାରମୂଲ୍ୟ ସେତେବେଳର ୫୦ ଲକ୍ଷରୁ ଏବେ ୧୫ କୋଟି ଟଙ୍କାରେ(ସଦ୍ୟସମାପ୍ତ ରାଜ୍ୟସଭା ନିର୍ବାଚନରେ ଓଡ଼ିଶା ବିଧାନସଭାରେ କ୍ରସ୍‌ଭୋଟିଂ ପାଇଁ ୧୫ କୋଟି ଟଙ୍କା ଲେଖାଏଁ ଦିଆଯାଇଥିବା ଚର୍ଚ୍ଚା ହେଉଛି; କିନ୍ତୁ ବାସ୍ତବରେ ଏହି ପରିମାଣ ଆହୁରି ଅଧିକ ହୋଇପାରେ। ମହାରାଷ୍ଟ୍ରରେ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ 'ମହାବିକାଶ ଅଘାଡ଼ି' ସରକାର ଭାଙ୍ଗିବା ପାଇଁ ଶିବସେନା ବିଧାୟକଙ୍କୁ ୧୫୦ କୋଟି ଟଙ୍କା ଲେଖାଏଁ ଦିଆଯାଇଥିବା ଅଭିଯୋଗ ହୋଇଥିଲା) ପହଞ୍ଚିଯାଇଥିବା ଦେଖି ଖୁସି ହୋଇଥା'ନ୍ତେ। ସିରିଏଲର କାହାଣୀ ଅନୁଯାୟୀ ଭଟ୍ଟି ସାହେବଙ୍କ ପତ୍ନୀ ତାଙ୍କର ଜଣେ ବାନ୍ଧବୀଙ୍କୁ ଆଳାପ ଛଳରେ କହୁଛନ୍ତି ଯେ, 'ଏବେ ସବୁ ବେପାର ମାନ୍ଦା ଚାଲିଛି; ତେଣୁ ସେ(ଭଟ୍ଟି ସାହେବ) 'ଏମଏଲଏ ବେପାର' କରୁଛନ୍ତି।' କାହାଣୀରେ ଭଟ୍ଟି ସାହେବ ଏପରି ଜଣେ କରିତ୍‌କର୍ମା ଦଲାଲ୍ ଭୂମିକାରେ ଅଛନ୍ତି, ଯିଏ ଅନାୟାସରେ ଯେକୌଣସି ରାଜନୈତିକ ଦଳ ପାଇଁ ଏମ୍ଏଲ୍ଏ ଯୋଗାଡ଼(କିଣାବିକା) କରିପାରନ୍ତି। ଏମ୍ଏଲ୍ଏମାନେ କେଉଁ ଦଳକୁ କେତେ ବର୍ଷ, ମାସ, ଦିନ ବା ଘଣ୍ଟା ପାଇଁ ସମର୍ଥନ ଦେବେ ସେହି ଅନୁଯାୟୀ ସେମାନଙ୍କ ମୂଲ୍ୟ ନିର୍ଦ୍ଧାରିତ ହୁଏ। ନିର୍ବାଚିତ ଜନପ୍ରତିନିଧିମାନଙ୍କ ଏହି ସମର୍ଥନ-କିଣାବିକା ରାଜନୈତିକ ଭାଷାରେ 'ଘୋଡ଼ା ବେପାର' ଭାବେ ପରିଚିତ ଓ ବହୁଳ ଆଦୃତ।

କୌଣସି ଦଳର ରାଜ୍ୟସଭା ପ୍ରାର୍ଥୀ କିମ୍ବା ସଦନରେ କୌଣସି ସରକାର ସଂଖ୍ୟାଧିକ ଦଳୀୟ ସଦସ୍ୟଙ୍କ ଉପସ୍ଥିତି ସତ୍ତ୍ୱେ ଯଦି ଆଶ୍ଚର୍ଯ୍ୟଜନକ ଭାବେ ହାରି ଯାଆନ୍ତି କିମ୍ବା ସଂଖ୍ୟାନ୍ୟୁନ ସଦସ୍ୟଙ୍କ ସମର୍ଥନ ସତ୍ତ୍ୱେ ଅନ୍ୟ ଦଳର ବା ନିର୍ଦ୍ଦଳୀୟ ପ୍ରାର୍ଥୀ କିମ୍ବା ଦଳ ବିଜୟୀ ହୁଅନ୍ତି ତେବେ ସଦସ୍ୟ(ସାଂସଦ/ବିଧାୟକ)ମାନେ 'ଘୋଡ଼ା' ହୋଇଥିବା ଏବଂ ସେମାନଙ୍କର ବିକାକିଣା ହୋଇଥିବା ଅଭିଯୋଗ ହୁଏ। ଏହି ବେପାରରେ 'ଘୋଡ଼ା'ମାନେ କେତେ ମୂଲ୍ୟରେ ବିକ୍ରି ହୁଅନ୍ତି ତାହାର କୌଣସି ବିଧିବଦ୍ଧ ପ୍ରମାଣ ନ ନଥିଲେ ମଧ୍ୟ ଏହାକୁ ଅସ୍ୱୀକାର କରାଯାଇପାରେ ନାହିଁ। ସଦ୍ୟସମାପ୍ତ ରାଜ୍ୟସଭା ନିର୍ବାଚନରେ ଦଳୀୟ ହ୍ୱିପ୍‌କୁ ଅବମାନନା କରି ଓଡ଼ିଶା ବିଧାନସଭାର ମୋଟ ୧୧ଜଣ ବିଧାୟକ(ବିଜେଡିର ୬ ଜଣ, ବିଜେଡିରୁ ନିଲମ୍ବିତ ୨ଜଣ, କଂଗ୍ରେସର ୩ ଜଣ) କ୍ରସଭୋଟିଂ କରିଥିବାରୁ କୌଣସି ଦଳର ନିଶ୍ଚିତ ସମର୍ଥନ ନଥାଇ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ବିଜୟ ଲାଭ କରିଛନ୍ତି। ତେଣୁ ସମ୍ପୃକ୍ତ ୧୧ ଜଣ ବିଧାୟକଙ୍କ ନାମ ସହିତ ସ୍ୱତଃ 'ଘୋଡ଼ା' ଅପବାଦଟି ଯୋଡ଼ି ହୋଇଯାଇଛି। କେବଳ ଓଡ଼ିଶା ନୁହେଁ, ହରିଆଣାରେ କଂଗ୍ରେସର ୪ ଜଣ, ଜାମ୍ମୁକାଶ୍ମୀରରେ ୪ ଜଣ କ୍ରସଭୋଟିଂ କରି ବିଜେପି କିମ୍ବା ବିଜେପି ସମର୍ଥିତ ସଦସ୍ୟଙ୍କୁ ଜିତାଇଥିବା ବେଳେ ବିହାରରେ ୪ଜଣ ବିଧାୟକ ଉଦ୍ଦେଶ୍ୟମୂଳକ ଭାବେ ଅନୁପସ୍ଥିତ ରହିବା କାରଣରୁ ବିଜେପି ପ୍ରାର୍ଥୀଙ୍କ ଜିତାପଟ ହୋଇଛି। ତେଣୁ ସେଠାରେ ମଧ୍ୟ 'ଘୋଡ଼ାବେପାର'ର ଚର୍ଚ୍ଚା ଆରମ୍ଭ ହୋଇଛି।

ଭାରତରେ ଗଣତନ୍ତ୍ର ଏକ ବହୁଦଳୀୟ ରାଜନୈତିକ ବ୍ୟବସ୍ଥା ସହିତ ସଂଶ୍ଳିଷ୍ଟ। ତେଣୁ ଦଳବଦଳ, ଭିନ୍ନ ମତ, ସ୍ୱାଧୀନ ମତାଧିକାର ଏକ ସ୍ୱାଭାବିକ ଘଟଣା। କିନ୍ତୁ ଏହା ଯେପରି ଅନୈତିକତାର ପଥ ଆବୋରି ନେଇଛି, ତାହା ହିଁ ଗଣତନ୍ତ୍ରର ମର୍ଯ୍ୟାଦା ଓ ଗରିମାକୁ ଭୂଲୁଣ୍ଠିତ କରୁଛି। ଏଥିରେ ସୁଧାର ଆଣିବା ପାଇଁ ଅତୀତରେ ଅନେକ ଉଦ୍ୟମ ହୋଇଛି। ଭୋଟରଙ୍କ ବିଶ୍ୱାସ ହନନ ଓ ନୈତିକତାର ଉଲ୍ଲଙ୍ଘନକୁ ଯଥସମ୍ଭବ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଦଳବଦଳ କରୁଥିବା ନିର୍ବାଚିତ ଜନପ୍ରତିନିଧିଙ୍କୁ ଅଯୋଗ୍ୟ ଘୋଷଣା କରିବା ବା ଗୃହର ସଦସ୍ୟ ପଦ ରଦ୍ଦ କରିବା ଏବଂ ତାଙ୍କଠାରୁ ଦଳୀୟ ଚିହ୍ନ ଓ ମାନ୍ୟତା ପ୍ରତ୍ୟାହାର ପାଇଁ ଆଇନ ପ୍ରଣୟନ ଏବଂ ହ୍ୱିପ୍ ବ୍ୟବସ୍ଥା ହୋଇଛି। କିନ୍ତୁ ଏଥିରେ ଗଳାବାଟ ବା ଛିଦ୍ରଟିଏ ଉଦ୍ଦେଶ୍ୟମୂଳକ ଭାବେ ରଖାଯାଇଥିବା ପରି ମନେ ହେଉଛି। ତେଣୁ ସ୍ୱାଧୀନୋତ୍ତର ଭାରତର ଦୀର୍ଘ ପ୍ରାୟ ୭୬ ବର୍ଷର ଲମ୍ବା ରାଜନୈତିକ ଇତିହାସରେ 'ଘୋଡ଼ା ବେପାର' ଯୋଗୁଁ ବହୁମତରେ ନିର୍ବାଚିତ ସରକାର ଭାଙ୍ଗିଯାଇଛି, ସଦସ୍ୟ-ସଂଖ୍ୟା ଗଣିତରେ ଆଗୁଆ ଥାଇ ମଧ୍ୟ ରାଜ୍ୟସଭା ପ୍ରାର୍ଥୀମାନେ ହାରି ଯାଇଛନ୍ତି। 'ଘୋଡ଼ାବେପାର'ର ଅବାଞ୍ଛିତ କ୍ରମବର୍ଦ୍ଧିଷ୍ଣୁ ଧାରା ଭୋଟରଙ୍କ ବିଶ୍ୱାସ ଉପରେ ଶକ୍ତ ଆଘାତ କରୁଛି, ଗଣତନ୍ତ୍ର ଉପରେ ଆସ୍ଥା ଓ ଭରସାକୁ ଦୁର୍ବଳ କରୁଛି। କିନ୍ତୁ ସମୟସ୍ରୋତରେ ସେସବୁ ଫିକା ପଡ଼ିଯାଇଛି।

'ଘୋଡ଼ାବେପାର'କୁ ନିରୁତ୍ସାହିତ କରିବା ଲାଗି ଗୃହ(ଲୋକସଭା କିମ୍ବା ବିଧାନସଭା)ରେ କୌଣସି ଦଳୀୟ ନିଷ୍ପତ୍ତିକୁ ବାଧ୍ୟତାମୂଳକ ସମର୍ଥନ କରିବା କିମ୍ବା ଆସ୍ଥା/ଅନାସ୍ଥା ପ୍ରସ୍ତାବ ସପକ୍ଷ/ବିପକ୍ଷରେ କିମ୍ବା ଦଳ ସମର୍ଥିତ ରାଜ୍ୟସଭା ପ୍ରାର୍ଥୀଙ୍କୁ ଭୋଟ ଦେବା ଲାଗି ସମ୍ପୃକ୍ତ ଦଳ ପକ୍ଷରୁ ତାହାର ସଦସ୍ୟମାନଙ୍କ ପାଇଁ 'ହ୍ୱିପ୍' ବା 'ନିର୍ଦ୍ଦେଶନାମା' ଜାରି କରାଯାଏ। ଭାରତୀୟ ସମ୍ବିଧାନ କିମ୍ବା ସଂସଦୀୟ ନିୟମାବଳୀରେ ଏଭଳି ବ୍ୟବସ୍ଥା(ହ୍ୱିପ୍)ର ଉଲ୍ଲେଖ ନାହିଁ। ସଂସଦୀୟ ଗଣତନ୍ତ୍ରର ଶୃଙ୍ଖଳିତ ପରିଚାଳନା ପାଇଁ କେବଳ ଏହାର ପରିକଳ୍ପନା ଓ ସୃଷ୍ଟି। ପୁଣି 'ହ୍ୱିପ୍'କୁ 'ଧାଡ଼ିକିଆ', 'ଦୁଇଧାଡ଼ିଆ' ଓ 'ତିନିଧାଡ଼ିଆ' ଆଦି ତିନିପ୍ରକାରରେ ବିଭକ୍ତ କରାଯାଇଛି। 'ଧାଡ଼ିକିଆ ହ୍ୱିପ୍'ରେ ଦଳୀୟ ସଦସ୍ୟମାନଙ୍କୁ ଭୋଟ ବିଷୟରେ ସୂଚିତ କରିଦିଆଯାଏ, ଦଳୀୟ ନିଷ୍ପତ୍ତିକୁ ମାନିବାକୁ ବାଧ୍ୟ କରାଯାଏ ନାହିଁ। ଯଦି ସଦସ୍ୟମାନେ ଦଳୀୟ ନିଷ୍ପତ୍ତି ପ୍ରତି ଅସନ୍ତୁଷ୍ଟ ତେବେ ସେମାନେ ଭୋଟଦାନରୁ ବିରତ କିମ୍ବା ଗୃହରେ ଅନୁପସ୍ଥିତ ରହିପାରିବେ। 'ଦୁଇଧାଡ଼ିଆ ହ୍ୱିପ୍'ରେ ଭୋଟଦାନ ବେଳେ ଗୃହରେ ଉପସ୍ଥିତ ରହିବାକୁ ବାଧ୍ୟ ବୋଲି ସଦସ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଏ; କିନ୍ତୁ ଭୋଟ ଦେବେ କି ନାହିଁ ତାହା ସଦସ୍ୟମାନଙ୍କର ଇଚ୍ଛା ଓ ବିବେକାନୁମୋଦନ ଉପରେ ନିର୍ଭର କରିଥାଏ। 'ତିନିଧାଡ଼ିଆ ହ୍ୱିପ୍'ରେ ଦଳୀୟ ନିଷ୍ପତ୍ତି ଅନୁଯାୟୀ ଭୋଟ ଦେବାକୁ ବାଧ୍ୟ ବୋଲି ସଦସ୍ୟଙ୍କୁ ନିର୍ଦ୍ଦେଶ ଦିଆଯାଏ।

ଦଳବଦଳ ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ 'ତିନିଧାଡ଼ିଆ ହ୍ୱିପ୍' ଉଲ୍ଲଙ୍ଘନ ବା ଅବମାନନା କଲେ ସମ୍ପୃକ୍ତ ସଦସ୍ୟ(ସାଂସଦ/ବିଧାୟକ)ଙ୍କ ସଭ୍ୟପଦ ରଦ୍ଦ କରିବା ପାଇଁ ଦଳୀୟ ମୁଖ୍ୟସଚେତକ ବାଚସ୍ପତିଙ୍କୁ ଆବେଦନ କରିପାରିବେ ଏବଂ ବାଚସ୍ପତି ସଭ୍ୟ ପଦ ରଦ୍ଦ କରିପାରିବେ। କିନ୍ତୁ ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟଦାନରେ 'ହ୍ୱିପ୍' ଜାରି କରାଯାଇପାରିବ ନାହିଁ। ସେହିପରି ରାଜ୍ୟସଭା ସଦସ୍ୟଙ୍କ ନିର୍ବାଚନରେ ପ୍ରତ୍ୟକ୍ଷ ଭୋଟଦାନ ହେଉଥିବାରୁ ଏବଂ ସେଠାରେ ସମ୍ବିଧାନ ପ୍ରଦତ୍ତ ସ୍ୱାଧୀନ ଓ ଅବାଧ ମତାଧିକାର ପ୍ରସଙ୍ଗ ଆସୁଥିବାରୁ 'ତିନିଧାଡ଼ିଆ ହ୍ୱିପ୍'ର ସର୍ତ୍ତ ଲାଗୁ ହୋଇପାରିବ କି ନାହିଁ ତାହା ବିତର୍କିତ ରହିଛି। ଆଇନରେ ଥିବା ଏହି କେତେକ ବ୍ୟତିକ୍ରମ ବା ଜଟିଳତା ଯୋଗୁଁ 'ତିନିଧାଡ଼ିଆ ହ୍ୱିପ୍' ଅବମାନନା ସତ୍ତ୍ୱେ କେବଳ ଦଳୀୟ କାର୍ଯ୍ୟାନୁଷ୍ଠାନ ବ୍ୟତୀତ ସଦସ୍ୟ ପଦ ରଦ୍ଦ ହେବାର ଆଶଙ୍କା ନାହିଁ। ତେଣୁ ସଦସ୍ୟମାନେ 'ଘୋଡ଼ା' ହେବାକୁ କୁଣ୍ଠା ପ୍ରକାଶ କରନ୍ତି ନାହିଁ।

ଏ ସମସ୍ତ ଆଲୋଚନା ଓ ଆଇନଗତ ତର୍ଜମାର ଊର୍ଦ୍ଧ୍ୱରେ 'ଅଧିକାର' ବନାମ 'ଶୃଙ୍ଖଳା'ର ଯେଉଁ ସମ୍ବେଦନଶୀଳ ଦ୍ୱନ୍ଦ୍ୱ ଉଠୁଛି ତାହା ହିଁ ବିବାଦ ଓ ବିତର୍କକୁ ଅଧିକ ଜଟିଳ କରୁଛି। ସ୍ୱାଧୀନ ଓ ଅବାଧ ମତଦାନର ଗଣତାନ୍ତ୍ରିକ ଅଧିକାର ଆମ ସମ୍ବିଧାନ ଦେଶର ସବୁ ନାଗରିକଙ୍କୁ ଦେଇଥିବାରୁ ବିବେକାନୁମୋଦିତ ଭୋଟଦାନ ପାଇଁ ଆଇନ କାହାକୁ ଦଣ୍ଡିତ କରିପାରିବ ନାହିଁ। ଏହା ମଧ୍ୟ ଅନସ୍ୱୀକାର୍ଯ୍ୟ ଯେ ଆଇନ ଦୃଷ୍ଟିରେ ନୈତିକତା ଓ ଶୃଙ୍ଖଳା ଭଳି ଶବ୍ଦ ମୂଲ୍ୟହୀନ। କିନ୍ତୁ 'ସ୍ୱାଧୀନ ମତାଧିକାର' ଓ 'ଦଳୀୟ ଶୃଙ୍ଖଳା' ମଧ୍ୟରେ ଯଦି ଅଗ୍ରାଧିକାର ପ୍ରଶ୍ନ ଉଠେ ତେବେ 'ଦଳୀୟ ଶୃଙ୍ଖଳା' ହିଁ ପ୍ରାଥମିକତାର ହକ୍‌ଦାର। କାରଣ ଦଳୀୟ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ଭୋଟରଙ୍କ ଦ୍ୱାରା ଜନପ୍ରତିନିଧିମାନେ ନିର୍ବାଚିତ ହୋଇ ବିଧାନପାଳିକାକୁ ଆସିଥିବାରୁ 'ଦଳୀୟଶୃଙ୍ଖଳା' ସର୍ବୋପରି। ତା'ପରେ ଯାଇ 'ଭୋଟ ଅଧିକାର' ପ୍ରସଙ୍ଗ ଆସୁଛି। ତାତ୍ତ୍ୱିକ ବିଶ୍ଳେଷଣ ମଧ୍ୟ ସମାନ କଥା କହେ। ପରିବାରରୁ ଆରମ୍ଭ କରି ସମାଜ, ଅନୁଷ୍ଠାନ, ପ୍ରଶାସନ ଓ ଶାସନର ଢାଞ୍ଚାଗତ ଦୃଢ଼ତା ପାଇଁ ନୈତିକତା, ନିଷ୍ଠା ଓ ଶୃଙ୍ଖଳା ଅପରିହାର୍ଯ୍ୟ। ପରିବାରର ମୁରବିଙ୍କ ଇଚ୍ଛାକୁ ବିରୋଧ କରୁଥିବା ସଦସ୍ୟଙ୍କୁ ଆମ ଚଳଣିରେ ତେଜ୍ୟ ଓ କୁଳାଙ୍ଗାର କୁହାଯାଏ। ଏହାଛଡ଼ା ଶୃଙ୍ଖଳା ବିନା ସ୍ୱାଧୀନତା ଯେ ମୂଲ୍ୟହୀନ ଓ ଅର୍ଥହୀନ ତାହାର ଉଦାହରଣ ମଧ୍ୟ ବହୁଳ। କିନ୍ତୁ ବିବେକର ଏହି ଆହ୍ୱାନ ମାନ୍ୟବର ଜନପ୍ରତିନିଧିମାନଙ୍କ ପାଇଁ କୌଣସି ମୂଲ୍ୟ ରଖେ କି ନାହିଁ ତାହା ଏକ କୁହେଳି ଭଳି।

ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଏକ ଅପ୍ରିୟ ଓ ନିଷ୍ଠୁର ସତ୍ୟ ଏହା ଯେ 'ଘୋଡ଼ା ବେପାର'ରେ ପବିତ୍ର ଗଣତାନ୍ତ୍ରିକ ରାଜନୀତିର ମାନ, ସମ୍ମାନ, ମର୍ଯ୍ୟାଦା ଓ ଗୌରବ ଖର୍ବିତ ହେଉଥିଲେ ହେଁ ସମ୍ପୃକ୍ତ ରାଜନେତାମାନେ ବିବେକ ଦଂଶନରେ କ୍ଷତାକ୍ତ ହେଉନାହାନ୍ତି, ବରଂ ଆର୍ଥିକ ଓ କ୍ଷମତା ଦୌଡ଼ରେ ଲାଭାନ୍ୱିତ ହୋଇଛନ୍ତି। ଯଶପାଲ୍‌ଙ୍କ ଭଟ୍ଟିଙ୍କ ଅବର୍ତ୍ତମାନରେ ତାଙ୍କ ଆତ୍ମା ଯଦି ଆଜି ଭାରତରେ ଥିବ ତେବେ ତାଙ୍କ ସିରିଏଲ୍‌ର ଚର୍ଚ୍ଚିତ ଚରିତ୍ରମାନଙ୍କର ପ୍ରତ୍ୟକ୍ଷ ଦର୍ଶନ ଜନିତ ଆତ୍ମତୃପ୍ତିରେ ଖୁସି ହେଉଥିବ ନା ବ୍ୟବସ୍ଥାର ବିବଶତା ଜନିତ ଗ୍ଳାନିରେ ଶୋକବ୍ୟକ୍ତ କରିବ ସେହି ଦ୍ୱନ୍ଦ୍ୱରେ ପଡ଼ିଯାଇଥିବ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ବସ୍ତାନିରେ ବନ୍ଧୁକ

ଡ. ଚିନ୍ତାମଣି ପଣ୍ଡା

ସ୍ୱାଧୀନୋତ୍ତର ଭାରତରେ ପିଲାଙ୍କ ବହିବସ୍ତାନିର ବୋଝକୁ ହାଲୁକା କରିବା ପାଇଁ ସରକାର ଅନେକ ସଂସ୍କାରମୂଳକ ପଦକ୍ଷେପ ମାନ ନେଉଛନ୍ତି। ଏହାଦ୍ୱାରା ସେମାନଙ୍କ ଶରୀରଟି ସିନା ଭାରମୁକ୍ତ ହେଉଛି କିନ୍ତୁ ମନ ଯେ ଭାରାକ୍ରାନ୍ତ ଏ କଥା କିଏ ବୁଝୁଛି। ଆମେ ବିଦ୍ୟାଳୟକୁ ଦଣ୍ଡମୁକ୍ତ କରି ସେଠାରେ ଖାଦ୍ୟର ଆକର୍ଷଣ ସୃଷ୍ଟି କଲେ ଚପଳମନଗୁଡ଼ିକୁ କରାୟତ କରିବା ପାଇଁ। କିନ୍ତୁ ଫଳ କ'ଣ ହେଲା ବୁଝିବାକୁ କେହି ନାହିଁ। କାହିଁକି ଖାଦ୍ୟ-ଆକର୍ଷଣରହିତ ଘରୋଇ ବିଦ୍ୟାଳୟମାନଙ୍କରେ ଶିକ୍ଷାର ମାନରେ ଉନ୍ନତି ଘଟୁଛି, ଅଥଚ ସରକାରୀ ବିଦ୍ୟାଳୟରେ ପୁଷ୍ଟିଯୁକ୍ତ ଖାଦ୍ୟ ପାଇ ବି ଶିକ୍ଷାର ହାରାହାରି ମାନକ ନିମ୍ନଗାମୀ? ଏ ପ୍ରଶ୍ନର ଉତ୍ତର ମଧ୍ୟ ଖୋଜା ଯାଉନାହିଁ। ଆମେ କେବଳ କାଗଜପତ୍ରରେ ଉପସ୍ଥାନ ବଢ଼ାଇଲେ, ନିୟମିତ ଅଭିଭାବକ ସମ୍ମିଳନୀ କଲେ, ଛାତ୍ରଟି ବିଦ୍ୟାଳୟ ନଆସିଲେ ଡାକିବାକୁ ତା' ଘରକୁ ଗଲେ। କିନ୍ତୁ ଏତେ ସବୁ ସତ୍ତ୍ୱେ ଶିକ୍ଷାର ମାନ ବଢ଼ାଇବା କଥା ଚିନ୍ତା କଲେ ନାହିଁ। ଥରେ ଭାବନ୍ତୁ ଦେଖି, ଗୋଟିଏ ପଞ୍ଚମ ଶ୍ରେଣୀ ପିଲାକୁ ଯଦି ମିଶାଣ ଫେଡ଼ାଣ ଆସିବନାହିଁ ସେ ଅତ୍ୟାଧୁନିକ ଯୁଗର ସୁପରସୋନିକ ନିର୍ମାଣ କଥା ଚିନ୍ତା କରିପାରିବ ତ? ଏହା କେବଳ ଛିଣ୍ଡାକତରାରେ ଶୋଇ ସୁନାମୋହର ସ୍ୱପ୍ନ ଦେଖିବା ଭଳି କଥା ହେବନି କି?

ଟିକେ ନିରିଖେଇ ଦେଖିଲେ ଜାଣିପାରିବେ, ଜଣେ ଚପଳମତି ଶିଶୁ ବା କିଶୋର ମନରେ ଅପରାଧବୋଧ ତା' ନିଜ ସାମାଜିକ ପରିବେଶରୁ ହିଁ ସୃଷ୍ଟି ହୋଇଥାଏ। ଏହି ଉତ୍ତେଜନାର ଉତ୍ସଗୁଡ଼ିକୁ ଖୋଜି ବାହାର କରିବା ଆମର କର୍ତ୍ତବ୍ୟ। ପାରିବାରିକ କଳହଜନିତ ବାଡ଼ିଆପିଟା, ନିଶାସକ୍ତ ଗୁରୁଜନଙ୍କ ଦ୍ୱାରା ବିଡ଼ି, ଗୁଟଖା ଆଣିବା ପାଇଁ ନିର୍ଦ୍ଦେଶ ବାଲ୍ୟକାଳରୁ ତା'ର କୋମଳ ମନରେ କୁପ୍ରଭାବ ପକାଇଥାଏ। ଧୀରେ ଧୀରେ ଏ ପରିବେଶକୁ ସାଧାରଣ ଭାବି ସେ ନିଜକୁ ଅଭ୍ୟସ୍ତ କରାଇନିଏ। ଟିକେ ବଡ଼ ହେଲା ପରେ ଇଣ୍ଟରନେଟକୁ ଉପଯୋଗ କରି କିମ୍ବା ସାମାଜିକ ଗଣମାଧ୍ୟମରେ ବନ୍ଧୁତା କରି ସେ ଅନେକ ନକାରାତ୍ମକ ଚିନ୍ତାର ଖୋରାକ ପାଇଯାଏ। ଇତିମଧ୍ୟରେ ତା'ର ସହପାଠୀମାନେ ଆସିଯାଇଥା'ନ୍ତି, ଯେଉଁମାନେ ସମଧର୍ମୀ ଏବଂ ତା'ର କାମକୁ ପ୍ରତ୍ୟକ୍ଷ ସମର୍ଥନ କରିଥା'ନ୍ତି। ତା'ର ସାହସ ବଢ଼େ। ସେ ଏ ଦିଗରେ ଆଉ ଟିକେ ଆଗେଇଯାଇ ବୟୋଜ୍ୟେଷ୍ଠ ବାଳକମାନଙ୍କ କୁସଂଗରେ ପଡ଼ି ଅପରାଧ ଘଟେଇବାର ଅନେକ କୌଶଳଶିକ୍ଷା ପାଇଯାଏ।

ଏପଟେ ଦଣ୍ଡଶୂନ୍ୟ ବିଦ୍ୟାଳୟରେ ତା'କୁ ଆକଟ କରିବାକୁ ଦାତା ଦୈବୀ ନଥା'ନ୍ତି। ଅଖଣ୍ଡ ସ୍ୱାଧୀନତାର ଦୁରୁପଯୋଗ କରି ସେ ଧୀରେ ଧୀରେ ଅପରାଧ ଦୁନିଆରେ ପାଦ ଥାପିନିଏ। ବଡ଼ମାନଙ୍କଠାରୁ ଶୁଣେ ଯେ ଆମ ନ୍ୟାୟ ବ୍ୟବସ୍ଥାରେ ବାଳ ଅପରାଧୀଙ୍କ ପାଇଁ କଠୋର ଦଣ୍ଡର ଭୟ ନାହିଁ। 'ସଂସର୍ଗଜା ଦୋଷାଃ ଗୁଣାର୍ଭବନ୍ତି' ନ୍ୟାୟରେ ଅନୁସନ୍ଧିତ୍ସୁ ମନଟି ତା'ର ମାରଣାସ୍ତ୍ର, ଅପରାଧ କୌଶଳ ବିଷୟରେ ଅନେକ ନକାରାତ୍ମକ ଶିକ୍ଷା ପାଇଯାଇଥାଏ। ସୀସାକାଠି(ପେନ୍ସିଲ) ଧରିବା ହାତରେ ଖଣ୍ଡା ବନ୍ଧୁକରେ ଖେଳ କରେ। କୌତୁହଳୀ ହୋଇ ଅଧିକ ଜାଣିବା ପାଇଁ ସାମାଜିକ ଗଣମାଧ୍ୟମର ସହାୟତା ନିଏ। ଘରୁ ପଇସା ଚୋରାଇ ଛୋଟମୋଟ ନିଶା ସେବନ କରେ। ନିଶା କବଳରେ ପଡ଼ି ଅପରାଧୀ ଗୋଷ୍ଠୀରେ ସାମିଲ ହୋଇଯାଏ। କାରଣ ବୟସ ହେତୁରୁ ଜେଲ୍ ଦଣ୍ଡର ଭୟ ମଧ୍ୟ ନଥାଏ। ବିଦ୍ୟାଳୟରେ ସମ ମାନସିକତାର ସହପାଠୀଙ୍କ ଗହଣରେ ମଦ୍ୟପାନ କରି ଅଶ୍ଳୀଳ ଚଳଚ୍ଚିତ୍ର ଦେଖେ। ଆଉ ଧରା ପଡ଼ିଗଲେ ଅଭିଯୋଗକାରୀକୁ ନିର୍ଦ୍ଦୟ ଭାବରେ ନିର୍ଯାତନା ଦେଇ ଦେଇ ହତ୍ୟା କରେ।

କିଶୋର ବୟସରୁ ଲିଙ୍ଗଗତ ଆକର୍ଷଣରେ ସମ୍ଭୋଗଇଚ୍ଛା କରେ ଏବଂ ବିଫଳ ହେଲେ ଖଣ୍ଡା ବନ୍ଧୁକ ବସ୍ତାନିରେ ଲୁଚେଇ ରଖି ବିଦ୍ୟାଳୟରେ ଆତଙ୍କ ଖେଳାଏ। କେତେବେଳେ ପୁଣି ନୈରାଶ୍ୟବୋଧରେ ଆତ୍ମହତ୍ୟାର ପଥ ବାଛିନିଏ। ସେତେବେଳେ ଯାଇ ଆମର ଚେତା ପଶେ। ଆମେ ପୂର୍ବାଗ୍ରହ ହେତୁରୁ ସେ ବାଳକଟିକୁ ଦଣ୍ଡିତ କରିବାକୁ ଦାବି କରୁ ନିଜ ନିଜ ପିଲାର ସୁରକ୍ଷା ପାଇଁ। କିନ୍ତୁ ଅପରାଧପ୍ରବଣତାର ମୂଳ ଉତ୍ସଗୁଡ଼ିକୁ ଖୋଜିବାକୁ ସମୟ ନଥାଏ। କେବଳ ଶିକ୍ଷକ ନୁହନ୍ତି, ଅଭିଭାବକମାନେ ମଧ୍ୟ ପିଲାଟି ପ୍ରତି ଧ୍ୟାନ ନଦେଲେ ସେ ଅପତ୍ୟ ସ୍ନେହପ୍ରେମ ନ ପାଇ ଅସାମାଜିକ ମନୋବୃତ୍ତି ଆପଣାଇ ନିଏ। ଏ କଥା ସ୍ୱତଃସିଦ୍ଧ। ସମୟୋଚିତ ପଦକ୍ଷେପ ନେବାରେ ଆମର ଉଦାସୀନତା ପରପିଢ଼ିକୁ କେଉଁ ପରିମାଣରେ ଆକ୍ରାନ୍ତ କରୁଛି ତାହା ଭାବିବା ବେଳକୁ ନେଡ଼ିଗୁଡ଼ ଯାଇ କହୁଣିରେ। ଓଲିଆଗାଇକୁ କାଞ୍ଜିଆହୁଦାରେ ଛାଡ଼ିବା ପରି ପିଲାଟିକୁ ଖାଲି ସ୍କୁଲରେ ଦାଖଲ କରି ନିଜ ଦାୟିତ୍ୱକୁ ଝାଡିଝୁଡ଼ି ଦେଲେ ହେବ ନାହିଁ।

ପଥ ହୁଡୁଥିବା ପିଲାଟିର ଅଧଃପତନର ପ୍ରକୃତ କାରଣ ଖୋଜି ତା'କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇଆଣିବା ଯେତିକି ଜରୁରୀ ତା'ର ସାଙ୍ଗସାଥୀମାନଙ୍କୁ ଏ ସବୁରୁ ନିବର୍ତ୍ତେଇବା ତତୋଧିକ ବାଞ୍ଛନୀୟ। ନଚେତ୍ ଚପଳ ମନରେ ଛତୁ ଫୁଟିବା ଭଳି ଅପରାଧବୋଧ ସର୍ବତ୍ର ଫୁଟିଉଠିବ, ଯାହାର ନିରାକରଣ ଏକପ୍ରକାର ଅସମ୍ଭବ। ବିଶ୍ୱର ଅନେକ ଦେଶ ଏଥିପାଇଁ ଛାତ୍ରମାନଙ୍କ ଇଣ୍ଟରନେଟ ବ୍ୟବହାର ଉପରେ କଡ଼ା ନିଷେଧାଦେଶ ଜାରି କଲେଣି। ଚପଳ ମନଟି ଯେହେତୁ ଭଲମନ୍ଦ ବିଚାର କ୍ଷମତା ପ୍ରାପ୍ତ ହୋଇନଥାଏ, ତେଣୁ ଅଚିରେ ହିଂସ୍ରତା ଆଡ଼କୁ ଆଗେଇ ଯାଏ। ଅତଏବ ଅପରାଧବୋଧରୁ ତା'ର ଧ୍ୟାନ ହଟେଇବା ଲାଗି ବିହିତ ପ୍ରତିକାର କରା ନ ଗଲେ ବାଳ ଅପରାଧୀଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିବ ଏବଂ ସେମାନେ ଅତିଜଘନ୍ୟ ଅପରାଧ ଘଟେଇବାକୁ କୁଣ୍ଠିତ ହେବେ ନାହିଁ। ବେଳହୁଁ ସାବଧାନ।

(ପ୍ରାକ୍ତନ ଅଧ୍ୟକ୍ଷ, କୃଷି ମହାବିଦ୍ୟାଳୟ)
ଭବାନୀପାଟଣା, ମୋ:୮୧୪୪୦୬୬୦୧୬

## ଆମ ବୃକ୍ଷଲତା ଆମ ଜୀବନ

### ଅର୍ଜୁନ
(Arjuna Tree- Terminalia arjuna)

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଅର୍ଜୁନ ଏକ ଗୁରୁତ୍ୱପୂର୍ଣ୍ଣ ବନ ଗଛ, ଯାହା ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ଦକ୍ଷିଣ ଓ କେନ୍ଦ୍ରୀୟ ଭାରତ ସମେତ ପାକିସ୍ତାନ, ଶ୍ରୀଲଙ୍କା ଓ ବାଂଲାଦେଶରେ ନଦୀ କୂଳରେ କିମ୍ବା ଶୁଷ୍କ ନଦୀ ଶଯ୍ୟା ନିକଟରେ ଦେଖାଯାଏ। ପରବର୍ତ୍ତୀ ସମୟରେ ମାଲେସିଆ, ଇଣ୍ଡୋନେସିଆ ଓ କେନିଆରେ ମଧ୍ୟ ଏହାର ପ୍ରବେଶ ହୋଇଛି। ଏହା ଔଷଧୀୟ ଓ ଧାର୍ମିକ ଗୁରୁତ୍ୱ ବହନ କରୁଥିବା ଏକ ପାରମ୍ପରିକ ବୃକ୍ଷ।

ଅର୍ଜୁନ ଏକ ବଡ଼ ଆକାରର ପର୍ଣ୍ଣମୋଚୀ ଚିରହରିତ ବୃକ୍ଷ, ଯାହା ପ୍ରାୟ ୩୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ମୂଳ ବହୁତ ଦୃଢ଼ ଓ ଗଭୀର। ମୁଖ୍ୟ କାଣ୍ଡ ବା ଗଣ୍ଡିର ଶୀର୍ଷ ଭାଗରୁ ଶାଖାଗୁଡ଼ିକ ତଳକୁ ଝୁଲି ଥାଏ। କାଣ୍ଡର ଛାଲି ସରଳ ଓ ମସୃଣ; ବାହ୍ୟରେ ଏହାର ରଙ୍ଗ ଗୋଲାପୀ-ଧୂସର, କିନ୍ତୁ ଆଭ୍ୟନ୍ତରୀଣରେ ଲାଲ। ଛାଲି ବା ବହିରାବରଣ ନରମ ଓ ହାଲୁକା। ପତ୍ରଗୁଡ଼ିକ ସରଳ, ବିପରୀତ, ଆୟତାକାର କିମ୍ବା ଅଣ୍ଡାକାର, ଉପର ପଟରେ ମଳିନ ସବୁଜ ଓ ତଳେ ଫିକା ମାଟିଆ। ଫୁଲଗୁଡ଼ିକ ଡେମ୍ଫ ବିହୀନ, ଛୋଟ, ଉଭୟ ଲିଙ୍ଗୀ, କପ୍ ଆକୃତିର, କ୍ରିମି କିମ୍ବା ସବୁଜ-ଧଳା ଏବଂ ପ୍ରବଳ ସୁଗନ୍ଧଯୁକ୍ତ। ପୁଷ୍ପୋଦଗମ ଶାଖାର ଶୀର୍ଷରେ କିମ୍ବା ପତ୍ର ଅକ୍ଷରେ ଅବସ୍ଥିତ ଥାଏ। ଫଳଟି ଏକ ଡ୍ରୁପ୍ ବା ଅଷ୍ଟିଳା, ଡିମ୍ବାକାର, ତନ୍ତୁମୟ-କାଠିଆ ଏବଂ ପାଞ୍ଚଟି କଠିନ ଡେଣା କିମ୍ବା କୋଣ ସହିତ ମସୃଣ ଚର୍ମଯୁକ୍ତ, ଯାହା ତୀକ୍ଷ୍ଣ ଓ ଉପରକୁ ବଙ୍କା ହୋଇଥାଏ। ଫଳଗୁଡ଼ିକ ପାଚିବାକୁ ଦୀର୍ଘ ସମୟ ଲାଗେ। ଫୁଲ ଧରିବା ଋତୁ ମାର୍ଚ୍ଚ ଓ ଜୁନ୍ ମଧ୍ୟରେ ଏବଂ ଫଳଗୁଡ଼ିକ ସେପ୍ଟେମ୍ବର ଏବଂ ନଭେମ୍ବର ମଧ୍ୟରେ ଦେଖାଯାଏ। ଟସର ଲାର୍ଭା ବା ପୋକ କିଛି ମନୋନୀତ ଗଛର ପତ୍ରକୁ ଖାଏ ଏବଂ ଅର୍ଜୁନ ସେଗୁଡ଼ିକ ମଧ୍ୟରୁ ଗୋଟିଏ।

ଅର୍ଜୁନ ପ୍ରାଚୀନକାଳର ସବୁଠାରୁ ପ୍ରସିଦ୍ଧ ଔଷଧୀୟ ଉଦ୍ଭିଦ ମଧ୍ୟରୁ ଅନ୍ୟତମ। ବିଶେଷକରି ହୃତପିଣ୍ଡ ଓ ରକ୍ତସଂଚାଳନ ପ୍ରଣାଳୀର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଶରୀରରେ ଶକ୍ତି ସ୍ତରକୁ ଉନ୍ନତ କରିବାରେ ମଧ୍ୟ ଏହା ସାହାଯ୍ୟ କରେ। ତେଣୁ ଏହାକୁ 'ହୃଦୟ ବୃକ୍ଷ' ମଧ୍ୟ କୁହାଯାଏ। ଅର୍ଜୁନ ରକ୍ତକୁ ବିଷମୁକ୍ତ କରିବା ସହିତ ଇନସୁଲିନ୍ ହରମୋନ ଉପରେ ମଧ୍ୟ ବହୁତ ଭଲ ପ୍ରଭାବ ପକାଇଥାଏ। ଯାହା ମଧୁମେହ ରୋଗୀଙ୍କୁ ସାହାଯ୍ୟ କରେ। ଏହା ଶରୀର ପାଇଁ ଏକ ବହୁତ ଭଲ ଆଣ୍ଟିଅକ୍ସିଡାଣ୍ଟ ଏବଂ ଶରୀରରେ ବୟସ ସମ୍ବନ୍ଧୀୟ ପରିବର୍ତ୍ତନକୁ ଧିମା କରିବାରେ ସାହାଯ୍ୟ କରିପାରେ। ଏହା ମୂତ୍ର ସଂକ୍ରମଣ ସଫା କରିବା, ଗର୍ଭାଶୟକୁ ସୁସ୍ଥ ରଖିବା ଏବଂ ହରମୋନ ଚକ୍ରକୁ ନିୟନ୍ତ୍ରଣ କରେ। ଫାଇବ୍ରଏଡ୍, ସିଷ୍ଟ ଓ ଏଣ୍ଡୋମେଟ୍ରିଓସିସ୍, ମେନୋରେଜିଆ ବା ଋତୁସ୍ରାବରେ ଅଧିକ ରକ୍ତସ୍ରାବ ଦୂର, କଫ ଓ ପିତ୍ତ ଦୋଷ ଦୂର, କ୍ଷତ ବା ଘା'କୁ ସୁସ୍ଥ କରିବା, ମାନସିକ ଚାପ ଓ ଚିନ୍ତା ଦୂର କରିବା, କୋଲେଷ୍ଟ୍ରଲ୍ ହ୍ରାସ, ଶ୍ୱାସକ୍ରିୟା ଓ ଗୁରୁତର ଫୁସଫୁସ ରୋଗ ଚିକିତ୍ସା, ଯକୃତ ରୋଗ ଆଦି ଚିକିତ୍ସାରେ ମଧ୍ୟ ଏହାର ଉପଯୋଗ ହୁଏ। ଏହାର ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିମାଇକ୍ରୋବାୟଲ୍, ଆଣ୍ଟିଟୁମୋରାଲ୍, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିଆଲର୍ଜିକ୍, ଆଣ୍ଟିଫିଡାଣ୍ଟ, ଆଣ୍ଟିଫର୍ଟିଲିଟି ଓ ଆଣ୍ଟି ଏଚଆଇଭି ଗୁଣ ଅଛି। ଅର୍ଜୁନ ଗଛର ଛାଲି ମୁଖ୍ୟତଃ ବିଭିନ୍ନ ପ୍ରାକୃତିକ ଫାଇଟୋକେମିକାଲ୍ ବା ଜୈବ ରସାୟନ ଯଥା ଅର୍ଜୁନିକ୍ ଏସିଡ୍, ଅର୍ଜୁନୋଲିକ୍ ଏସିଡ୍, ଫ୍ଲାଭୋନଏଡ୍ସ, ଟାନିନ୍ସ, ସାପୋନିନ୍ସ ଇତ୍ୟାଦିରେ ପରିପୂର୍ଣ୍ଣ। ଏଥିରେ ପ୍ରଚୁର ପରିମାଣରେ ବିଭିନ୍ନ ଖଣିଜ ଦ୍ରବ୍ୟ, ମାଗ୍ନେସିୟମ୍, କ୍ୟାଲସିୟମ୍, ଜିଙ୍କ୍, ତମ୍ବା ଇତ୍ୟାଦି ସହିତ ଟ୍ରିପ୍ଟୋଫାନ୍, ଟାଇରୋସାଇନ୍, ହିଷ୍ଟିଡିନ୍ ଓ ସିଷ୍ଟାଇନ୍ ଭଳି କିଛି ଆମିନୋ ଏସିଡ୍ ଥାଏ।

ଭାରତରେ ଅର୍ଜୁନ ସବୁଠାରୁ ଧାର୍ମିକ ଓ ପବିତ୍ର ବୃକ୍ଷ ମଧ୍ୟରୁ ଗୋଟିଏ। କିମ୍ବଦନ୍ତୀ ଅନୁସାରେ ମହାଭାରତର ଶକ୍ତିଶାଳୀ ଯୋଦ୍ଧା ଅର୍ଜୁନଙ୍କ ନାମରେ ନାମିତ ଏହି ଗଛ ଶକ୍ତି, ସ୍ଥିରତା ଓ ଦିବ୍ୟ ସୁରକ୍ଷାର ପ୍ରତୀକ ଅଟେ। ହିନ୍ଦୁ ପୌରାଣିକ କାହାଣୀ ଅନୁଯାୟୀ, ଭଗବାନ ବିଷ୍ଣୁ ଅର୍ଜୁନ ଗଛକୁ ଆଶୀର୍ବାଦ କରିଥିଲେ। ଏହି ଗଛର ପତ୍ର ଓ ଫୁଲକୁ ଭଗବାନ ବିଷ୍ଣୁ ଓ ଗଣେଶଙ୍କୁ ଅର୍ପଣ କରାଯାଏ। ଦକ୍ଷିଣ ଭାରତର ନଦୀକୂଳିଆ ଜଙ୍ଗଲରେ ଅର୍ଜୁନକୁ ଏକ ପ୍ରମୁଖ ବର୍ଗର ବୃକ୍ଷ ଭାବରେ ବିବେଚନା କରାଯାଏ। ଏହା ମାଲବାର ଜାଏଣ୍ଟ ସ୍କିରିଲ ବା ଗୁଣ୍ଡିଚିମୂଷା ଏବଂ ଅତ୍ୟନ୍ତ ବିପଦପୂର୍ଣ୍ଣ ହ୍ୱାଇଟ-ରମ୍ପଡ୍ ଭଲଚର ବା ଶାଗୁଣା ସମେତ ବିଭିନ୍ନ ପ୍ରାଣୀଙ୍କୁ ବସା ବାନ୍ଧିବା ପାଇଁ ସହାୟତା କରେ। ଏହାର ଶୁଖିଲା ଗଣ୍ଡିରେ ଉଇ ଆଶ୍ରୟ ନେଇ ଥାଏ, ଯାହା ଭାଲୁ ପାଇଁ ଏକ ଖାଦ୍ୟ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବାରିପଦା ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ ଉଦ୍‌ଯାପିତ

# ‘ଫାୟାର ଅନ୍ ଏଜ୍’ ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର

ବାରିପଦା, ୨୨।୩(ସମିସ): ସ୍ଥାନୀୟ ସହିଦ ସ୍ମୃତି ଭବନରେ ସାନ୍ତାଳୀ ଆର୍ଟ ଆଣ୍ଡ ଫିଲ୍ମ ଡେଭେଲପମେଣ୍ଟ ଫାଉଣ୍ଡେସନ୍ ଆନୁକୂଲ୍ୟରେ ତଥା ଏନ୍‌ଏଫ୍‌ଡିସିର ସହଯୋଗରେ ଆୟୋଜିତ ୭ମ ବାର୍ଷିକ ବାରିପଦା ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆସାମର ‘ଫାୟାର୍ ଅନ୍

### ‘ପୁଇସେ ଦାରେ’ ଶ୍ରେଷ୍ଠ ଲଘୁ ଚଳଚ୍ଚିତ୍ର

ଏଜ୍’କୁ ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ରର ମାନ୍ୟତା ମିଳିଛି। ସେହିପରି, ତାଲିକାର ଦ୍ୱିତୀୟରେ ପଶ୍ଚିମବଙ୍ଗର ‘ଗୋଟ୍, ଫିସ୍, ସ୍ନେକ୍ ସ୍ୱେରୋ’, ତୃତୀୟରେ ଆସାମର ‘ଧୀରଜ କଶ୍ୟପ ମୋଲାଇ’ରହିଛି। ଓଡ଼ିଶାର ‘ଦି ଆର୍ଟ ଅଫ୍ ବାବଯୋଲା’କୁ ସ୍ୱତନ୍ତ୍ର ପୁରସ୍କାର ମିଳିଛି। ସେହିପରି, ଆସାମର ସୁଜିତ ଦେବ ବର୍ମାଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ସମ୍ମାନ ଏବଂ ପଶ୍ଚିମବଙ୍ଗର ଫାଲ୍‌ଗୁନୀ ଭକ୍ତାଙ୍କୁ ଶ୍ରେଷ୍ଠ ମହିଳା ପ୍ରଯୋଜିକା



ଓ ନିର୍ଦ୍ଦେଶିକା ଭାବେ ପୁରସ୍କୃତ କରାଯାଇଛି।

ଶ୍ରେଷ୍ଠ ଲଘୁ ଚଳଚ୍ଚିତ୍ର ଭାବେ ପୁଇସେ ଦାରେ (ଓଡ଼ିଶା), ଦ୍ୱିତୀୟ ଶ୍ରେଷ୍ଠ ଭାବେ କାଚିଚିର୍ଣ୍ଣୁ (ଆସାମ), ତୃତୀୟ ଶ୍ରେଷ୍ଠ ଭାବେ ଦୁବିଧା (ଓଡ଼ିଶା) ଓ ବ୍ରେକିଙ୍ଗ ବ୍ୟାରିୟର୍ (ଓଡ଼ିଶା) ପୁରସ୍କୃତ ହୋଇଛି। ଶ୍ୟାମସୁନ୍ଦର ମୁର୍ମୁ (ଓଡ଼ିଶା) ଶ୍ରେଷ୍ଠ ଅଭିନେତାର ଟାଇଟଲ୍ ହାତେଇଥିବା ବେଳେ ଖୁସି ଟୁଡୁ (ଓଡିଶା) ଶ୍ରେଷ୍ଠ ଅଭିନେତ୍ରୀ, କାହ୍ନୁ କିଓସ୍କ (ଓଡ଼ିଶା) ଶ୍ରେଷ୍ଠ ଶିଶୁ କଳାକାର, ରମେଶ କୁମାର ହେମ୍ବ୍ରମ (ଓଡ଼ିଶା) ଶ୍ରେଷ୍ଠ ନିର୍ଦ୍ଦେଶକ, ରାଜେଶ କୁମାର ମୁର୍ମୁ (ଓଡ଼ିଶା) ଶ୍ରେଷ୍ଠ ଏଡିଟର ଓ ସିନେମାଟୋଗ୍ରାଫର୍ ଭାବେ ପୁରସ୍କୃତ ହୋଇଛନ୍ତି। ରାଜମୋହନ ସୋରେନ (ଓଡ଼ିଶା)ଙ୍କ ହେଣ୍ଡେ ସୋନା ଶ୍ରେଷ୍ଠ କାହାଣୀ, କାହ୍ନୁ ଟୁଡୁ (ଓଡିଶା) ଶ୍ରେଷ୍ଠ ଶବ୍ଦ ସଂଯୋଜକ ଭାବେ ପୁରସ୍କୃତ ହୋଇଛନ୍ତି।

ପୂର୍ବତନ ମନ୍ତ୍ରୀ ତଥା ମୁଖ୍ୟ ପୃଷ୍ଠପୋଷକ ସରୋଜିନୀ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାୱାର ଫାଇନାନ୍ସ କର୍ପୋରେସନ୍ ଲିମିଟେଡ୍‌ର ପୂର୍ବତନ ସିଜିଏମ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ସାନ୍ତାଳୀ ସିନେମା ପ୍ରଯୋଜକ ପୂର୍ଣ୍ଣିମା ଟୁଡୁ, ସାମାଜିକ କର୍ମୀ ଫୁଲମଣୀ ହେମ୍ବ୍ରମ, ବିଶିଷ୍ଟ ବ୍ୟବସାୟୀ ଦୀଘି ମୁର୍ମୁ ମାର୍ଣ୍ଡି, ସିଡିପିଓ ବିଟୁ ଟୁଡୁ, କାହ୍ନାଇ ଚରଣ ଟୁଡୁ, ଜୁରୀ ସଦସ୍ୟ ମାନସିଂ ମାଝୀ, ଡଃ ରାମଚନ୍ଦ୍ର ମୁର୍ମୁ, ଦୀପକ କୁମାର ସୋରେନ, କାନ୍ଦନ ମାଝୀ, ନୀହାରିକା ସୋରେନ, ସ୍ନେହା ମୁଣ୍ଡାରୀ, କ୍ରିଷ୍ଟା ସୋରେନ ଓ ନିରଞ୍ଜନ କୁଜୁର ପ୍ରମୁଖ ଉପସ୍ଥିତ ଥିଲେ। ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଦୀପକ କୁମାର ବେଶ୍ରା ଧନ୍ୟବାଦ ଦେଇଥିଲେ।

## ଗୁଳିମାଡ଼ରେ ଯୁବକ ଗୁରୁତର

ନବରଙ୍ଗପୁର,୨୨।୩(ସମିସ): ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଚକଲାପଦର ପଞ୍ଚାୟତ ଅନ୍ତର୍ଗତ କୁସୁମବାହଲ ଗ୍ରାମରେ ଗୁଳି ମାଡ଼ରେ ଜଣେ ଯୁବକ ଗୁରୁତର ହୋଇଛି।

ସୂଚନା ଅନୁଯାୟୀ ଡୋକରିକୋଟ ଗ୍ରାମ ନିକଟସ୍ଥ ଏକାମ୍ବାପଡା ଗ୍ରାମର ଗବରୁ ଶବରଙ୍କ ପୁଅ ବିଷମ ଶବର ମଦ୍ୟପାନ କରି କୁସୁମ ବାହାଲ ଗ୍ରାମକୁ ଆସି କିଛି ଲୋକଙ୍କ ସହିତ ଝଗଡ଼ା କରୁଥିଲା। ସେହି ସମୟରେ ଏକାମ୍ବାପଡା ଗ୍ରାମର ପାଣ୍ଡୁ ଜାନୀ (୩୦) ଓ ବନ୍ଧୁ ଜାନୀ ବୁଝାସୁଝା କରି ବିଷମ ଶବରଙ୍କୁ ତାଙ୍କ ଗ୍ରାମ ଏକମ୍ବାପଡା ଗ୍ରାମ ନିକଟରେ ଛାଡି ଦେଇଥିଲେ। ପରେ ଉଭୟ ଏକାମ୍ବାପଡା



ଗ୍ରାମରୁ ନିଜ ଗ୍ରାମକୁ ଫେରିବା ସହ ରାମ ଜାନୀଙ୍କ ଘର ନିକଟରେ ଛିଡା ହୋଇ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ବିଷମ ଶବର ପୁଣି ଥରେ ଏକ ଦେଶୀ ବନ୍ଧୁକ ଧରି ଏକାମ୍ବାପଡା ଗ୍ରାମକୁ ପାଣ୍ଡୁ ଜାନୀଙ୍କୁ ଗୁଳି ମାଡ଼ କରିଥିଲା। କିନ୍ତୁ ଗୁଳିଟି ତାଙ୍କ ଶରୀରର ପଛପଟ ଅଣ୍ଟା ଓ ପିଚାରେ ବାଜିଥିଲା। ଫଳରେ ପାଣ୍ଡୁ ଘଟଣା ସ୍ଥଳରେ ଅଚେତ ହୋଇ ପଡ଼ି ଯାଇଥିଲେ। ପରେ ଘଟଣା ସମ୍ପର୍କରେ ଜାଣି ପରିବାର ଲୋକେ ବିଳମ୍ବିତ ରାତିରେ ପାଣ୍ଡୁଙ୍କୁ ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପାଣ୍ଡୁର ଅଣ୍ଟା ଓ ପିଛାରେ ଗଭୀର ଆଘାତ ହୋଇ ଥିବା ଯୋଗୁଁ ପ୍ରଥମେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆଜି ସକାଳୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିଥିବା ସୂଚନା ମିଳିଛି। ପାଣ୍ଡୁ ଜାନୀଙ୍କ ବଡ଼ ଭାଇ ଚନ୍ଦ୍ର ଜାନୀ ଆଜି ସକାଳୁ ଘଟଣା ନେଇ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଝରିଗାଁ ପୁଲିସ ପକ୍ଷରୁ ତଦନ୍ତ କରି ଏକାମ୍ବାପଡା ଗ୍ରାମରୁ ବନ୍ଧୁକ ଜବତ କରିବା ସହ ଅଭିଯୁକ୍ତ ବିଷମ ଶବରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।


**AFFIDAVIT**

I Shukadeva Pradhan S/O Srihari Pradhan resident of village-Basudevpali, PO/P.S Manamunda, Dist -Boudh -762016 (ODISHA) age about 36 here by declare an affidavit sworn before Notary Public, Kantamal vide no. 575 dtd. 19-03-26 that now onwards I shall be known as **Shukadev Pradhan** for all future purposes.

**AFFIDAVIT**

I, Santosh Kumar Pattanaik, S/o. Late Satyendra Nath Patnaik, resident of Ward No. 16, Pared Padia, Po/Ps-Baripada Town, Dist- Mayurbhanj, Pin-757001, Odisha declare by this affidavit No. 381 dtd. 19-03-2026 that now onwards I shall be known as **Santosh Kumar Patnaik** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate Tangi-Choudwar, Jagatpur and Affidavit No.761 dated 18.03.26. I Biswajit Mahapatra S/o Bharat Sethi, Village-Najarpur/Station Bazar, PO/PS- Jagatpur, Dist.Cuttack, Pin -754021 have changed my name from Biswajit Sethi to Biswajit Mahapatra, Henceforth, I shall be known as **Biswajit Mahapatra** for all purposes.


### ପୁଲିସ ପଞ୍ଝାରେ ଡିଜେଲ ଚୋର ଗ୍ୟାଙ୍ଗ

# ୫ ଚୋରଙ୍କ ସମେତ ୧୧ ଗିରଫ

କୋରାପୁଟ,୨୨।୩(ସମିସ): ପୁଲିସ ପଞ୍ଝାରେ ଡିଜେଲ୍ ଚୋର ଗ୍ୟାଙ୍ଗ। ଟ୍ରକ୍, ବସ୍ ସମେତ ବିଭିନ୍ନ ଗ୍ୟାରେଜ୍‌ରୁ ଡିଜେଲ୍ ଚୋରି କରୁଥିବା ଏକ ଗ୍ୟାଙ୍ଗକୁ କୋରାପୁଟ ସଦର ଥାନା ପୁଲିସ ଠାବ କରିବା ସହ ଏହାର ୧୧ଜଣ ସଦସ୍ୟଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୫ଜଣ ଡିଜେଲ ଚୋର ରହିଥିବା ବେଳେ ଅନ୍ୟ ୬ଜଣ ସେମାନଙ୍କଠାରୁ ଚୋରା ଡିଜେଲ କିଣୁଥିଲେ। ଅଭିଯୁକ୍ତମାନେ ହେଲେ, କୋରାପୁଟ ସଦର ଥାନା ଅନ୍ତର୍ଗତ ପି. ସୁଜୁଲି ଗ୍ରାମର ଟୁନା ମୁଦୁଲି(୨୯), ନବୀନ ମୁଦୁଲି (୨୦), ବାଗ୍ରା ଗ୍ରାମର ରାଜେଶ ଟାକ୍ରି(୧୯), ଜୟପୁର ସଦର ଥାନା ଧୁବୁଲି ଗ୍ରାମର ମଙ୍ଗଳଦାନ ହରିଜନ,



ଝିଲିମିଲିଗୁଡ଼ାର ସୁଶାନ୍ତ ଖୋସଲା, ବିଂଶିପୁର ଥାନା ମୁଣ୍ଡାଗୁଡ଼ା ଗ୍ରାମର ଖ୍ରୀଷ୍ଟପାଲ ଗଣ୍ଡା, ହରିଡ଼ାଗୁଡ଼ାର ହରିଶ୍ଚନ୍ଦ୍ର ଖରା, ବିଶିଂପୁରର ଅକ୍ଷୟ କୁମାର ରଥ, କୋରାପୁଟ ସଦର ଥାନା ନନ୍ଦିଗାଁର ସୋନିଆ ଗୌଡ଼, କାକିରିଗୁମ୍ମା ଥାନା ଚାରଡ଼ା ଗ୍ରାମର ଅନନ୍ତ ଭତ୍ରା ଏବଂ କୁନ୍ଦାର ଗ୍ରାମର ଅରୁଣ କୁମାର ଖରା। ଗିରଫ ଅଭିଯୁକ୍ତଙ୍କଠାରୁ ୪୭୦ ଲିଟର ଡିଜେଲ, ମାରୁତି ଓମିନି ଭ୍ୟାନ୍, ବାଇକ୍ ସହ ୫ ଟି ମୋବାଇଲ ଫୋନ ଜବତ କରାଯାଇଛି। ସଦର ଥାନାରେ ଥାନା ଅଧିକାରୀ ରୁନୁ ମାଝୀଙ୍କ ଉପସ୍ଥିତିରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ସଞ୍ଜୟ କୁମାର ମଣ୍ଡଳ ଏହି ସୂଚନା ଦେଇଛନ୍ତି।

ଗତ ୧୭ ତାରିଖ ରାତିରେ ପୋଡାଗଡ଼ର ଏକ ଗ୍ୟାରେଜରୁ ସଟର୍ ତାଡ଼ି ୪୦୦-୫୦୦ ଲିଟର ଡିଜେଲ ଚୋରି ହୋଇଥିଲା। ଗ୍ୟାରେଜ୍ ମାଲିକ ଦିଲୀପ କୁମାର ପ୍ରଧାନ ଏ ସଂପର୍କରେ ସଦର ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କୋରାପୁଟ ଏସପିଙ୍କ ନିର୍ଦ୍ଦେଶକ୍ରମେ ସଦର ଥାନା ଅଧିକାରୀ ରୁନୁ ମାଝୀ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଡିଜେଲ ଚୋର ରାକେଟ୍‌କୁ ଧରିବାକୁ ତନାଘନା ଚଳାଇଥିଲେ। ସିସି କ୍ୟାମେରା ଯାଞ୍ଚରୁ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ମିଳିଥିଲା। ତଦନ୍ତ ସମୟରେ ଉପରୋକ୍ତ ୫ ଜଣ ଚୋରଙ୍କୁ ଗିରଫ କରି ଜେରା କରିବା ପରେ ସବୁ ତଥ୍ୟ ପଦାକୁ ଆସିଥିଲା। ସେମାନଙ୍କ

**ମା୪୭୦ ଲିଟର୍ ଡିଜେଲ, କାର୍, ବାଇକ୍ ଜବତ**

ବୟାନ ଆଧାରରେ ଅନ୍ୟ ୬ ଜଣଙ୍କୁ ଗିରଫ କରାଯାଇଥିଲା।

କୋରାପୁଟ-ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥରେ ଠିଆ ହୋଇଥିବା ଟ୍ରକ୍ ସହ ବିଭିନ୍ନ ଗ୍ୟାରେଜରୁ ଡିଜେଲ୍ ଚୋରି କରିବା ଏମାନଙ୍କ ପେସା ବୋଲି ଜଣାପଡ଼ିଛି। ତେଲ ଚୋରି ରାକେଟ୍‌ର ମାଷ୍ଟରମାଇଣ୍ଡ ଟୁନା ହରିଜନଙ୍କ ସହ ଧନୁର୍ଯ୍ୟୟ ପରଜା ଏବଂ ଅନ୍ୟ ୬ ଅଭିଯୁକ୍ତ ଫେରାର୍ ଥିବା ସଦର ଥାନା ଅଧିକାରୀ ରୁନୁ ମାଝୀ ସୂଚନା ଦେଇଛନ୍ତି। ଏହି ରାକେଟ୍ କୋରାପୁଟ, ଜୟପୁର ସଦର ଅଞ୍ଚଳ ସହ ବୋରିଗୁମା ଓ କାକରିଗୁମ୍ମା ଅଞ୍ଚଳରେ ସକ୍ରିୟ ରହିଥିଲେ। ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯିବ ଏବଂ ଆବଶ୍ୟକ ଅନୁସାରେ ରିମାଣ୍ଡରେ ଆଣି ତଦନ୍ତ କରାଯିବ ବୋଲି ଜଣାପଡ଼ିଛି।

## ମତ୍ସ୍ୟଜୀବୀଙ୍କ ଜାଲରେ ପଡ଼ିଲା ବିରଳ ଚିଲା ମାଛ



ଭଦ୍ରକ,୨୨।୩(ସମିସ): ଭଦ୍ରକ ଜିଲ୍ଲା ଧାମରା ଅଞ୍ଚଳରେ ସମୁଦ୍ରରୁ କରଞ୍ଜମାଳ ପଞ୍ଚାୟତ ମୁନିପଦା ଗାଁର ମତ୍ସ୍ୟଜୀବୀଙ୍କ ଜାଲରେ ଏକ ଭିନ୍ନ ପ୍ରଜାତିର ମାଛ ପଡ଼ିଛି। ଏହି ମାଛକୁ ଚନ୍ଦିନିପାଳ ମାଛ ମାର୍କେଟରେ ବିକ୍ରି କରାଯାଇଛି। ଏହାର ନାମ ‘ଚିଲା ମାଛ’ ବୋଲି ଜଣାପଡ଼ିଛି। ଦେଖିବାକୁ ହାତୀର କାନ ପରି ଓସାରିଆ ଓ କୁଲା ପରି ଦେଖାଯାଉଛି। ମାଛଟିର ଲମ୍ବା ଓ ଶକ୍ତ ଲାଞ୍ଜ ମଧ୍ୟ ଏହାର ଅନ୍ୟତମ ବିଶେଷତ୍ୱ। ଏହି ମାଛରୁ ସାଧାରଣ ଔଷଧୀୟ ଲାଭ ମିଳିଥାଏ। ଉଚ୍ଚ ପ୍ରୋଟିନ୍, ଓମେଗା-୩ ଫ୍ୟାଟି ଏସିଡ୍ ରକ୍ତଚାପ ଓ ମଧୁମେହ ନିୟନ୍ତ୍ରଣ, ହୃଦ୍ ସୁସ୍ଥତା, ମସ୍ତିଷ୍କ କାର୍ଯ୍ୟ ବୃଦ୍ଧି ଆଦିରେ ସାହାଯ୍ୟ କରିଥାଏ। ଏମାନେ ପାଣି ଭିତରେ ତଳେ ବାଲିରେ ଲୁଚି ରହି ଛୋଟ ଜୀବ ଓ ମାଛଙ୍କୁ ଶିକାର କରି ଖାଇଥାଆନ୍ତି। ମାଛଟିର ଓଜନ ପ୍ରାୟ ୨୦ରୁ ୨୫କେଜି କିମ୍ବା ତା’ଠାରୁ ଅଧିକ ବୋଲି କୁହାଯାଉଛି।

## ୧୮ ଫୁଟ୍‌ର ଅହିରାଜ ଉଦ୍ଧାର



କାଳିମେଳା,୨୨।୩(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ୍ ଅନ୍ତର୍ଗତ ଏମ୍‌ପିଭି -୧୮ ବି ଗ୍ରାମର ଏକ ଘର ଭିତରୁ ୧୮ ଫୁଟ୍ ଲମ୍ବର ଏକ ଅହିରାଜ (କିଙ୍ଗକୋବ୍ରା) ଉଦ୍ଧାର ହୋଇଛି। ସାପଟି ଘର ଭିତରେ ସଁ ସଁ ଗର୍ଜନ କରିବାରୁ ପରିବାରଲୋକ ଭୟଭୀତ ହୋଇ କାଳିମେଳା ଅଗ୍ନିଶମ ଏବଂ ବନ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ଏବଂ ବନବିଭାଗ କର୍ମଚାରୀମାନେ ସାପ ଧରାଳିଙ୍କ ସହାୟତାରେ ବହୁ କଷ୍ଟରେ ଘର ଭିତରୁ ସାପଟିକୁ ଧରିବାରେ ସଫଳ ହୋଇଥିଲେ। ସାପଟି ନିକଟସ୍ଥ ଜଙ୍ଗଲରୁ ଗାଁ ଭିତରକୁ ପଶି ଆସିଥିଲା। ତା’ର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଛି।


**Housing & Urban Development Department, Govt. of Odisha**
**OFFICE OF THE PARADEEP MUNICIPALITY, PARADEEP**
At/Po.- Paradeep, Dist.- Jagatsinghpur (Odisha), Pin- 754142
**E-PROCUREMENT NOTICE**
13001/725/2526

Tender Call Notice No. : 1323 / dt. 16.03.2026
Bid Identification No. : EO/PDPM/W_06/2025-26
Tender ID : 2026_ORULB_127440
Nature of Works : Civil Works
Number of Works : 11
Tender Value : ₹5.77 lakh to ₹16.90 lakh
Available Period : dt. 20.03.2026 from 05:30 PM to dt. 31.03.2026 05:30 PM
Tender Opening Date : dt. 02.04.2026 at 11:30 AM

Bidders are requested to read the NIT & DTCN at www.tendersodisha.gov.in carefully and participate with their civil license with valid Registration Certificate before the closing date.

OIPR-13001/13120/1/25-26/0001
Executive Officer
Paradeep Municipality



**ପୌରପରିଷଦ କାର୍ଯ୍ୟାଳୟ: ଜୟପୁର**
**OFFICE OF THE MUNICIPAL COUNCIL: JEYPORE**
13001/750/2526
Email: ulbjeypore@gmail.com
**ଜଳ ସାଥୀ ଚୟନ ନିମନ୍ତେ ଇଚ୍ଛାପତ୍ର ଆହ୍ୱାନ ବିଜ୍ଞାପନ**

Letter No. 1367/JM — Date 13.03.2026

ଜୟପୁର ପୌରସଂସ୍ଥା ଅଧୀନରେ ୧୦ ଗୋଟି ଜଳ ସାଥୀ ଚୟନ ନିମନ୍ତେ ଜୟପୁର ପୌରାଞ୍ଚଳ ଅନ୍ତର୍ଗତ ଆଞ୍ଚଳିକ ମହାସଂଘ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଠାରୁ ଇଚ୍ଛାପତ୍ର ନିମ୍ନରେ ଦର୍ଶାଯାଇଥିବା ସୂଚନା ମୁତାବକ ଆହ୍ୱାନ କରାଯାଉଛି।

| କ୍ର.ସଂଖ୍ୟା | ବିବରଣୀ | ତଥ୍ୟ |
|---|---|---|
| ୦୧ | ଇଚ୍ଛାପତ୍ର ଦାଖଲ କରିବା ନିମନ୍ତେ ତଥ୍ୟ | www.jeyporemunicipality.in www.koraput.odisha.gov.in ୱାଇଟରୁ download କରିପାରିବେ କିମ୍ବା ପୌର କାର୍ଯ୍ୟାଳୟ, ଜୟପୁର ରୁ ପାଇପାରିବେ |
| ୦୨ | ୱେବସାଇଟରେ ଇଚ୍ଛାପତ୍ର ପାଇବା ତାରିଖ | ୧୬.୦୩.୨୦୨୬ |
| ୦୩ | ଇଚ୍ଛାପତ୍ର ଦାଖଲ କରିବାର ଶେଷ ତାରିଖ | ୨୫.୦୩.୨୦୨୬, ସନ୍ଧ୍ୟା ୫.୦୦ ଘଟିକା |
| ୦୪ | ଇଚ୍ଛାପତ୍ର ଯାଞ୍ଚ କରିବା ତାରିଖ, ସମୟ ଓ ସ୍ଥାନ | ୨୬.୦୩.୨୦୨୬, ସମୟ ୧୨.୦୦ ଘଟିକା ପୌର କାର୍ଯ୍ୟାଳୟ, ଜୟପୁର |

ଯଦି ବିଜ୍ଞାପନରେ କୌଣସି ପରିବର୍ତ୍ତନ କରାଯାଇ ସଂଶୋଧନ କରାଯାଏ, ତାହେଲେ ଉପରୋକ୍ତ ୱେବସାଇଟରୁ ପାଇପାରିବେ କିମ୍ବା କାର୍ଯ୍ୟାଳୟରୁ ବୁଝିପାରିବେ। ଅନ୍ୟ କୌଣସି ମାଧ୍ୟମରେ ଜଣାଯିବ ନାହିଁ।

OIPR-13001/13079/1/25-26/0031
କାର୍ଯ୍ୟନିର୍ବାହୀ ଅଧିକାରୀ
ଜୟପୁର ପୌର ସଂସ୍ଥା



**OFFICE OF THE SUPERINTENDING ENGINEER** 32001/236/2526
**UI RIGHT CANAL DIVISION NO.I, MUKHIGUDA, KALAHANDI, ODISHA**
e-mail: eeuircd1@gmail.com
**QUOTATION CALL NOTICE NO-SE, RCD-I-01(01-04)/2026-27, Dt-13.03.2026.**
**FOR HIRING VEHICLE.**

Sealed quotations are invited from interested reputed travel agencies/tour operators or private individuals for providing 04 (Four) nos. of Diesel driven vehicle (TUV300/Bolero/Sumo Gold/Ertiga) for office use of the following officers on monthly rent basis.

1. Office of the Chief Construction Engineer, UIP Mukhiguda, Dist- Kalahandi.
2. Office of the Superintending Engineer, UI Right Canal Division-No.I, Mukhiguda, Dist- Kalahandi.
3. Office of the Sub-Divisional Officer, UI Right Canal Sub-Division-No.I & II, Mukhiguda and Kalampur, Dist- Kalahandi.
4. Office of the Sub-Divisional Officer, UI Right Canal Sub-Division-No.III & IV, Chiliguda and Junagarh, Dist- Kalahandi.

The Quotation booklets will be available in the office of the Superintending Engineer, UI Right Canal Division No.I, Mukhiguda, office of the S.D.O, UI Right Canal Sub-Division No-II, Kalampur and in the office of the S.D.O, UI Right Canal Sub-Division No-IV, Junagarh during office hours, from 20.03.2026 to 31.03.2026 up to 4.00 PM on payment of Rs.100/- (Rupees one hundred) only in shape of e-challan in favour of the FA & CAO, UIP, Mukhiguda. The quotations shall be opened on 31.03.2026 at 4.30 PM in the office of the undersigned.

Further details can be obtained from the Quotation booklets.

OIPR-32001/32193/1/25-26/0001
Superintending Engineer
Right Canal Divn. No. I
Mukhiguda: Kalahandi


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟ୍ରମ୍ପଙ୍କ ଚେତାବନୀ...

ଅଲି ମୁସାଭି କହିଛନ୍ତି ଯେ ଇରାନ ସାମୁଦ୍ରିକ ସହଯୋଗ ରକ୍ଷା କରିବାକୁ ପ୍ରସ୍ତୁତ। ଯେଉଁ ଜାହାଜଗୁଡ଼ିକ ଇରାନର ଶତ୍ରୁଙ୍କ ସହ ସଂପୃକ୍ତ ନୁହନ୍ତି, ସେମାନେ ତେହରାନ ସହିତ ସମନ୍ୱୟ ରକ୍ଷା କରି ଏହି ପ୍ରଣାଳୀ ଦେଇ ଯାଇପାରିବେ। ବର୍ତ୍ତମାନର ଉତ୍ତେଜନା ପାଇଁ ଆମେରିକା ଓ ଇସ୍ରାଏଲର ଆକ୍ରମଣାତ୍ମକ ଆଭିମୁଖ୍ୟ ହିଁ ଦାୟୀ ବୋଲି ସେ କହିଛନ୍ତି।। ଗତ ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିବା ପରେ ଏହି ସଂଘର୍ଷ ଯୋଗୁଁ ବିଶ୍ୱ ବଜାରରେ ତେଲ ଦର ଉପରେ ଏହାର ବଡ଼ ପ୍ରଭାବ ପଡ଼ିଛି।

### ଭାରତର ଦୀର୍ଘତମ...

ଇନଷ୍ଟାଗ୍ରାମରେ ୧୦ କୋଟିରୁ ଅଧିକ ଫଲୋଅର୍ସ ପାଇଛନ୍ତି, ଯାହା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫଲୋଅର୍ସଙ୍କ ତୁଳନାରେ ଦୁଇଗୁଣାରୁ ଅଧିକ। ଏହି ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ଦେଶ ଓ ଜନସାଧାରଣଙ୍କ ପ୍ରତି ତାଙ୍କର ସମର୍ପଣ ଭାବ ହିଁ ତାଙ୍କୁ ଏହି ସ୍ଥାନରେ ପହଞ୍ଚାଇଛି। ସେହିପରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏକ୍ସରେ ଲେଖିଛନ୍ତି ଯେ ଏହି ମାଇଲଖୁଣ୍ଟ ସେବା, କଠିନ ପରିଶ୍ରମ ଏବଂ ଅଦମ୍ୟ ପ୍ରତିବଦ୍ଧତାର ପ୍ରତୀକ। ପ୍ରଧାନମନ୍ତ୍ରୀଙ୍କ ୮,୯୩୧ ଦିନର ସାର୍ବଜନୀନ ଜୀବନ ଦେଶ-ପ୍ରଥମ ଶାସନ ନୀତି ଏବଂ ଅଦ୍ୱିତୀୟ ସେବା ମନୋଭାବକୁ ପ୍ରତିଫଳିତ କରେ।

### ସ୍ୱାସ୍ଥ୍ୟ ବିଭାଗର...

ବିନିର୍ଣ୍ଣୟ ହେଲା, ସେମାନଙ୍କୁ କାହିଁକି ସୁରକ୍ଷା ଦିଆଯିବ ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ।

ରବିବାର ସ୍ୱାସ୍ଥ୍ୟମନ୍ତ୍ରୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ କଲେ। ସରକାରୀ ହସ୍ପିଟାଲଗୁଡ଼ିକରେ ଅଗ୍ନି ନିରାପତ୍ତା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ସହ ନିୟମିତ ଯାଞ୍ଚ କରେଇବାକୁ ସେ ନିର୍ଦ୍ଦେଶ ଦେଲେ। ସମୟ ସମୟରେ ନିରୀକ୍ଷଣ କରିବା, ଅଗ୍ନି ସୁରକ୍ଷା ମାନର ସଠିକ୍ ଭାବେ ପାଳନ କରିବା ନିମନ୍ତେ ଅଧିକାରୀଙ୍କୁ ବିଶେଷ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଛନ୍ତି। ବୈଠକରେ ଆଲୋଚିତ ବିଷୟଗୁଡ଼ିକୁ ଗୁରୁତ୍ୱ ସହ କାର୍ଯ୍ୟକାରୀ କରିବା ଓ ସମୟୋପଯୋଗୀ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଭିନ୍ନ ମେଡିକାଲ୍ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଗ୍ନି ସୁରକ୍ଷା ସମ୍ବନ୍ଧୀୟ ବ୍ୟବସ୍ଥାର ସମୀକ୍ଷା କଲେ; ମାତ୍ର ଯେଉଁମାନେ ଏହି ଅଗ୍ନିକାଣ୍ଡ ପାଇଁ ଦାୟୀ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଲେ ନାହିଁ। ଜରୁରିକାଳୀନ ପରିସ୍ଥିତିରେ ତ୍ୱରିତ ପ୍ରତିକ୍ରିୟା ଓ ରୋଗୀଙ୍କ ସୁରକ୍ଷାକୁ ସର୍ବପ୍ରଥମ ଗୁରୁତ୍ୱ ଦେବାକୁ ଏବେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ହସ୍ପିଟାଲରେ ଅଗ୍ନିନିରୋଧକ ଯନ୍ତ୍ର ସଠିକ ଭାବରେ କାର୍ଯ୍ୟକ୍ଷମ ରହିବା ସହିତ ନିୟମିତ ଯାଞ୍ଚ ଓ ମକ୍ ଡ୍ରିଲ୍ କରାଯିବା ସହ ପୂର୍ତ୍ତ ବିଭାଗ ଏବଂ ଅଗ୍ନିଶମ ବିଭାଗ ସହ ସମନ୍ୱୟ ରଖି ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏସ୍‌ସିବି ଘଟଣା ପାଇଁ ଦାୟୀ କୁହାଯାଉଥିବା ଭାରପ୍ରାପ୍ତ ଅଧୀକ୍ଷକ ଓ ଅତିରିକ୍ତ ଅଧୀକ୍ଷକଙ୍କୁ କାହିଁକି ଘଣ୍ଟ ଘୋଡ଼ାଇଲେ ତାହା ସ୍ପଷ୍ଟ ହୋଇନାହିଁ।

### ଜଙ୍ଗଲରେ ମାଓବାଦୀଙ୍କ...

ଗ୍ରାମ ନିକଟସ୍ଥ ଜଙ୍ଗଲରେ କମ୍ବିଂ ଅପରେସନ ଆରମ୍ଭ କରିଥିଲେ। ସୁରକ୍ଷାବାହିନୀ ପହଞ୍ଚିବା ପୂର୍ବରୁ ମାଓବାଦୀ ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ ମଧ୍ୟ ସେମାନେ ଲୁଚାଇ ରଖିଥିବା ମାଓ ଡମ୍ପ (ଅସ୍ତ୍ରଶସ୍ତ୍ର ଭଣ୍ଡାର) ଯବାନଙ୍କ ହାତରେ ଲାଗିଥିଲା। ସର୍ଚ୍ଚ ଅପରେସନ୍ ସମୟରେ ଯବାନମାନେ ଦେଖିବାକୁ ପାଇଥିଲେ ଯେ ସେଠାରେ ଏକ ପୂର୍ଣ୍ଣାଙ୍ଗ ବନ୍ଧୁକ ପ୍ରସ୍ତୁତି କାରଖାନା ଚାଲୁଥିଲା। ଜବତ ସାମଗ୍ରୀରେ ବ୍ଲୋୟର୍ ମେସିନ୍, କଟର ମେସିନ, ଜିଆଇ ତାର, ବନ୍ଧୁକ, ବହୁ ପରିମାଣର ଦେଶୀ ବନ୍ଧୁକ ତିଆରି ସରଞ୍ଜାମ ଓ ବାରୁଦ ରହିଛି। ପଣସପଦର ଗ୍ରାମ ନିକଟସ୍ଥ ଏହି ଜଙ୍ଗଲ ଅତ୍ୟନ୍ତ ଦୁର୍ଗମ ଏବଂ ଘଞ୍ଚ ହୋଇଥିବାରୁ ମାଓବାଦୀ ଏହାକୁ ଏକ ସୁରକ୍ଷିତ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରିଆସୁଥିଲେ। ଗତ କିଛି ଦିନ ହେବ ସେମାନେ ଏଠାରେ ରହି ଦେଶୀ ବନ୍ଧୁକ ତିଆରି କରି ନିଜ ସଂଗଠନର କ୍ୟାଡରଙ୍କୁ ଯୋଗାଉଥିଲେ। ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ଏବଂ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିବା ପାଇଁ ଏହି କାରଖାନା ପ୍ରତିଷ୍ଠା କରାଯାଇଥିଲା।

### ୯ ବିଧାୟକଙ୍କ...

ଦୃଷ୍ଟିକୋଣରୁ ଦଳୀୟ ହ୍ୱିପ୍ ଅମାନ୍ୟ କରି ବିରୋଧୀ ପ୍ରାର୍ଥୀଙ୍କୁ ଭୋଟ୍ ଦେବା ଦଶମ ଅନୁସୂଚୀରେ ଦଳ ଛାଡ଼ିବା ବା ଦଳ ବିରୋଧୀ କାର୍ଯ୍ୟ ଭାବରେ ବିବେଚନା କରାଯାଏ; କିନ୍ତୁ ରାଜ୍ୟସଭା ନିର୍ବାଚନ ବିଧାନସଭା ପ୍ରୋସିଡିଂରେ ଆସି ନ ଥାଏ ଓ ଏହା ଭାରତୀୟ ନିର୍ବାଚନ କମିସନଙ୍କ ଦ୍ୱାରା ପରିଚାଳିତ ହେଉଥିବାର ଦଳୀୟ ହ୍ୱିପ୍ ଏ କ୍ଷେତ୍ରରେ ଲାଗୁ ହୋଇ ନ ଥାଏ।

ଏହି ପରିପ୍ରେକ୍ଷୀରେ ରାଜ୍ୟସଭା ନିର୍ବାଚନରେ ହ୍ୱିପ୍ ଲାଗୁ ହୁଏ ନାହିଁ ବୋଲି ଦର୍ଶାଇ ଆଶ୍ୱସ୍ତ ଅନୁଭବ କରୁଥିବା ବିଧାୟକମାନେ ଆଉ ଏକ ଅଦୃଶ୍ୟ ବିପଦ ସମ୍ପର୍କରେ ସମ୍ଭବତଃ ଭୂଲି ଯାଇଛନ୍ତି। ସମ୍ବିଧାନର ଦଶମ ଅନୁସୂଚୀର ପାରାଗ୍ରାଫ୍ ୨(୧)(ଏ) ଆଧାରରେ ରାଜ୍ୟସଭା ନିର୍ବାଚନରେ ହ୍ୱିପ୍ ଭାଙ୍ଗୁଥିବା ବିଧାୟକମାନଙ୍କ ସଦସ୍ୟପଦ ରଦ୍ଦ ପାଇଁ ଆଇନଗତ ପଦକ୍ଷେପ ନେବାକୁ ରାଜନୈତିକ ଦଳଗୁଡ଼ିକୁ ସୁଯୋଗ ଦିଆଯାଇଛି। ଯାହାକୁ ବିଜେଡି ଓ କଂଗ୍ରେସ ବ୍ୟବହାର କରି କ୍ରସ ଭୋଟିଂ କରିଥିବା ବିଧାୟକଙ୍କ ସଦସ୍ୟପଦ ରଦ୍ଦ ପାଇଁ ଆଇନଗତ ପଦକ୍ଷେପ ନେଇପାରିବେ। ନିଲମ୍ବିତ ବିଧାୟକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନଗତ ପଦକ୍ଷେପ ନେବାକୁ ଏହି ପାରାରେ ‘ସ୍ୱେଚ୍ଛାରେ ଦଳୀୟ ସଦସ୍ୟତା ଛାଡ଼ିବା’ ବିଷୟରେ ଉଲ୍ଲେଖ କରାଯାଇଛି। ଏଥିରେ ବିଧାୟକମାନଙ୍କର କାର୍ଯ୍ୟକଳାପ (ଦଳୀୟ ନିର୍ଦ୍ଦେଶ ଅମାନ୍ୟ କରି ବିରୋଧୀ ପ୍ରାର୍ଥୀଙ୍କୁ ଭୋଟ୍ ଦେବା, ଦଳ ବିରୋଧୀ କାର୍ଯ୍ୟ କରିବା) ଦ୍ୱାରା ପ୍ରମାଣିତ ହୁଏ ଯେ ସେମାନେ ଦଳ ପ୍ରତି ବିଶ୍ୱାସ ହରାଇଛନ୍ତି ଓ “ସ୍ୱେଚ୍ଛାରେ ଦଳୀୟ ସଦସ୍ୟତା ତ୍ୟାଗ କରିଥିବା’ ରୂପେ ବିବେଚନା କରାଯାଇପାରେ। ବିଜେଡି ପକ୍ଷରୁ ନିଲମ୍ବନ ଆଦେଶରେ ସ୍ପଷ୍ଟ କୁହାଯାଇଛି ଯେ ‘ବିଜେଡି ସମ୍ବିଧାନର ମୂଳ ନୀତିକୁ ଉଲ୍ଲଙ୍ଘନ କରିବା (ଯାହା ସମ୍ପୂର୍ଣ୍ଣ ବିଶ୍ୱସ୍ତତା ଆବଶ୍ୟକ କରେ) ଏଥିରେ କ୍ରସ୍-ଭୋଟିଂ ସମେତ ଦଳ-ବିରୋଧୀ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ’। ଏହାକୁ ଆଧାର କରି ନିଲମ୍ବିତ ବିଧାୟକମାନଙ୍କ ସଦସ୍ୟତା ରଦ୍ଦ କରିବାକୁ ବିଜେଡି ବାଚସ୍ପତିଙ୍କ ନିକଟରେ ଦାବି ରଖିପାରେ। ଏମିତି କି ଏହି ମାମଲା ସୁପ୍ରିମକୋର୍ଟକୁ ମଧ୍ୟ ନେବାକୁ ମଧ୍ୟ ପୂର୍ବରୁ ବିଜେଡି ସୂଚନା ଦେଇ ସାରିଛି। ହିମାଚଳ ପ୍ରଦେଶରେ ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଥିବା ବିଧାୟକମାନଙ୍କୁ ଦଶମ ଅନୁସୂଚୀର ପାରାଗ୍ରାଫ୍ ୨(୧)(ଏ) ଅଧୀନରେ ‘ସ୍ୱେଚ୍ଛାରେ ଦଳୀୟ ସଦସ୍ୟତା ଛାଡ଼ିବା’ ଆଧାରରେ ଅଯୋଗ୍ୟ ଘୋଷଣା କରାଯାଇଛି। ୨୦୨୪ରେ ହିମାଚଳ ପ୍ରଦେଶର ୬ ଜଣ କଂଗ୍ରେସ ବିଧାୟକ ରାଜ୍ୟସଭା ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ କ୍ରସ୍ ଭୋଟ୍ କରିଥିଲେ। ବିଧାନସଭା ବାଚସ୍ପତି ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ଦଳ ବିରୋଧୀ କାର୍ଯ୍ୟ ଓ ବଜେଟ୍ ଭୋଟିଂରେ ଅନୁପସ୍ଥିତ ରହିବାକୁ ଦଳୀୟ ବିଶ୍ୱସ୍ତତା ହରାଇବାର ପ୍ରମାଣ ଭାବରେ ଗ୍ରହଣ କରାଯାଇ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ତେଣୁ ଓଡ଼ିଶାରେ ପୁଣି ହିମାଚଳ ଘଟଣାର ପ୍ରତିଫଳନ ଦେଖିବାକୁ ମିଳିପାରେ ବୋଲି ଆଇନଜ୍ଞ ଓ ରାଜନୀତିଜ୍ଞଙ୍କ ମଧ୍ୟରେ ଆଲୋଚନା ଚାଲିଛି।


**OFFICE OF THE JOINT DIRECTOR-CUM-SUPERINTENDENT**
**E.S.I. HOSPITAL, KANSBAHAL, DIST: SUNDARGARH (ODISHA)**
TENDER CALL NOTICE NO.: 363 / ESH KBL DATED: 16.03.2026

Sealed tenders are invited from the eligible Contractors having valid documents like GST/PF/ESI etc. for engagement of one Electrician and one Plumber-cum-Workman in E.S.I. Hospital Kansbahal for the purpose of day-to-day maintenance works for the year 2026-27. The tenure of engagement will be for one year on daily wage basis as per the prevailing Govt. Norm.

Hence, interested candidates are hereby requested to submit their tender papers in a sealed envelope quoting the rate of payment of the employees concerned within seven days from the date of issue of this notice. The payment regarding the workers will be made by E.S.I. Corporation through Branch Manager, ESIC Branch Office, Rajgangpur.

Chairman, HDC-cum-Joint Director-cum-Suptd.
E.S.I. Hospital, Kansbahal



**OFFICE OF THE MUNICIPAL COUNCIL, TALCHER**
**DIST: ANGUL**
13001/742/2526
Phone No.- (06760) 240259
E-Mail ID : e.o.talcher@gmail.com

No. 1128/ Date 18.03.2026

**EXPRESSION OF INTEREST**

Expression of interest in the sealed cover and invited from the intending organization/Firms/Persons/NGOs/SHG Groups for **"To Take, Management and day to days Maintenance of the 3 nos of Kalyani Mandap for a period of Two Years on Lease Basis under Talcher Municipality"** The sale of tender paper shall be commenced from **dt.19.03.2026 to dt.26.03.2026** during office hours. The Cost of tender paper is Rs.2,000/- (Rupees Two Thousand) only. The last date of receipt sealed cover is **dt.30.03.2026 up to 1:30 PM** and the same will be opened at **3:30 P.M.** The EMD for Each Mandap Rs.50,000 /- (Rupees Fifty Thousand) only in shape of Cash Deposit Money Receipt / Demand Draft should be enclosed duly in favour of Executive Officer, Talcher Municipality which will be refunded to the unsuccessful bidder after finalization of E.O.I process. They are required to quote the amount of lease for one year to be paid in favour of Executive Officer, Talcher Municipality before execution of agreement in one time. The upset price of the Kalyani Mandap is mention below. They should quote the rate both in words and figures. The copy of PAN Card, Adhaar Card, GST up to date should be enclosed along with E.O.I. The details of terms and conditions are mentioned in the tender paper. The undersigned has the right to accept / reject any or all E.O.I. paper without assigning any reason thereof.

| Sl. No. | Location of the Kalyani Mandap | Unit | Offset Price |
|---|---|---|---|
| 1 | Handidhua Kalyani Mandap | Per One Year | Rs. 5,00,000 /- |
| 2 | Baghuabol Kalyani Mandap | Per One Year | Rs. 4,00,000 /- |
| 3 | Mandapal Kalyani Mandap | Per One Year | Rs. 3,00,000 /- |

Terms & Conditions:

1. The period of lease is for two years.
2. No addition and alteration of the building will be taken up by the lessee without the permission of Municipal Authority.
3. He should keep the building as well as premises neat and clean in all times.
4. He should bear the monthly energy charges of the building.
5. Repair of water pumps and electric equipments will be borne by the lessee.
6. The lessee should hand over the building in good condition at the time of completion of lease period.
7. Disobedience the above terms and conditions will attract cancellation of work order and forfeit of security deposit.

The authority reserved the right to reject or cancel the above E.O.I. without assigning any reason thereof.

OIPR-13001/13077/1/25-26/0021
Executive Officer
Talcher Municipality

# ସମ୍ପନ୍ନ ହେଲା ଶ୍ରୀରାମଙ୍କ ବିବାହ ଉତ୍ସବ

ଦାମନଯୋଡ଼ି,୨୨।୩ (ସମିସ):



ନାଲ୍‌କୋ ଟାଉନସିପ ସେକ୍ଟର-୧ ସ୍ଥିତ ମାରୁତି ମଣ୍ଡପ ଠାରେ ୯ଦିନ ବ୍ୟାପି ଚାଲିଥିବା ଶ୍ରୀରାମନବମୀ ଉତ୍ସବର ଚତୁର୍ଥ ଦିବସରେ ରବିବାର ଶ୍ରୀରାମ ସୀତାଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳେ ସୂର୍ଯ୍ୟ ପୂଜା, ଝଣ୍ଡା ପୂଜା, ଯଜ୍ଞ, ପାରାୟଣ ପାଠ ପରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭଦ୍ରକରୁ ଆସିଥିବା ପୂଜକ ପଣ୍ଡିତ ବଳରାମ ଦାଶ ଓ ପୂଜକ ବିବେକାନନ୍ଦ ପଣ୍ଡା ପୂଜାକାର୍ଯ୍ୟ କରିଥିଲେ। ଶ୍ରୀରାମଙ୍କ ପିତା ଦଶରଥ ଓ ମାତା କୌଶଲ୍ୟାଙ୍କ ରୂପେ କେ.ଚଣ୍ଡିପ୍ରସାଦ ରାଓ ଓ ତାଙ୍କ ଧର୍ମପତ୍ନୀ କେ.ଭବାନୀ ଦାୟିତ୍ୱ ତୁଲାଇଥିବା ବେଳେ ସୀତାଙ୍କ ପିତା ଜନକ ମହାରାଜ ଓ ମାତା ସୁନୟନାଙ୍କ ରୂପେ ସରୋଜ କୁମାର ଦଳେଇ ଓ ପତ୍ନୀ ସରସ୍ୱତୀ ଦାୟିତ୍ୱ ତୁଲାଇଥିଲେ। ବାଜା ଓ ବାଣ ସହିତ ବିବାହ ଉତ୍ସବରେ ବରଣ, ଗନ୍ଧାଧିବାସ, ବହିଶାଳା ରୋପଣ, କୌତୁକ ସୂତ୍ର ବନ୍ଧନ, ସମୁଦି ମିଳନ ଆଦି କାର୍ଯ୍ୟକ୍ରମ ସହିତ ସମୂହ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ନାଲ୍‌କୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ ଓ ତାଙ୍କ ଧର୍ମପତ୍ନୀ ସ୍ମିତା ପଟ୍ଟନାୟକ, ସୁଗାତୋ ଆନନ୍ଦ ବସୁ ଓ ତାଙ୍କ ଧର୍ମପତ୍ନୀ ଅମ୍ରିତା ବାସୁ, ଦିଲ୍ଲୀପ ବାଗ, ନଗେନ ବେହେରା, ଏମ.ଆର. ପଣ୍ଡା ଏବଂ ବରିଷ୍ଠ ଅଧିକାରୀ ଅରୁଣ କୁମାର ମହାନ୍ତି ପ୍ରମୁଖ ଉତ୍ସବ ପରିଦର୍ଶନ କରିଥିଲେ। ଶ୍ରୀରାମନବମୀ ପୂଜାକମିଟି ପକ୍ଷରୁ ସଭାପତି ତଥା ନାଲ୍‌କୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ ଗୁପ୍ତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଅନାମ ଚରଣ ନାୟକ, କୋଷାଧ୍ୟକ୍ଷ ଲମ୍ବୋଦର ସ୍ୱାଇଁ ଓ ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ବେହେରାଙ୍କ ସହିତ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନା କରିଥିଲେ।

## ମଣ୍ଡିରେ ଧାନ ଉଠୁନି

# ରାତିରେ ଲ୍ୟାମ୍ପ୍ସ ଆଗରେ ଚାଷୀଙ୍କ ପ୍ରତିବାଦ



ମାଥିଲି,୨୨।୩(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ଲ୍ୟାମ୍ପ୍‌ସ ସମ୍ମୁଖରେ ଧାନ ନ ଉଠିବାର ପ୍ରତିବାଦ କରି ରାତିରେ ଏକାଠି ହେଲେ ଚାଷୀ। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଚେଡେଙ୍ଗା ମଣ୍ଡିରେ ପଡିଥିବା କ୍ୱିଣ୍ଟାଲ, କ୍ୱିଣ୍ଟାଲ ଧାନ କ୍ରୟ ନ ହୋଇ ପ୍ରାୟ ୨ ମାସ ହେବ ପଡି ରହିଛି। ଅଦିନିଆ ବର୍ଷା ମାଡ଼ରେ ଧାନ ନଷ୍ଟ ହେବା ସନ୍ଦେହରେ ଚାଷୀ ଚିନ୍ତାରେ ପଡିଛନ୍ତି। ମଣ୍ଡିରେ ଧାନ ନ ଉଠିଲେ ଚଳିବୁ କେମିତି ବୋଲି ଚାଷୀମାନେ ପ୍ରଶ୍ନ କରିଥିବା ବେଳେ ଲ୍ୟାମ୍ପ୍‌ସ କର୍ତ୍ତୃପକ୍ଷ ମଣ୍ଡିରେ ଟାର୍ଗେଟ ଆସୁଥିବା କହି ମାସ ମାସ ଧରି ଧାନ ଆଉ ଧାନ ଖରିଦ କରୁନଥିବାରୁ ଚେଡେଙ୍ଗା ଅଞ୍ଚଳର ଶତାଧିକ ଚାଷୀ ପ୍ରତିବାଦ କରିଛନ୍ତି। ଗତକାଲି ରାତି ପ୍ରାୟ ୧୧ଟାରେ ଚାଷୀ ମାନେ ଏକାଠି ହୋଇ ଲ୍ୟାମ୍ପ୍‌ସ ସମ୍ମୁଖରେ ପହଞ୍ଚି ନିଜର ଦାବି ଜଣାଇ ପ୍ରତିବାଦ କରିଥିଲେ। ଘଟଣା ସ୍ଥଳରେ ମାଥିଲି ପୁଲିସ ସମେତ ଲ୍ୟାମ୍ପ୍‌ସ କର୍ତ୍ତୃପକ୍ଷ ଉପସ୍ଥିତ ରହି ଚାଷୀଙ୍କୁ ବୁଝାସୁଝା କରିବା ସହ ଖୁବ୍‌ଶୀଘ୍ର ଧାନ ଉଠାଇବାକୁ ପ୍ରତିଶୃତି ଦେଇଥିଲେ। ମାଥିଲି ବ୍ଲକର ସମସ୍ତ ମଣ୍ଡିରେ ଚାଷୀଙ୍କ ଧାନ ପଡିଥିବା ବେଳେ ଟାର୍ଗେଟ ନ ଥିବାରୁ ଧାନ ବିକ୍ରିକୁ ନେଇ ଚିନ୍ତାରେ ରହିଛନ୍ତି ଚାଷୀ। ତେବେ ଏନେଇ ଲ୍ୟାମ୍ପ୍‌ସ ଏମଡି ସନ୍ତୋଷିନୀ ସାହୁ ପ୍ରକାଶ କରିଛନ୍ତି ଯେ, ସୋମବାର ସୁଦ୍ଧା ୨୦୦୦ କ୍ୱିଣ୍ଟାଲ ଧାନ କ୍ରୟ କରିବାକୁ ପଦକ୍ଷେପ ନିଆଯିବ, ଚାଷୀ ମାନେ ଚିନ୍ତା କରିବାର କୌଣସି ଅବଶ୍ୟକତା ନାହି।

# ପିଲାଙ୍କ ନାମଲେଖା ପାଇଁ ଅଭିଭାବକଙ୍କୁ ନିମନ୍ତ୍ରଣ ପତ୍ର ବାଣ୍ଟିଲେ ମନ୍ତ୍ରୀ



ଡାବୁଗାଁ, ୨୨।୩(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ସରାଗୁଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୦୨୬-୨୭ ଶିକ୍ଷା ବର୍ଷରେ ଶିଶୁ ବାଟିକାରେ ନାମ ଲେଖାଇବା ପାଇଁ ପିଲା ମାନଙ୍କ ଅବିଭାବକ ମାନଙ୍କୁ ନିମନ୍ତ୍ରଣ ପତ୍ର ରବିବାର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଇ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ସରାଗୁଡା ଗ୍ରାମକୁ ଯାଇ ଘର ଘର ବୁଲି ନୂତନ ଶିଶୁ ବାଟିକାର ପିଲା ମାନଙ୍କ ଅବିଭାବକ ମାନଙ୍କୁ ଭେଟି ପୁଷ୍ପ ଗୁଚ୍ଛ, ନଡ଼ିଆ, ଚକୋଲେଟ ସହ ଏକ ନିମନ୍ତ୍ରଣ ପତ୍ର ଦେଇ ନିମନ୍ତ୍ରଣ କରିଥିଲେ। ଚଳିତ ଶିକ୍ଷା ବର୍ଷ ୨୦୨୬-୨୭ ରେ ନିଜର ପିଲା ମାନଙ୍କୁ ଯେପରି ଶିଶୁ ବାଟିକାରେ ଆସନ୍ତା ଏପ୍ରିଲ ମାସ ୨ ତାରିଖ ଦିନ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ ଉତ୍ସବରେ ଯୋଗ ଦେଇ ନିଜ ନିଜର ପିଲାକୁ ଶିଶୁ ବାଟିକା ରେ ନାମ ଲେଖାଇବେ ବୋଲି ଅନୁରୋଧ କରିଥିଲେ ଛ୍ଳ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ, ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିତା ନେତାମ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ, ଭାଜପା ଜିଲା ଯୁବ ମୋର୍ଚ୍ଚା ସଭାପତି ଶୁଭଜିତ ପାଣିଗ୍ରାହୀ, ଭାଜପା ଡାବୁଗାଁ ମଣ୍ଡଳ ସଭାପତି ମନୋଜ ପାତ୍ର, ବୋରିଗାଁ ମଣ୍ଡଳ ସଭାପତି ଜଗଦୀଶ ଭତ୍ରା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗିରିଶବାଳା ଜେନା, ଗୀତାଞ୍ଜଳି ବସ୍ତିଆ, ଧନଞ୍ଜୟ ବଡଜେନା, ହେମନ୍ତ କୁମାର ପଣ୍ଡା ଓ ହେମେନ୍ଦ୍ର ନାଥ ବେହେରା, ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସୁଜ୍ଞାନୀ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କପୂର ମାଝି, ଗ୍ରାମବାସୀ ଲାଇବାନ ଭତ୍ରା ଓ ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟ ପରିସରରେ ଦୀର୍ଘଦିନ ହେଲା ନିର୍ମାଣଧୀନ ଥିବା ଶୌଚଳୟ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନଥିବା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ ସଙ୍ଗେ ସଙ୍ଗେ ଡାବୁଗାଁ ବିଡିଓଙ୍କୁ ଫୋନ କରି ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

● ଘର ଉପରେ ଓଲଟିଲା ବକ୍ସାଇଟ୍ ଭର୍ତ୍ତି ବଲକର

# ଅଳ୍ପକେ ବର୍ତ୍ତିଲେ ୩ ପରିବାର




ମୁନିଗୁଡା,୨୨।୩(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡାର କନକ ପରମେଶ୍ୱରୀ ମନ୍ଦିର ନିକଟରେ ଏକ ବକ୍ସାଇଟ ବୋଝେଇ ଆଲୁମିନିଅମ ବଲକର ଭାରସାମ୍ୟ ହରାଇ ତିନୋଟି ଘର ଉପରେ ଓଲଟି ପଡ଼ିଥିଲା। ଘରଭିତରେ ଥିବା ତିନିଟି ପରିବାରର ସଦସ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ବଲକରଟି ଭୋର ସମୟରେ ବିଶାଖାପାଟଣାରୁ ଝାରସୁଗୁଡ଼ା ଦିଗକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ହଠାତ୍ ଭାରସାମ୍ୟ ହରାଇ ବଲକରଟି ରାସ୍ତା ଛାଡ଼ି ସିଧାସଳଖ ପାଖରେ ଥିବା ଘରଗୁଡ଼ିକ ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣାର ଝଟକା ଏତେ ଭୟାଙ୍କର ଥିଲା ଯେ ଘରର କାନ୍ଥ, ଆଜବେଷ୍ଟ ଛାତ ଓ ଘରୋଇ ସାମଗ୍ରୀ ଭାଙ୍ଗି ଚୁର୍‌ମାର ହୋଇଯାଇଛି। ଘଟଣା ସମୟରେ ଘରଭିତରେ ଥିବା ଲୋକମାନେ ଅଚାନକ ଶବ୍ଦ ଶୁଣି ବାହାରକୁ ଧାଇଁ ଯିବାରୁ ବଡ଼ ଅଘଟଣ ଟଳିଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ କିଛି ସେକେଣ୍ଡ ଡେରି ହୋଇଥିଲେ ଜୀବନହାନି ଘଟିଯାଇଥାନ୍ତା। ଦୁର୍ଘଟଣାର ଖବର ପାଇ ମୁନିଗୁଡା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ତଦନ୍ତ ଆରମ୍ଭ କରିଛି। ବଲକରଟି କିଭଳି ଭାରସାମ୍ୟ ହରାଇଲା, ସେ ନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଯାନ୍ତ୍ରିକ ତ୍ରୁଟି କିମ୍ବା ଅବଧାନହୀନ ଚାଳନା ଏହାର କାରଣ ହୋଇପାରେ ବୋଲି ସନ୍ଦେହ କରାଯାଉଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହେବା ସହ ଭାରୀ ଯାନ ଚଳାଚଳ ଉପରେ ନିୟନ୍ତ୍ରଣ ଆଣିବାକୁ ସାଧାରଣରେ ଦାବି ହେଉଛି।

# ଉପାନ୍ତରେ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଅଭିଯାନ

ରାୟଗଡ଼ା,୨୨।୩(ସମିସ):




ରାୟଗଡ଼ା ସହରର ସ୍ଥାନୀୟ ନ୍ୟୁ ଟାଉନ୍ ପୂଜା କମିଟି ସଭା କକ୍ଷରେ ଉପସଭାପତି ସୁଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଉତ୍କଳ ସାହିତ୍ୟ ସମାଜ ରାୟଗଡା ଶାଖାର ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ତଥା ବିଶିଷ୍ଟ ସାହିତ୍ୟିକ ରାଜୀବ କୁମାର ଷଡ଼ଙ୍ଗୀ ଯୋଗ ଦେଇ ଉପାନ୍ତରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ସମସ୍ତ ସାହିତ୍ୟିକ ବୁଦ୍ଧିଜୀବୀ, ଲେଖକ, ଓ ବିଭିନ୍ନ ସାରସ୍ୱତ ସଂଗଠନର କର୍ମକର୍ତ୍ତାମାନେ ଏକତ୍ରିତ ହୋଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପାନ୍ତରେ ଓଡ଼ିଆ ଭାଷା ସୁରକ୍ଷିତ ରହିଲେ ହିଁ ଓଡିଶା ସୁରକ୍ଷିତ ରହିବ ବୋଲି ଉତ୍କଳ ସାହିତ୍ୟ ସମାଜର କର୍ମକର୍ତ୍ତା ମାନେ ମତ ବ୍ୟକ୍ତ କରିଥିଲେ। ଏହି ଅଧିବେଶନରେ ସଂଗଠନ ସମ୍ବନ୍ଧରେ ବିଶେଷ ଆଲୋଚନା କରାଯାଇ ରାୟଗଡ଼ା ଶାଖାକୁ ସକ୍ରିୟ କରିବା ଉଦ୍ଦେଶ୍ୟରେ ସର୍ବସମ୍ମତି କ୍ରମେ ଏକ ନୂତନ କମିଟି ଗଠନ କରାଯାଇ କେନ୍ଦ୍ରୀୟ କମିଟିକୁ ଅନୁମୋଦନ ସହ ବିହିତ ପଦକ୍ଷପ ଗ୍ରହଣ କରିବା ପାଇଁ ପ୍ରେରଣ କରାଯାଇଛି। କାର୍ଯ୍ୟକ୍ରମରେ ଡ. ଦୁଷ୍ମନ୍ତ ମହାନ୍ତି, ଡ.ନିରଞ୍ଜନ ବକ୍ସିପାତ୍ର, ଡ. ରାଜେଶ ପାଢୀ, ନୀଳମଣୀ ପାଟଯୋଶୀ, ବ୍ରଜସୁନ୍ଦର ନାୟକ, ଜଗଦୀଶ ଚନ୍ଦ୍ର ଦୋରା, ଡ. ଦ୍ୱିତୀଚନ୍ଦ୍ର ସାହୁ, କୃଷ୍ଣପ୍ରୀୟା ସାହାଣୀ, ଶ୍ରୀଧର ପଟ୍ଟନାୟକ, କଲ୍ୟାଣୀ ସାସମଲ, ଡ. ବିପିନ ବିହାରୀ ବିଶ୍ୱାଳ, ରାଜଲକ୍ଷ୍ମୀ ଦେବୀ, ତ୍ରିବେଣୀ ମିଶ୍ର, ରବି ଶତପଥୀ, ହିମାଂଶୁ ଶେଖର ପାଣ୍ଡିଆନ, ଡ. ମାୟାଧର ସାହୁ, ସସ୍ମିତା କୁମାରୀ ଆଚାର୍ଯ୍ୟ, ପ୍ରଶାନ୍ତି ସାହୁ, ପପିନୀ ମହାରଣା, ରୀତାରାଣୀ ମିଶ୍ର, ପ୍ରଣତି ପାତ୍ର, ବାବୁଲାଲ ଗନ୍ତାୟତ, ଶଶୀ ଭୂଷଣ ପଟନାୟକ, ମନ୍ମଥ ତୁଳ, କାର୍ତ୍ତିକ ଚନ୍ଦ୍ର ମିଶ୍ର, କିଶୋର କୁମାର ପଟ୍ଟନାୟକ, ଅନିତା ସାହୁ,ପ୍ରଭୃତି ଯୋଗ ଦେଇଥିଲେ। ଏହି ଅବସରରେ ରାୟଗଡାର ସ୍ୱନାମଧନ୍ୟ କବି ଓ କବୟିତ୍ରୀ ମାନେ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଶିବପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସଚେତନ ନାଗରିକ କମିଟି ସାଧାରଣ ପରିଷଦ ବୈଠକ



ଜୟପୁର, ୨୨।୩(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସଚେତନ ନାଗରିକ କମିଟିର ସାଧାରଣ ପରିଷଦ ବୈଠକ ଏବଂ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ଜୟପୁର ଠାରେ ନାଗରିକ କମିଟିର ସାଧାରଣ ପରିଷଦ ବୈଠକରେ ବିଗତ ଦିନରେ କମିଟି ଦ୍ୱାରା ସହର ବିଭିନ୍ନ ବିଷୟ ନେଇ ସରକାରୀ ପ୍ରଶାସନିକ ଅଧିକାରୀ ଏବଂ ପୌରସଂସ୍ଥାର ଅଧିକାରୀ ଓ ଲୋକ ପ୍ରତିନିଧି ମାନଙ୍କୁ ସାକ୍ଷାତ କରିବା ସହିତ ଜୟପୁର ସହରର ବିକାଶ ଏବଂ ଅନ୍ୟାନ୍ୟ ସମସ୍ୟାର ସମାଧାନ ନେଇ ଦାବିପତ୍ର ସହିତ ଆଲୋଚନା କରାଯାଇଥିବା ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଆୟୋଜିତ କମିଟିର ନୂତନ କର୍ମକର୍ତ୍ତା ସର୍ବସମ୍ମତ କ୍ରମେ ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଶକ୍ତି ପ୍ରସାଦ ଷଡ଼ଙ୍ଗୀ, ଉପସଭାପତି ନରସିଂହ ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ମହାକୁଡ, ଜି.ସତ୍ୟନାରାୟଣ, ସମ୍ପାଦକ ଅକ୍ଷୟ କୁମାର ସାହୁ, , ସହ ସମ୍ପାଦକ ନରେନ୍ଦ୍ର ତ୍ରିପାଠୀ ଏବଂ ସୁରେନ୍ଦ୍ର ପଟ୍ଟନାୟକ, କୋଷାଧ୍ୟକ୍ଷ ନବୀନ ଚନ୍ଦ୍ର ପାତ୍ର ଏବଂ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଭାବେ ଗୋବିନ୍ଦ ଚନ୍ଦ୍ର ସାହୁ, ଗଣେଶ ଆଚାର୍ଯ୍ୟ, ପ୍ରଫୁଲ୍ଲ ରାୟ, ସୂର୍ଯ୍ୟ ନାରାୟଣ ଦାଶ, ସୁବାଶ ଜୈନ, ରମେଶ ଚନ୍ଦ୍ର ତ୍ରିପାଠୀ, ଶିବ ପ୍ରସାଦ ପଟ୍ଟନାୟକ, ସୁବାଶ ଚନ୍ଦ୍ର ଚୌଧୁରୀ, ପ୍ରୀତିଶ ପଟ୍ଟନାୟକ ରହିଛନ୍ତି। ନୂତନ କମିଟି ଚୟନରେ କମିଟିର ପୂର୍ବତନ ସଭାପତି ଇଂ. ଭଜନ ସିଂ ଏବଂ ବରିଷ୍ଠ ସଦସ୍ୟ ଦୀନବନ୍ଧୁ ଅଗ୍ରୱାଲ ପରିଚାଳନା କରିଥିଲେ।

# ବଂଶଧାରା ବ୍ରିଜ୍ ତଳକୁ ଖସିଲା ଟ୍ରକ୍: ୧ ଗୁରୁତର

ଅମ୍ବାଦଳା,୨୨।୩(ସମିସ): ରାୟଗଡ଼ା ଜିଲ୍ଲା ଆମ୍ବାଦଳା ଥାନା ଅଧିନସ୍ଥ ରାଣୀପିଣ୍ଡା ନିକଟ ବଂଶଧାରା ନଦୀ ବ୍ରିଜ ତଳକୁ ଏକ ମାଲବୋଝେଇ ଟ୍ରକ ଭାରସାମ୍ୟ ହରାଇ ଖସି ପଡ଼ିଥିବା ବେଳେ ଏହି ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭର ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଟ୍ରକଟି ବିଶାଖାପାଟଣାରୁ ମଧ୍ୟପ୍ରଦେଶ ଅଭିମୁଖେ ବଂଶଧାରା ବ୍ରିଜ ଉପରେ ଯାଉଥିବା ବେଳେ ହଠାତ୍ କୌଣସି କାରଣରୁ ଡ୍ରାଇଭର ଭାରସାମ୍ୟ ହରାଇଥିଲେ। ଫଳରେ ଟ୍ରକଟି ସିଧାସଳଖ ବ୍ରିଜ ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ। ଆହତ ଡ୍ରାଇଭରଙ୍କୁ ଉଦ୍ଧାର କରି କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। ଘଟଣା ସୂଚନା ପାଇ ଆମ୍ବାଦଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



# ଜନଶୁଣାଣି ସମୟ ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ଟା




## ରାୟଗଡ଼ା ବିଧାୟକଙ୍କ ପ୍ରଶ୍ନର ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ

ରାୟଗଡ଼ା,୨୨।୩ (ସମିସ): ଲୋକଙ୍କ ଅଭିଯୋଗ ଶୁଣିବା ପାଇଁ ରାଜ୍ୟ ସରକାର କେଉଁ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରିଛନ୍ତି ବୋଲି ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ ଚଳିତ ମାସ ୧୬ ତାରିଖ ଦିନ ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏଥିସହ ରାୟଗଡ଼ା ଜିଲ୍ଲାର ବ୍ଲକ୍, ତହସିଲ କାର୍ଯ୍ୟାଳୟଗୁଡିକରେ ଅଧିକାରୀମାନେ ଅଫିସର ପ୍ରଥମ କାର୍ଯ୍ୟ ଘଣ୍ଟାରେ ଭିଡିଓ କନ୍‌ଫର୍ରେନ୍ସିଂରେ ବ୍ୟସ୍ତ ରହିବା ଯୋଗୁଁ ସାଧାରଣ ଲୋକେ ନିଜର ଗୁହାରି ଜଣାଇବାରୁ ବଞ୍ଚିତ ହେଉଥିବା ବିଷୟରେ ସରକାର ଅବଗତ ଅଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ରାୟଗଡ଼ା ଭଳି ଏକ ଆଦିବାସୀ ବହୁଳ ଜିଲ୍ଲାରେ ଦୂରଦୂରାନ୍ତରୁ ଆସୁଥିବା ଲୋକେ ଅଧିକାରୀଙ୍କୁ ସାକ୍ଷାତ ନ କରି ଫେରିବା ଭଳି ଘଟଣା ସରକାରଙ୍କ ନଜରକୁ ଆସିଛି କି ବୋଲି ପ୍ରଶ୍ନ କରିବା ସହ ଅପରାହ୍ନ ସମୟରେ ସମସ୍ତ ଜିଲ୍ଲାରେ ଭିଡିଓ କନ୍‌ଫରେନ୍ସିଂ ମିଟିଂ କରାଗଲେ ଜନସାଧାରଣ ଉପକୃତ ହେବେ ବୋଲି ମତ ଦେଇଥିଲେ। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରାୟଗଡ଼ା ଜିଲ୍ଲାରେ ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟଗୁଡିକରେ କାର୍ଯ୍ୟରତ ଅଧିକାରୀମାନେ ପ୍ରଥମ କାର୍ଯ୍ୟ ଘଣ୍ଟାରେ ଭିଡିଓ କନ୍‌ଫର୍ରେନ୍ସିଂରେ ବ୍ୟସ୍ତ ରହିବା ଯୋଗୁଁ ସାଧାରଣ ଲୋକେ ନିଜର ଗୁହାରି ଜଣାଇବାରୁ ବଞ୍ଚିତ ହେଉଥିବା ବିଷୟ ସରକାରଙ୍କ ନଜରକୁ ଆସି ନ ଥିବା କହିଛନ୍ତି। ସେହିପରି କେବଳ ଆବଶ୍ୟକତା ଅନୁଯାୟୀ କେତେକ ବୈଠକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅଫିସ ସମୟର ପ୍ରଥମାର୍ଦ୍ଧରେ ଆୟୋଜିତ ହେଉଥିବା କହିଥିଲେ। ଏହାଦ୍ୱାରା ଜନସାଧାରଣ ଅଭିଯୋଗ ଦାଖଲ କରିବାରେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନ ଥାନ୍ତି। ସେମାନଙ୍କ ଅଭିଯୋଗପତ୍ର ଗୁଡିକୁ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ଥିବା ଅନ୍ୟ ଅଧିକାରୀମାନେ ଗ୍ରହଣ କରିଥାନ୍ତି ବୋଲି ଗୃହରେ ପ୍ରକାଶ କରିଥିଲେ। ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଧ୍ୟକ୍ଷତାରେ ସମସ୍ତ ଜିଲ୍ଲା ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ପ୍ରତ୍ୟେକ ସୋମବାର (ସରକାରୀ କାର୍ଯ୍ୟ ଦିବସ) ଦିନ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୫ଟା ସମୟ ପର୍ଯ୍ୟନ୍ତ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ, ବ୍ଲକ୍, ଉପଖଣ୍ଡ, ତହସିଲ, ଗ୍ରାମପଞ୍ଚାୟତସ୍ତରରେ ଯୁଗ୍ମ ଶୁଣାଣି ମାଧ୍ୟମରେ ଅଭିଯୋଗ ଗୁଡିକର ସମାଧାନ କରିବାର ପ୍ରାବଧାନ ରହିଛି। ଯଦି କୌଣସି ସୋମବାର ସରକାରୀ ଛୁଟି ଦିନରେ ପଡୁଥାଏ , ତେବେ ପରବର୍ତ୍ତି ଦିନ ଅର୍ଥାତ୍ ମଙ୍ଗଳବାର ଯୁଗ୍ମ ଶୁଣାଣିର ଆୟୋଜନ କରାଯିବାର ପ୍ରାବଧାନ ରହିଛି। ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟେକ ଦିନ ସରକାରୀ କାର୍ଯ୍ୟ ସମୟ ମଧ୍ୟରେ ଅଭିଯୋଗ ଗ୍ରହଣ କରାଯାଉଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଉତ୍ତରରେ ଉଲ୍ଲେଖ କରିଥିବା ଜଣାପଡିଛି। ତେବେ ରାୟଗଡ଼ା ଜିଲ୍ଲାରେ ଜିଲ୍ଲା ମୁଖ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ୍, ଉପଖଣ୍ଡ ପର୍ଯ୍ୟନ୍ତ ପ୍ରତି ସୋମବାର ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ସାଢେ ଗୋଟାଏ ସୁଦ୍ଧା ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ବନ୍ଦ ହୋଇଥାଏ। ଏ ନେଇ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକଙ୍କ ପ୍ରତିକ୍ରିୟା ନେବାରୁ ପୂର୍ବାହ୍ନ ୧୦ଟାରୁ ସାଢେ ଗୋଟାଏ ମଧ୍ୟରେ ଆସୁଥିବା ସମସ୍ତ ଅଭିଯୋଗଗୁଡିକୁ ପଞ୍ଜୀକରଣ କରାଯାଇ ତାହାର ସମାଧାନ କରାଯାଇଥାଏ। ଯେଉଁ ଦିନ ଅଧିକ ପଞ୍ଜୀକରଣ ହୋଇଥାଏ, ଉକ୍ତ ଦିନ ସମାଧାନ ଶେଷ ବେଳକୁ ଅପରାହ୍ନ ୪ଟାରୁ ୫ଟା ସମୟ ମଧ୍ୟ ହୋଇଯାଇଥାଏ ବୋଲି ପ୍ରକାଶ କରିଛନ୍ତି।

# ଭତ୍ତାରୁ ବଞ୍ଚିତ ବିଧବା ଜୁନି



ନନ୍ଦାହାଣ୍ଡି,୨୨।୩(ସମିସ): ବର୍ଷ ପୂର୍ବେ ସ୍ୱାମୀ ଆରପାରିକୁ ଚାଲିଗଲେ। ବିଧବା ହୋଇଗଲେ ଜୁନି । ଏଯାବତ୍ ମିଳିପାରୁନି ଭତ୍ତା। ବାରମ୍ବାର ଆବେଦନ କଲେ ସୁଦ୍ଧା କୌଣସି ସୁଫଳ ମିଳିପାରୁନି। ଫଳରେ ବିଧବା ଜୁନି ନିଜ ଭାଗ୍ୟକୁ ଆଦରୀ ଦୁଇ ବର୍ଷର ଛୋଟ ପୁଅ ସହିତ ନିଜ ବୃଦ୍ଧା ବିଧବା ଶାଶୁଙ୍କ ସହିତ ରହୁଛନ୍ତି। ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ମେଣ୍ଡ୍ରି ପଞ୍ଚାୟତ ଅନ୍ତର୍ଗତ ବାଦିଗୁଡା ଗ୍ରାମରେ ରହୁଥିବା ଅଭିମନ୍ୟୁ ଜାନି କୁଲିମଜୁରୀ କରି ପରିବାର ଭରଣପୋଷଣ କରୁଥିଲେ। ସ୍ତ୍ରୀ ଜୁନି ଓ ତାଙ୍କ ଛୋଟ ପୁଅଙ୍କ ସହିତ ଖୁସିରେ ସଂସାର କରୁଥିଲେ। ଗତ ବର୍ଷ ପୂର୍ବେ ଅଭିମନ୍ୟୁ ଆରପାରିକୁ ଚାଲିଗଲା ପରେ ବିଧବା ଜୁନି ଜାନି ଛୋଟ ପୁଅ ସହିତ କୁଲିମଜୁରୀ କରି ଜୀବିକା ନିର୍ବାହ କରୁଛନ୍ତି। ସରକାର ଜାତୀୟ ପରିବାର ସୁବିଧା ଯୋଜନା ସହାୟତା ଓ ବିଧବା ଭତ୍ତା ପାଇଁ ବାରମ୍ବାର ଆବେଦନ କଲେ ସୁଦ୍ଧା ଏଯାବତ୍ ଜାତୀୟ ପରିବାର ସୁବିଧା ଯୋଜନା କିମ୍ବା ବିଧବା ଭତ୍ତା ଯୋଜନାରେ ସାମିଲ କରାଯାଇନି। ବାରମ୍ବାର ଆବେଦନ କଲେ ସୁଦ୍ଧା ସୁଫଳ ମିଳିପାରୁନି। ଗତ ଫେବୃଆରୀ ମାସରେ ବ୍ଲକ ପ୍ରଶାସନିକ ଅଧିକାରୀ ଗାଁକୁ ଯାଇ ଯୋଗ୍ୟ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ବିଧବା ଭତ୍ତାରେ ଅତିଶୀଘ୍ର ସାମିଲ କରାଯିବ ବୋଲି ସାନ୍ତ୍ୱନା ଦେଇଥିଲେ । କିନ୍ତୁ ଗ୍ରାମର କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇନାହିଁ ବୋଲି କୁହାଯାଇଛି। ଏହି ଭତ୍ତା ଯୋଜନାରେ ବିଧବା ଜୁନିକୁ ସାମିଲ କରିବାକୁ ଗ୍ରାମବାସୀ ସରକାରଙ୍କୁ ନିବେଦନ କରିଛନ୍ତି।

ସକାଳ THE SAKALA



# ଅପପୁଷ୍ଟି ମୁକ୍ତ ହେବ ମାଲକାନଗିରି



ମାଲକାନଗିରି,୨୨।୩(ସମିସ): ମାଲକାନଗିରି ଜିଲ୍ଲାରୁ ଅପପୁଷ୍ଟିର ସମ୍ପୂର୍ଣ୍ଣ ନିରାକରଣ ଏବଂ ଶିଶୁମାନଙ୍କ ସୁସ୍ଥ ଭବିଷ୍ୟତ ଗଠନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ 'ପୋଷଣ-୧୫'ର ଶୁଭାରମ୍ଭ କରାଯାଇଛି। ଅଭିଯାନକୁ ସଫଳ କରିବା ପାଇଁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧ୍ୟକ୍ଷତାରେ ଏକ ଭିଡିଓ କନଫରେନ୍ସିଂ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଶିଶୁମାନଙ୍କ ମଧ୍ୟରେ ଥିବା ଅପପୁଷ୍ଟି ଓ ବାମନତା ସମସ୍ୟା ଦୂର କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା। ଏଥିରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଛନ୍ତି।ଏହି ଅଭିଯାନ ଅଧୀନରେ ପ୍ରଶାସନ ପକ୍ଷରୁ ୧୫ଟି ପ୍ରଭାବଶାଳୀ ସ୍ଲୋଗାନ ପ୍ରସ୍ତୁତ କରାଯାଇଛି। ଏହି ସ୍ଲୋଗାନଗୁଡ଼ିକ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଏବଂ ଅଙ୍ଗନବାଡି କେନ୍ଦ୍ର ମାଧ୍ୟମରେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ନିକଟରେ ପହଞ୍ଚାଯିବ। ସୁସ୍ଥ ଶରୀର, ସୁସ୍ଥ ମନ, ସଠିକ ପୋଷଣ ଆମର ଧନ ଭଳି ବାର୍ତ୍ତା ଦେଇ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରତି ଆକୃଷ୍ଟ କରାଯିବାର ଯୋଜନା ରହିଛି। ଖୁବ୍‌ଶୀଘ୍ର ପ୍ରତ୍ୟେକ ବ୍ଲକରେ ବିଡିଓ ମାନଙ୍କ ନେତୃତ୍ୱରେ ବ୍ଲକ ଶିକ୍ଷା ଅଧିକାରୀ ଓ ଅଙ୍ଗନବାଡି କର୍ମୀମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ। ଏହି ଅଭିଯାନରେ ଅଙ୍ଗନବାଡି କର୍ମୀମାନେ ଘରକୁ ଘର ବୁଲି ମା ଏବଂ ଶିଶୁମାନଙ୍କୁ ସଠିକ ପୋଷଣର ମହତ୍ତ୍ୱ ବୁଝାଇବେ। ଜିଲ୍ଲାର ପିଲାମାନେ ଯେପରି ଶାରୀରିକ ଓ ମାନସିକ ଭାବେ ସୁଦୃଢ଼ ହେବେ, ସେଥିପାଇଁ ଜିଲ୍ଲା ପ୍ରଶାସନ ଏହି ବଡ଼ ପଦକ୍ଷେପ ଗ୍ରହଣ କରିଛି। ସୁସ୍ଥ ଶିଶୁ, ସୁସ୍ଥ ମାଆ, ବିକଶିତ ହେବ ଆମ ଓଡ଼ିଶା - ଏହି ନାରାକୁ ପାଥେୟ କରି ମାଲକାନଗିରିକୁ ଏକ ମଡେଲ ଜିଲ୍ଲାରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି।

**ପୋଷଣ-୧୫ ଶୁଭାରମ୍ଭ**

# ଦୁଇ ଦୁର୍ଘଟଣାରେ ୨ ମୃତ, ୭ ଆହତ





ବିଷମ କଟକ,୨୨।୩(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକର ଆଜି ଦୁଇଟି ସ୍ଥାନରେ ପୃଥକ ପୃଥକ ଭାବେ ମୋଟରସାଇକଲ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ଯୁବକ ଆଉ ଜଣେ ଯୁବତୀର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ୭ଜଣ ଆହତ ହୋଇଛନ୍ତି। ଖବର ନେବାରୁ ଜଣାପଡିଛି ଯେ, ଆଜି ଅପରାହ୍ନରେ ରାୟଗଡ଼ା ଅଞ୍ଚଳର ଯୁବକ ଯୁବତୀ ଏକ ପଲସର ମଟର ସାଇକଲ ( ଓଡି ୧୮ ପି ୯୪୦୨)ରେ ବିଷମ କଟକ ବୁଲିବା ପାଇଁ ଆସି ଅପରାହ୍ନରେ ରାୟଗଡା ଫେରୁଥିଲେ। ବାଟରେ ଚାଟିକୋଣା ସ୍ଥିତ ୩୨୬ ରାଜ୍ୟ ରାଜ୍ୟପଥରେ ଅଜଣା ଗାଡ଼ି ଧକ୍କାରେ ଉଭୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇଥିବା ଗାଡିଟି ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ବେଳେ ସେ ରାସ୍ତା ଦେଇ ଯାଉଥିବା ଲୋକେ ଘଟଣା ସଂକ୍ରାନ୍ତରେ ପୁଲିସ୍‌କୁ ଖବର ଦେଇଥିଲେ। ଖବର ପାଇ ବିଷମ କଟକ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଶବକୁ ଜବତ କରିବା ସହ ସେମାନଙ୍କ ପରିଚୟ ସଂଗ୍ରହ କରିଛି। ମୃତ ଯୁବକ ଜଣକ ରାୟଗଡା ଅଞ୍ଚଳର ଆକାଶ ନାୟକ (୨୫) ଏବଂ ରାୟଗଡା କଲ୍ୟାଣସିଂହପୁର ବ୍ଲକ ସେରିଗୁମ୍ମା ଗ୍ରାମପଞ୍ଚାୟତର କଣ ଗ୍ରାମର ପୁର୍ଣ୍ଣାଲୁ ମିଣିଆକା (୨୧) । ଦୁଇ ମୃତକ ଙ୍କ ମୃତ ଦେହ କୁ ଖ୍ରୀଷ୍ଟିଆନ ହସ୍ପିଟାଲର ଫ୍ରିଜରରେ ରଖାଯାଇଛି। ମୃତକଙ୍କ ପରିବାର ଲୋକେ ଆସିଲେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡିବ ବୋଲି ବିଷମ କଟକ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ସୂଚନା ଦେଇଛନ୍ତି। ସେହିପରି ଅନ୍ୟ ଏକ ଦୁର୍ଘଟଣା ବିଷମ କଟକ ସଦର ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ଘଟିଛି। ଗୋଟିଏ ମଟର ସାଇକଲରେ ସ୍ୱାମୀ-ସ୍ତ୍ରୀ ୨ଟି ଝିଅକୁ ନେଇ ବିଷମ କଟକରୁ ନିରଗୁଣ୍ଡି ଯାଉଥିବା ବେଳ ବିପରିତି ଦିଗରୁ ତିନି ଜଣ ଯୁବକ ଏକ ମଟର ସାଇକଲରେ ବିଷମ କଟକ ଅଭିମୁଖେ ଆସୁଥିବା ବେଳେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଜଣକର ଗୋଡ଼ ଭାଙ୍ଗିଯାଇଥିବା ବେଳେ ଅନ୍ୟ ଅନ୍ୟ ୬ଜଣ ଆହତ ହୋଇଛନ୍ତି। ଅଗ୍ନିଶମ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଆହତ ମାନଙ୍କୁ ଉଦ୍ଧାର କରି ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ତେବେ ୪ଜଣ ଆହତଙ୍କୁ ରାୟଗଡା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ତିନିଜଣ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଆହତମାନେ ହେଲେ ଝିଗିଡି ଗ୍ରାମପଞ୍ଚାୟତ ନିରଗୁଣ୍ଡି ଗ୍ରାମର ପ୍ରଧାନ କରକରିଆ ଓ ଗୁଲାପି କରକରିଆ ଏବଂ ଦୁଇ ଛୋଟ ଝିଅ। ସେହିପରି ଅନ୍ୟ ଆହତମାନେ ହେଲେ ରାଶିକୋଲା ଗ୍ରାମ ପଞ୍ଚାୟତ ଟଗାପଦର ଗ୍ରାମର ଚିଣ୍ଟୁ କିଲାକା, ସିମନ କିଲାକା ଓ ହାବାଲା କିଲାକା ବୋଲି ଜଣାପଡିଛି।

# ଚଳନ୍ତା ଟ୍ରେନ୍‌ରୁ ଖସି ପଡୁଥିବା ଯାତ୍ରୀଙ୍କ ଜୀବନ ବଞ୍ଚାଇଲେ ଆରପିଏଫ୍ କନେଷ୍ଟବଳ



ରାୟଗଡ଼ା, ୨୨।୩(ସମିସ): ଚଳନ୍ତା ଟ୍ରେନ୍‌ରେ ଯାତ୍ରା କରୁଥିବା ସମୟରେ ଆଜି ରାୟଗଡ଼ା ରେଳ ଷ୍ଟେସନ ପ୍ଲାଟଫର୍ମ ନମ୍ବର ୧ରେ ଜଣେ ଯାତ୍ରୀ ଅସାବଧାନତାବଶତଃ ଟ୍ରେନ୍‌ରୁ ଖସି ପଡୁଥିବା ବେଳେ ସେଠାରେ ଉପସ୍ଥିତ ଆରପିଏଫ୍‌ର କନେଷ୍ଟବଳ ତୁରନ୍ତ ତତ୍ପରତା ଦେଖାଇ ନିଜ ଜୀବନକୁ ବିପଦରେ ପକାଇ ଯାତ୍ରୀଙ୍କୁ ଧରି ସୁରକ୍ଷିତ ଭାବେ ଟ୍ରେନ୍ ବାହାରକୁ ଟାଣି ଆଣିଥିଲେ। ଫଳରେ ଏକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ଯାତ୍ରୀ ଜଣକ । ଘଟଣା ସମୟରେ ଷ୍ଟେସନରେ ଥିବା ଅନ୍ୟ ଲୋକମାନେ ମଧ୍ୟ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ ଏବଂ କନେଷ୍ଟବଳଙ୍କ ସାହାସିକତାକୁ ପ୍ରଶଂସା କରିଥିଲେ। ସୂଚନା ପ୍ରକାରେ ରବିବାର ଅପରାହ୍ନ ପ୍ରାୟ ୫ଟା ସମୟରେ ଜଣେ ଯାତ୍ରୀ ରାୟଗଡ଼ା ଠାରୁ ବିଶାଖାପାଟଣା ଅଭିମୁଖେ ଯାଉଥିବା ନାଗାବଳୀ ଏକ୍ସପ୍ରେସ(୨୦୮ ୯୦) ଟ୍ରେନ୍‌ରେ ଚଢିବା ବେଳେ ଅସାବଧାନତା ଯୋଗୁଁ ହଠାତ୍ ଟ୍ରେନ୍‌ରୁ ଖସି ପଡୁଥିଲେ। ତେବେ ସେଠାରେ କାର୍ଯ୍ୟରତ କନେଷ୍ଟବଳ ଅଙ୍କୁର ଚୌଧୁରୀ ଏହା ଦେଖି ଯାତ୍ରୀଙ୍କୁ ଧରି ନେଇଥିଲେ। ଯାହାଫଳରେ ଟ୍ରାକ୍‌ରେ ପଡ଼ିବା ଭଳି ଅଘଟଣରୁ ବର୍ତି ଯାଇଥିଲେ ଯାତ୍ରୀ ଜଣକ। କନେଷ୍ଟବଳ ଚୌଧୁରୀ ପୂର୍ବରୁ ମଧ୍ୟ ଏହିଭଳି ଅନେକଥର ଯାତ୍ରୀଙ୍କ ଜୀବନ ବଞ୍ଚାଇବାର ନଜିର ରହିଛି। ତାଙ୍କର ଦାୟିତ୍ୱ ଓ କର୍ତବ୍ୟପରାୟଣ ପାଇଁ ସେ ସାଧାରଣରେ ପ୍ରଶଂସାର ପାତ୍ର ହୋଇଛନ୍ତି ଏବଂ ଚଳନ୍ତା ଟ୍ରେନରେ ଚଢ଼ିବା ବା ଓହ୍ଲାଇବା ସମୟରେ ସଦା ସାବଧାନ ରହିବା ଆବଶ୍ୟକ ବୋଲି ରେଳବାଇ ପୁଲିସ ସବୁବେଳେ ଯାତ୍ରୀ ମାନଙ୍କୁ ସଚେତନ କରୁଛନ୍ତି । ଆରପିଏଫ୍ କର୍ମଚାରୀମାନଙ୍କ ତତ୍ପରତା ଓ ସାହସ ନିଶ୍ଚୟ ଭାବେ ପ୍ରଶଂସାର ଯୋଗ୍ୟ ବୋଲି ବୁଦ୍ଧିଜୀବୀ ମାନେ ମତ ରଖିଛନ୍ତି।

# ଏଡିଇଓ ସଂଘ କର୍ମକର୍ତ୍ତା ଚୟନ

ରାୟଗଡ଼ା,୨୨।୩(ସମିସ): ରାୟଗଡ଼ା ଜିଲ୍ଲା ହିସାବ ରକ୍ଷକ ତଥା - ତଥ୍ୟ ନିକ୍ଷେପଣ ପରିଚାଳକ (ଏଡିଇଓ) ସଂଘର ନୂତନ କର୍ମକର୍ତା ଚୟନ ଅନୁଷ୍ଠିତ ହୋଇଛି। କୋଲନରା ବ୍ଲକ ସଦର ଠାରେ ଥିବା କଲ୍ୟାଣ ମଣ୍ଡପ ଠାରେ ରବିବାର ଅନୁଷ୍ଠିତ ବୈଠକରେ ଜିଲ୍ଲାର ସମସ୍ତ ଏଡିଇଓ ଯୋଗଦାନ କରିଥିଲେ। ସର୍ବସମ୍ମତି କ୍ରମେ ସଭାପତି ଭାବେ ଏନ. ମୁରଲୀ ମୋହନ, ସମ୍ପାଦକ ଭାବେ ମିଶାଲା ଦିବାକର, ଉପସଭାପତି ଭାବେ ଅଶୋକ ନାୟକ, କୋଷାଧ୍ୟକ୍ଷ କମଳାକାନ୍ତ ଖୁଣ୍ଟିଆ ଏବଂ ସରୋଜ ଚୌଧୁରୀ, କୋର କମିଟି ସଦସ୍ୟ ଭାବେ ଅଶୋକ ଚୌଧୁରୀ, ରାଧାନାଥ ଷଡ଼ଙ୍ଗୀ, ପ୍ରଶାନ୍ତ ନାୟକ, ଭାଗିରଥି ପ୍ରଧାନ, ଇପିଲା ଶ୍ରୀନୁ, ବଳରାମ ମିଶ୍ର, ବାଡ଼ିଙ୍ଗି ପ୍ରଧାନଙ୍କୁ ଚୟନ କରାଯାଇଛି। ନୂତନ କର୍ମକର୍ତ୍ତା ଚୟନ ପରେ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଆଗାମୀ ଦିନରେ ସଂଘ କିଭଳି ସୁଦୃଢ଼ ହେବ ତାହା ଆଲୋଚନା ହୋଇଥିଲା।

**● ଦଶମନ୍ତପୁର ପ୍ରାଥମିକ ଶିକ୍ଷକ ସଂଘ**

# ସହ ସଂପାଦକ ଭାବେ ମନୋନୀତ ହେଲେ ସଦାଶିବ



ପୋଡ଼ାଗଡ଼,୨୨।୩(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସହ ସମ୍ପାଦକ ଭାବରେ ସଦାଶିବ ପ୍ରଧାନୀ ମନୋନୀତ ହୋଇଛନ୍ତି। ସୂଚନା ଅନୁସାରେ ଏହି ପଦବୀରେ କୋରାପୁଟ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦାମ କନ୍ଦପାନ ଥିଲେ। କିନ୍ତୁ ଦାମ କନ୍ଦପାନ ଜିଲ୍ଲା ସଭାପତି ଭାବେ ନିର୍ବାଚିତ ହେଲା ପରେ ବ୍ଲକ ସହ ସଂପାଦକ ପଦବୀ ଦୀର୍ଘ ଦିନ ହେବ ଖାଲି ପଡ଼ିଥିଲା। ସେଥିପାଇଁ ଆଜି ଦଶମନ୍ତପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତିଙ୍କ ଦ୍ୱାରା ଏକ ନିର୍ବାଚନୀ ସଭା କରାଯାଇଥିଲା। କିନ୍ତୁ ଏହି ସଭାରେ ନିର୍ବାଚନ ନ କରି ସଂଘର ଶତ ପ୍ରତିଶତ ଶିକ୍ଷଙ୍କ ସଦାଶିବଙ୍କୁ ସମ୍ପାଦକ ଭାବରେ ସମର୍ଥନ କରି ଥିଲେ। ବର୍ତ୍ତମାନ ସଦାଶିବ ଦଶମନ୍ତପୁର ସଦର ଅଧିନସ୍ଥ ଗଡଡ କାନ୍ତି ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି।

# କର୍ଲାଘାଟି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଗୁଡାରୀ,୨୨।୩(ସମିସ): ଗୁଡାରୀ ବ୍ଲକ୍ କର୍ଲାଘାଟି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ରବିବାର ଦିନ ସନ୍ଧ୍ୟାରେ ପାଳିତ ହୋଇଯାଇଛ। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ପ୍ରଦିପ କୁମାର ଦଳେଇ ଉପସ୍ଥିତ ଥିବା ବେଳେ ଗୁଣପୁର ବ୍ଲକ୍ ଫୁଟାସିଂ ବାଳକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୋନଜ କୁମାର ପାଢି, ବୃନ୍ଦାବନ ଚନ୍ଦ୍ର ସାହୁ ଏଲଏସଡିଏ ସ୍ୱତନ୍ତ୍ର ଅଧିକାରୀ ପ୍ରଦୀପ କୁମାର ଦଳେଇ, ସିଆରସି ଅନିଲ କୁମାର ବେହେରା, ମୁଳିପୁଟ ପ୍ରଧାନ ଶିକ୍ଷକ ଭାଗିରଥି ଶବର, ପେଣ୍ଡିଲି ଶ୍ରେବାଶ୍ରମର ପ୍ରଧାନଶିକ୍ଷକ ପି.ରବିକୁମାର, ଏଲଏଲ ପୁର ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦିଲ୍ଲିପ ଚୈଧୁରି, ଏହା ବ୍ୟତିତ ବିଦ୍ୟାଳୟର ସଭାପତି ମୋଦନ ବଳିଆରସିଂ ତଥା କର୍ଲା ଘାଟିର ବରିଷ୍ଠ ବ୍ୟକ୍ତି ବିଶେଷଙ୍କୁ ମଞ୍ଚାର ଉପସ୍ଥିତ ଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ଛାତ୍ରଛାତ୍ରୀମାନଙ୍କୁ ପ୍ରଧାନଶିକ୍ଷକ ଶ୍ରୀ ସାହୁ, ଅନ୍ୟ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ବିଦ୍ୟାଳୟର ରଶ୍ମିରଞ୍ଜନ ଶବର। ଶେଷରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନୃତ୍ୟ ବେଶ ଉଚ୍ଚକୋଟୀର ହୋଇଥିଲା।

# ଜାତୀୟ ମାନବିକ ଅଧିକାର କମିଶନ ସଦସ୍ୟଙ୍କ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ



**ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ସ୍ମାରକପତ୍ର ପ୍ରଦାନ**

କୋରାପୁଟ/ସୁନାବେଡ଼ା,୨୨।୩(ସମିସ): ରାଷ୍ଟ୍ରୀୟ ମାନବାଧିକାର ଆୟୋଗର ବିଶେଷ ମନିଟର ପ୍ରଫେସର କହ୍ନେୟା ତ୍ରିପାଠୀ ରବିବାର ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ପ୍ରଫେସର ତ୍ରିପାଠୀ, କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା, କୁଳସଚିବ ଡ଼. ରାକେଶ କୁମାର ଲେଙ୍କା, ଅର୍ଥ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ, ଆଣ୍ଟି-ରାଗିଂ କମିଟି ଅଧ୍ୟକ୍ଷ ଡ. ରଥୀକାନ୍ତ କୁମ୍ଭାର, ଡିଏସଡବ୍ଲ୍ୟୁ ଡ. ରମେନ୍ଦ୍ର କୁମାର ପାଢୀ, ମୁଖ୍ୟ ୱାର୍ଡେନ ଡ. ନିର୍ଝରିଣୀ ତ୍ରିପାଠୀ, ଆଇସିସି ପ୍ରେସାଇଡିଂ ଅଫିସର ଡ. ମିନତି ସାହୁ ଓ ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇଙ୍କ ସମେତ ପ୍ରଫେସର, ବିଭାଗ ମୁଖ୍ୟ ଏବଂ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ସଭାକୁ ସମ୍ବୋଧିତ କରି ପ୍ରଫେସର ତ୍ରିପାଠୀ ମାନବାଧିକାର ଓ ମାନବୀୟ ମର୍ଯ୍ୟାଦାର ଅବିଚ୍ଛେଦ୍ୟ ସମ୍ପର୍କ ଉପରେ ଗୁରୁତ୍ୱ ଦେଇଥିଲେ। ସେ ମାନବାଧିକାର କେନ୍ଦ୍ର ସ୍ଥାପନ, ଡିଗ୍ରୀ ଓ ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ, ବହୁ-ଶାଖାଭିତ୍ତିକ କୋର୍ସ, ମାନବାଧିକାର କ୍ଲବ ଗଠନ ସହିତ ଜର୍ନାଲ, ସେମିନାର, ସମ୍ମିଳନୀ ଓ କାର୍ଯ୍ୟଶାଳା ଆୟୋଜନ ପାଇଁ ପ୍ରସ୍ତାବ ରଖିଥିଲେ। ବିଭାଜନମୂଳକ ଧାରଣାକୁ ନିନ୍ଦା କରି ପ୍ରୋଫେସର ତ୍ରିପାଠୀ କହିଥିଲେ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଅଧିକାର ସୁରକ୍ଷା କରିବାର ଅଧିକାର ଅଛି, କିନ୍ତୁ ଅନ୍ୟମାନଙ୍କର ଅଧିକାରକୁ ସମ୍ମାନ ଓ ସୁରକ୍ଷା କରିବା ସମାନ ଭାବେ ଦରକାର। ଆଲୋଚନା ସମୟରେ ଶିକ୍ଷକମାନେ ଶିକ୍ଷା ପରିବେଶରେ ମାନବାଧିକାର ସମ୍ପର୍କିତ କିଛି ସମସ୍ୟା ଉଠାଇଥିଲେ। କାର୍ଯ୍ୟକ୍ରମର ଶେଷରେ କୁଳପତି ପ୍ରଫେସର ପଣ୍ଡା ଘୋଷଣା କରିଥିଲେ ଯେ ବିଶ୍ୱବିଦ୍ୟାଳୟ ମାନବାଧିକାର ଶିକ୍ଷାକୁ ପ୍ରୋତ୍ସାହନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବ। ସେହିପରି ସମ୍ମିଳନୀ, ସେମିନାର ଓ ଏକ ନିର୍ଦ୍ଦିଷ୍ଟ ଜର୍ନାଲ ମଧ୍ୟ ଆରମ୍ଭ କରାଯିବ। ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇ ଜଣାଇଛନ୍ତି ଯେ ପରିଦର୍ଶନ ସମୟରେ ପ୍ରଫେସର ତ୍ରିପାଠୀ ଛାତ୍ରାବାସରେ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରି ତାଙ୍କ ସମସ୍ୟା ଶୁଣିଥିଲେ। ସେ ବିଶ୍ୱବିଦ୍ୟାଳୟ ପ୍ରଶାସନକୁ ଛାତ୍ରଛାତ୍ରୀଙ୍କ ସମସ୍ୟାର ଶୀଘ୍ର ସମାଧାନ କରିବାକୁ ଅନୁରୋଧ କରିଥିଲେ। ଯାହା ଫଳରେ କ୍ୟାମ୍ପସରେ ଏକ ସୁରକ୍ଷିତ ଓ ସମାନ୍ତାମୂଳକ ପରିବେଶ ନିଶ୍ଚିତ ହେବ। କାର୍ଯ୍ୟକ୍ରମର ଆରମ୍ଭରେ ଡ଼. ରମେନ୍ଦ୍ର କୁମାର ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଓ ଶେଷରେ ଡ଼. ନିର୍ଝରିଣୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିଦର୍ଶନର ସମନ୍ୱୟ ଦର୍ଯ୍ୟୋଧନ ସେଠୀ କରିଥିଲେ। ସେହିପରି ବିଶ୍ୱବିଦ୍ୟାଳୟର ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରଛାତ୍ରୀ କୁଳପତିଙ୍କ ଉପସ୍ଥିତିରେ ସେମାନଙ୍କର ଦୀର୍ଘଦିନର ସମସ୍ୟା ଉଠାଇ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ମେସ୍ ଦେୟ ଯୋଗୁଁ ଆର୍ଥିକ ଚାପ, ଡ ଆମ୍ବେଡକର ସେଣ୍ଟର ଫର ଏକ୍ସିଲେନ୍ସ କାର୍ଯ୍ୟକାରୀ କରିବା, ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଓରିଏଣ୍ଟେସନ୍ ପ୍ରୋଗ୍ରାମ ସେଲ୍ ଠିକ୍ ଭାବେ କାମ ନକରିବା, ଆରକ୍ଷିତ ପୋଷ୍ଟଗୁଡ଼ିକ ଖାଲି ରହିବା, ହୋଷ୍ଟେଲ୍ ସୁବିଧାର ଅଭାବ, କୃଷି ବିଭାଗର ୫ ଜଣ ଛାତ୍ରଙ୍କୁ ବିନା କାଉନସେଲିଂ ବାହାର କରାଯାଇଥିବା ଘଟଣାକୁ ଗୁରୁତର ଭାବେ ଉଠାଇଥିଲେ। ଏହା ସହିତ ବିଶ୍ୱବିଦ୍ୟାଳୟ ପରିସରରେ ଆମ୍ବେଦକରଙ୍କ ମୂର୍ତ୍ତି ସ୍ଥାପନ ପାଇଁ ଦାବି ମଧ୍ୟ କରାଯାଇଥିଲା।

# 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ

ରାୟଗଡା,୨୨।୩(ସମିସ): ଶନିବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର, ରାୟଗଡା ଠାରେ ଶିଶୁ ବାଟିକା ବିଭାଗର 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ପରିଚାଳନା ସମିତିର ସମ୍ପାଦକ ଚିତ୍ତ ରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥି ସହିତ ବିଦ୍ୟାଳୟର ପରିଚାଳନା ସମିତିର ସମ୍ପାଦକ ପ୍ରମୋଦ କୁମାର ମହାନ୍ତି, ସଦସ୍ୟା ସସ୍ମିତା ପାଢ଼ୀ, ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ଓ ଶିଶୁବାଟିକା ପ୍ରମୁଖ ନିର୍ମଳା ବେହେରା ମଞ୍ଚାସିନ ଅତିଥି ରୂପେ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ଜ୍ୱଳନ ପରେ ଅତିଥି ମାନଙ୍କ ପରିଚୟ ପ୍ରଦାନ କରାଯାଇଥିଲା। ଏହାପରେ ମୁଖ୍ୟ ଅତିଥି ଶିଶୁର ଶାରୀରିକ ଓ ମାନସିକ ବିକାଶ ତଥା ଆହାର ବିହାର ଉପରେ ଦୃଷ୍ଟି ଆକର୍ଷଣ କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥି ସହିତ 'କଣ୍ଢେଇ ଦିବସ' ମଧ୍ୟ ପାଳନ କରାଯାଇଥିଲା। ଧନ୍ୟବାଦ ପ୍ରଦାନ ପରେ ଦୁଇଟି କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

# ନାଗାବଳୀ ଉପକୂଳସ୍ଥ ଘାଟି ଅଞ୍ଚଳ ବିକାଶ ବୈଠକ



ରାୟଗଡା, ୨୨।୩(ସମିସ): ୨୮ଟି ଗ୍ରାମ ପଞ୍ଚାୟତକୁ ନେଇ ରାୟଗଡା ବ୍ଲକ ଓ ତହସିଲ ଗଠିତ । ଏହି ୨୮ ଗୋଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ପ୍ରାୟ ୧୦ ଗୋଟି ଗ୍ରାମ ପଞ୍ଚାୟତ ରାୟଗଡା ସହର ଉପକଣ୍ଠରେ ପ୍ରବାହିତ ନାଗାବଳୀ ଉପକୂଳସ୍ଥ ଘାଟି ଅଞ୍ଚଳ ସହ ଜଡ଼ିତ। ଅଞ୍ଚଳର ବିକାଶ ଓ ସମସ୍ୟାର ସମାଧାନ ଦୀର୍ଘ ବର୍ଷ ଧରି ସମାଧାନ ହୋଇ ପାରୁ ନ ଥିବାରୁ ଆଜି ଦୁର୍ଗାପାଡୁ, ମୀରାବାଲି, ପିପଲଗୁଡା, ଡାଙ୍ଗଲେଡ଼ି, କାରୁବାଇ, ବାଇସିଙ୍ଗ, ବୈରାଗୀ ହଲୁଆ, ବଡ ଆଲୁବାଡି କୁଲି ଓ ମାଲିଗାଁ ଭଳି ଦଶ ଗୋଟି ପଂଚାୟତର ନିର୍ବାଚିତ ଜନ ପ୍ରତିନିଧି ସରପଞ୍ଚ, ସମିତି ସଭ୍ୟ ସଭ୍ୟାଙ୍କ ସମେତେ ଶତାଧିକ ଗ୍ରାମବାସୀ ଆଜି କୁଣ୍ଡମ ହାଟପଦା ଠାରେ ଏକତ୍ରିତ ହୋଇ ଏକ ଆଲୋଚନା ବୈଠକ କରିଥିଲେ । ରାୟଗଡା ଜିଲ୍ଲା ସଦର ମହକୁମାରେ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଅବସ୍ଥାପିତ ହେତୁ ନାଗାବଳୀ ଉପକୂଳସ୍ଥ ଘାଟି ଅଞ୍ଚଳ ସହ ଜଡ଼ିତ ଉପରୋକ୍ତ ୧୦ ଗୋଟି ଗ୍ରାମ ପଞ୍ଚାୟତର ଲୋକମାନଙ୍କ ପାଖରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନ କଲ୍ୟାଣ ଯୋଜନା ଗୁଡିକର ବିକାଶମୂଳକ ସେବାଗୁଡିକ ସଠିକ ସମୟରେ ସଠିକ ଭାବରେ ପହଞ୍ଚିବାରେ ଅସୁବିଧା ହେଉଛି। ଅଧିକାରୀ ମାନେ ଉଚିତ ସରକାରୀ ସେବା ଯୋଗାଇ ପାରୁ ନ ଥିବା ଏବଂ ଜିଲ୍ଲା ସଦର ମହକୁମା ଅତ୍ୟଧିକ ଦୂରତାରେ ଥିବାରୁ ନାଗାବଳୀ ଉପକୂଳସ୍ଥ ଘାଟି ଅଞ୍ଚଳ ସହ ଜଡ଼ିତ ୧୦ ଗୋଟି ଗ୍ରାମ ପଞ୍ଚାୟତର ଶିକ୍ଷିତ ବୁଦ୍ଧିଜୀବୀ ଭଦ୍ରବ୍ୟକ୍ତି ଓ ଲୋକ ପ୍ରତିନିଧିମାନଙ୍କୁ ନେଇ ଆଜିର ବୈଠକ ଆୟୋଜନ ମାଧ୍ୟମରେ ସେଥିରୁ ଏକ ସୁପରିଚାଳିତ କମିଟି ଗଠନ କରି ଉକ୍ତ କମିଟି ଦ୍ୱାରା ଏହି ଅଞ୍ଚଳର ସମସ୍ତ ପ୍ରକାର ବିକାଶ ଉଦ୍ଦେଶ୍ୟରେ ୧୦ ଦଫା ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ପ୍ରଦାନ କରିବା ପାଇଁ ନିଷ୍ପତି ନିଆଯାଇଛି। ଏହି ୧୦ ଦଫା ଦାବୀ ଗୁଡିକ ମଧ୍ୟରେ ନାଗାବଳୀ ଉପକୂଳସ୍ଥ ଘାଟି ଅଞ୍ଚଳ ସହ ଜଡ଼ିତ ୧୦ ଗୋଟି ଗ୍ରାମ ପଞ୍ଚାୟତକୁ ନେଇ ପିପଲିଗୁଡା ଠାରେ ଏକ ନୂତନ ପଞ୍ଚାୟତ ସମିତି ଓ ତହସିଲ ଗଠନ କରିବା, ଅଞ୍ଚଳବାସିଙ୍କ ସ୍ୱାସ୍ଥ୍ୟ ସେବାର ବିକାଶ ପାଇଁ ଜାଙ୍ଗିଲି ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୂପାନ୍ତରି କରଣ କରିବା, ଅଞ୍ଚଳର ଶିକ୍ଷାର ବିକାଶ ନିମନ୍ତେ ପେନିକଣାରେ ଥିବା ଉଚ୍ଚ ବିଦ୍ୟାଳୟକୁ ଏକ ନୂତନ ମହା ବିଦ୍ୟାଳୟରେ ରୂପାନ୍ତରି କରଣ କରିବା, ଅଞ୍ଚଳର ଲୋକଙ୍କ ଶାନ୍ତି ଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ନିମନ୍ତେ ପିପଲିଗୁଡା ଠାରେ ଏକ ନୂତନ ପୋଲିସ ଥାନାର ସ୍ଥାପନ କରିବା, ଆର୍ଥିକ କାରବାରର ସୁବିଧା ନିମନ୍ତେ ପିପଲଗୁଡା ଠାରେ ଏକ ଜାତୀୟ ସ୍ତରୀୟ ବ୍ୟାଙ୍କ ସ୍ଥାପନ କରିବା, ଲୋକଙ୍କ ନ୍ୟାୟ ବ୍ୟବସ୍ଥାର ସୁବିଧାକରଣ ନିମନ୍ତେ ପିପଲିଗୁଡା ଠାରେ ଏକ ନୂତନ ପ୍ରଥମ ଶ୍ରେଣୀର ନ୍ୟାୟଳୟ ସ୍ଥାପନ, କୁଲିରୁ ସାନ ସାନ୍ଧୁବାଡ଼ି ପର୍ଯ୍ୟନ୍ତ ଜଡ଼ିତ ରାସ୍ତାର ଉନ୍ନତି କରଣ କରିବା, ଜେମାଦେଇପେଣ୍ଠ ରୁ ପିପଲିଗୁଡା ଏବଂ ଚେକାଗୁଡା ରୁ ପିପଲିଗୁଡା ପର୍ଯ୍ୟନ୍ତ ରାସ୍ତାର ବିକାଶ କରଣ, ଦୁର୍ଗାପାଡୁରେ ଅବସ୍ଥିତ ଜଳ ପ୍ରପାତର ସୌନ୍ଦର୍ଯ୍ୟରେ ବୃଦ୍ଧି କରଣ, ଯୁବପ୍ରତିଭାଙ୍କ କ୍ରୀଡାର ବିକାଶ ନିମନ୍ତେ ବାଲୁମତି ଠାରେ ଏକ ଷ୍ଟାଡିଅମର ନିର୍ମାଣ ଭଳି ଦାବି ନେଇ ଏକ ଦାବି ପତ୍ର ଦେବା ନିମନ୍ତେ ନିଷ୍ପତି ହୋଇଛି। ଆଜିର ଏହି ବୈଠକରେ ସଙ୍ଘର କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ପୁଆଲା ପରିଚାଳନା କରିଥିବା ବେଳେ ମଞ୍ଚରେ ସଙ୍ଘର ସଭାପତି ଗୋପୀନାଥ ସାରକା, ସାଧାରଣ ସମ୍ପାଦକ ଶଙ୍କର ଜିଲ୍ଲାକାରା, ଯୁଗ୍ମ ସମ୍ପାଦକ ସତ୍ୟବାନ ମାଣ୍ଡାଙ୍ଗୀ,ଅଶୋକ ପୁଆଲା, ସୁବାସ ବିଡ଼ିକା ମଞ୍ଚାସୀନ ଥିଲେ। ପିପଲିଗୁଡାକୁ ଏକ ବ୍ଲକ ଗଠନ ଆମର ମୁଖ୍ୟ ଦାବି ବୋଲି ଗୋପୀନାଥ ସାରକା କହିଛନ୍ତି । କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ନିଜର ବକ୍ତବ୍ୟରେ କହିଛନ୍ତି ଯେ ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଏହି ଦଶ ଗୋଟି ପଞ୍ଚାୟତର କିଛି ଉନ୍ନତି ହୋଇନାହିଁ। ସେଥିପାଇଁ ପିପଲିଗୁଡା ଠାରେ ଏକ ବ୍ଲକ ନିର୍ମାଣ ହେଲେ ଏହି ଦଶ ଗୋଟି ପଂଚାୟତର ଜନସାଧାରଣଙ୍କ ଉନ୍ନତି ହେବ ବୋଲି କହିଥିଲେ।

# ମାନସିକ ସ୍ୱାସ୍ଥ୍ୟ ପାଇଁ ଯୋଗ, ଧ୍ୟାନ କର୍ମଶାଳା

ରାୟଗଡ଼ା,୨୨।୩(ସମିସ): ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୁବୁଲି ସମ୍ମିଳନୀ କକ୍ଷରେ ୭ ଦିନ ବ୍ୟାପି ଚାଲିଥିବା 'ମାନସିକ ସ୍ୱାସ୍ଥ୍ୟ ପାଇଁ ଯୋଗ ଓ ଧ୍ୟାନ 'କର୍ମଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳା ଶକ୍ତିଶ୍ରୀ ସଶକ୍ତିକରଣ କୋଷ ତରଫରୁ ଆୟୋଜିତ ହୋଇଥିଲା ସଂଯୋଜିକା ଡ. ଲିଜାରାଣୀ ଶତପଥିଙ୍କ ପ୍ରଚେଷ୍ଟାରେ। ପ୍ରତିଦିନ ଛାତ୍ରୀଛାତ୍ରଙ୍କୁ ଏକ ଘଣ୍ଟା ଧରି ଆସନ, ପ୍ରାଣାୟାମ, ଧ୍ୟାନ ସହ ବିଭିନ୍ନ ମନସ୍ତାତ୍ତ୍ୱିକ ପ୍ରକ୍ରିୟାର ପ୍ରଶିକ୍ଷଣ ଦିଆଯାଉଥିଲା। ଏଥିରେ ବିଶେଷଜ୍ଞ ଭାବରେ ଆର୍ଟ ଅଫ୍ ଲିଭିଂ ପ୍ରଶିକ୍ଷିକା ଜି. ପଦ୍ମାବତୀ କର ଯୋଗ ଦେଇଥିଲେ। ଅଧ୍ୟକ୍ଷା ଡ. ସରସ୍ୱତୀ ରାୟ କର୍ମଶାଳାର ପ୍ରତ୍ୟେକ ଅଧିବେଶନରେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ମାନସିକ ଚାପ ଓ ଉଦ୍‌ବେଗରୁ ମୁକ୍ତ ରହିବାର ଏକମାତ୍ର ଅସ୍ତ୍ର ଯୋଗ, ଧ୍ୟାନ ବୋଲି ଦର୍ଶାଇ ଥିଲେ। ଉଦ୍‌ଯାପନୀ ଉତ୍ସବରେ ସମସ୍ତ ସହାଭାଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସହାଭାଗୀ ମାନେ ନିଜର ସାତଦିନର ଅନୁଭବ ବାଣ୍ଟିଥିଲେ। କର୍ମଶାଳା ଆୟୋଜନରେ ଡ. ଲିଜାରାଣୀଙ୍କୁ ଶକ୍ତିଶ୍ରୀ ସାଥି ପ୍ରଗତି, ମୈତ୍ରୀ, ଚୁମକି, ସୁଶାନ୍ତ ଓ ଅନ୍ୟମାନେ ସାହାଯ୍ୟ କରିଥିଲେ। କର୍ମଶାଳାରେ ଉପସ୍ଥିତ ରହି ଏହାକୁ ସଫଳ କରିବାରେ ଭବେଶ ମହାନ୍ତି, ସୁବ୍ରତ ପ୍ରଧାନ, ଲେଫ୍ଟନାଣ୍ଟ ଉଦୟ ନାୟକ, ରମେଶ ହୁଇକା, ପ୍ରିୟଦର୍ଶିନୀ ବଳ, ପ୍ରତିମା ପତି, ସାଗରୀକା ସାହୁ ସାହାଯ୍ୟ କରିଥିଲେ।

# ଶ୍ରୀଅରବିନ୍ଦ ପାଠଚକ୍ରର ସ୍ୱାସ୍ଥ୍ୟ ସଚେତନ ସମ୍ମିଳନୀ


ମାଲକାନଗିରି,୨୨।୩(ସମିସ): ମାଲକାନଗିରି ଜିଲ୍ଲା ସଂଗଠନ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ସଚେତନ ସମ୍ମିଳନୀ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ସଭାପତି ଭାବେ ଦିଲ୍ଲିପ କୁମାର ଓଝା, ମୁଖ୍ୟବକ୍ତା ବିଜୟ କୁମାର ଦାସ, ସମ୍ମାନିତ ବକ୍ତା ଡ. ଦୁର୍ଗା ପ୍ରସାଦ ରାଜ, ସମ୍ମାନିତ ଅତିଥି ସୀତାଂଶୁ ବେହେରା ଓ ସଂଯୋଜକ ବିଚିତ୍ରାନନ୍ଦ ରାଉତ ମଞ୍ଚାସୀନ ଥିଲେ। ଆଲୋଚନାରେ ସମସ୍ତ ବକ୍ତା ପୂର୍ଣାଙ୍ଗ ନିରାମୟତା ଓ ପୂର୍ଣ୍ଣ ଯୋଗ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରୋଗ ମନୁଷ୍ୟ ଶରୀରର ଦୁର୍ବଳତା ଅଟେ। ଔଷଧ ଦ୍ୱାରା ଶରୀରରେ ଥିବା ରୋଗ ପ୍ରତିଷେଧକ ଶକ୍ତିକୁ ଜାଗ୍ରତ କରେ ଏବଂ ସୁସ୍ଥ ହୁଏ କିନ୍ତୁ ମନୁଷ୍ୟ ଯୋଗ ଅଭ୍ୟାସ ଦ୍ୱାରା ସଂପୂର୍ଣ୍ଣ ସୁସ୍ଥ ରହି ପାରିବ ବୋଲି କହିଥିଲେ। ଶିବ ଲକ୍ଷ୍ମୀ ପଣ୍ଡା, ପ୍ରତିଭା ଦାସ ଓ ପ୍ରୀୟ ଦର୍ଶନୀ ମାତୃବନ୍ଦନା ଆବୃତି କରିଥିଲେ। ଶରୀରର ସ୍ୱାସ୍ଥ୍ୟ ପରୀକ୍ଷା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡ. ଅଶୋକ କୁମାର କଂସରାଲି କରିଥିବା ବେଳେ ରୋଗୀମାନଙ୍କୁ ଡ. ପ୍ରପତ୍ତି ମହାରଣା ହୋମିଓପ୍ୟାଥି ଔଷଧ ଦେଇଥିଲେ। ପ୍ରାୟ ୩୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ପ୍ରଦାନ କରାଯାଇଥିଲା। ଅନ୍ୟ ସହଯୋଗୀମାନଙ୍କ ମଧ୍ୟରେ ଏନ୍ ସନ୍ତୋଷ ରାଓ, ରବିନ୍ଦ୍ର କୁମାର ମହାରଣା, ଗଣେଶ କୁମାର ଜେନା, କଳ୍ପତରୁ ନାୟକ, ଲକ୍ଷ୍ମୀଧର ମହାନ୍ତ ଓ ସନ୍ତୋଷ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA



www. sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୩.୭୨ ● ପାଉଣ୍ଡ ୧୨୫.୫୧
- ୟୁରୋ ୧୦୮.୨୮ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୧,୩୩,୯୫୦ (ନୂଆଦିଲ୍ଲୀ)
- ରୁପା : ୨,୫୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)


- ସେନ୍‌ସେକ୍ସ ୭୪,୫୩୨.୦୦
- ନିଫ୍ଟି ୨୩,୧୧୪.୦୦



**ପେଟ୍ରୋଲ-ଡିଜେଲ୍**


ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଏଲ୍‌ପିଜି ସଙ୍କଟ ୧୦ ଦିନରେ ମିଳିବ ପିଏନ୍‌ଜି ସଂଯୋଗ

ନୂଆଦିଲ୍ଲୀ,୨୨।୩(ଏଜେନ୍ସି): ମଧ୍ୟ ପ୍ରାଚ୍ୟ ସଙ୍କଟ ମଧ୍ୟରେ ଦେଶରେ ସମ୍ପ୍ରତି ରନ୍ଧନ ଗ୍ୟାସ୍ ସଙ୍କଟ ଏ ଯାଏ ଥମିନାହିଁ। ଗ୍ୟାସ ଯୋଗାଣ ପୁନଃସ୍ଥାପିତ କରିବା ପାଇଁ ସରକାର ଦ୍ରୁତ ପଦକ୍ଷେପ ନେଇଛନ୍ତି। ବିଶେଷକରି ସହରଗୁଡ଼ିକରେ ପାଇପଡ ନ୍ୟାଚୁରାଲ ଗ୍ୟାସ୍ (ପିଏନ୍‌ଜି)ଗ୍ୟାସ୍ ପହଞ୍ଚାଇବା ଏବଂ ବାଣିଜ୍ୟିକ ଏଲ୍‌ପିଜି ଉପରେ ଚାପ ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ସୁରକ୍ଷା ସଂଗଠନ (ପେସୋ) ୧୦ ଦିନ ମଧ୍ୟରେ ସହର ଗ୍ୟାସ୍ ବଣ୍ଟନ (ସିଜିଡି) ଆବେଦନ ପ୍ରକ୍ରିୟାକରଣ କରିବାକୁ ନିର୍ଦ୍ଦେଶ ଦେଇଛି। ଏହା ପ୍ରତ୍ୟେକ ଘରକୁ ପିଏନ୍‌ଜିର ଦ୍ରୁତ ବିତରଣ ସୁନିଶ୍ଚିତ କରିବାରେ ସାହାଯ୍ୟ କରିବ। ସରକାର ପ୍ରମୁଖ ସହର ଏବଂ ସହରଗୁଡ଼ିକରେ ବାଣିଜ୍ୟିକ ଏଲ୍‌ପିଜି ବ୍ୟବହାରକାରୀମାନଙ୍କୁ ପିଏନ୍‌ଜି ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ଏହା ଧୀରେ ଧୀରେ ଏଲ୍‌ପିଜି ଉପରେ ବୋଝ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖିଛି।




**ବାଣିଜ୍ୟିକ ଏଲ୍‌ପିଜି କୋଟା ଦୁଇ ଗୁଣ ହେଲା**

**ରାଜ୍ୟଗୁଡ଼ିକ ନିମନ୍ତେ ଅତିରିକ୍ତ ୨୦% ବାଣିଜ୍ୟିକ ଏଲପିଜି ମଞ୍ଜୁର**

**ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ପିଏନ୍‌ଜି ସଂଯୋଗକୁ ପ୍ରାଥମିକତା**

ବର୍ତ୍ତମାନର ଭୂ-ରାଜନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏଲପିଜି ଯୋଗାଣ ଏବେ ବି ଏକ ଚିନ୍ତାର ବିଷୟ। ଆତଙ୍କିତ ହୋଇ ଗ୍ରାହକ କରୁଥିବା ବୁକିଂ ସମ୍ପ୍ରତି ହ୍ରାସ ପାଇଛି। ସରକାର ପିଏନଜି ସମ୍ପ୍ରସାରଣ ପାଇଁ ବ୍ୟବସାୟିକ ସଂସ୍କାରର ସହଜତା ଉପରେ ଆଧାରିତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ଅତିରିକ୍ତ ୧୦% ବାଣିଜ୍ୟିକ ଏଲପିଜି ଆବଣ୍ଟନ କରିବାକୁ ପ୍ରସ୍ତାବ ଦେଇଛନ୍ତି। ସରକାର ପତ୍ର ମାଧ୍ୟମରେ ରାଜ୍ୟଗୁଡ଼ିକୁ ବାଣିଜ୍ୟିକ ଏଲପିଜିର ଆଉ ୨୦% ଆବଣ୍ଟନକୁ ଅନୁମତି ଦେଇଛନ୍ତି, ଯାହା ସାମଗ୍ରିକ ଆବଣ୍ଟନକୁ ୫୦% (ପିଏନଜି ସମ୍ପ୍ରସାରଣ ପାଇଁ ସହଜ ସଂସ୍କାର ଉପରେ ଆଧାରିତ ୧୦% ଆବଣ୍ଟନ ସମେତ) କରିବ। ଏହି ଅତିରିକ୍ତ ୨୦% ଆବଣ୍ଟନ ରେସ୍ତୋରାଁ, ଢାବା, ହୋଟେଲ, ଶିଳ୍ପ କ୍ୟାଣ୍ଟିନ୍, ଖାଦ୍ୟ ପ୍ରକ୍ରିୟାକରଣ/ ଦୁଗ୍ଧ, ରାଜ୍ୟ ସରକାର କିମ୍ବା ସ୍ଥାନୀୟ ସଂସ୍ଥା ଦ୍ୱାରା ପରିଚାଳିତ ସବସିଡିଯୁକ୍ତ କ୍ୟାଣ୍ଟିନ୍/ ଆଉଟଲେଟ୍, ସାର୍ବଜନୀନ ରୋଷେଇ ଘର, ପ୍ରବାସୀ ଶ୍ରମିକଙ୍କ ପାଇଁ ୫ କିଲୋଗ୍ରାମ ଏଫଟିଏଲ ଭଳି କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦିଆଯିବ। ୨୦ଟି ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ଭାରତ ସରକାରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ ଅଣ-ଘରୋଇ ଏଲପିଜି ଆବଣ୍ଟନ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଯୁଦ୍ଧ ପରିସ୍ଥିତି ସତ୍ତ୍ୱେ ସରକାର ଘରୋଇ ଏଲପିଜି ଏବଂ ପିଏନଜିକୁ ସର୍ବାଧିକ ପ୍ରାଥମିକତା ଦେଇଛନ୍ତି। ଏହାସହିତ ହସ୍ପିଟାଲ ଏବଂ ଶିକ୍ଷାନୁଷ୍ଠାନକୁ ମଧ୍ୟ ସର୍ବାଧିକ ପ୍ରାଥମିକତା ଦିଆଯାଉଛି।

ଏହି ବୃଦ୍ଧି ମୁଖ୍ୟତଃ ରେସ୍ତୋରାଁ, ଢାବା, ହୋଟେଲ, କାରଖାନା କ୍ୟାଣ୍ଟିନ୍, ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍, ଡାଏରୀ, ସମ୍ପ୍ରଦାୟ ରୋଷେଇ ଘର ଏବଂ ସରକାରୀ ସବସିଡିଯୁକ୍ତ ଖାଦ୍ୟ ଦୋକାନଗୁଡ଼ିକୁ ଲାଭ ପହଞ୍ଚାଉଛି। ପ୍ରବାସୀ ଶ୍ରମିକମାନଙ୍କୁ ମଧ୍ୟ ୫ କିଲୋଗ୍ରାମ ସିଲିଣ୍ଡର ଯୋଗାଇ ଦିଆଯାଇଛି। ପ୍ରାୟ ୨୦ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ସରକାରୀ କ୍ଷେତ୍ରର ତୈଳ କମ୍ପାନୀଗୁଡ଼ିକ ଅବଶିଷ୍ଟ ଅଞ୍ଚଳରେ ଯୋଗାଣ ପରିଚାଳନା କରୁଛନ୍ତି। ଗତ ୮ଦିନରେ ପ୍ରାୟ ୧୫,୪୪୦ ଟନ୍ ବାଣିଜ୍ୟିକ ଏଲପିଜି ଉଠାଇ ଦିଆଯାଇଛି। ସ୍କୁଲ, କଲେଜ ଏବଂ ହସ୍ପିଟାଲଗୁଡ଼ିକ ସର୍ବାଧିକ ପ୍ରାଥମିକତାରେ ରହିଛନ୍ତି, ଯାହା ସମସ୍ତ ବାଣିଜ୍ୟିକ ଏଲପିଜିର ପ୍ରାୟ ଅଧା ବ୍ୟବହାର କରୁଛନ୍ତି। ବିଶ୍ୱବ୍ୟାପୀ ଯୋଗାଣ ସମ୍ପର୍କରେ ଅନିଶ୍ଚିତତା ଜାରି ରହିଥିଲେ ମଧ୍ୟ, ସରକାର କହିଛନ୍ତି ଯେ ଘରୋଇ ପରିସ୍ଥିତି ନିୟନ୍ତ୍ରଣରେ ଅଛି ଏବଂ ସହରଗୁଡ଼ିକରେ ପିଏନଜିକୁ ସ୍ଥାନାନ୍ତରିତ ହେବା ପାଇଁ ପ୍ରୟାସ ତ୍ୱରାନ୍ୱିତ ହେଉଛି।

### ଟ୍ରମ୍ପଙ୍କ ବୟାନରେ କ୍ରିପ୍ଟୋ ବଜାରରେ ହଇଚଇ

# ବିଟ୍ କଏନ୍ ୬୮ ହଜାର ଡଲାର ତଳକୁ ଖସିଲା

ନୂଆଦିଲ୍ଲୀ,୨୨।୩(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ବୟାନ କ୍ରିପ୍ଟୋ ବଜାରରେ ହଇଚଇ ସୃଷ୍ଟି କରିଛି, ଯାହା ଫଳରେ ବଜାରରେ ଏକ ବଡ଼ ବିକ୍ରିବଟା(ପ୍ରଫିଟ୍ ବୁକିଂ) ଆରମ୍ଭ ହୋଇଯାଇଛି। ଟ୍ରମ୍ପ ୪୮ ଘଣ୍ଟା ମଧ୍ୟରେ ଇରାନ ହର୍ମୁଜ ପ୍ରଣାଳୀ ନ ଖୋଲିଲେ ଇରାନର ପାୱାର ପ୍ଲାଣ୍ଟଗୁଡ଼ିକୁ ଧ୍ୱଂସ କରିବାକୁ ଧମକ ଦେଇଛନ୍ତି। ଏହା ପଶ୍ଚିମ ଏସିଆରେ ଚାଲିଥିବା ଏହି ୨୩ ଦିନର ଯୁଦ୍ଧକୁ ଆହୁରି ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି କରିଛି। ଏହାକୁ ନେଇ ବିଶ୍ୱ ସ୍ତରରେ ନିବେଶକ ଆତଙ୍କିତ। ଏହାର ପ୍ରଭାବରେ ବିଶ୍ୱର ସର୍ବବୃହତ, ପୁରୁଣା ଏବଂ ସବୁଠାରୁ ଲୋକପ୍ରିୟ କ୍ରିପ୍ଟୋକରେନ୍ସି ବିଟ୍ କଏନର ମୂଲ୍ୟ ୬୮ ହଜାର ଡଲାର ତଳକୁ ଖସିଯାଇଛି, ଯାହା ସମଗ୍ର କ୍ରିପ୍ଟୋ ବଜାରରେ ଆତଙ୍କ ସୃଷ୍ଟି କରିଛି।

।ଟ୍ରମ୍ପ ମାତ୍ର ୨୪ ଘଣ୍ଟା ମଧ୍ୟରେ ଇରାନ ଉପରେ ୟୁ-ଟର୍ଣ୍ଣ କରିଛନ୍ତି। ସେ ପୂର୍ବରୁ କହିଥିଲେ ଯେ ସେ ଇରାନରେ ଯୁଦ୍ଧ ଶେଷ କରିବାକୁ ବିଚାର କରୁଛନ୍ତି। ତଥାପି, ଆଜି ତାଙ୍କର ବିବୃତି ପଶ୍ଚିମ ଏସିଆରେ ଉତ୍ତେଜନାକୁ ଆହୁରି ବୃଦ୍ଧି କରିଛି, ଯାହା ବିଶ୍ୱ ସ୍ତରରେ ନିବେଶକଙ୍କ ଭାବନାକୁ ପ୍ରଭାବିତ କରିଛି। ଏହା ଏହି କଥାରୁ ଅନୁମାନ କରାଯାଇପାରେ ଯେ ଟ୍ରମ୍ପଙ୍କ ବକ୍ତବ୍ୟର ମାତ୍ର ୬୦ ମିନିଟ୍ ମଧ୍ୟରେ ୨୪୦ ନିୟୁତ ଡଲାରର ଲିଭରେଜଡ୍ କ୍ରିପ୍ଟୋ ପୋଜିସନଗୁଡ଼ିକୁ ଲିକ୍ୟୁଏଡ୍ କରାଯାଇଥିଲା। ଚଳିତ ସପ୍ତାହର ପ୍ରାରମ୍ଭରେ ମାର୍ଚ୍ଚ ୧୮ରେ ବିଟ୍ କଏନ୍ ୭୬ ହଜାର ଡଲାର ୬ ସପ୍ତାହର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା, କିନ୍ତୁ ଗତ ତିନି ଦିନ ମଧ୍ୟରେ ଏହା ହ୍ରାସ ପାଇଛି। ବିଟ୍ କଏନ୍ ଏବଂ କ୍ରିପ୍ଟୋ ବଜାରରେ ତୈଳ ମୂଲ୍ୟ ବୃଦ୍ଧି ଏବଂ ପଶ୍ଚିମ ଏସିଆରେ ବଢୁଥିବା ସଙ୍କଟର ପ୍ରଭାବ ଦେଖାଯାଉଛି। ଏହା ବିଶ୍ୱାସ କରାଯାଉଛି ଯେ ଯଦି ଇରାନ ଯୁଦ୍ଧ ଶୀଘ୍ର ଶେଷ ନ ହୁଏ, ତେବେ ଅଶୋଧିତ ତୈଳର ମୂଲ୍ୟ ପ୍ରତି ବ୍ୟାରେଲ ୨୦୦ ଡଲାରରେ ପହଞ୍ଚିପାରେ।

# ବିମାନ ଟିକଟ୍ ବାତିଲ ହେଲେ ବି କଟିବନି ପଇସା

ନୂଆଦିଲ୍ଲୀ,୨୨।୩(ଏଜେନ୍ସି): ବିମାନ ଟିକଟ୍ ବୁକ୍ କରିବା ପରେ ଯୋଜନା ପରିବର୍ତ୍ତନ କରିବା ଲାଗି ଆଉ ଆପଣଙ୍କ ପକେଟ ଉପରେ ବୋଝ ପଡିବନାହିଁ। ନୂତନ ନିୟମ ଅନୁଯାୟୀ, ଆପଣ କୌଣସି ବାତିଲ୍ ଚାର୍ଜ ନ ଦେଇ ବୁକିଂ କରିବାର ୪୮ ଘଣ୍ଟା ମଧ୍ୟରେ ଆପଣଙ୍କର ଟିକଟ୍ ବାତିଲ୍ କରିପାରିବେ କିମ୍ବା ତାରିଖ ପରିବର୍ତ୍ତନ କରିପାରିବେ। ଏହା ବ୍ୟତୀତ, ବିମାନ କମ୍ପାନୀଗୁଡ଼ିକ ଆଉ ରିଫଣ୍ଡ ଅଟକାଇପାରିବେ ନାହିଁ। ସେମାନଙ୍କୁ ୭ ରୁ ୧୪ ଦିନ ମଧ୍ୟରେ ସିଧାସଳଖ ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଫେରସ୍ତ କରିବାକୁ ପଡିବ।

ବିମାନ କମ୍ପାନୀଗୁଡ଼ିକ ପ୍ରାୟତଃ ବାତିଲ୍ ଚାର୍ଜ ନାମରେ ଏତେ ଟଙ୍କା କାଟି ଦିଅନ୍ତି ଯେ ଯାତ୍ରୀମାନେ ଠକାମି ହୋଇଥିବା ଅନୁଭବ କରନ୍ତି। କେତେକ ସମୟରେ, ଟିକଟ୍ ତାରିଖ ପରିବର୍ତ୍ତନ କରିବାର ଖର୍ଚ୍ଚ ଏକ ନୂତନ ଟିକଟ୍ କିଣିବା ସହିତ ସମାନ ହୋଇଯାଏ। ଏହି ସମସ୍ୟାକୁ ନଜରରେ ରଖି ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଏବେ, ଯଦି ଆପଣ ଟିକଟ୍ ବୁକ୍ କରିବା ପରେ ଆପଣଙ୍କର ମନ ପରିବର୍ତ୍ତନ କରନ୍ତି ତେବେ ଆପଣଙ୍କୁ ଆଉ ବଡ଼ ଜରିମାନାର ଭୟ ରହିବ ନାହିଁ। ଏହି ନୂତନ ନିୟମ ମାର୍ଚ୍ଚ ୨୬ରୁ ଲାଗୁ ହେବ। ଡିଜିସିଏର ନୂତନ ନିର୍ଦ୍ଦେଶାବଳୀରେ ସବୁଠାରୁ ବଡ଼ ଆଶ୍ୱସ୍ତି ୪୮ ଘଣ୍ଟା 'ଲୁକ୍-ଇନ୍ ବିକଳ୍ପ' ଭାବରେ ଆସିଛି। ସରଳ ଭାଷାରେ କହିବାକୁ ଗଲେ, ଏହି ସମୟସୀମା ମଧ୍ୟରେ ଆପଣଙ୍କର ଯାତ୍ରା ବାତିଲ୍ କରିବା କିମ୍ବା ତାରିଖରେ କୌଣସି ପରିବର୍ତ୍ତନ କରିବା ପାଇଁ ଆପଣଙ୍କ ନିକଟରେ ୪୮ ଘଣ୍ଟା ସମୟ ଅଛି। ଯଦି ଆପଣ ଏହି ସମୟସୀମା ମଧ୍ୟରେ ଆପଣଙ୍କର ଯାତ୍ରା ତାରିଖ ବାତିଲ୍ କରନ୍ତି କିମ୍ବା ପରିବର୍ତ୍ତନ କରନ୍ତି, ତେବେ ବିମାନ କମ୍ପାନୀ ଆପଣଙ୍କଠାରୁ କୌଣସି ଅତିରିକ୍ତ ବାତିଲ୍ ଫି' ଆଦାୟ କରିବ ନାହିଁ। ଏହା ସେମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ଯେଉଁମାନେ ବୁକିଂ କରିବା ସମୟରେ ପ୍ରାୟତଃ ଭୁଲ ତାରିଖ ବାଛନ୍ତି କିମ୍ବା ଯାହାଙ୍କର ଯାତ୍ରା ଯୋଜନା ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୁଏ ନାହିଁ।

**ଡିଜିସିଏର ନୂଆ ନିୟମ**

ଏହି ସୁବିଧା ପ୍ରତ୍ୟେକ ଟିକଟ୍ ପାଇଁ ଲାଗୁ ହେବ ନାହିଁ। ନିୟାମକ ସ୍ପଷ୍ଟ କରିଛନ୍ତି ଯେ ଏହି ଛାଡ଼ ପାଇବା ପାଇଁ ଯାତ୍ରୀମାନଙ୍କୁ କିଛି ନିୟମ ଅନୁପାଳନ କରିବାକୁ ପଡିବ। ପ୍ରଥମ ସର୍ତ୍ତ ହେଉଛି ଆପଣଙ୍କର ଟିକଟ୍ ସିଧାସଳଖ ଏୟାରଲାଇନ୍ସର ସରକାରୀ ୱେବସାଇଟ୍‌ରୁ ବୁକ୍ କରିବାକୁ ପଡିବ। ଏହାସହିତ, ଉଡ଼ାଣ ସମୟ ସମ୍ପର୍କରେ କଠୋର ନିୟମ ଅଛି। ଯଦି ଆପଣ ଆପଣଙ୍କର ଟିକଟ୍ ବାତିଲ୍ କରିବା ପରିବର୍ତ୍ତେ ପରିବର୍ତ୍ତନ କରନ୍ତି, ତେବେ ବାତିଲ୍ ଫି' ଶୂନ୍ୟ ହୋଇପାରେ, କିନ୍ତୁ ଆପଣଙ୍କୁ ନୂତନ ଟିକଟ୍ ପାଇଁ ବର୍ତ୍ତମାନର ଭଡ଼ା ଦେବାକୁ ପଡିବ। ମନେରଖନ୍ତୁ ଯେ ବୁକିଂର ୪୮ ଘଣ୍ଟା ପରେ ଏହି ବିକଳ୍ପର ମିଆଦ ଶେଷ ହୋଇଯିବ ଏବଂ ଏୟାରଲାଇନ୍ସର ସାଧାରଣ ବାତିଲକରଣ ନିୟମ ପୁଣି ଲାଗୁ ହେବ।

ଯାତ୍ରୀମାନେ ବହୁ ଦିନ ଧରି ଅଭିଯୋଗ କରିଆସୁଛନ୍ତି ଯେ ଟିକେଟ୍ ବାତିଲ ପରେ ଏୟାରଲାଇନ୍ସ ଯାତ୍ରୀମାନଙ୍କୁ ରିଫଣ୍ଡ କରିବାକୁ ,କ ସପ୍ତାହ ସମୟ ନେଇଥାଏ। କେତେକ ସମୟରେ, ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରାଯାଏ ନାହିଁ କିମ୍ବା ନଗଦ ବଦଳରେ ଭାଉଚର ଜାରି କରାଯାଏ। ଏହି ମନମୁଖୀ ଅଭ୍ୟାସଗୁଡ଼ିକୁ ରୋକିବା ପାଇଁ ଡିଜିସିଏ ଫେବୃଆରୀ ୨୪ର ନିୟମାବଳୀରେ କଠୋର ବ୍ୟବସ୍ଥା ପ୍ରଚଳନ କରିଛି।

### ମଧ୍ୟ ପ୍ରାଚ୍ୟ ଅସ୍ଥିରତାରେ ତୈଳ ସଙ୍କଟର ପ୍ରଭାବ

## ଏପ୍ରିଲ ପହିଲାରୁ ବଢିବ ବିମାନ ଭଡ଼ା

ନୂଆଦିଲ୍ଲୀ, ୨୨।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ଯୁଦ୍ଧର ପ୍ରଭାବ ଏବେ ବେସାମରିକ ବିମାନ ଚଳାଚଳ ଉଦ୍ୟୋଗ ଉପରେ ପଡିଛି। ଏଥିଯୋଗୁ ଏପ୍ରିଲ ପହିଲାରୁ ବିମାନ ଟିକଟ ମହଙ୍ଗା ହେବ। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ଏ ନେଇ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଯେବେ ବି କେଉଁ ଯୁଦ୍ଧ ହୁଏ ସର୍ବ ପ୍ରଥମେ ଅଶୋଧିତ ତୈଳ ମୂଲ୍ୟ ବଢିଥାଏ। ଏଥିରେ ଇରାନ ଓ ଆଖପାଖ ଦେଶମାନଙ୍କରେ ଚାଲିଥିବା ଯୁଦ୍ଧ ବିଶ୍ୱର ତୈଳ ଯୋଗାଣ ଉପରେ ସଂକଟ ସୃଷ୍ଟି କରିଛି। ଏଣୁ ନାଇଡୁ କହିଛନ୍ତି ଯେ ଯୁଦ୍ଧ ଯୋଗୁ ବିମାନ ଇନ୍ଧନ ମୂଲ୍ୟ ବଢିବ। ଏହାର ଅସଲି ପ୍ରଭାବ ଆମକୁ ଏପ୍ରିଲ ପହିଲାରୁ ଜଣାପଡିବ। ଏକ ବିମାନ ଚଳାଇବାକୁ ଯେଉଁ ଖର୍ଚ୍ଚ ହୋଇଥାଏ ତାର ୪୦% କେବଳ ଇନ୍ଧନ ବାବଦ ବ୍ୟୟ ଥାଏ। ଅର୍ଥାତ ଯଦି ଇନ୍ଧନ ଦାମ ବଢେ ତେବେ ବିମାନ କମ୍ପାନୀଙ୍କ ପାଖରେ ଟିକଟ୍ ମୂଲ୍ୟ ବୃଦ୍ଧି ଛଡା ଅନ୍ୟ କୌଣସି ବିକଳ୍ପ ନାହିଁ। ଏଣୁ କେତେକ ଭାରତୀୟ ବିମାନ କମ୍ପାନୀ ଏବେଠୁ ଯାତ୍ରୀଙ୍କଠାରୁ ଫୁଏଲ ଚରଚାର୍ଜ ଆଦାୟ କରିବା ଆରମ୍ଭ କରିଦେଇଛନ୍ତି।


ତେବେ ସରକାର ଉଦ୍ୟମ କରୁଛନ୍ତି ବିମାନ ଭଡ଼ା ଯେପରି ବୃଦ୍ଧି ନ ହୁଏ। ଏଥିପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଲଗାତାର ପେଟ୍ରୋଲିୟମ ମନ୍ତ୍ରାଳୟ ସହ ବୈଠକ କରୁଛି। ଏହାଛଡା ବିମାନ ଉଡ଼ାଣ ଯେପରି ସୁରକ୍ଷିତ ରୁହେ ଓ ଯାତ୍ରୀଙ୍କ ପକେଟ ଉପରେ ଯେପରି ଅଧିକ ବୋଝ ନ ପଡେ ସେ ନେଇ ଆଲୋଚନା ଗଜାରି ରହିଛି। ତେବେ ଯେ ପର୍ଯ୍ୟନ୍ତ ମଧ୍ୟପ୍ରାଚ୍ୟରେ ଶାନ୍ତି ନ ଫେରିଛି ସେ ପର୍ଯ୍ୟନ୍ତ ବିମାନ ଭଡ଼ା ବୃଦ୍ଧିର ଭୟ ଲାଗି ରହିବ। ହେଲେ ବର୍ତ୍ତମାନର ପରିସ୍ଥିତିରୁ ଯାହା ଜଣାପଡୁଛି ଏପ୍ରିଲ ପହିଲାରୁ ବିମାନ ଯାତ୍ରା ମହଙ୍ଗା ହେବ।

### ମଧ୍ୟ ପ୍ରାଚ୍ୟ ଅସ୍ଥିରତାରେ ଭାରତକୁ ବଡ଼ ଝଟ୍‌କା

# ୟୁରିଆ ପ୍ଲାଣ୍ଟରେ ଅଧା ହେଲାଣି ଉତ୍ପାଦନ

ନୂଆଦିଲ୍ଲୀ,୨୨।୩(ଏଜେନ୍ସି): ପଶ୍ଚିମ ଏସିଆରେ ବିଗିଡ଼ିବାରେ ଲାଗିଥିବା ଯୁଦ୍ଧ ପରିସ୍ଥିତି ଭାରତକୁ ଯଥେଷ୍ଟ କ୍ଷତି ପହଞ୍ଚାଇବାରେ ଲାଗିଛି। ହରମୁଜ୍ ପ୍ରଣାଳୀ ଦେଇ ଗ୍ୟାସ (ଏଲ୍‌ଏନ୍‌ଜି) ଯୋଗାଣରେ ବାଧା ଏକ ପ୍ରମୁଖ ଚିନ୍ତାର କାରଣ ପାଲଟିଛି। ଇନ୍ଧନର ଉପଲବ୍ଧତା ହ୍ରାସ ହେତୁ ଭାରତୀୟ ୟୁରିଆ ପ୍ଲାଣ୍ଟଗୁଡ଼ିକ ସେମାନଙ୍କର ଉତ୍ପାଦନ ପ୍ରାୟ ଅଧା ହ୍ରାସ କରିଛନ୍ତି। ଏହି ପ୍ଲାଣ୍ଟଗୁଡ଼ିକୁ ଗ୍ୟାସ ଯୋଗାଣ ୬୦-୬୫% ହ୍ରାସ ପାଇଛି। ଏହି ପରିସ୍ଥିତି ଭାରତ ପାଇଁ ଅତ୍ୟନ୍ତ ବିପଜ୍ଜନକ। କାରଣ ଅଗାକୁ ଏଭଳି ସ୍ଥିତି କୃଷି କ୍ଷେତ୍ରକୁ ପ୍ରଭାବିତ କରିପାରେ। ଭାରତ ବିଶ୍ୱରେ ୟୁରିଆର ସର୍ବବୃହତ ଗ୍ରାହକ। ହରମୁଜ୍ ପ୍ରଣାଳୀ ଦେଇ ପରିବହନ କରୁଥିବା କାର୍ଗୋ ବାଧାପ୍ରାପ୍ତ ହୋଇଛି। ପରବର୍ତ୍ତୀ ସମୟରେ, ଅପଷ୍ଟ୍ରିମ୍ ଯୋଗାଣକାରୀମାନେ ଫୋର୍ସ ମାଜିୟୁର (ଅପରିହାର୍ଯ୍ୟ ପରିସ୍ଥିତି ଯୋଗୁଁ ଚୁକ୍ତିରୁ ଛାଡ଼) ବ୍ୟବହାର କରିଥିଲେ।

ଏହା ଦ୍ରୁତ ଗତିରେ ସମଗ୍ର ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରିଥିଲା। ରାସଗ୍ୟାସ୍ ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟ କରୁଥିବା ସାର ୟୁନିଟ୍‌ଗୁଡ଼ିକୁ ଗେଲ୍ (ଇଣ୍ଡିଆ), ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ (ଆଇଓସି), ଏବଂ ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଗ୍ୟାସ୍ ଯୋଗାଣ ହ୍ରାସ କରିଛନ୍ତି। ଜଣେ ବରିଷ୍ଠ ଶିଳ୍ପ ଅଧିକାରୀ କହିଛନ୍ତି, ସ୍ୱାଭାବିକ ସ୍ତରର ପ୍ରାୟ ୬୦-୬୫ ପ୍ରତିଶତ ଗ୍ୟାସ୍ ଯୋଗାଣ ହ୍ରାସ ପାଇଛି। ସେ ଆହୁରିମଧ୍ୟ କହିଛନ୍ତି ଯେ ଯେତେବେଳେ ପ୍ଲାଣ୍ଟଗୁଡ଼ିକ ଗତ ୬ମାସ ମଧ୍ୟରେ ନିର୍ଦ୍ଧାରିତ ରକ୍ଷଣାବେକ୍ଷଣ (ଟର୍ଣ୍ଣଆରାଉଣ୍ଡ) ସମୟକୁ ହିସାବ କରନ୍ତି,




**ପ୍ଲାଣ୍ଟକୁ ଗ୍ୟାସ ଯୋଗାଣରେ ୬୫% ହ୍ରାସ**

**ଆଗକୁ ବଡ଼ ସାର ସଙ୍କଟ**

କିଛି ୟୁନିଟ୍‌ରେ ପ୍ରଭାବଶାଳୀ ଯୋଗାଣ ୫୦ ପ୍ରତିଶତ ତଳକୁ ଖସିଯାଇଛି। ଇନ୍ଧନ ଉପଲବ୍ଧତାରେ ହ୍ରାସ ହେତୁ, ପ୍ଲାଣ୍ଟଗୁଡ଼ିକରେ ୟୁରିଆ ଉତ୍ପାଦନ ପ୍ରାୟ ୫୦ ପ୍ରତିଶତ ହ୍ରାସ କରିଛନ୍ତି। ଏହା ସହିତ, ସେମାନେ କମ୍ ଉତ୍ପାଦନ କରିବା ପାଇଁ ଅଧିକ ଶକ୍ତି ବ୍ୟବହାର କରୁଛନ୍ତି। ଏହା ବଡ଼ ଆମୋନିଆ-ୟୁରିଆ ପ୍ଲାଣ୍ଟ ଯୋଗୁଁ ହୋଇଛି। ଯେତେବେଳେ ସେମାନେ ସେମାନଙ୍କର ସର୍ବୋତ୍ତମ କ୍ଷମତା ତଳେ କାର୍ଯ୍ୟ କରନ୍ତି, ସେମାନଙ୍କର ଦକ୍ଷତା ହ୍ରାସ ପାଏ। ଜଣେ ପ୍ଲାଣ୍ଟ ଅପରେସନ୍ ମ୍ୟାନେଜରଙ୍କ କହିବା ଅନୁଯାୟୀ, ଏହି ସ୍କେଲର ପ୍ଲାଣ୍ଟଗୁଡ଼ିକ ଇଚ୍ଛାନୁସାରେ ଉତ୍ପାଦନ ବୃଦ୍ଧି କିମ୍ବା ହ୍ରାସ କରିବା ପାଇଁ ଡିଜାଇନ୍ କରାଯାଇ ନାହିଁ। ଏହି ପରିସ୍ଥିତିରେ କାର୍ଯ୍ୟ କରିବା ଅର୍ଥ ହେଉଛି ଆପଣ କମ୍ ସାର ଉତ୍ପାଦନ କରିବା ପାଇଁ ଅଧିକ ଶକ୍ତି ବ୍ୟବହାର କରୁଛନ୍ତି। ଏହା ଏକ ସିଧାସଳଖ ଆର୍ଥିକ କ୍ଷତି। ମାର୍ଚ୍ଚ ୧୫ରେ ଏକ ଚିଠିରେ ଗେଲ୍ ସାର କମ୍ପାନୀଗୁଡ଼ିକୁ ଜଣାଇଛି ଯେ ଏହା ଏବେ ଦୀର୍ଘକାଳୀନ ପାଇଁ ବିଲ୍ କରିବ। ଏଥିରେ ଚୁକ୍ତିନାମା ମୂଲ୍ୟ, ଗେଲ୍ ପୁଲ୍ ମୂଲ୍ୟ ଏବଂ ଗେଜେଟ୍ ପୁଲ୍ ମୂଲ୍ୟ ଅନ୍ତର୍ଭୁକ୍ତ। ଏହି ବ୍ୟବସ୍ଥା ମାର୍ଚ୍ଚ ପହିଲାରୁ କାର୍ଯ୍ୟକାରୀ ହେବ। ଯେହେତୁ ପୁଲ୍ ମୂଲ୍ୟ ଅସ୍ଥାୟୀ ଏବଂ ପରିବର୍ତ୍ତନ ହୋଇପାରେ, କମ୍ପାନୀଗୁଡ଼ିକ ବର୍ତ୍ତମାନ ଅତିରିକ୍ତ ଆର୍ଥିକ ଅନିଶ୍ଚିତତାର ସମ୍ମୁଖୀନ ହେଉଛନ୍ତି, ଯେତେବେଳେ ସେମାନେ ପୂର୍ବରୁ ଉତ୍ପାଦନ କ୍ଷତି ସହୁଛନ୍ତି। ଭାରତ ବିଶ୍ୱର ସବୁଠାରୁ ବଡ଼ ୟୁରିଆ ଗ୍ରାହକମାନଙ୍କ ମଧ୍ୟରୁ ଗୋଟିଏ। ଖରିଫ ବୁଣା ଋତୁ ପୂର୍ବରୁ ଯେକୌଣସି ଦୀର୍ଘକାଳୀନ ବ୍ୟାଘାତ ସାର ଉପଲବ୍ଧତାକୁ ପ୍ରଭାବିତ କରିପାରେ। ମାର୍ଚ୍ଚ ୧୯ ସୁଦ୍ଧା ଦେଶରେ ୬.୧୧୪ ନିୟୁତ ଟନ୍ ୟୁରିଆ ମହଜୁଦ ଅଛି, ଯାହା ବର୍ଷ ପୂର୍ବେ ୫.୫୨୨ ନିୟୁତ ଟନ୍ ଥିଲା। ଏହା ବର୍ତ୍ତମାନ ପାଇଁ କିଛି ଆଶ୍ୱସ୍ତି ପ୍ରଦାନ କରିଛି।

# ଓଡ଼ିଶା ୨.୦ ଦ୍ରୁତ ଅଭିବୃଦ୍ଧି ପାଇଁ ଦୃଢ଼ ନୀତି ପ୍ରବର୍ତ୍ତନ ଆବଶ୍ୟକ

ଭୁବନେଶ୍ୱର, ୨୨।୩(ସମିସ): ଥିଙ୍କ୍ ଟେଙ୍କ ଫୋରମ୍ ପକ୍ଷରୁ ଆଜି ଓଡ଼ିଶା ୨.୦:ଭାରତର ସର୍ବୋତମ ପ୍ରଦର୍ଶନକାରୀ ରାଜ୍ୟଗୁଡ଼ିକରୁ ଶିକ୍ଷା ନେଇ ଏକ ନୂତନ ଅଭିବୃଦ୍ଧି ମଡେଲ୍ ନିର୍ମାଣ ଶୀର୍ଷକ ଏକ ନୂତନ ରିପୋର୍ଟ ପ୍ରକାଶ କରିଛି, ଯାହା ଦୀର୍ଘ ସମୟ ଧରି ଓଡ଼ିଶାରେ ସେବା କରିଥିବା ଅର୍ଥନୀତିଜ୍ଞ ଏବଂ ବରିଷ୍ଠ ଅଭ୍ୟାସକାରୀଙ୍କ ସହିତ ବ୍ୟାପକ ଗବେଷଣା ଏବଂ ବିଶେଷଜ୍ଞ ପରାମର୍ଶ ଉପରେ ଆଧାରିତ ଏହିତ ରିପୋର୍ଟରେ କୁହାଯାଇଛି । ଯେ ଓଡ଼ିଶା ଏବେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଠିଆ ହୋଇଛି । ନୂତନ ଶାସନ ଅଧୀନରେ, ରାଜ୍ୟକୁ ପୁଣି ଥରେ ଏକ ପ୍ରମୁଖ ଇଞ୍ଜିନ୍ ଭାବରେ ଦେଖାଯାଉଛି ଯାହା ପୂର୍ବୋଦୟ ଦୃଷ୍ଟିକୋଣ ଅଧୀନରେ ପୂର୍ବ ଭାରତର ବିକାଶକୁ ଚଳାଇବାରେ ସାହାଯ୍ୟ କରିପାରିବ ଏବଂ ୨୦୪୭ ମସିହାରେ ବିକାଶ ଭାରତ ଜାତୀୟ ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ମଧ୍ୟ ଦେବ । ରିପୋର୍ଟର ସାରାଂଶକୁ ସଂକ୍ଷେପ କରି, ଥିଙ୍କ୍ ଟେଙ୍କ ଫୋରମର ମହାସଚିବ ରଙ୍ଗନାଥଟି. କହିଛନ୍ତି, ଓଡ଼ିଶା ୨.୦ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ, ଆଂଚଳିକ ସନ୍ତୁଳିତ ଏବଂ କାର୍ଯ୍ୟାନ୍ୱୟନ-ଚାଳିତ ଅଭିବୃଦ୍ଧିର ଏକ ମଡେଲ ଭାବରେ ନିଜକୁ ପୁନଃସ୍ଥାପିତ କରିବାର ସୁଯୋଗ ରଖିଛି । କିନ୍ତୁ ଏଥିପାଇଁ ଅତୀତ ଏବଂ ଭାରତର ସର୍ବୋତମ ପ୍ରଦର୍ଶନକାରୀ ରାଜ୍ୟଗୁଡ଼ିକରୁ ଶିକ୍ଷା ଗ୍ରହଣ କରିବା, ସ୍ଥିରତା ସହିତ ନୀତି ଲାଗୁ କରିବା, କାର୍ଯ୍ୟାନ୍ୱୟନ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଏବଂ ଉପର ଏବଂ ନିମ୍ନଗାମୀ ଶିଳ୍ପ ଇକୋସିଷ୍ଟମ, ନିଯୁକ୍ତି ଏବଂ ସ୍ଥାନୀୟ ସମୃଦ୍ଧିରେ ଆଙ୍କର୍ ନିବେଶକୁ ଅନୁବାଦ କରିବା ନିଶ୍ଚିତ କରିବା ଆବଶ୍ୟକ । ଏହି ପ୍ରସଙ୍ଗରେ, ଖଣି ମନ୍ତ୍ରଣାଳୟର ଭାରତୀୟ ଖଣି ବ୍ୟୁରୋର ପୂର୍ବତନ ନିୟନ୍ତ୍ରକ ଜେନେରାଲ ଏବଂ ଖଣି ନୀତି ବିଶେଷଜ୍ଞ ଆର. କେ. ସିହ୍ନା କହିଛନ୍ତି, ଆମର ଏକ ସୁପରିଭାଷିତ ଖଣିଜ ନୀତି ଢାଂଚା ଅଛି ଯାହା ବୈଜ୍ଞାନିକ ଏବଂ ବ୍ୟବସ୍ଥିତ ଉପାୟରେ ଖଣିଜ ସମ୍ପଦର ଅନୁସନ୍ଧାନ ଏବଂ ନିଷ୍କାସନକୁ କଭର କରେ । ଓଡ଼ିଶାରେ ବକ୍ସାଇଟ୍ ଖଣି, ଲୁହା ଖଣି ପରି ସମାନ ଗତିରେ ଅଗ୍ରଗତି କରିନାହିଁ ।

# ଇରାନ୍ ଯୁଦ୍ଧରେ ଦୁର୍ବଳ ହେଉଛି ଟଙ୍କା

### ଭାରତୀୟ ବଜାରରୁ ପାଣ୍ଠି ପ୍ରତ୍ୟାହାର କରୁଛନ୍ତି ଏଫ୍‌ପିଆଇ

ମୁମ୍ବଇ,୨୨।୩(ଏଜେନ୍ସି): ଭାରତୀୟ ଷ୍ଟକ ବଜାରରେ ବିଦେଶୀ ନିବେଶକଙ୍କ ବିକ୍ରି ଚାପ ବୃଦ୍ଧି ପାଇବାରେ ଲାଗିଛି। ଚଳିତବର୍ଷ ଏ ପର୍ଯ୍ୟନ୍ତ, ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ) ଭାରତୀୟ ଇକ୍ୱିଟି ବଜାରରୁ ୧ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିନେଇଛନ୍ତି। ସେଥିରୁ କେବଳ ମାର୍ଚ୍ଚ ମାସରେ ଏ ପର୍ଯ୍ୟନ୍ତ ବଜାରୁ ୮୮,୧୮୦ କୋଟି ଟଙ୍କା ଉଠାଇନେଲେଣି। ଏ ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା, ଟଙ୍କା ମୂଲ୍ୟ ଦୁର୍ବଳ ହେବା ଏବଂ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଏହି ବିପୁଳ ବିକ୍ରି ପଛରେ ମୁଖ୍ୟ କାରଣ ବୋଲି ବିଶ୍ୱାସ କରାଯାଉଛି। ଡିପୋଜିଟୋରୀ ତଥ୍ୟ ଅନୁଯାୟୀ, ମାର୍ଚ୍ଚ ମାସର ପ୍ରଥମ ତିନି ସପ୍ତାହରେ ପ୍ରତ୍ୟେକ ବ୍ୟବସାୟିକ ଦିନରେ ଏଫ୍‌ପିଆଇମାନେ ନିବେଶ କରିଥିଲେ। ଯଦିଓ ଏହି ପ୍ରତ୍ୟାହାର ୨୦୨୪ ଅକ୍ଟୋବରରେ ରେକର୍ଡ ୯୪,୦୧୭ କୋଟି ଟଙ୍କାର ପ୍ରତ୍ୟାହାର ତୁଳନାରେ ସାମାନ୍ୟ କମ୍, ବର୍ତ୍ତମାନର ପରିସ୍ଥିତି ନିବେଶକଙ୍କ ଚିନ୍ତା ବଢ଼ାଇବା ପାଇଁ ଯଥେଷ୍ଟ। ଆଶ୍ଚର୍ଯ୍ୟଜନକ ଭାବରେ, ଫେବୃଆରୀରେ ବିଦେଶୀ ନିବେଶକମାନେ ଭାରତୀୟ ବଜାରରେ ଏକ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ। ସେହି ସମୟରେ




**୨୦୨୬ରେ ଉଠାଇନେଲେ ୧ ଲକ୍ଷ କୋଟି**

**ଚାପଗ୍ରସ୍ତ ଭାରତୀୟ ସେୟାର ବଜାର**

ଏଫ୍‌ପିଆଇମାନେ ୨୨,୬୧୫ କୋଟି ନିବେଶ କରିଥିଲେ, ଯାହା ଗତ ୧୭ ମାସ ମଧ୍ୟରେ ସର୍ବାଧିକ ମାସିକ ନିବେଶ ଥିଲା। ତଥାପି, ମାର୍ଚ୍ଚ ମାସରେ ପରିସ୍ଥିତି ଦ୍ରୁତ ଗତିରେ ପରିବର୍ତ୍ତନ ହେଲା ଏବଂ ନିବେଶକମାନେ ପ୍ରଫିଟ୍ ବୁକିଂ କରିବା ଏବଂ ବିପଦକୁ ଏଡାଇବା ଆରମ୍ଭ କଲେ।

ବଜାର ବିଶେଷଜ୍ଞଙ୍କ ମତରେ ଏହି ବିକ୍ରିର ସବୁଠାରୁ ବଡ଼ କାରଣ ହେଉଛି ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା। ସେ କହିଛନ୍ତି ଯେ ଦୀର୍ଘକାଳୀନ ସଂଘର୍ଷ ଏବଂ ହର୍ମୁଜ୍ ପ୍ରଣାଳୀରେ ସମ୍ଭାବ୍ୟ ଅବରୋଧର ଭୟ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରତି ବ୍ୟାରେଲ ୧୦୦ ଡଲାର ଅତିକ୍ରମ କରିଛି, ଯାହା ଫଳରେ ନିବେଶକମାନେ ବିପଦପୂର୍ଣ୍ଣ ନିବେଶରୁ ଦୂରେଇ ରହିଛନ୍ତି। ଆମେରିକାର ଟ୍ରେଜେରୀ ଇଲ୍ଡରେ ବୃଦ୍ଧି ମଧ୍ୟ ଏକ ପ୍ରମୁଖ କାରଣ। ସେ କହିଛନ୍ତି ଯେ ଅଧିକ ଇଲ୍ଡ ଡଲାର-ସମ୍ପନ୍ନ ନିବେଶକୁ ଅଧିକ ଆକର୍ଷଣୀୟ କରିଛି, ଯାହା ଭାରତ ଭଳି ଉଦୀୟମାନ ବଜାରରୁ ପୁଞ୍ଜି ପ୍ରବାହକୁ ପ୍ରଭାବିତ କରିଛି। ଏହା ସହିତ ଏକ ଶକ୍ତିଶାଳୀ ଡଲାର ଏବଂ ବିଶ୍ୱ ତରଳତାର ଅଭାବ ମଧ୍ୟ ବଜାର ଭାବନାକୁ ପ୍ରଭାବିତ କରିଛି। ଅନ୍ୟ ଜଣେ ବିଶେଷଜ୍ଞଙ୍କ ମତରେ ପଶ୍ଚିମ ଏସିଆରେ ଭୂରାଜନୈତିକ ଉତ୍ତେଜନା ଏଫ୍‌ପିଆଇ ବିକ୍ରିକୁ ଆହୁରି ତ୍ୱରାନ୍ୱିତ କରୁଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବିଶ୍ୱ ବଜାରରେ ଦୁର୍ବଳତା, ଟଙ୍କାର ମୂଲ୍ୟ ହ୍ରାସ ଏବଂ ଭାରତର ଆର୍ଥିକ ଅଭିବୃଦ୍ଧି ଏବଂ କର୍ପୋରେଟ୍ ରୋଜଗାର ଉପରେ ଅଶୋଧିତ ତୈଳ ମୂଲ୍ୟର ସମ୍ଭାବ୍ୟ ପ୍ରଭାବ ନିବେଶକଙ୍କ ଚିନ୍ତାକୁ ବୃଦ୍ଧି କରୁଛି। ଏହା ବ୍ୟତୀତ ଟଙ୍କାର ଦୁର୍ବଳତା ବିଦେଶୀ ନିବେଶକଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି।

# ସୁନା ମୂଲ୍ୟରେ ବଡ଼ ହ୍ରାସ

ନୂଆଦିଲ୍ଲୀ,୨୨।୩(ଏଜେନ୍ସି): ଇରାନ୍ ଯୁଦ୍ଧ ପ୍ରଭାବ ଯୋଗୁ ସୁନା ଓ ରୁପା ଦର ହ୍ରାସ ପାଇଛି। ଚଳିତ ସପ୍ତାହରେ ସୁନା ୧୦ ଗ୍ରାମ ପିଛା ୧୧ ହଜାର ଓ ରୁପା ମୂଲ୍ୟ କିଲୋ ପିଛା ୨୮ ହଜାର ଟଙ୍କା ଶସ୍ତା ହୋଇଛି। ସୁନା ୧୦ ଗ୍ରାମ ପ୍ରତି ୧୧ ହଜାର ଶସ୍ତା ହୋଇ ୧.୪୭ ଲକ୍ଷ ଟଙ୍କା ହୋଇଛି। ଗତ ସପ୍ତାହରେ ଅର୍ଥାତ ମାର୍ଚ୍ଚ ୧୩ରେ ସୁନା ୧୦ ଗ୍ରାମର ମୂଲ୍ୟ ୧.୫୮ ଲକ୍ଷ ଟଙ୍କା ଥିଲା। ଏହି ସମୟରେ, ରୂପା କିଲୋଗ୍ରାମ ପିଛା ୨ ଲକ୍ଷ ୬୦ ହଜାରରୁ ହ୍ରାସ ପାଇ ୨.ଲକ୍ଷ ୩୨ ହଜାରରେ ପହଞ୍ଚିଛି। ଫଳରେ ଏଥିରେ ସପ୍ତାହରେ ୨୮,୦୦୦ ହ୍ରାସ ପାଇଛି। ଇରାନ ସହିତ ଆମେରିକା-ଇସ୍ରାଏଲ ଯୁଦ୍ଧ ଯୋଗୁ, ବଜାରର ଅସ୍ଥିରତାକୁ ମୁକାବିଲା କରିବା ପାଇଁ ନିବେଶକମାନେ ସେମାନଙ୍କର ସୁନା ବିକ୍ରି କରି ନଗଦ (ଡଲାର) ସଂଗ୍ରହ କରୁଛନ୍ତି। ଏହା ଡଲାର ଚାହିଦା ବୃଦ୍ଧି କରୁଛି ଏବଂ ସୁନା ଏବଂ ରୂପା ମୂଲ୍ୟ ହ୍ରାସ ପାଉଛି। ଚଳିତ ବର୍ଷ ସୁନା ଏବଂ ରୁପାର ମୂଲ୍ୟ ଅନେକ ଅପ୍ ଡାଉନ ଦେଖିବାକୁ ମିଳିଛି। ୩୧ ଡିସେମ୍ବର ୨୦୨୫ରେ,ସୁନା ମୂଲ୍ୟ ୧.୩୩ଲକ୍ଷ ଟଙ୍କା ଥିଲା,ଏବଂ ଜାନୁଆରୀ ୨୯ରେ ଏହା ୧.୭୬ଲକ୍ଷ ଟଙ୍କାର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ଏହାପରେ ସୁନା ଦର ପୁଣି ହ୍ରାସ ପାଇଥିଲା। ସେବେଠାରୁ,ସୁନା ମୂଲ୍ୟରେ ୨୮,୯୦୩ ଟଙ୍କାହ୍ରାସ ପାଇଲାଣି।ଏହି ସମୟ ମଧ୍ୟରେରୁପାର ମୂଲ୍ୟ ୩୧ ଡିସେମ୍ବର ୨୦୨୫ରେ ୨.୩୦ ଲକ୍ଷ ଟଙ୍କା ରହିଥିଲା ଏବଂ ଜାନୁଆରୀ ୨୯ରେ ଏହା ସର୍ବକାଳୀନସର୍ବାଧିକ୩.୮୬ ଲକ୍ଷଟଙ୍କାରେପହଞ୍ଚିଥିଲା।ସେବେଠାରୁ,ଗତ ୫୦ ଦିନରେ ରୁପା ମୂଲ୍ୟ ୧.୫୩ ଲକ୍ଷ ଟଙ୍କା ଶସ୍ତା ହୋଇଛି।



## ଆଜିର ରାଶିଫଳ

**ମେଷ:** ଅଧିକ ମାନସିକ ଚାପରେ ରହିପାରନ୍ତି । ସାବଧାନତାର ସହ କାର୍ଯ୍ୟ କରନ୍ତୁ । ମହିଳାମାନେ ପରିବାର ପାଇଁ ଚିନ୍ତିତ ରହିବେ । ଜୀବନସାଥୀଙ୍କ ସହିତ ଭଲ ମୁହୂର୍ତ୍ତ ବିତାଇବାର ସୁଯୋଗ ପାଇବେ ।

**ବୃଷ:** ଦିନଟି ହର୍ଷୋଲ୍ଲାସରେ କଟିବ । ଧାର୍ମିକ କାର୍ଯ୍ୟରେ ଯୋଗଦାନ ଦେବେ । ସକାରାତ୍ମକ ଚିନ୍ତା ରଖି ଭବିଷ୍ୟତ ଯୋଜନା ପ୍ରସ୍ତୁତ କରିବେ । କୌଣସି ଦିଗପ୍ରତି ଅଧିକ ସମ୍ବେଦନଶୀଳ ହୋଇପାରନ୍ତି ।

**ମିଥୁନ:** ବନ୍ଧୁବାନ୍ଧବ ଓ ପ୍ରିୟଜନଙ୍କ ସହ ସମ୍ପର୍କରେ ନିବିଡ଼ତା ବୃଦ୍ଧି ପାଇବ । ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ । ନୂତନ ଆୟ ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ ।

**କର୍କଟ:** ଦୀର୍ଘ ଦିନର ସମସ୍ୟା ଭିନ୍ନ ମୋଡ଼ ନେବ । ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ଦେଖାଦେଇପାରେ । କର୍ମସ୍ଥଳୀରେ ସହକର୍ମୀଙ୍କଠାରୁ ଉଚିତ ପରାମର୍ଶ ପାଇପାରନ୍ତି ।

**ସିଂହ:** ପୂର୍ବରୁ କରିଥିବା ପରିଶ୍ରମରୁ ସୁଫଳ ପାଇବେ । ଯାତାୟାତ ସମୟରେ ସାବଧାନ ରହିବା ଆବଶ୍ୟକ । ସମସ୍ତଙ୍କ ସହ ଭଲ ସମ୍ପର୍କ ରଖିବାକୁ ଚେଷ୍ଟା କରିବେ । ଦୂରସ୍ଥାନକୁ ଯାତ୍ରା କରିପାରନ୍ତି ।

**କନ୍ୟା:** ନୂତନ କାର୍ଯ୍ୟ କରିବାକୁ ପ୍ରେରିତ ହୋଇପାରନ୍ତି । ବ୍ୟବସାୟରେ ଅବନତି ଦେଖାଦେଇପାରେ । ଅନ୍ୟ କଥାରେ ହସ୍ତକ୍ଷେପ ନ କରି ନିଜ କାର୍ଯ୍ୟରେ ଧ୍ୟାନ ଦେବେ ।

**ତୁଳା:** ପରିବାର ମଧ୍ୟରେ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ, ଏଥିପାଇଁ ବ୍ୟସ୍ତ ବିବ୍ରତ ଅନୁଭବ କରିପାରନ୍ତି । ଦୂରଯାତ୍ରା କରିବାରୁ ଦୂରେଇ ରୁହନ୍ତୁ । ବ୍ୟବସାୟରେ ଉନ୍ନତି ପାଇଁ ନୂତନ ଦିଗନ୍ତ ଚୟନ କରିବେ ।

**ବିଛା:** ଚିନ୍ତା କରିଥିବା ସମସ୍ତ କାର୍ଯ୍ୟ ପୂରଣ ହେବ । କର୍ମକ୍ଷେତ୍ରରେ ଉଚ୍ଚ ଅଧିକାରୀଙ୍କ ସହଯୋଗ ପ୍ରାପ୍ତି ହେବ । ପଦୋନ୍ନତିର ସମ୍ଭାବନା ରହିଛି । ନୂତନ ଯାନବାହନ କ୍ରୟ କରିପାରନ୍ତି ।

**ଧନୁ:** ଦିନଟିରେ ସର୍ତକ ରହିବା ଆବଶ୍ୟକ । ଘରୋଇ ସମସ୍ୟାକୁ ସମାଧାନ କରିବେ । ପରିବାର ତଥା ସାଙ୍ଗସାଥୀଙ୍କ ସମର୍ଥନ ପାଇବେ । ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ ।

**ମକର:** ସାମାଜିକ କାର୍ଯ୍ୟ କରି ଅନ୍ୟମାନଙ୍କ ପାଖରେ ଆଦରଣୀୟ ହେବେ । କୌଣସି କଥାକୁ ନେଇ ବ୍ୟଥିତ ହୋଇପାରନ୍ତି । ପ୍ରେମ ଓ ଦାମ୍ପତ୍ୟ ଜୀବନ ସୁଖମୟ ରହିବ ।

**କୁମ୍ଭ:** ସମସ୍ତ ସମସ୍ୟା ସହଜରେ ସମାଧାନ ହୋଇଯିବ । କର୍ମସ୍ଥଳୀରେ ପଦୋନ୍ନତିର ଯୋଗ ରହିଛି । ହରାଇଥିବା ସୁଯୋଗ ପୁଣିଥରେ ଆସିପାରେ । ଅକସ୍ମାତ୍ କୌଣସି ଶୁଭ ଖବର ପାଇବେ ।

**ମୀନ:** ଦିନଟି ସ୍ମରଣୀୟ ହୋଇପାରେ । ଅଟକି ରହିଥିବା ସମସ୍ତ କାର୍ଯ୍ୟ ପୂରଣ ହେବ । କାର୍ଯ୍ୟକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବା ସହ ପ୍ରତିଷ୍ଠିତ ହେବେ । ସାମାଜିକ କାର୍ଯ୍ୟରେ ସକ୍ରିୟ ରହିବେ ।

## ଆଜିର ଐତିହ୍ୟ

- ୧୮୮୦- ସ୍ୱାଧୀନତା ସଂଗ୍ରାମୀ ବାସନ୍ତୀ ଦେବୀଙ୍କ ଜନ୍ମ ।
- ୧୯୧୦- ସମାଜବାଦୀ ନେତା ରାମ ମନୋହର ଲୋହିଆଙ୍କ ଜନ୍ମ ।
- ୧୯୪୦- ମୁସଲିମ୍ ଲିଗ୍ ପାକିସ୍ତାନ ପ୍ରସ୍ତାବକୁ ମଞ୍ଜୁରୀ ଦେଲା ।
- ୧୯୬୫- ନାସା ପ୍ରଥମ ଥର ପାଇଁ ମହାକାଶଯାନ 'ଜେମିନି ୩' ଦୁଇ ଜଣ ମହାକାଶଚାରୀଙ୍କୁ ମହାକାଶକୁ ପଠାଇଲା ।
- ୨୦୨୦- କରୋନା ମହାମାରୀ ଯୋଗୁଁ ଭାରତର ଅଧିକାଂଶ ସ୍ଥାନରେ ଲକ୍‌ଡାଉନ୍ ଆରମ୍ଭ ହେଲା ।



## ପ୍ରଯୋଜକ ହେଲେ କୁନାଲ

ବଲିଉଡ୍‌ରେ ଏମିତି କିଛି କଳାକାର ଅଛନ୍ତି ଯେଉଁମାନେ ଅନେକ ଦିନ ଅଭିନୟ କରିବା ପରେ ନିର୍ଦ୍ଦେଶନା ଓ ପ୍ରଯୋଜନା ଭାର ସମ୍ଭାଳିଛନ୍ତି । ଅଭିନେତା କୁନାଲ ଖେମୁ ଏବେ ଏଭଳି କିଛି ଧାରା ଆପଣାଇଛନ୍ତି । ଶିଶୁ କଳାକାର ଭାବେ କ୍ୟାରିୟର୍ ଆରମ୍ଭ କରିଥିବା କୁନାଲ ଅନେକ ଫିଲ୍ମରେ ଲିଡ୍ ରୋଲରେ ମଧ୍ୟ ନଜର ଆସିଛନ୍ତି । ଏହାପରେ ସେ ନିର୍ଦ୍ଦେଶନାରେ ପାଦ ଦେଲେ । ଆଉ ଏବେ ସେ ପ୍ରଯୋଜନାକୁ ଓହ୍ଲାଇଛନ୍ତି । କୁନାଲ 'ଡ୍ରୋଙ୍ଗୋ ଫିଲ୍ମସ୍' ନାଁରେ ତାଙ୍କର ଏକ ପ୍ରଡକ୍ସନ୍ ହାଉସ୍ ଖୋଲିଛନ୍ତି । ଚିରାଗ ନିହଲାନି ଏଥିରେ ତାଙ୍କର ପାର୍ଟନର୍ ଅଛନ୍ତି । ଉଭୟ ମିଶି ଏମିତି ଫିଲ୍ମ ଆଣିବା ପାଇଁ ଚିନ୍ତା କରିଛନ୍ତି ଯାହା ସମ୍ପୂର୍ଣ୍ଣ ନୂଆ ଚିନ୍ତାଧାରା ଓ କାହାଣୀକୁ ଲୋକଲୋଚନକୁ ଆଣିବ । ଏଠାରେ ପ୍ରକାଶ ଥାଉ କି, କୁନାଲ ଗତବର୍ଷ ନିର୍ଦ୍ଦେଶକ ଭାବେ ତାଙ୍କର ପ୍ରଥମ ଫିଲ୍ମ 'ମଡଗାଓଁ ଏକ୍ସପ୍ରେସ୍' ଆଣିଥିଲେ । ଏହାକୁ ଦର୍ଶକେ ଓ ସିନେ ସମୀକ୍ଷକମାନେ ବେଶ୍ ପସନ୍ଦ କରିଥିଲେ । କୁନାଲ୍ ଜଣେ ଭଲ ଅଭିନେତା ହେବା ସହ ଜଣେ ଦକ୍ଷ ନିର୍ଦ୍ଦେଶକ ବୋଲି ଏହି ଫିଲ୍ମ ପ୍ରମାଣିତ କରିଥିଲା । ଏହାପରେ କୁନାଲ୍ ନିଜର ଏକ ପ୍ରଯୋଜନା ସଂସ୍ଥା ଖୋଲିବା ପାଇଁ ଭାବିଥିଲେ । କୁନାଲଙ୍କ କାମ କଥା କହିବାକୁ ଗଲେ, ଖୁବ୍‌ଶୀଘ୍ର ସେ 'ଗୋଲମାଲ ୫'ରେ ନଜର ଆସିବେ । ଏହାର ନିର୍ଦ୍ଦେଶନା ଦେଇଛନ୍ତି ରୋହିତ୍ ସେଟ୍ଟୀ । ଏଥିରେ ଅଜୟ ଦେବଗନ୍, ଅକ୍ଷୟ କୁମାର, ଅରଶଦ ୱର୍ସି ଆଦି ଲିଡ୍ ରୋଲରେ ନଜର ଆସିବେ ।

### ଭିନ୍ନ ଏକ ଦେଶ

## କାର୍ ଜୋରରେ ବନ୍ଦ କରିବା ମନା

ବିଶ୍ୱର ବିଭିନ୍ନ ଦେଶରେ ସେଠାରେ ପ୍ରଚଳିତ ସଂସ୍କୃତି, ପରମ୍ପରା ଓ ଆଇନ ଅନୁଯାୟୀ ଭିନ୍ନ ଭିନ୍ନ ନିୟମ ରହିଛି । ଏହି ନିୟମଗୁଡ଼ିକ କେଉଁଠି ଅଜବ ତ ଆଉ କେଉଁଠି ବେଶ୍ କଠୋର ହୋଇଥାଏ, ଯାହା ସ୍ଥାନୀୟ ଲୋକଙ୍କୁ ମାନିବାକୁ ପଡ଼ିଥାଏ । ଏହି କ୍ରମରେ ସ୍ୱିଜରଲ୍ୟାଣ୍ଡରେ କାର୍ ଚଳାଇବାକୁ ନେଇ ସ୍ୱତନ୍ତ୍ର ନିୟମ ରହିଛି । ଏଠାରେ କାର୍‌ର ଡୋର୍‌କୁ ଜୋର୍‌ରେ ବନ୍ଦ କରିବା ମନା । ଏହାକୁ ବେଆଇନ ବୋଲି ବିବେଚନା କରାଯାଏ । ତେଣୁ ଏଠାରେ କାର୍ ଡୋର୍ ଜୋର୍‌ରେ ବନ୍ଦ କଲେ ଜରିମାନା ଦେବାକୁ ପଡ଼ିଥାଏ । ତେବେ ସ୍ୱିଜରଲ୍ୟାଣ୍ଡରେ ଲୋକେ ଶାନ୍ତି ଏବଂ ଆରାମକୁ ଅଧିକ ପ୍ରାଧାନ୍ୟ ଦିଅନ୍ତି । ଏଥିପାଇଁ ଶବ୍ଦକୁ ନେଇ କଡ଼ା ନିୟମ ଲାଗୁ କରାଯାଇଛି । ଏହି ନିୟମ 'ରାଇଟ୍ ଟୁ ସାଇଲେନ୍ସ କନସେପ୍ଟ' ଉପରେ ଆଧାରିତ । ଫଳରେ ବିରକ୍ତିକର ଶବ୍ଦ ବିନା ଲୋକଙ୍କୁ ଶାନ୍ତକର ପରିବେଶର ଅନୁଭୂତି ମିଳିଥାଏ । ଏଥିପାଇଁ ଏଠାରେ ନାଚ୍‌ଟ୍ରୁହେ ନାମକ ଏକ ନିୟମ ଲାଗୁ କରାଯାଇଛି । ଏହାର ଅର୍ଥ ରାତି ସମୟରେ ଶାନ୍ତି ବଜାୟ ରଖିବା । ଏହି ନିୟମ ସାଧାରଣତଃ ରାତି ୧୦ ଟାରୁ ସକାଳ ୬ - ୭ଟା ଯାଏଁ ଲାଗୁ ହୋଇଥାଏ । ଏହି ସାତ ଘଣ୍ଟା ମଧ୍ୟରେ କାର୍ ଡୋରକୁ ଜୋର୍‌ରେ ବନ୍ଦ କରିବାର ନିୟମ ଉଲଙ୍ଘନ ଭାବେ ଜଣାଯାଏ । ସରକାରଙ୍କ କହିବାନୁଯାୟୀ, ଜୋର ଶବ୍ଦ ପଡ଼ୋଶୀଙ୍କ ନିଦ ଏବଂ ଶାନ୍ତିକୁ ପ୍ରଭାବିତ କରିଥାଏ । ଏହାସତ୍ତ୍ୱେ କୌଣସି ବ୍ୟକ୍ତି ଜୋର୍‌ରେ ବାରମ୍ବାର ଶବ୍ଦ କଲେ ୯୦୦୦ ଟଙ୍କା ଜରିମାନା ଦେବାକୁ ପଡ଼ିଥାଏ । ସେହିପରି ସ୍ୱିଜରଲ୍ୟାଣ୍ଡର କିଛି ସହରରେ ଏବେ ନଏଜ୍ ରାଡାର ସିଷ୍ଟମର ପରୀକ୍ଷା କରାଯାଉଛି । ଯାହାକି ଅଧିକ ଶବ୍ଦ ବାହାର କରୁଥିବା ଗାଡ଼ିକୁ ଚିହ୍ନଟ କରିବ ।



## ଭଡ଼ାରେ ଆମ୍ବଗଛ



ବର୍ତ୍ତମାନ ଆମ୍ବ ଖାଇବାର ମଜା ଏକ ନିଆରା ଉପାୟରେ ଲୋକେ ନେଇ ପାରିବେ । 'ରେଣ୍ଟ ଏ ଟ୍ରି' ମଡେଲ ମାଧ୍ୟମରେ ଆମ୍ବ ଗଛକୁ ଲୋକେ ଭଡ଼ାସୂତ୍ରରେ ନେଇପାରିବେ । କୋଚିର ଏକ ଷ୍ଟାର୍ଟଅପ୍ ଏହି ସୁଯୋଗ ପ୍ରଦାନ କରୁଛି । ଏଭଳି ଏକ ପରିକଳ୍ପନା ସହରବାସୀଙ୍କୁ ଆକୃଷ୍ଟ କରିପାରିଛି । ତେବେ ଏହି ପ୍ଲାଟ୍‌ଫର୍ମର ବ୍ୟବହାର କରିବା ଖୁବ୍ ସହଜ । ଗ୍ରାହକ ଅନଲାଇନ୍‌ରେ ବଗିଚାଗୁଡ଼ିକୁ ଦେଖି ନିଜ ପସନ୍ଦର ଆମ୍ବ ଗଛକୁ ବାଛିପାରିବେ । ତେବେ ଗୋଟିଏ ସିଜିନ୍ ପାଇଁ ଗଛକୁ ଭଡ଼ା ନେବାର ଦାମ୍ ୧୦,୩୦୦ ଟଙ୍କାରୁ ଆରମ୍ଭ ହୋଇଥାଏ । ଗଛକୁ ଭଡ଼ା ନେବା ପ୍ରତିବଦଳରେ ସେହି ଗଛରେ ଫଳିଥିବା ସମସ୍ତ ଆମ୍ବ ସେହି ଗ୍ରାହକର ହିଁ ହେବ । ଅନ୍ୟପଟେ ଗଛର ଦେଖାଶୁଣା ଠୁ ଆରମ୍ଭ କରି ଆମ୍ବ ତୋଳିବାର କାମ ଚାଷୀର ହିଁ ହେବ । ମହାରାଷ୍ଟ୍ର, ତାମିଲନାଡୁ, କେରଳରେ ଏହି ଆମ୍ବ ବଗିଚା ସବୁ ରହିଛି । ଆମ୍ବ ସମ୍ପୂର୍ଣ୍ଣ ପାଚିଗଲେ, ତାହାକୁ ତୋଳାଯାଏ ଏବଂ ଯତ୍ନର ସହକାରେ ପ୍ୟାକ୍ କରାଯାଇ ଗ୍ରାହକଙ୍କ ପାଖକୁ ପଠେଇ ଦିଆଯାଏ । ଏହିପ୍ରକାରେ ଲୋକେ ଚାଷ ନ କରି ମାଲିକ ଭାବେ ନିଜର ଗଛ ଥିବା ଅନୁଭବ କରିପାରିବେ । ଏହି ମଡେଲ ସହରରେ ରହୁଥିବା ଲୋକଙ୍କୁ ପ୍ରକୃତିର ନିକଟତର କରାଉଛି । ସାମାଜିକ ଗଣମାଧ୍ୟମରେ ଏହି ଚିନ୍ତାଧାରାକୁ ନେଇ ଲୋକଙ୍କଠାରେ ଉତ୍ସାହ ଦେଖିବାକୁ ମିଳୁଛି । ଏହା ଉଭୟ ଗ୍ରାହକ ଓ ଚାଷୀଙ୍କ ପାଇଁ ଲାଭକାରୀ ବୋଲି କୁହାଯାଉଛି । ଅନ୍ୟପଟେ ବର୍ତ୍ତମାନ ଭାରତରେ 'ଫାର୍ମ ଟୁ ଟେବୁଲ' ଟ୍ରେଣ୍ଡର ଲୋକପ୍ରିୟତା ବଢ଼ୁଛି । ଲୋକେ ଏବେ ଜାଣିବାକୁ ଚାହୁଁଛନ୍ତି, ସେମାନଙ୍କ ଖାଦ୍ୟ କେଉଁଠାରୁ ଆସୁଛି ଏବଂ କିଭଳି ଚାଷ କରାଯାଉଛି । ଏ ଦୃଷ୍ଟିରୁ 'ରେଣ୍ଟ ଏ ଟ୍ରି' ଏହି ଚିନ୍ତାଧାରାକୁ ଆଗକୁ ନେଇଛି । ଏହି ମଡେଲ ଖାଦ୍ୟ ଏବଂ ଚାଷକୁ ନେଇ ଥିବା ଦୃଷ୍ଟିକୋଣର ଉପାୟ ବଦଳାଇବାକୁ ଚେଷ୍ଟା କରିଛି ।



## ଶହୀଦ ଦିବସ

୨୩ ମାର୍ଚ୍ଚ ଭାରତରେ 'ଶହୀଦ ଦିବସ' ଭାବେ ପାଳିତ ହୁଏ । ୧୯୩୧ ମସିହା ଆଜିର ଦିନରେ ବ୍ରିଟିଶ ସରକାର ଦେଶର ବୀର ସୁପୁତ୍ର ଭଗତ ସିଂ, ସୁଖଦେବ ଏବଂ ରାଜଗୁରୁଙ୍କୁ ଫାଶୀ ଦେଇଥିଲେ । ଦେଶ ପାଇଁ ସେମାନଙ୍କର ବଳିଦାନକୁ ସ୍ମରଣ କରି ତଥା ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ସାରା ଦେଶରେ ଏହି ଦିବସ ପାଳନ କରାଯାଏ । ଏହି ତିନିଜଣଙ୍କ ବିରୋଧରେ ବ୍ରିଟିଶ ପୁଲିସ ଅଧିକାରୀ ଜନ୍ ସାଣ୍ଡର୍ସଙ୍କ ହତ୍ୟା ଅଭିଯୋଗ ହୋଇଥିଲା । ୧୯୨୮ ରେ ଲାଲା ଲଜପତ ରାୟ, ସାଇମନ୍ କମିଶନ ବିରୋଧରେ ଆନ୍ଦୋଳନ କରୁଥିବାବେଳେ ବ୍ରିଟିଶ୍ ପୁଲିସ ମାଡ଼ରେ ଆହତ ହୋଇ ପରେ ମୃତ୍ୟୁବରଣ କରିଥିଲେ । ଲାଲା ଲଜପତ ରାୟଙ୍କ ମୃତ୍ୟୁର ପ୍ରତିଶୋଧ ସ୍ୱରୂପ ଶିବରାମ ରାଜଗୁରୁ, ସୁଖଦେବ ଥାପର ଓ ଚନ୍ଦ୍ରଶେଖର ଆଜାଦଙ୍କ ସହ ମିଶି ଭଗତ ସିଂହ, ଜନ୍. ପି. ସାଣ୍ଡର୍ସ ନାମକ ପୁଲିସ ଅଧିକାରୀଙ୍କୁ ଗୁଳି କରି ହତ୍ୟା କରିଥିଲେ । କିଛି ମାସ ଅଜ୍ଞାତବାସରେ ରହିବା ପରେ ଭଗତ ସିଂହ ୧୯୨୯ ରେ ସହଯୋଗୀ ବଟୁକେଶ୍ୱର ଦତ୍ତଙ୍କ ସହିତ ଦିଲ୍ଲୀ ସଂସଦରେ ବୋମା ଫୁଟାଇ ଆତ୍ମସମର୍ପଣ କରିଥିଲେ । ଗିରଫ ପରେ ଜନ୍ ସାଣ୍ଡର୍ସ ହତ୍ୟା ମାମଲାରେ ତାଙ୍କର ସଂପୃକ୍ତି ବିଷୟରେ ଜଣାପଡ଼ିଥିଲା । ଏହାର ଶୁଣାଣିରେ ଭଗତ ସିଂହ, ସୁଖଦେବ ଓ ଶିବରାମ ରାଜଗୁରୁଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଫାଶୀ ଦଣ୍ଡ ଦିଆଯାଇଥିଲା । ପୂର୍ବରୁ ଏହି ତିନି ଜଣଙ୍କୁ ୨୪ ମାର୍ଚ୍ଚ, ସକାଳ ୮ ଟାରେ ଫାଶୀ ଦିଆଯିବ ବୋଲି ନିର୍ଦ୍ଧାରିତ ହୋଇଥିଲା । ସେତେବେଳେ ବହୁ ସଂଖ୍ୟାରେ କ୍ରାନ୍ତିକାରୀଙ୍କ ବିକ୍ଷୋଭକୁ ନେଇ ଇଂରେଜ ସରକାର ଡରିଯାଇଥିଲେ । ଇଂରେଜ ସରକାର ଭୟରେ ମାର୍ଚ୍ଚ ୨୩ ସଂଧ୍ୟାରେ ହିଁ ସେମାନଙ୍କୁ ଫାଶୀ ଦେଇଥିଲେ । ଏହି ତିନି ବୀର କ୍ରାନ୍ତିକାରୀ ହସିହସି ଫାଶୀଖୁଣ୍ଟରେ ଝୁଲି ଯାଇଥିଲେ । ଫାଶୀ ଖୁଣ୍ଟରେ ଝୁଲିବା ସମୟରେ ଭଗତସିଂହ, ସୁଖଦେବଙ୍କ ବୟସ ମାତ୍ର ୨୩ ବର୍ଷ ହୋଇଥିବାବେଳେ ରାଜଗୁରୁ ମାତ୍ର ୨୨ ବର୍ଷର ଥିଲେ । ଏତେ କମ୍ ବୟସରେ ମଧ୍ୟ ଏହି ତିନି ବିପ୍ଲବୀ ଦେଶ ମାତୃକା ପାଇଁ ହସିହସି ପ୍ରାଣବଳି ଦେଇଥିଲେ ।

# ଆସ୍ଥା

## ପଞ୍ଚେଇ ପୂଜା



ଗାଁ ଦାଣ୍ଡ ବା ବାଟରେ କରାଯାଉଥିବାରୁ ଏହା ବାଟ ମଙ୍ଗଳା ଓଷା ବା ପଞ୍ଚେଇ ପୂଜା ଭାବେ ପରିଚିତ । ସେହିପରି ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାର ଏହାକୁ ପାଳନ କରାଯାଉଥିବାରୁ ଏହାକୁ ଚଇତି ମଙ୍ଗଳବାର ଓଷା ବୋଲି ବି କୁହାଯାଏ । ପରିବାର ତଥା ସନ୍ତାନଙ୍କ ଶୁଭ ମନାସୀ ସଧବା ନାରୀମାନେ ମେଳ ହୋଇ ଏହି ପୂଜା ନିଷ୍ଠାର ସହ କରନ୍ତି । ଏହି ଅବସରରେ ଘଟଗାଁ ସ୍ଥିତ ମା' ତାରିଣୀ ମନ୍ଦିର ତଥା କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠ ଚଳଚଞ୍ଚଳ ହୋଇଥାଏ । ତେବେ ବିଧି ଅନୁସାରେ ଦାଣ୍ଡରେ ପଞ୍ଚେଇ ଖୋଳା ଯାଏ ଏବଂ ତାହାକୁ ଗୋବର ପାଣିରେ ଲିପା ପୋଛା କରାଯାଏ । ପଞ୍ଚେଇ ଭିତରେ ହଳଦି, ଚୁଆ, କ୍ଷୀର, ଜଳ ଆଦି ଅର୍ପଣ କରାଯାଏ । ସେହିପରି ପଞ୍ଚେଇର ଚାରିପାର୍ଶ୍ୱରେ ଆମ୍ବ ଡାଳ, ଗୁଆ, ସିନ୍ଦୂର, ନାଲି ମନ୍ଦାର ଏବଂ ମୁରୁଜରେ ସଜାଯାଏ । ଏହାସହ ବିଭିନ୍ନ ପ୍ରକାର ଫଳ, ଦହି, ଛେନା, ନଡ଼ିଆରେ ତିଆରି ପଣା ଲାଗି କରାଯାଏ । ଓଷା ବ୍ରତ ବହି ବ୍ରତଧାରୀ ପଢ଼ନ୍ତି । ତେବେ ବ୍ରତ କରୁଥିବା ମହିଳାମାନେ ଧଳା ସୂତାରେ ୧୩ଟି ଗଣ୍ଠି ପକାଇ ବ୍ରତକୁ ଧାରଣ କରନ୍ତି । ପୂଜା ଶେଷ ହେବା ପରେ ବ୍ରତ କରିଥିବା ମହିଳାମାନେ ପଞ୍ଚେଇରେ ଲାଗି ହୋଇଥିବା ପଣାକୁ ପ୍ରସାଦ ରୂପେ ପାଆନ୍ତି । ତେବେ ଏ ଓଷା କେବଳ ଗ୍ରାମାଞ୍ଚଳରେ ସୀମିତ ନାହିଁ । ସହରରେ ମହିଳାମାନେ ପଞ୍ଚେଇ ପୂଜା କରି ନିଷ୍ଠାର ସହ ପାଳନ କରନ୍ତି । ଏହି ଅବସରରେ ଗାଁ ଗାଁରେ ମଙ୍ଗଳାଙ୍କ ଘଟ ବୁଲିଥାଏ ।

## ଅଶୋକାଷ୍ଟମୀ



**ଚୈତ୍ର ଶୁକ୍ଳ ଅଷ୍ଟମୀ 'ଅଶୋକାଷ୍ଟମୀ' ଭାବେ ପରିଚିତ । ଏହିଦିନ ଏକାମ୍ର କ୍ଷେତ୍ରରେ ଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହୁଏ । ମହାପ୍ରଭୁ ଲିଙ୍ଗରାଜ ଦୋଳଗୋବିନ୍ଦ (ବାସୁଦେବ) ଏବଂ ଭଉଣୀ ରୁକୁଣା ବା ରୁକ୍ମିଣୀଙ୍କ ସହ ରୁକୁଣା ରଥରେ ବିଜେ ହୋଇ ମାଉସୀ ଘର (ରାମେଶ୍ୱର ମନ୍ଦିର) ଯାଆନ୍ତି । ମହାପ୍ରଭୁ ଲିଙ୍ଗରାଜ ୬ ଦିନ ପାଇଁ ମନ୍ଦିର ଓ ପତ୍ନୀ ପାର୍ବତୀଙ୍କୁ ଛାଡ଼ି ମାଉସୀ ଘର ଯାଉଥିବାରୁ ସେ ମାନ କରନ୍ତି । ଏପରିକି କ୍ରୋଧରେ ରଥ ଭାଙ୍ଗନ୍ତି । ପ୍ରଭୁ ଲିଙ୍ଗରାଜ ମଧ୍ୟ ମାତା ପାର୍ବତୀଙ୍କ ମାନଭଞ୍ଜନ କରିଥାନ୍ତି । ଅନ୍ୟପକ୍ଷରେ ରାମେଶ୍ୱର ମାଉସୀ ଘରେ ହରିହର ଭେଟ ହୁଏ । ସବୁଠୁ ରୋଚକୀୟ କଥା ହେଉଛି, ଏହି ରଥ ଅଣଲେଉଟା ।**

ରୁକୁଣା ରଥଯାତ୍ରାକୁ ନେଇ ପୁରାଣରେ ବହୁ କଥା ବର୍ଣ୍ଣନା ରହିଛି । ତ୍ରିପୁର ବିଜୟୀ ତ୍ରିପୁରାସୁରର ଅତ୍ୟାଚାରରେ ଦେବଲୋକ ଓ ମର୍ତ୍ତ୍ୟଲୋକ ଅତିଷ୍ଠ ହୋଇ ପଡ଼ିଥିଲା । ଏଥିରୁ ତ୍ରାହି ପାଇଁ ସେମାନେ ମହାଦେବଙ୍କ ଶରଣାପନ୍ନ ହୋଇ ତ୍ରିପୁରାସୁରକୁ ବଧ କରିବା ନିମନ୍ତେ ମହାଦେବଙ୍କୁ ପ୍ରାର୍ଥନା କରିଥିଲେ । ଦେବଗଣଙ୍କ ଅନୁରୋଧ ରକ୍ଷା କରି ଶିବ ଯୁଦ୍ଧ ପାଇଁ ପ୍ରସ୍ତୁତ ହୁଅନ୍ତି । ଏଥିରେ ତାଙ୍କୁ ତାଙ୍କ ଭଉଣୀ ରୁକୁଣା ସହଯୋଗ କରନ୍ତି । ବିଶ୍ୱକର୍ମା ଯୁଦ୍ଧ ପାଇଁ ସ୍ୱତନ୍ତ୍ର ରଥ ତିଆରି କରନ୍ତି । ଏହି ରଥରେ ବିଜେ ହୋଇ ଭାଇ ଭଉଣୀ ଯୁଦ୍ଧ କ୍ଷେତ୍ରକୁ ଯାଇ ତ୍ରିପୁରାସୁରକୁ ନିପାତ କରିଥିଲେ । ସେବେଠୁ ଉକ୍ତ ରଥକୁ 'ରୁକୁଣା ରଥ' କୁହାଯାଏ ।

ତେବେ ଏହି ରଥର ବିଶେଷ କଥା ହେଉଛି, ଏହା ଲେଉଟି ନ ଥାଏ । ଅର୍ଥାତ୍ ଏହି ରଥ କୌଣସି ମୋଡ଼ ନେଇ ପଛକୁ ଫେରି ନ ଥାଏ । ତେବେ ଏହା ଯେମିତି ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଏ, ଠିକ୍ ସେମିତି ପଛକୁ ଫେରିଥାଏ । ରଥର ପଛପଟ ଦ୍ୱାର ଖୋଲାଯାଇ ଘୋଡ଼ାମାନଙ୍କୁ ଯୋଚାଯାଏ । ସେଥିପାଇଁ କୁହାଯାଏ, ରୁକୁଣା ରଥ ଅଣଲେଉଟା । ରୁକୁଣା ରଥର ଉଚ୍ଚତା ୩୫ ଫୁଟ ଏବଂ ଓସାର ୨୦ ଫୁଟ । ରଥରେ ୬ଚକ ବିଶିଷ୍ଟ ଚାରିଚକ ବ୍ୟବହୃତ ହୁଏ । ରଥର ପାର୍ଶ୍ୱଦେବତା ହେଲେ ସୂର୍ଯ୍ୟ, ବରୁଣ, ଅଗ୍ନି, ଇନ୍ଦ୍ର, ଦୁର୍ଗା, ଶିବ, ଯମ ଏବଂ କାର୍ତ୍ତିକେୟ । ରଥର ସାରଥି ବ୍ରହ୍ମା । ଏଥିରେ ଚାରୋଟି ଚକରେ ଦୁଇଟି ଅଖ ଲାଗିଥାଏ । ରଥକୁ ନୀଳ, ହଳଦିଆ, ନାଲି ଓ ଧଳା ରଙ୍ଗ କପଡ଼ାରେ ଆଚ୍ଛାଦିତ କରାଯାଇଥାଏ । ରଥର ଉପର ପାର୍ଶ୍ୱରେ କଳସ, ଓଳଟଶୁଆ ଓ ଧ୍ୱଜା ଲାଗିଥାଏ । ଚାରୋଟି ଅଶ୍ୱ ଏକପ୍ରକାର ରଙ୍ଗରେ ରଙ୍ଗାୟିତ ହୋଇଥାନ୍ତି ।

## ରୋଷେଇ ଘରେ ଜୋତା ବ୍ୟବହାର କରୁଥିଲେ...



ବାସ୍ତୁ ଶାସ୍ତ୍ରରେ, ରୋଷେଇ ଘରକୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବୋଲି କୁହାଯାଏ । ଏହାର ସିଧା ସମ୍ବନ୍ଧ ଘର ସଦସ୍ୟଙ୍କ ସ୍ୱାସ୍ଥ୍ୟ, ସମୃଦ୍ଧି ଏବଂ ସକାରାତ୍ମକ ଶକ୍ତି ସହିତ ଜଡ଼ିତ । ଆଜିକାଲି ଅନେକ ଲୋକ ଘରେ ଜୋତା, ଚପଲ ବ୍ୟବହାର କରୁଛନ୍ତି । ହେଲେ ଭାରତୀୟ ସଂସ୍କୃତିରେ ରୋଷେଇ ଘରକୁ ଜୋତା ପିନ୍ଧି ଯିବା ଉପରେ ଶକ୍ତ କଟକଣା ଅଛି । ଏହି ସ୍ଥାନ ଅତ୍ୟନ୍ତ ପବିତ୍ର ଓ ଶୁଦ୍ଧ ରହିବା ଉଚିତ । ଏହାସହ ରୋଷେଇ ଘରକୁ ଚପଲ ପିନ୍ଧି ଯିବା ଦ୍ୱାରା ଅଗ୍ନି ଏବଂ ପୃଥିବୀ ତତ୍ତ୍ୱର ସନ୍ତୁଳନ ବିଗିଡ଼ି ଯାଏ ।

- ବାସ୍ତୁ ଶାସ୍ତ୍ର ଅନୁସାରେ, ରୋଷେଇ ଘର ହେଉଛି ଅତ୍ୟନ୍ତ ପବିତ୍ର ସ୍ଥାନ । ଏହି ସ୍ଥାନରେ ଅଗ୍ନି ଦେବ ଏବଂ ଅନ୍ନପୂର୍ଣ୍ଣା ଦେବୀଙ୍କ ଶାସନ ଚାଲେ । ଜୋତା ପିନ୍ଧି ରୋଷେଇ ଘରକୁ ଗଲେ ବାହରର ଅପରିଷ୍କାର, ନକାରାତ୍ମକ ଶକ୍ତି ଭିତରକୁ ଆସେ । ଏହାଦ୍ୱାରା ପବିତ୍ରତା ଏବଂ ଶକ୍ତିରେ ବାଧା ସୃଷ୍ଟି ହୁଏ ।
- ରୋଷେଇ ଘରକୁ ଜୋତା, ପିନ୍ଧି ଯିବା ଅଶୁଭ । ଏହାଦ୍ୱାରା ମା' ଅନ୍ନପୂର୍ଣ୍ଣାଙ୍କ ଅପମାନ ହୁଏ । ପରିବାରରେ କଳି ଝଗଡ଼ା ଲାଗି ରହେ । ଫଳରେ ଘରର ଶାନ୍ତି ଭଙ୍ଗ ହୁଏ ।
- ରୋଷେଇ ଘରକୁ ଚପଲ ପିନ୍ଧି ଯିବା ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ । ଏହାସହ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ସମସ୍ୟା ସାମ୍ନା କରିବାକୁ ପଡ଼େ ।
- ରୋଷେଇ ଘରେ ଚପଲ ବ୍ୟବହାର କଲେ ପରିବାର ସଦସ୍ୟଙ୍କୁ ଆର୍ଥିକ ସମସ୍ୟାକୁ ସାମ୍ନା କରନ୍ତି । ଏହା ସହ ଅନେକ କାର୍ଯ୍ୟ ପୂରା ନ ହୋଇ ଅଧାରୁ ଅଟକି ଯାଏ ।

## ପବିତ୍ର ରାମନବମୀ

**ଭଗବାନ ଶ୍ରୀରାମ ହେଉଛନ୍ତି ମର୍ଯ୍ୟାଦା ପୁରୁଷୋତ୍ତମ । ସେ ହେଉଛନ୍ତି ହିନ୍ଦୁଙ୍କ ଆସ୍ଥାର ପ୍ରତୀକ । ସବୁ ସମୟରେ ଭଗବାନ ରାମଙ୍କ ଚରିତ୍ରରୁ ଅନେକ କିଛି ଶିଖିବାକୁ ମିଳେ । ପିତୃସତ୍ୟ ପାଳନ କରି ସେ ଚଉଦ ବର୍ଷ ବନବାସ କରିଥିଲେ ଏବଂ ଘଟଣାକ୍ରମେ ଲଙ୍କେଶ ରାବଣକୁ ବଧ କରିଥିଲେ । ତାଙ୍କ ଜନ୍ମୋତ୍ସବକୁ 'ରାମନବମୀ' ଭାବେ ପାଳନ କରାଯାଏ । ଏହା ଚୈତ୍ର ଶୁକ୍ଳ ନବମୀ ତିଥିରେ ପଡ଼ିଥାଏ । ତା'ସହ ଚୈତ୍ର ନବରାତ୍ରୀର ଶେଷ ଦିନ ଭାବେ ଏହାକୁ ପାଳନ ବି କରାଯାଏ ।**

ଭଗବାନ ଶ୍ରୀରାମ ଅଯୋଧ୍ୟାର ରାଜା ଦଶରଥ ଏବଂ ରାଣୀ କୌଶଲ୍ୟାଙ୍କ ସୁପୁତ୍ର । ହିନ୍ଦୁ ଧର୍ମ ଅନୁସାରେ, ଭଗବାନ ରାମ ବିଷ୍ଣୁଙ୍କ ସପ୍ତମ ଅବତାର । ତ୍ରେତୟା ଯୁଗରେ ଅସୁରମାନଙ୍କ ଉତ୍ପାତ ବଢ଼ି ଯାଇଥିଲା । ସେମାନେ ସର୍ବଦା ମୁନି-ଋଷିଙ୍କ ଯଜ୍ଞ ଭଙ୍ଗ କରିବାକୁ ଚାହୁଁଥିଲେ । ଅସୁରମାନଙ୍କ ବିନାଶ ପାଇଁ ଭଗବାନ ବିଷ୍ଣୁ ଶ୍ରୀରାମ ଅବତାରରେ ଅବତରିଲେ । ଶ୍ରୀରାମଙ୍କ ଜନ୍ମୋତ୍ସବର ଉତ୍ସାହ ପୂରା ଭାରତରେ ଦେଖିବାକୁ ମିଳିଥାଏ । ରାମନବମୀ ଦିନ ଶ୍ରୀରାମଙ୍କ ବିଶେଷ ପୂଜାର୍ଚ୍ଚନା କରାଯାଏ । ବିଶେଷକରି ଏହି ଅବସରରେ ଶ୍ରୀରାମଙ୍କ ଉପାସନା ତଥା ବ୍ରତ ରଖିବା ଦ୍ୱାରା ଜୀବନରେ ସୁଖସମୃଦ୍ଧି ପ୍ରାପ୍ତ ହୁଏ । ଶ୍ରୀରାମଙ୍କ ସମେତ ଦେବୀ ସୀତା, ଲକ୍ଷ୍ମଣ ଏବଂ ହନୁମାନଙ୍କ ପୂଜା କରାଯାଏ । ଏହିଦିନ ରାମଚରିତ, ରାମ ସ୍ତୋତ୍ର, ରାମାୟଣ ପାଠ କରିବାକୁ ଶୁଭ ବୋଲି ବିବେଚନା କରାଯାଏ । ସେହିପରି ପବିତ୍ର ରାମନବମୀରେ ଶ୍ରୀମନ୍ଦିରରେ ଶ୍ରୀରାମଙ୍କ ଜନ୍ମନୀତି ଅନୁଷ୍ଠିତ ହୋଇଥାଏ । ଏହି ଅବସରରେ ରାମଜନ୍ମଭୂମି ଅଯୋଧ୍ୟାକୁ ସ୍ୱତନ୍ତ୍ର ଭାବେ ସଜାଯାଏ ।





# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

## ଆଇପିଏଲ୍ ଖେଳିଲେ କାର୍ଯ୍ୟାନୁଷ୍ଠାନ: ନକ୍‌ଭୀ

ଲାହୋର,୨୨।୩(ଏଜେନ୍ସି): ପାକିସ୍ତାନ ସୁପର ଲିଗ୍‌ରେ ଖେଳିବାକୁ ଚୁକ୍ତିବଦ୍ଧ ଖେଳାଳି ଏହାକୁ ଛାଡ଼ି ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଖେଳିଲେ ଆଇନ ଅନୁଯାୟୀ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ ସଭାପତି ମୋହସିନ ନକ୍‌ଭୀ କହିଛନ୍ତି। ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଖାଲି ଷ୍ଟାଡିୟମ୍‌ରେ ପିଏସ୍‌ଏଲ୍-୨୦୨୬ ଖେଳାଯିବ। ଏଣୁ ଯେଉଁମାନେ ପିଏସ୍‌ଏଲ୍ ଛାଡି ଆଇପିଏଲ୍‌କୁ ଯାଇଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନକ୍‌ଭୀ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ସିଜନରେ ଜିମ୍ବାୱେର ବ୍ଲେସିଂ ମୁଜାରବାନି ଓ ଶ୍ରୀଲଙ୍କାର ଦାସୁନ ଶାନକା ପିଏସ୍‌ଏଲ୍ ଛାଡି ଆଇପିଏଲ୍ ଟିମ୍ କେକେଆର୍ ଓ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳିବାକୁ ଯାଉଛନ୍ତି। ଯୁଦ୍ଧସ୍ଥିତି ଯୋଗୁଁ ୱେଷ୍ଟଇଣ୍ଡିଜ୍‌ର ଗୁଡକେଶ ମୋତି, ଅଷ୍ଟ୍ରେଲିଆର ଜେକ୍ ଫ୍ରେଜର ମ୍ୟାକ୍‌ଗୁର୍କ୍, ସ୍ପେନସର ଜନସନ, ଦକ୍ଷିଣ ଆଫ୍ରିକାର ଓଟ୍‌ନେଲି ବାର୍ଟମ୍ୟାନ୍ ପିଏସ୍‌ଏଲ୍‌ର ଚଳିତ ସଂସ୍କରଣରୁ ଓହରିଯାଇଛି। ବାଂଲାଦେଶ ଖେଳାଳିଙ୍କୁ ଏଯାଏ ଏନ୍‌ଓସି ଦିଆଯାଇ ନାହିଁ। ପଶ୍ଚିମ ଏସିଆରେ ଯୁଦ୍ଧସ୍ଥିତି ଯୋଗୁଁ ପାକିସ୍ତାନରେ ତୈଳ ସଂକଟ ସୃଷ୍ଟି ହୋଇଛି। ଏଣୁ ଏଥରର ପିଏସ୍‌ଏଲ୍ କେବଳ ୨ଟି ଷ୍ଟାଡିୟମ୍‌ରେ ବିନା ଦର୍ଶକରେ ଖେଳାଯିବାକୁ ନିଷ୍ପତ୍ତି ହୋଇଛି। ନକ୍‌ଭୀ ଆହୁରି କହିଛନ୍ତି ଆଇପିଏଲ୍‌ରେ ସ୍ଥାନ ପାଇବା ପରେ ପିଏସ୍‌ଏଲ୍ ଛାଡ଼ିବା ବେଆଇନ୍। ଯଦି କୌଣସି ଖେଳାଳି ନ ଖେଳିବାକୁ ଚାହିଁବେ, ସେମାନେ ସେମାନଙ୍କ ଫ୍ରାଞ୍ଚାଇଜ୍‌ଠାରୁ ଅନୁମତି ନେଇ ନ ଆସିଲେ ଆମର କିଛି କରିବାର ନାହିଁ। ତେବେ ଆଜିଠାରୁ ବିଦେଶୀ ଖେଳାଳିମାନେ ପାକିସ୍ତାନ ଆସିବା ଆରମ୍ଭ କରିବେ। ମାର୍ଚ୍ଚ ୨୬ରେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପରେ ଆଉ କେଉଁ ବିଦେଶୀ ଖେଳାଳି ଆସିବେ ନାହିଁ ତାହା ଜଣାପଡ଼ିବ। ଗତବର୍ଷ ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର କର୍ବିନ ବୋଷ୍ଟ ପିଏସ୍‌ଏଲ୍ ଛାଡି ଆଇପିଏଲ୍‌ରେ ଖେଳିଥିଲେ। ତାଙ୍କୁ ପିଏସ୍‌ଏଲ୍‌ରୁ ଗୋଟିଏ ବର୍ଷ ବାସନ୍ଦ କରାଯାଇଛି। ଯାହା ଫଳରେ ଚଳିତବର୍ଷ ତାଙ୍କ ନାମକୁ ପଞ୍ଜିକରଣ କରାଯାଇ ନ ଥିଲା।

## ମହିଳା ଦଳର ସିରିଜ୍ ବିଜୟ



ୱେଲିଂଟନ,୨୨।୩(ଏଜେନ୍ସି): ଏଠାରେ ଆଜି ଅନୁଷ୍ଠିତ ମହିଳା ବିଭାଗ ଚତୁର୍ଥ ଟି-୨୦ରେ ନ୍ୟୁଜିଲାଣ୍ଡ ୬ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଗୋଟିଏ ମ୍ୟାଚ୍ ବାକିଥାଇ ନ୍ୟୁଜିଲାଣ୍ଡ ୩-୧ ବ୍ୟବଧାନରେ ଆଗୁଆ ସିରିଜ୍ କବ୍‌ଜା କରିଛି। ସିରିଜ୍‌ର ୫ମ ତଥା ଶେଷ ମ୍ୟାଚ୍ ବୁଧବାର ଖେଳାଯିବ। ଏହି ମ୍ୟାଚ୍‌ରେ ୩ଟି ୱିକେଟ ନେବା ସହ ୩୧ ରନ୍ କରିଥିବା ନ୍ୟୁଜିଲାଣ୍ଡର ଜେସ୍ କେର୍‌ଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୬ ୱିକେଟରେ ୧୫୯ ରନ୍ କରିଥିଲା। ଜବାବରେ ସୋଫି ଡିଭାଇନ୍‌ଙ୍କ ୬୪ରନ୍ ସହାୟତାରେ ନ୍ୟୁଜିଲାଣ୍ଡ ୧୮.୩ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା।

■ ଇଷ୍ଟରହୁଇଜେନ୍‌ଙ୍କ ଅର୍ଦ୍ଧଶତକ

## ସିରିଜ୍ ବରାବର କଲା ଦ.ଆଫ୍ରିକା

ୱେଲିଂଟନ,୨୨।୩(ଏଜେନ୍ସି): ୱିକେଟରକ୍ଷକ ଓପନର କନ୍ନର ଇଷ୍ଟରହୁଇଜେନ୍‌ଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଖେଳାଯାଇଥିବା ଚତୁର୍ଥ ଟି-୨୦ରେ ଦକ୍ଷିଣ ଆଫ୍ରିକା ୧୯ ରନ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହା ଫଳରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୨-୨ରେ ସମାନସ୍ତରରେ ରହିଛି। ସିରିଜ୍‌ର ୫ମ ତଥା ଚୂଡାନ୍ତ ମୁକାବିଲା ବୁଧବାର ମାର୍ଚ୍ଚ ୨୫ ତାରିଖରେ ଖେଳାଯିବ। ଏହି ମ୍ୟାଚ୍‌ରେ ଇଷ୍ଟରହୁଇଜେନ୍ ୩୬ ବଲ୍‌ରେ ୭ଚୌକା ଓ ୩ଛକା ସହ ୫୭ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୫ ୱିକେଟରେ ୧୬୪ ରନ୍ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ରୁବିନ୍ ହରମାନ ୨୮, ଟୋନି ଡି ଜୋର୍ଜି ୨୩ ରନ୍ କରିଥିଲେ। ଜବାବରେ ନ୍ୟୁଜିଲାଣ୍ଡ ପ୍ରତିପକ୍ଷ ବୋଲରଙ୍କୁ ଉଚିତ ମୁକାବିଲା କରି ନ ପାରି ୧୮.୫ ଓଭରରେ ୧୪୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଟିମ୍ ରବିନସନଙ୍କ ୩୨ ଓ ଡେନ୍ କ୍ଲିଭରଙ୍କ ୨୬ରନ୍‌କୁ ବାଦ୍‌ଦେଲେ ଅନ୍ୟ କେହି ଭଲ ସ୍କୋର କରିପାରି ନ ଥିଲେ। ବିଜୟୀ ଦଳ ପକ୍ଷରୁ ଗେରାଲ୍ଡ କୋଏଜୀ ୩ଟି, ଓଟ୍‌ନେଲ ବାର୍ଟମାନ, ପ୍ରେନଲାନ୍ ସୁବ୍ରାଏନ୍ ଓ କେଶବ ମହାରାଜ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

## ଆଇପିଏଲ୍-୨୦୨୬ ପରେ ଭାରତର ଖେଳ ସୂଚୀ

# ଗୋଟିଏ ଟେଷ୍ଟ, ୬ଟି ଦିନକିଆ, ୭ ଟି-୨୦



ନୂଆଦିଲ୍ଲୀ,୨୨।୩(ଏଜେନ୍ସି)

ଚଳିତବର୍ଷ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହେବା ପରେ ଭାରତ ପ୍ରଥମଥର ଲାଗି ଆୟର୍ଲାଣ୍ଡ ସହ ଟି-୨୦ ସିରିଜ୍ ଖେଳିବ। ୨ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍ ବେଲ୍‌ଫାଷ୍ଟରେ ଜୁନ୍ ୨୬ ଓ ୨୮ ତାରିଖରେ ଖେଳାଯିବ। ଏହା ପୂର୍ବରୁ ଗତ ୮ ବର୍ଷରେ ଭାରତ ୩ଥର ଯଥା ୨୦୧୮, ୨୦୨୨ ଓ ୨୦୨୩ରେ ଆୟର୍ଲାଣ୍ଡ ଗସ୍ତରେ ଯାଇଛି। ଇଣ୍ଡିଆନ୍ ପ୍ରିମିୟର ଲିଗ୍ ମାର୍ଚ୍ଚ ୨୮ରୁ ଆରମ୍ଭ ହୋଇ ମେ' ୩୧ରେ ଶେଷ ହେବ। ଏହା ପରେ ୨୦୨୬ ଟି-୨୦ ବିଶ୍ୱଚାମ୍ପିଅନ ଦଳ ପ୍ରଥମଥର ଲାଗି ଆଫଗାନିସ୍ତାନ ସହ ଘରୋଇ ମାଟିରେ ଖେଳିବାର କାର୍ଯ୍ୟକ୍ରମ ରହିଛି। ଆୟର୍ଲାଣ୍ଡ ଟୁର୍ ପରେ ଇଂଲଣ୍ଡ ଗସ୍ତରେ ଯାଇ ଭାରତ ୮ଟି ସୀମିତ ଓଭର ମ୍ୟାଚ୍ ଖେଳିବ। ଏହା ମଧ୍ୟରୁ ପ୍ରଥମେ ୫ଟି ଟି-୨୦ ମ୍ୟାଚ୍ ଖେଳାଯିବ। ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଚେଷ୍ଟର-ଲୀ-ଷ୍ଟ୍ରିଟ୍‌ରେ ଜୁଲାଇ ୧ରେ, ଦ୍ୱିତୀୟ ମ୍ୟାଚ୍ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୪, ତୃତୀୟ ମ୍ୟାଚ୍ ନଟିଂହାମ୍‌ର ଟ୍ରେଣ୍ଟବ୍ରିଜ୍‌ରେ ଜୁଲାଇ ୭ରେ, ଚତୁର୍ଥ ମ୍ୟାଚ୍ ବ୍ରିଷ୍ଟଲରେ ଜୁଲାଇ ୯ ଓ ପଞ୍ଚମ ତଥା ଶେଷ ଟି-୨୦ ମ୍ୟାଚ୍ ରୋଜ୍‌ବାଉଲରେ ଜୁଲାଇ ୧୧ରେ ଖେଳିବ। ଏହା ପରେ ୩ ମ୍ୟାଚ୍ ବିଶିଷ୍ଟ ଦିନକିଆ ସିରିଜ୍ ଉଭୟ ଦେଶ ମଧ୍ୟରେ ଖେଳାଯିବ। ସିରିଜ୍‌ର ପ୍ରଥମ ମ୍ୟାଚ୍ ଏଜ୍‌ବାଷ୍ଟନରେ ଜୁଲାଇ ୧୪, ଦ୍ୱିତୀୟ ମ୍ୟାଚ୍ କାର୍ଡିଫ୍‌ରେ ଜୁଲାଇ ୧୬ ଓ ତୃତୀୟ ତଥା ଶେଷ ଦିନକିଆ ମ୍ୟାଚ୍ ଲର୍ଡ୍ସରେ ଜୁଲାଇ ୧୯ରେ ଖେଳାଯିବ। ଏହି ସିରିଜ୍ ପୂର୍ବରୁ ବା ଆଇପିଏଲ୍ ଶେଷ ହେବା ପରେ ଘରୋଇ ମାଟିରେ ଟିମ୍ ଇଣ୍ଡିଆ ଆଫଗାନିସ୍ତାନ ସହ ଗୋଟିଏ ଟେଷ୍ଟ ଓ ୩ଟି ଦିନକିଆ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଟେଷ୍ଟ ମ୍ୟାଚ୍‌ଟି ଜୁନ୍ ୬ରୁ ୧୦ ଯାଏ ମୋହାଲି ନିକଟସ୍ଥ ମୁଲାନପୁରରେ ଖେଳାଯିବ। ସେହିପରି ୩ଟି ଦିନକିଆ ମ୍ୟାଚ୍ ମଧ୍ୟରୁ ଧର୍ମଶାଳାରେ ପ୍ରଥମ ଦିନକିଆ ଜୁନ୍ ୧୪ରେ, ଲକ୍ଷ୍ନୌରେ ଦ୍ୱିତୀୟ ଦିନକିଆ ଜୁନ୍ ୧୭ରେ ଓ ଚେନ୍ନଇରେ ତୃତୀୟ ଦିନକିଆ ମ୍ୟାଚ୍ ଜୁନ୍ ୨୦ରେ ଖେଳିବ।

### ଭାରତ ଲାଗି ଆୟର୍ଲାଣ୍ଡ ଟୁର ସ୍ଥଗିତ କଲା ବାଂଲାଦେଶ

ଢାକା : ପୂର୍ବଘୋଷିତ କାର୍ଯ୍ୟକ୍ରମ ଅନୁଯାଯୀ ଆସନ୍ତା ସେପ୍ଟେମ୍ବରରେ ଆୟର୍ଲାଣ୍ଡ ଗସ୍ତରେ ବାଂଲାଦେଶ ଯିବାର ଥିଲା। କିନ୍ତୁ ପରିବର୍ତ୍ତିତ ରାଜନୈତିକ ପରିସ୍ଥିତି ଅନୁଯାୟୀ ଏହି ସମୟରେ ବାଂଲାଦେଶ ସହ ଏକ ସୀମିତ ଓଭର କ୍ରିକେଟ ସିରିଜ୍ ଖେଳିବାକୁ ଭାରତ ଆସିବ। ଯାହା ଫଳରେ ଆୟର୍ଲାଣ୍ଡ ସହ ପରେ ସୁବିଧା ଦେଖି ଏହି ସିରିଜ୍ ଖେଳାଯିବ। ୨୦୨୫ରେ ଭାରତ ଏକ ସୀମିତ ଓଭର ସିରିଜ୍ ଖେଳିବାକୁ ବାଂଲାଦେଶ ଯାଇଥାନ୍ତା। କିନ୍ତୁ ମୁସ୍ତାଫିଜୁର ରହେମାନଙ୍କୁ ନେଇ ବିବାଦ ସୃଷ୍ଟି ହେବା ପରେ ଭାରତ ଏହି ସିରିଜ୍ ଖେଳିବାକୁ ଯାଇ ନ ଥିଲା। ଏବେ କିନ୍ତୁ ବାଂଲାଦେଶ ତାହାର ବାର୍ଷିକ କ୍ୟାଲେଣ୍ଡରରେ ଭାରତ ସହ ଏହି ସିରିଜ୍ ଖେଳିବାକୁ ତାରିଖ ଧାର୍ଯ୍ୟ କରିଛି। ଏହାର ଅର୍ଥ ବାଂଲାଦେଶ ଯିବାକୁ ଭାରତ ରାଜି ହୋଇଛି। ଏହି ସୀମିତ ଓଭର ସିରିଜ୍‌ରେ ୩ଟି ଲେଖାଏଁ ଟି-୨୦ ଓ ଦିନକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମେ ଦିନକିଆ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଗୁଡିକ ସେପ୍ଟେମ୍ବର ୧, ୩ ଓ ୫ରେ ଏବଂ ପରେ ଟି-୨୦ ସିରିଜ୍‌ର ମ୍ୟାଚ୍ ଗୁଡ଼ିକ ସେପ୍ଟେମ୍ବର ୯, ୧୨ ଓ ୧୩ରେ ଖେଳାଯିବାକୁ କାର୍ଯ୍ୟକ୍ରମ ସ୍ଥିର ହୋଇଛି।

### ଭାରତର ଖେଳସୂଚୀ

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| **୧-ଆଫଗାନିସ୍ତାନ (୧ ଟେଷ୍ଟ, ୩ ଦିନକିଆ)** | | |
| ଜୁନ୍ ୬-୧୦ | ଟେଷ୍ଟ | ମୁଲାନପୁର |
| ଜୁନ୍ ୧୪ | ପ୍ରଥମ ଦିନକିଆ | ଧର୍ମଶାଳା |
| ଜୁନ୍ ୧୭ | ଦ୍ୱିତୀୟ ଦିନକିଆ | ଲକ୍ଷ୍ନୌ |
| ଜୁନ୍ ୨୦ | ତୃତୀୟ ଦିନକିଆ | ଚେନ୍ନଇ |
| **୨-ଆୟର୍ଲାଣ୍ଡ (୨ଟି ଟି-୨୦)** | | |
| ତାରିଖ | ଫର୍ମାଟ | ଭେନ୍ୟୁ |
| ଜୁନ୍ ୨୬ | ପ୍ରଥମ ଟି-୨୦ | ବେଲ୍‌ଫାଷ୍ଟ |
| ଜୁନ୍ ୨୮ | ଦ୍ୱିତୀୟ ଟି-୨୦ | ବେଲଫାଷ୍ଟ |
| **୩-ଇଂଲଣ୍ଡ (୫ ଟି-୨୦, ୩ ଦିନକିଆ)** | | |
| ତାରିଖ | ଫର୍ମାଟ | ଭେନ୍ୟୁ |
| ଜୁଲାଇ ୧ | ପ୍ରଥମ ଟି-୨୦ | ଚେଷ୍ଟର-ଲୀ-ଷ୍ଟ୍ରୀଟ |
| ଜୁଲାଇ ୪ | ଦ୍ୱିତୀୟ ଟି-୨୦ | ଓଲ୍ଡ ଟ୍ରାଫୋର୍ଡ |
| ଜୁଲାଇ ୭ | ତୃତୀୟ ଟି-୨୦ | ଟ୍ରେଣ୍ଟବ୍ରିଜ୍ |
| ଜୁଲାଇ ୯ | ଚତୁର୍ଥ ଟି-୨୦ | ବ୍ରିଷ୍ଟଲ |
| ଜୁଲାଇ ୧୧ | ପଞ୍ଚମ ଟି-୨୦ | ରୋଜ୍‌ବାଉଲ |
| ଜୁଲାଇ ୧୪ | ପ୍ରଥମ ଦିନକିଆ | ଏଜ୍‌ବାଷ୍ଟନ |
| ଜୁଲାଇ ୧୬ | ଦ୍ୱିତୀୟ ଦିନକିଆ | କାର୍ଡିଫ୍ |
| ଜୁଲାଇ ୧୯ | ତୃତୀୟ ଦିନକିଆ | ଲର୍ଡ୍ସ |

## ଆକାଶଦୀପ୍‌ଙ୍କ ସ୍ଥାନରେ ସୌରଭ ଦୁବେ

କୋଲକାତା,୨୨।୩(ଏଜେନ୍ସି): ଆହତ ଫାଷ୍ଟ ବୋଲର ଆକାଶଦୀପ୍‌ଙ୍କ ସ୍ଥାନରେ ବିଦର୍ଭର ସୌରଭ ଦୁବେଙ୍କୁ କେକେଆର୍ ଦଳରେ ସାମିଲ କରିଛି। ଆକାଶଦୀପ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ବିଦର୍ଭର ୨୮ ବର୍ଷୀୟ ବାମହାତୀ ମିଡିୟମ୍ ପେସର ସୌରଭ ପୂର୍ବରୁ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଦଳରେ ସାମିଲ ହୋଇଥିଲେ, କିନ୍ତୁ ଏଯାଏ ଆଇପିଏଲ୍‌ରେ ଡେବ୍ୟୁ କରିନାହାନ୍ତି। ସେ ପୂର୍ବରୁ ଏସିସି ଇମର୍ଜିଂ ଟିମ୍‌ରେ ଏସିଆ କପ୍ ଲାଗି ସାମିଲ ହୋଇଥିଲେ। ସୌରଭଙ୍କ ବେସ୍ ପ୍ରାଇସ ଥିଲା ୩୦ ଲକ୍ଷ ଟଙ୍କା। ଏହି ମୂଲ୍ୟରେ ତାଙ୍କୁ କେକେଆର୍ ଟିମ୍‌ରେ ସାମିଲ କରିଛି। ହର୍ଷିତ ରାଣାଙ୍କ ସ୍ଥାନରେ ଏଯାଏ କାହାରିକୁ ସାମିଲ କରାଯାଇନାହିଁ। ଉଭୟ ହର୍ଷିତ ଓ ଆକାଶଦୀପ ଚଳିତ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି।

## ସାମ୍‌ଙ୍କ ସ୍ଥାନରେ ଶାନକା

ଜୟପୁର,୨୨।୩(ଏଜେନ୍ସି): ଆଘାତ ଜନିତ କାରଣରୁ ଚଳିତ ଆଇପିଏଲ୍‌ରୁ ବାଦ୍ ପଡ଼ିଥିବା ଅଲରାଉଣ୍ଡର ଇଂଲଣ୍ଡର ସାମ୍ କରାନଙ୍କ ସ୍ଥାନରେ ଶ୍ରୀଲଙ୍କା ଅଲରାଉଣ୍ଡର ଦାସୁନ ଶାନକାଙ୍କୁ ରାଜସ୍ଥାନ ରୟାଲ୍ସ ଦଳରେ ସାମିଲ ହେବାର ରାସ୍ତା ପରିଷ୍କାର କରିନେଇଛି। ଏହା ଫଳରେ ଶାନକା ଦ୍ୱିତୀୟ ଖେଳାଳିଭାବେ ପିଏସ୍‌ଏଲ ଛାଡି ଆଇପିଏଲ୍‌ରେ ଯୋଗଦେବାକୁ ଯାଉଛନ୍ତି। ପୂର୍ବରୁ ଜିମ୍ବାୱେର ଫାଷ୍ଟ ବୋଲର ବ୍ଲେସିଂ ମୁଜାରବାନି ପିଏସ୍‌ଏଲ ଖେଳିବାକୁ ଚୁକ୍ତିକରି ମଧ୍ୟ କେକେଆର୍ ପକ୍ଷରୁ ଖେଳିବାକୁ ଆସିଥିଲେ। ଶାନକାଙ୍କୁ ୭୫ ଲକ୍ଷ ଟଙ୍କାରେ ଲାହୋର କିଣିଥିଲା। ଏବେ ଆଇପିଏଲ୍‌ରେ ତାଙ୍କ ବେସ୍ ପ୍ରାଇସ ୨ କୋଟି ଟଙ୍କାରେ ସେ ଖେଳିବାକୁ ଯାଉଛନ୍ତି।

## ଘରୋଇ ମାଟିରେ ଅଷ୍ଟ୍ରେଲିଆ ଖେଳିବ ୨୭ଟି ଅନ୍ତର୍ଜାତୀୟ ମ୍ୟାଚ୍

ମେଲବୋର୍ଣ୍ଣ,୨୨।୩(ଏଜେନ୍ସି): ଚଳିତ ସିଜନ ଲାଗି ଅଷ୍ଟ୍ରେଲିଆ କ୍ରିକେଟ ଦଳର ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ଏହା ମଧ୍ୟରେ ଘରୋଇ ମାଟିରେ ଅଷ୍ଟ୍ରେଲିଆର ପୁରୁଷ ଓ ମହିଳା ଦଳ ୨୭ଟି ଅନ୍ତର୍ଜାତୀୟ ମ୍ୟାଚ୍ ୧୪ଟି ଭେନ୍ୟୁରେ ଖେଳିବ। ପ୍ରଥମଥର ଲାଗି ଉଭୟ ଦେଶ ମଧ୍ୟରେ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳାଯିବ। ଏହି ସିରିଜ୍ ଡିସେମ୍ବର ପ୍ରଥମ ସପ୍ତାହରୁ ଆରମ୍ଭ ହୋଇ ଜାନୁଆରୀ ପ୍ରଥମ ସପ୍ତାହରେ ଶେଷ ହେବ। ବାଂଲା ଗସ୍ତରୁ ଘରୋଇ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ମହିଳା ଦଳ ୩ଟି ଦିନକିଆ ଓ ୩ଟି ଟି-୨୦ ବ୍ରିସ୍‌ବେନ୍ ଓ ସିଡନୀରେ ଖେଳିବ। ଏହା ପରେ ପୁରୁଷ ଦଳ ଇଂଲଣ୍ଡ ସହ ୩ଟି ଦିନକିଆ ଓ ୫ଟି ଟି-୨୦ ଖେଳିବ। ଏହା ପରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଐତିହାସିକ ଟେଷ୍ଟ ସିରିଜ୍ ଖେଳାଯିବ। ଏହା ପରେ ମାର୍ଚ୍ଚ ୧୧ରୁ ୧୫ ମଧ୍ୟରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ୧୫୦ତମ ଟେଷ୍ଟ ମେଲବୋର୍ଣ୍ଣରେ ଖେଳାଯିବ।

## ବୃହତ୍ ବିଜୟ ସହ କ୍ୱାର୍ଟରରେ ଏଲ୍‌ଏଲ୍‌ସିସି




ଭୁବନେଶ୍ୱର,୨୨।୩(ସମିସ): ଆର୍ଯ୍ୟ ପାଟଶାଣୀଙ୍କ ଅଲରାଉଣ୍ଡ ସଫଳତା ଓ ସୁନିଲ ନାୟକଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଆୟୋଜକ ଏଲ୍‌ଏଲ୍‌ସିସି ୧୫୫ ରନ୍‌ର ବୃହତ୍ ବ୍ୟବଧାନରେ ଜାଗୃତି ସ୍ପୋର୍ଟିଂକୁ ପରାସ୍ତ କରି ଏଲ୍‌ଏଲ୍‌ସିସି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଏଲ୍‌ଏଲ୍‌ସିସି ନିର୍ଦ୍ଧାରିତ ୩୫ ଓଭରରେ ୮ ୱିକେଟ ହରାଇ ୨୬୦ ରନ୍ କରିଥିଲା। ଆର୍ଯ୍ୟ ୬୮ ଓ ସୁନିଲ ୫୨ ରନ୍ କରିଥିଲେ। ଜବାବରେ ଜାଗୃତି ସ୍ପୋର୍ଟିଂ ୨୨.୧ ଓଭରରେ ମାତ୍ର ୧୦୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଆରୁଶ ଦାସଙ୍କ ୨୫ ରନ୍‌କୁ ବାଦ୍ ଦେଲେ ଅନ୍ୟ କେହି ସଫଳ ହୋଇ ନ ଥିଲେ। ବିଜୟୀ ଏଲ୍‌ଏଲ୍‌ସିସି ପକ୍ଷରୁ ଜୟଦୀପ ରାଜ ୩୧ ରନ୍‌ରେ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋହିତ ପଙ୍କଜ ସାହୁ ଓ ପ୍ରତୀକ ସାମନ୍ତରାୟ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

## ଥୋମାସ୍ ଓ ଉବର କପ୍ ଏପ୍ରିଲ ୨୪ରୁ

ନୂଆଦିଲ୍ଲୀ,୨୨।୩(ଏଜେନ୍ସି): ଦଳଗତ ବ୍ୟାଡମିଣ୍ଟନରେ ଖେଳାଯାଉଥିବା ପୁରୁଷ ବିଭାଗରେ ଥୋମାସ କପ୍ ଓ ମହିଳା ବିଭାଗରେ ଉବର କପ୍ ଏଥର ଡେନ୍‌ମାର୍କର ହର୍ସେନ୍ସରେ ଏପ୍ରିଲ ୨୪ରୁ ମେ ୩ ତାରିଖଯାଏ ଖେଳାଯିବ। ଏହି ପ୍ରତିଯୋଗିତାର ଉଭୟ ବିଭାଗରେ ଭାରତ କଷ୍ଟସାଧ୍ୟ ଗ୍ରୁପ୍‌ରେ ସ୍ଥାନ ପାଇଛି। ଏଥର ଭାରତକୁ କ୍ୱାର୍ଟରଫାଇନାଲରେ ପ୍ରବେଶ କରିବା କଷ୍ଟକର ବୋଲି ଗ୍ରୁପ୍ ଘୋଷଣା ହେବା ପରେ ଜଣାଯାଇଛି। ପୁରୁଷ ବିଭାଗ ଥୋମାସ କପ୍‌ରେ ଭାରତୀୟ ପୁରୁଷ ଦଳ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଶକ୍ତିଶାଳୀ ଚୀନ୍, କାନାଡା ଓ ଅଷ୍ଟ୍ରେଲିଆ ସ୍ଥାନ ପାଇଛି। ଗତଥର ଏହି ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ଚୀନ୍‌ଠାରୁ ହାରିଥିଲା ଭାରତ। ସେହିପରି ମହିଳା ବିଭାଗର ଉବର କପ୍‌ରେ ଭାରତ ମଧ୍ୟ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା ଅନ୍ୟ ଦେଶଗୁଡିକ ହେଲେ ଚୀନ୍, ଡେନ୍‌ମାର୍କ ଓ ୟୁକ୍ରେନ୍। ଗତଥର ଜାପାନଠାରୁ ପରାଜିତ ହେବା ପରେ ଭାରତୀୟ ମହିଳା ଦଳ ମଧ୍ୟ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଥିଲା।

ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫୁଟ୍‌ବଲ

## ଭୁବନେଶ୍ୱର ୟୁନିଟ୍ ୬ ଚାମ୍ପିଅନ

ଭୁବନେଶ୍ୱର, ୨୨।୩ (ସମିସ): ଭୁବନେଶ୍ୱରର ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏସନ ୧-୦ ଗୋଲରେ ଅନୁଗୋଳର ପତାକା କ୍ଲବ୍‌କୁ ପରାସ୍ତ କରି ପ୍ରଥମ ଡ. ଦେବେନ୍ଦ୍ର ପ୍ରଧାନ ନିଖିଳ ଓଡ଼ିଶା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଭୁବନେଶ୍ୱର ଫୁଟବଲ ଏକାଡେମୀ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଏଥିରେ ଖେଳର ୯ମ ମିନିଟ୍‌ରେ ୟୁନିଟ୍-୬ର ଚନ୍ଦ୍ରମୋହନ ମୁଦୁଲି ଗୋଲ ସ୍କୋର କରିଥିଲେ। ପରାଜିତ ଅଷ୍ଟକୀଳା କ୍ଲବ୍‌ରୁ ସମୀର ମାଝୀଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଖେଳ ଶେଷରେ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବାବୁ ସିଂ, ବିଧାୟକ ଅଶୋକ ମହାନ୍ତି, ପୂର୍ବତନ ବିଧାୟକ ସୁରେଶ ରାଉତରାୟ ଓ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି, ସମ୍ପାଦକ ଅଭିଜିତ୍ ପାଲ, ଓଡ଼ିଶା କ୍ରିକେଟ ସଂଘ ସଭାପତି ପଙ୍କଜଲୋଚନ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିଅନ ଦଳକୁ ୨ଲକ୍ଷ ଟଙ୍କା ଓ ଟ୍ରଫି, ରନର୍ସଅପ୍ ଦଳକୁ ୧ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଛି।

ପ୍ରଶାନ୍ତ- ଶୁଭାଶିଷ ସ୍ମାରକୀ କ୍ରିକେଟ

## ଆୟୋଜକ ମୁକ୍ତେଶ୍ୱର ଜିତିଲା ଟାଇଟଲ୍




ଭୁବନେଶ୍ୱର,୨୨।୩(ସମିସ)

ସ୍ଥାନୀୟ ବିଜେବି କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆୟୋଜକ ମୁକ୍ତେଶ୍ୱର କ୍ରିକେଟ କ୍ଲବ (ଏମ୍‌ସିସି) ଚାମ୍ପିଅନ ହୋଇଛି। ରବିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ମୁକ୍ତେଶ୍ୱର ୧୩ ରନରେ ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରି ଟାଇଟଲ ଜିତିଛି। ଟସ୍ ଜିତି ମୁକ୍ତେଶ୍ୱର ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୪ ୱିକେଟ ହରାଇ ୨୭୪ ରନ ସଂଗ୍ରହ କରିଥିଲା। ଜବାବରେ ପ୍ରଗତି ୯ ୱିକେଟ ହରାଇ ୧୬୧ରେ ସୀମିତ ରହିବା ସହ ବିଜୟଠାରୁ ୧୪ ରନ ଦୂରରେ ରହିଯାଇଥିଲା। ପ୍ରଗତି ପକ୍ଷରୁ ଅଧିନାୟକ ରଘୁନାଥ ମଲ୍ଲ ୯୬, ଆୟୁଷ ବାରିକ ୮୪ ରନ ସଂଗ୍ରହ କରିଥିବା ବେଳେ ମୁକ୍ତେଶ୍ୱର ତରଫରୁ ଆଶୁତୋଷ ମାର୍ଣ୍ଡି ସର୍ବାଧିକ ୫, ଶ୍ରୀରାଜ ପଟ୍ଟନାୟକ ୩ ୱିକେଟ ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ମୁକ୍ତେଶ୍ୱର ତରଫରୁ ଅର୍ଶଦା କିଶୋର ସର୍ବାଧିକ ୧୦୨ ରନର ଅପରାଜିତ ଶତକୀୟ ପାଳି ଖେଳିଥିଲେ। ସେହିପରି ଅଭିନବ ନନ୍ଦ ୪୬ ରନକରି ଅପରାଜିତ ଥିଲେ। ବୋଲିଂରେ ପ୍ରଗତି ପାଇଁ ଶାନ୍ତନୁ ମିଶ୍ର ୨ ୱିକେଟ ଅକ୍ତିଆର କରିଥିଲେ। ମୁକ୍ତେଶ୍ୱରର ଅର୍ଶଦା କିଶୋର ମ୍ୟାନ ଅଫ ଦି ଫାଇନାଲ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ୱିକେଟକିପର, ଅନୁରାଗ ଷଡ଼ଙ୍ଗୀ ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଓ ଶ୍ରେଷ୍ଠ ବ୍ୟାଟର, ଚନ୍ଦ୍ରଂଶୁ ଭାଘେଲ ଶ୍ରେଷ୍ଠ ଫିଲ୍ଡର, ଦୀନେଶ ମାଝୀ ଶ୍ରେଷ୍ଠ ଉଦୀୟମାନ ଖେଳାଳି ଓ ପ୍ରଗତିର ମିଳନ ସାମଲ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ୧୦ ଟି ଦଳ ଅଂଶଗ୍ରହଣ କରିଥିଲେ। ପୂର୍ବତନ ଟେଷ୍ଟ ଖେଳାଳି ତଥା ଜାତୀୟ ଚୟନକର୍ତ୍ତା ଶିବ ସୁନ୍ଦର ଦାସ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ।

ଚାମ୍ପିଅନ ମୁକ୍ତେଶ୍ୱର ଦଳକୁ ଏକ ଲକ୍ଷ ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ପ୍ରଗତିକୁ ଟ୍ରଫି ସହ ୬୦,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦେଇଥିବା ସମ୍ମାନିତ ଅତିଥିମାନେ ହେଲେ, ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଖିମ୍‌ଜୀ ଜୁଏଲର୍ସ ପ୍ରବନ୍ଧ ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ ଓ ପରାମାଉଣ୍ଟ ସ୍ପୋର୍ଟିଂ ସଭାପତି ପ୍ରତାପ ଜେନା।



ପୁରୀରେ ଅନୁଷ୍ଠିତ ଫିଟ୍ ଇଣ୍ଡିଆ ମହୋତ୍ସବରେ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ସମ୍ବର୍ଦ୍ଧିତ

## ନଟବର ଦାସଙ୍କୁ ରାଜ୍ୟସ୍ତରୀୟ ଚେସ୍ ଟାଇଟଲ



ଭୁବନେଶ୍ୱର,୨୨।୩(ସମିସ): ଭୁବନେଶ୍ୱରର ନଟବର ଦାସ ଦ୍ୱିତୀୟ ଲକ୍ଷ୍ମୀଧର ଶତପଥି ଚେସ୍ ଟାଇଟଲ ବିଜୟୀ ହୋଇଛନ୍ତି। ବଡଗଡ଼ ଗୁରୁକୂଳ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ଏହି ୫ ରାଉଣ୍ଡ ବିଶିଷ୍ଟ ଦିନକିଆ ଟୁର୍ଣ୍ଣାମେଣ୍ଟରେ ନଟବର ୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ ୫ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ବୁକୋଲ୍‌ଜରେ କଟକର ରବୀନ୍ଦ୍ର ଓଝା ରନର୍ସଅପ୍, କନ୍ଧମାଳର ଲରେନ୍ସ ପ୍ରଧାନ ତୃତୀୟ, ଭୁବନେଶ୍ୱରର ସ୍ୱସ୍ତିକ ତ୍ରିପାଠୀ ଓ ହରପ୍ରସାଦ ଚାଟାର୍ଜୀ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଯାଜପୁରର ସଞ୍ଜୀବନ ନାୟକ ୬ଷ୍ଠ ସ୍ଥାନରେ ରହିଥିଲେ। ଓମ୍‌ଗୁରୁକୂଳ ପବ୍ଲିକ୍ ସ୍କୁଲର କର୍ମକର୍ତ୍ତା ଅତିଥିଭାବେ ଯୋଗଦେଇଥିଲେ। ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS